# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୪/୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 4/2020 ★★★★★★

୪୬ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ମାନବ ବିଶ୍ୱର ନମ୍ବର ୱାନ

ଭାରତୀୟ ଯୁବ ଖେଳାଳି ମାନବ ଠାକ୍କର ସଦ୍ୟ ପ୍ରକାଶିତ ୨୧ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ଆଇଟିଟିଏଫ୍ ର୍ୟାଙ୍କିଙ୍ଗ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। **୧୫**

**୦୯** 

## ଆଲିଆଙ୍କୁ ଭିଡ଼ରୁ ବଞ୍ଚାଇଲେ ରଣବୀର

ବଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ଆଲିଆ ଭଟ୍ଟ ଓ ରଣବୀର କପୁର ମୁମ୍ବାଇ ଏୟାରପୋର୍ଟରୁ ବାହାରିବା ମାତ୍ରେ ପ୍ରଶଂସକ ଭିଡ଼ ଜମାଇଥିଲେ। ଆଲିଆଙ୍କୁ ରଣବୀର ଭିଡ଼ରୁ ବଞ୍ଚାଇଥିଲେ।



# ଆମେରିକା, ଇରାନ ଯୁଦ୍ଧମୁହାଁ

ୱାଶିଂଟନ/ତେହେରାନ, ୩।୧ (ପି.ଟି./ଏଏଫ୍‌ପି)

ଦୁଇ ଶତ୍ରୁଙ୍କ ମଧ୍ୟରେ କୁହୁଳୁଥିବା ବିବାଦ ଶେଷରେ ନିଆଁ ହୋଇ ଭୟାବହ ରୂପ ଧାରଣ କରିଛି। ଆମେରିକାର ରକେଟ ମାଡ଼ରେ ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ନିହତ ହୋଇଛନ୍ତି। ବିଦେଶରେ ଆମେରିକୀୟ ସୈନ୍ୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଶୁକ୍ରବାର ପେଣ୍ଟାଗନ ଘୋଷଣା କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ପଷ୍ଟ ହୋଇଛି। ଏହି ଅପ୍ରତ୍ୟାଶିତ ଘଟଣାକ୍ରମ ଦୁଇ ପାରମ୍ପରିକ ଶତ୍ରୁ ଆମେରିକା ଓ ଇରାନ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି କରିଛି। ସାମାଜିକ ଗଣମାଧ୍ୟମରେ କେହି କେହି ଏହାକୁ ତୃତୀୟ ବିଶ୍ୱଯୁଦ୍ଧର ଅୟମାରମ୍ଭ ବୋଲି ଅଭିହିତ କରିବାରେ ଲାଗିଛନ୍ତି।

ଆମେରିକା ଓ ଇରାନ ମଧ୍ୟରେ ଶତ୍ରୁତା ପୁରୁଣା। ଏକାଧିକ ପ୍ରସଙ୍ଗରେ ଦୁଇରାଷ୍ଟ୍ରର ଆକ୍ରମଣାତ୍ମକ ଆଭିମୁଖ୍ୟ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧିର କାରଣ ହୋଇଥାଏ। ଏହି ଶତ୍ରୁତାକୁ ନେଇ ନିକଟରେ ଇରାକ ରାଜଧାନୀ ବାଗଦାଦରେ ଇରାନ ସମର୍ଥିତ ବିଦ୍ରୋହୀଙ୍କ ଉପରେ ଆମେରିକା ସେନା ଆକାଶମାର୍ଗରୁ ଆକ୍ରମଣ କରିଥିଲା। ଇରାନ ସମର୍ଥିତ ଉତ୍ୟକ୍ତ ବିକ୍ଷୋଭକାରୀମାନେ ପ୍ରତିଶୋଧପରାଣୟ ହୋଇ ବୁଧବାର



ବାଗ୍‌ଦାଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ଆମେରିକାର ରକେଟ ମାଡ଼ ପରେ ଏକ ଗାଡ଼ି ଜଳିଯାଉଛି। ଇରାକ ପ୍ରଧାନମନ୍ତ୍ରୀଙ୍କ ପ୍ରେସ୍ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏହି ଫଟୋ ଜାରି କରାଯାଇଛି।

ବାଗଦାଦସ୍ଥିତ ଆମେରିକା ଦୂତାବାସକୁ ଟାର୍ଗେଟ କରିଥିଲେ। ଏହି ଆକ୍ରମଣ ପାଇଁ ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଡ଼ା ଚେତାବନୀ ଦେଇଥିଲେ। ଏହାସହ ଆମେରିକା ପ୍ରତିରକ୍ଷା ସଚିବ ମାର୍କ ଏସ୍ପର ମଧ୍ୟପ୍ରାଚ୍ୟ କ୍ଷେତ୍ରକୁ ତତ୍କାଳ ୭୫୦ ସୈନ୍ୟଙ୍କୁ ପଠାଇବା ପାଇଁ ଘୋଷଣା କରିଥିଲେ। ଏଇଠୁ ଆରମ୍ଭ ହୋଇଥିଲା ନୂଆବର୍ଷରେ ଦୁଇରାଷ୍ଟ୍ର ମଧ୍ୟରେ ପୁରୁଣା ଶତ୍ରୁତା। ଏହାର ଦୁଇଦିନ ପରେ ରାଷ୍ଟ୍ରପତି ଟ୍ରମ୍ପ୍ ନାଟକୀୟ ଭାବେ ଇରାନର ରିଭୋଲ୍ୟୁଶନାରୀ ଗାର୍ଡସ କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ହତ୍ୟାକରିବା ପାଇଁ ଶୁକ୍ରବାର ନିର୍ଦ୍ଦେଶ



ଇରାନର ପ୍ରଭାବଶାଳୀ କୁଦ୍‌ସ ଫୋର୍ସ ମୁଖ୍ୟ ଜେନେରାଲ କାସିମ ସୋଲେମାନୀ।

### ଚିନ୍ତାରେ ବିଶ୍ୱ ସମୁଦାୟ

- ବାଗଦାଦ ବିମାନବନ୍ଦରରେ ଆମେରିକା ସେନାର ଆକ୍ରମଣ
- ଇରାନ ସେନା କମାଣ୍ଡର କାସିମ ସୋଲେମାନୀ ନିହତ
- ତାଙ୍କ ସହ ଆଉ କେତେଜଣ ଅଧିକାରୀ ଓ ବିଦ୍ରୋହୀ ମୃତ
- ଆମେରିକାକୁ ପ୍ରତିଶୋଧର ଧମକ ଦେଲେ ଇରାନ ସୁପ୍ରିମ ଲିଡର

ଦେଇଥିଲେ ଏବଂ ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଆମେରିକୀୟ ସୁରକ୍ଷା ବଳ। ଅଲ୍-ଗାର୍ଡସ ମୁଖ୍ୟ ତଥା ଏହାର ନିରାପତ୍ତା ସରଞ୍ଜାମ ସ୍ଥପତି ଜେନେରାଲ ସୋଲେମାନୀଙ୍କୁ ବାଗଦାଦ ଯାଇଥିବାବେଳେ ଶୁକ୍ରବାର ଭୋର ସମୟରେ ସେମାନେ ଟାର୍ଗେଟ କରିଛନ୍ତି। ସୋଲେମାନୀ ବାଗଦାଦ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏକ କାର୍‌କେଡ୍‌ରେ ଯାଉଥିବାବେଳେ ଆମେରିକା ବଳ ଆକାଶମାର୍ଗରୁ ରକେଟ ମାଡ଼ କରିଛି। ଏଥିରେ ସୋଲେମାନୀ ଓ ଇରାକର ଶକ୍ତିଶାଳୀ ହାଶେଦ୍ ଅଲ-ଶବାବି ଅର୍ଦ୍ଧସାମରିକ ବଳ ଉପମୁଖ୍ୟଙ୍କ ସମେତ ଇରାନ ସମର୍ଥିତ କେତେଜଣ ସ୍ଥାନୀୟ ବିଦ୍ରୋହୀ ନିହତ ହୋଇଛନ୍ତି।

୬୨ ବର୍ଷୀୟ ସୋଲେମାନୀ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନିଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଖାମେନିଙ୍କ ପରେ ଇରାନରେ ସେ ଥିଲେ ଦ୍ୱିତୀୟ ପ୍ରଭାବଶାଳୀ ବ୍ୟକ୍ତିତ୍ୱ। ତାଙ୍କ ନେତୃତ୍ୱାଧୀନ କୁଦ୍‌ସ ଫୋର୍ସ ହେଉଛି ଇରାନ ରିଭୋଲ୍ୟୁଶନାରି ଗାର୍ଡସର ଏକ ବିଶିଷ୍ଟ ୟୁନିଟ। ଏହି ୟୁନିଟ ପ୍ରତ୍ୟକ୍ଷ ଭାବେ ସୁପ୍ରିମ ଲିଡରଙ୍କ ନିକଟରେ ଉତ୍ତରଦାୟୀ। ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶରେ ଏହି ଏୟାର ଷ୍ଟ୍ରାଇକ୍ କରାଯାଇଥିବା ପେଣ୍ଟାଗନ ସ୍ପଷ୍ଟ କରିଛି। ସେପଟେ ସୋଲେମାନୀଙ୍କ ହତ୍ୟା ପରେ ଟ୍ରମ୍ପ୍ ଫ୍ଲୋରିଡା ଗସ୍ତ କରିଛନ୍ତି। ଟ୍ରମ୍ପ୍ ନିଜ ଦେଶର ଜାତୀୟ ପତାକାକୁ ଟୁଇଟ୍ କରି ବିଜୟର ବାର୍ତ୍ତା ଦେଇଛନ୍ତି। ୱାଶିଂଟନରେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରିପବ୍ଲିକାନମାନେ ଟ୍ରମ୍ପ୍‌ଙ୍କୁ ପ୍ରଶଂସାରେ ପୋତି ଦେଉଥିବାବେଳେ ଡେମୋକ୍ରାଟମାନେ ଏହାର ଆଇନଗତ ବୈଧତାକୁ ନେଇ ପ୍ରଶ୍ନ ଉଠାଇବା ସହ ପରିଣାମକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଆକ୍ରମଣର ଜବାବ ଦେବାକୁ ଯାଇ ଇରାନ ସୁପ୍ରିମ ଲିଡର ଖାମେନି ଆମେରିକାକୁ ଚରମବାଣୀ ଶୁଣାଇଛନ୍ତି। ଅପରାଧୀଙ୍କ ଉପରେ ସାଂଘାତିକ ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଛନ୍ତି। ଏହାସହ ସେ ତିନିଦିନିଆ ଜାତୀୟ ଶୋକଦିବସ ଘୋଷଣା କରିଛନ୍ତି। ଦୁଇଦେଶ ଯୁଦ୍ଧମୁହାଁ ହେବା ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି।

## ୩୧ରୁ ଆରମ୍ଭ ହୋଇପାରେ ବଜେଟ ଅଧିବେଶନ



ନୂଆଦିଲ୍ଲୀ,୩।୧

ଚଳିତ ମାସ ୩୧ରେ ବଜେଟ ଅଧିବେଶନ ଆରମ୍ଭ କରିବା ନେଇ ସରକାର ବିଚାର କରୁଛନ୍ତି। ସେହିଭଳି ସାଧାରଣ ବଜେଟ ଫେବୃୟାରୀ ପହିଲାରେ ଉପସ୍ଥାପନ ହୋଇପାରେ। ବଜେଟ ଅଧିବେଶନ ନେଇ ଚୂଡ଼ାନ୍ତ ତାରିଖର ବିଜ୍ଞପ୍ତି ଏ ଯାଏ ପ୍ରକାଶ ପାଇନାହିଁ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି(ସିସିପିଏ) ଏ ନେଇ ତାରିଖ ପ୍ରସ୍ତାବ ଦେବା ପରେ ବିଜ୍ଞପ୍ତି ଆସିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ସିସିପିଏ ବୈଠକ ଶୀଘ୍ର ବସିବା ସହ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେବ। ବଜେଟ ଅଧିବେଶନର ଆରମ୍ଭ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର ଉଭୟ ସଦନର ମିଳିତ ଅଧିବେଶନକୁ ଅଭିଭାଷଣ ଦେବେ। ସମାନ ଦିନରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇବ। ବଜେଟ ଅଧିବେଶନ ଏପ୍ରିଲ ଯାଏ ଚାଲିବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ସରକାରୀ ଅଧିକାରୀ କହିଛନ୍ତି।

## ଫେବୃୟାରୀ ପ୍ରଥମ ସପ୍ତାହରେ ବିଧାନସଭା



ଭୁବନେଶ୍ୱର,୩।୧(ବ୍ୟୁରୋ)

ଆସନ୍ତା ଫେବୃୟାରୀ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରୁ ୨୦୨୦ର ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହେବ। ଏ ନେଇ ସଂସଦୀୟ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ପାଇଁ ତଥ୍ୟ ମଗାଯାଇଛି। ଜାନୁୟାରୀ ୨୦ ସୁଦ୍ଧା ସମସ୍ତ ବିଭାଗ ସରକାରଙ୍କ ବିକାଶର ତଥ୍ୟ ସଂସଦୀୟ ବିଭାଗକୁ ପ୍ରଦାନ କରିବେ। ଅନ୍ୟପକ୍ଷରେ ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ମଧ୍ୟ ଏକ ପ୍ରସ୍ତାବ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ବିଧାନସଭା ଅଧିବେଶନ ପାଇଁ ଚୂଡ଼ାନ୍ତ ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ଫେବୃୟାରୀ ୬ କିମ୍ବା ୭ରୁ ବିଧାନସଭା ଅଧିବେଶନ ଆରମ୍ଭ କରିବା ନେଇ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି।

# ରାଜ୍ୟ ସାରା କୋହଲା ପାଗ

ଭୁବନେଶ୍ୱର,୩।୧(ବ୍ୟୁରୋ)

- ୬, ୭ରେ ପ୍ରବଳ ଥଣ୍ଡା
- ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି
- ସ୍କୁଲଗୃହ ରାତ୍ର ଆଶ୍ରୟସ୍ଥଳ କରିବାକୁ ନିର୍ଦ୍ଦେଶ
- ୯ରେ ପୁଣି ବର୍ଷା
- ଧାନମଣ୍ଡିକୁ ଘୋଡ଼ାଇ ରଖିବାକୁ ନିର୍ଦ୍ଦେଶ

ଝିପି ଝିପି ବର୍ଷା, କୋହଲା ପାଗ ଯୋଗୁ ରାଜ୍ୟରେ ସୃଷ୍ଟି ହୋଇଛି ଏକ ଶୀତୁଆ ପରିବେଶ। ଆଗକୁ ବର୍ଷା ଅଧିକ ନ ଥିଲେ ମଧ୍ୟ ପ୍ରବଳ ଥଣ୍ଡା ଦେହ ମୁଣ୍ଡକୁ ଥରାଇ ଦେବ। ଶୁକ୍ରବାର ସକାଳୁ ମେଘ ଢାଙ୍କି ଦେବା ସାଙ୍ଗକୁ ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। ଦିନ ବଢ଼ିବା ସାଙ୍ଗକୁ ବର୍ଷା ପରିମାଣ ମଧ୍ୟ ବଢ଼ିଯାଇଥିଲା। ବର୍ଷା ଓ କୋହଲା ପାଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନତମାମ ବର୍ଷା ଲାଗିରହିଥିଲା। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଦୁହାକୁ ଦୁହା ବର୍ଷା ଲାଗିରହିଥିଲା। ଆଉ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇଥିଲା।

ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ୩୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ତାଳଚେରରେ ୧୫, ସମ୍ବଲପୁରରେ ୧୪, କେନ୍ଦୁଝରରେ ୧୪, ସୁନ୍ଦରଗଡ଼ରେ ୪, ଅନୁଗୋଳରେ ୧୧, ପୁରୀରେ ୨, ଚାନ୍ଦବାଲିରେ ୭, କଟକରେ ୪, ଭୁବନେଶ୍ୱର ୮, ବଲାଙ୍ଗୀର ୧୫.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ରାଜ୍ୟର କେତେକ ସ୍ଥାନରେ ଧାନ ଫସଲ ପ୍ରଭାବିତ ହୋଇଛି। ପାଚିଲା ଧାନ ବିଲରେ ପଡ଼ିରହିଛି। ବର୍ଷା ଯୋଗୁ ସେଗୁଡ଼ିକ ନଷ୍ଟ ହେବାର ଆଶଙ୍କା ରହିଛି। ବର୍ଷା ଛାଡ଼ି ଯିବା ପରେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ଥଣ୍ଡା ହେବାର ସମ୍ଭାବନା ରହିଛି। ବର୍ଷା ଓ ଥଣ୍ଡାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ୍ତ କୁମାର ଜେନା ଆବଶ୍ୟକ ପ୍ରତିକାର ମୂଳକ ପଦକ୍ଷେପ ☞ପୃଷ୍ଠା-୪

■ ଓମ୍ୟାଡ୍‌ସି ପ୍ରକଳ୍ପ ଉପରେ ସନ୍ତୋଷ ପ୍ରକାଶ କଲେ ନିରୀକ୍ଷଣ କର୍ତ୍ତୃପକ୍ଷ

# ୧୭ଶହ କୋଟିର ନୂଆ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

- ଓମ୍ୟାଡ୍‌ସି ୱେବସାଇଟ୍ ଉନ୍ମୋଚିତ
- ସବୁ ଜିଲାରେ ଖୋଲିବ ସେଲ୍

ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ୟାଡ୍‌ସି) ପାଣ୍ଠି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ବିଷୟରେ ବିଚାରପତି ଏ.କେ. ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ନିରୀକ୍ଷଣ କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାୟ ୧୭୦୦କୋଟି ଟଙ୍କା ମୂଲ୍ୟର ନୂତନ ପ୍ରକଳ୍ପଗୁଡ଼ିକୁ ମଧ୍ୟ ଅନୁମୋଦନ ମିଳିଛି। ଖାରବେଳ ଭବନ ସଭାଗୃହରେ ଶୁକ୍ରବାର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ବିଚାରପତି ଏ.କେ. ପଟ୍ଟନାୟକ କହିଛନ୍ତି ଯେ, ସେ ବିଭିନ୍ନ ସମୟରେ କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ଜିଲାର ଅନେକ ସ୍ଥାନ ପରିଦର୍ଶନ କରି ଦେଖିଛନ୍ତି, କ୍ଷେତ୍ରସ୍ତରରେ ଓମ୍ୟାଡ୍‌ସି ପ୍ରକଳ୍ପଗୁଡ଼ିକର ତ୍ୱରିତ୍ କାର୍ଯ୍ୟାନ୍ୱୟନ ଚାଲିଛି। ଆସନ୍ତା ମାସଗୁଡ଼ିକରେ ଏହି କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥିବା ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନ ଦକ୍ଷତାର ବୃଦ୍ଧି ଏବଂ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଓ ସେବା ଯୋଗାଣକୁ ଅଗ୍ରାଧିକାର ଦେବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଓମ୍ୟାଡ୍‌ସି ପାଣ୍ଠି ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ପରିଚାଳନା ନିମନ୍ତେ ଜିଲାସ୍ତରରେ ସେଲ୍ ଖୋଲାଯିବ। ଅନ୍ୟପକ୍ଷରେ ବିଚାରପତି ପଟ୍ଟନାୟକଙ୍କ ଦ୍ୱାରା ଓମ୍ୟାଡ୍‌ସି ୱେବସାଇଟ ଉନ୍ମୋଚନ କରାଯାଇଛି। ଓମ୍ୟାଡ୍‌ସିର କାର୍ଯ୍ୟକଳାପ ଓ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ସେମାନଙ୍କ ମତାମତ ଗ୍ରହଣ କରିବା ଏହି ୱେବ୍‌ସାଇଟର ଲକ୍ଷ୍ୟ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ସେହିପରି ସମୁଦାୟ ମୟୂରଭଞ୍ଜ ଜିଲାକୁ ଓମ୍ୟାଡ୍‌ସି ଅନ୍ତର୍ଭୁକ୍ତ କରିବା ପ୍ରସ୍ତାବକୁ ବିଚାରପତି ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି।

■ମିସ୍ତ୍ରି-ଟାଟାସନ୍ସ ମାମଲା

**ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ରତନ ଟାଟା**

........୧୩........

**ଆଜିର ସମ୍ପାଦକୀୟ**

**କେରଳରେ ଅର୍ଥସଙ୍କଟ**

**ଆଜିର ମନ୍ତବ୍ୟ**

"ସିଏଏ ନିଷ୍ପତ୍ତିକୁ ନେଇ ସରକାର ୧ ଇଞ୍ଚ ବି ପଛଘୁଞ୍ଚା ଦେବେନାହିଁ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**


Taste the difference! Vencobb FRESH CHICKEN

03.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 90 | 145 | 155 |
| BDK | 88 | 142 | 152 |
| BLS | 87 | 141 | 151 |
| ANG | 90 | 145 | 155 |
| BHM | 90 | 145 | 155 |

*Conditions Apply

Issued in the Interest of Consumers


# ମାଙ୍କଡ଼ ଆକ୍ରମଣରେ ଛାତରୁ ପଡ଼ି ମହିଳାଙ୍କ ମୃତ୍ୟୁ

ବିଞ୍ଝାରପୁର/ବରୀ,୩।୧ (ଡି.ଏନ.ଏ/ସ୍ୱ.ପ୍ର.)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବରିଲୋ ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କୁ ମାଙ୍କଡ଼ ଆକ୍ରମଣ କରିବାରୁ ସେ ଛାତରୁ ଖସି ପଡ଼ି ପ୍ରାଣ ହରାଇଛନ୍ତି। ସମ୍ପୃକ୍ତ ମହିଳା ହେଉଛନ୍ତି ଉକ୍ତ ଗ୍ରାମର ଅରୁଣ ସ୍ୱାଇଁଙ୍କ ସ୍ତ୍ରୀ ଜୟନ୍ତୀ। ଏହି ଘଟଣାରେ ବିଞ୍ଝାରପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦) ରୁଜୁ କରିଛି। ପ୍ରକାଶ ଯେ, ଜୟନ୍ତୀ ଶୁକ୍ରବାର ସକାଳେ ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ଏହି ସମୟରେ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଭୟଭୀତ ହୋଇ ଜୟନ୍ତୀ ଦୌଡ଼ି ପଳାଇ ଯାଉଥିବାବେଳେ ଛାତରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି। ଏବେ ସେହି ଅଞ୍ଚଳରେ ମାଙ୍କଡ଼ ଉପଦ୍ରବକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ମାଙ୍କଡ଼ ବିଭିନ୍ନ ସମୟରେ ଲୋକଙ୍କୁ ଆକ୍ରମଣ କରିବା ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶିତ ହେଲେ ମଧ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଭୁବନେଶ୍ୱର ଖୋଲା ମଳମୁକ୍ତ ସହର

ଭୁବନେଶ୍ୱର, ୩।୧ (ବ୍ୟୁରୋ)

ଭୁବନେଶ୍ୱରରେ ବର୍ତ୍ତମାନ ୨୨୬ଟି ଶୌଚାଳୟ କାର୍ଯ୍ୟରତ ଥିବାବେଳେ ଏଥିରେ ୧୬୯୮ଟି ସିଟ୍‌ରେ ଲୋକେ ଶୌଚ କରୁଛନ୍ତି। ସାମୂହିକ, ଗୋଷ୍ଠୀ, ଇ-ଟଏଲେଟ୍ ଓ ପେଟ୍ରୋଲପମ୍ପ ଆଦିରେ ଏହି ଶୌଚାଳୟଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ଭୁବନେଶ୍ୱରର ୨୦ଟି ମୁଖ୍ୟ ସ୍ଥାନରେ ପରିସ୍ରାଗାରର ନିର୍ମାଣ କରାଯିବ। ବିଏମ୍‌ସି ପକ୍ଷରୁ ଭୁବନେଶ୍ୱରକୁ ଖୋଲା ମଳମୁକ୍ତ (ଓପନ ଡେଫିକେସନ୍ ଫ୍ରି/ଓଡିଏଫ୍++) ସହର ଭାବେ ଘୋଷଣା କରାଯାଇଛି ବୋଲି ବିଏମ୍‌ସି





ଉତ୍ସବରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଉଦ୍‌ବୋଧନ ଦେଉଛନ୍ତି।

କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ଆତ୍ମଘୋଷଣା ଉତ୍ସବରେ କମିଶନର ଚୌଧାରୀ କହିଥିଲେ, ଭୁବନେଶ୍ୱରକୁ ଲୋକେ ମନ୍ଦିରମାଳିନୀ ସହର ଅଥବା ଦେଶର ୧ ନମ୍ବର ସ୍ମାର୍ଟ ସିଟି ଭାବେ ଜାଣିଛନ୍ତି। ହେଲେ ଏବେ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଭାବେ

### ବିଏମ୍‌ସିର ଘୋଷଣା

- ମାର୍ଚ୍ଚ ଶେଷ ସୁଦ୍ଧା ଭୁବନେଶ୍ୱରର ୨୦ ସ୍ଥାନରେ ନିର୍ମାଣ ହେବ ପରିସ୍ରାଗାର

ପରିଗଣିତ କରିବାର ସମୟ ଆସିଛି। ସହରକୁ ପରିଚ୍ଛନ୍ନ ଏବଂ ସବୁଜିମାରେ ପରିଣତ କରିବା ପାଇଁ ବିଏମ୍‌ସି ଗୋ-ଗ୍ରୀନ୍ ଅଭିଯାନ ଆରମ୍ଭ କରିଛି। ଉପହାରରେ ଚାରା, ପୁସ୍ତକ ଦେବା ସହ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ପାଇଁ ସେ ନାଗରିକଙ୍କୁ ପରାମର୍ଶ ଦେଇଛନ୍ତି। ☞ପୃଷ୍ଠା-୪



ଜମ୍ମୁ-କଶ୍ମୀରରେ ରହୁଥିବା ରୋହିଙ୍ଗ୍ୟାମାନଙ୍କୁ ନାଗରିକତ୍ୱ ମିଳିପାରିବ ନାହିଁ। ସେମାନେ ଦେଶରୁ ବିଦାହେବେ।

- ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ବାଣ କାରଖାନାରେ ବିସ୍ଫୋରଣ: ୪ ମୃତ

**କୋଲକାତା,୩।୧(ପି.ଟି.)**-ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ନୈହାଟୀଠାରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ଅପରାହ୍ଣ ସାଢ଼େ ୩ଟାରେ ହୋଇଥିବା ଏହି ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ନିଆଁକୁ ଆୟତ୍ତ କରିବା ଲାଗି ୧୦ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା।

### ସେନା ହେଲିକପ୍ଟର ଦୁର୍ଘଟଣାରେ ୪ ନିହତ

**କଲମ୍ବୋ,୩।୧(ପି.ଟି.)**-ଶ୍ରୀଲଙ୍କା ବାୟୁସେନାର ଏକ ହେଲିକପ୍ଟର ଶୁକ୍ରବାର ହାପୁଥାଲେସ୍ଥିତ ଏକ ପାର୍ବତ୍ୟାଚଳରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ମୋଟ ୪ ଜଣ ମୃତ୍ୟୁବରଣ କରିଛନ୍ତି। ଚାଇନା ନିର୍ମିତ ୱାଇ-୧୨ ହେଲିକପ୍ଟର ପୂର୍ବ ଉପକୂଳ ଦେଇ ଯାଉଥିବାବେଳେ ଏଭଳି ଦୁର୍ଘଟଣା ହୋଇଥିଲା। ୱିରାୱିଲାସ୍ଥିତ ଦକ୍ଷିଣ ସାମରିକ ବିମାନଘାଟିରୁ ହେଲିକପ୍ଟର ଉଡ଼ାଣ ଆରମ୍ଭ କରିଥିଲା। ଏ ନେଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

### ୬ ଗାଡ଼ି ପୋଡ଼ିଲେ ମାଓବାଦୀ

**ରାଞ୍ଚି,୩।୧(ଆଇଏଏନ୍ଏସ୍):** ଝାଡ଼ଖଣ୍ଡରେ ନୂଆ ସରକାର ଦାୟିତ୍ୱ ଗ୍ରହଣକରିବା ପରେ ମାଓବାଦୀମାନେ ସେମାନଙ୍କ ଅସଲ ରୂପ ଦେଖାଇଛନ୍ତି। ହଜାରିବାଗ୍ ଜିଲା କରିଗରା ନଦୀକୂଳରେ ପୋଲ ନିର୍ମାଣ କାର୍ଯ୍ୟ କରୁଥିବା ଏକ ଘରୋଇ କମ୍ପାନୀର ୬ଟି ଗାଡ଼ିକୁ ସେମାନେ ପୋଡ଼ିଦେଇଛନ୍ତି। ପ୍ରାୟ ୨୫ଜଣ ସଶସ୍ତ୍ର ମାଓବାଦୀ ସେଠାରେ ପହଞ୍ଚି ନିର୍ମାଣ କମ୍ପାନୀକୁ ୮ କୋଟି ଟଙ୍କା ବଟି ମାଗିଥିଲେ। ଦାଦାବଟି ଦେବାକୁ ମନାକରାଯିବାରୁ ମାଓବାଦୀମାନେ ଏଭଳି ପୋଡ଼ାଜଳା କରିଥିବା ପୋଲିସ କହିଛି। ଗତ ନଭେମ୍ବର ୨୨ରେ ପ୍ରାୟ ୧୫ ସଶସ୍ତ୍ର ମାଓବାଦୀ ଉକ୍ତ ନିର୍ମାଣ କମ୍ପାନୀ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ସେଠାରେ କାର୍ଯ୍ୟରତ ଶ୍ରମିକଙ୍କୁ ମାଡ଼ମାରି ସେମାନଙ୍କ ମୋବାଇଲ ନେଇଯାଇଥିଲେ। ଘରୋଇ କମ୍ପାନୀ ପକ୍ଷରୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସେଠାରେ ପୋଲ ନିର୍ମାଣ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ମୋଟ ୬୦ ଗାଡ଼ିକୁ ମାଓବାଦୀମାନେ ପୋଡ଼ିବାରେ ସଫଳ ହୋଇଥିଲେ।

## [ଇତିହାସର ଆଇନାରେ]

### ଜାନୁୟାରୀ ୪ର ପ୍ରମୁଖ ଘଟଣା

**୧**୯୯୦ ଜାନୁୟାରୀ ୪ରେ ପାକିସ୍ତାନର ସିନ୍ଧ ପ୍ରଦେଶ ଅନ୍ତର୍ଗତ ସୁକୁରଠାରେ ଟ୍ରେନ ଦୁର୍ଘଟଣା ହେବାରୁ ୩୦୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ୭୦୦ ଆହତ ହୋଇଥିଲେ। ଏକ ଯାତ୍ରୀବାହୀ ଟ୍ରେନ ସହ ମାଲବାହୀ ଟ୍ରେନର ଧକ୍କା ଯୋଗୁ ଏଭଳି ଘଟିଥିଲା।

**୨**୦୧୬ ଜାନୁୟାରୀ ୪ରେ ୩୮ତମ ପ୍ରଧାନ ବିଚାରପତି ଏସ୍.ଏଚ୍. କାପାଡ଼ିଆ ମୁମ୍ବାଇରେ ପ୍ରାଣ ହରାଇଥିଲେ। ସେ ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ସହ ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟ କରିଥିଲେ।

# ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ସ୍ଥିତି

**ୱାଶିଂଟନ/ତେହେରାନ,୩।୧**

- ସ୍ଥିତି ଉପରେ ନାଟୋ ନଜର
- ଇସ୍ମାଇଲ କାନି କୁଦ୍ସ ଫୋର୍ସର ନୂଆ ମୁଖ୍ୟ ନିଯୁକ୍ତ
- ଇରାକ, ଇରାନ ଛାଡ଼ିବାକୁ ନିଜ ନାଗରିକଙ୍କୁ ଆମେରିକାର ପରାମର୍ଶ
- ଆଣବିକ ଚୁକ୍ତିରୁ ଆମେରିକା ଓହରିବା ପରେ ବଢ଼ିଛି ତିକ୍ତତା



ଆୟାତୋଲ୍ଲା ଅଲି ଖାମେନି

ତୁମେ ଯୁଦ୍ଧ ଆରମ୍ଭ କଲେ ଆମେ ତାକୁ ଶେଷ କରିବୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକ ଦେଇଥିଲେ ଇରାନୀ ଜେନେରାଲ କାସିମ ସୋଲେମାନୀ। ଶେଷରେ ଆମେରିକାର ରକେଟ ମାଡ଼ରେ ସୋଲେମାନୀଙ୍କ ଜୀବନ ଶେଷ ହୋଇଯାଇଛି। ଏହି ଆକ୍ରମଣ ପରେ ଇରାନ ପକ୍ଷରୁ ଆମେରିକାକୁ ପ୍ରତିଆକ୍ରମଣର ଧମକ ଦିଆଯାଇଛି। ଏସବୁକୁ ନେଇ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଛି। ସ୍ଥିତି ଉପରେ ନାଟୋ ନଜର ରଖିଥିବା କହିଛି। ବାଗଦାଦସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ତୁରନ୍ତ ଇରାକ ଛାଡ଼ି ଚାଲିଯିବା ପାଇଁ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

୨୦୧୮ରେ ଆଣବିକ ଚୁକ୍ତିରୁ ୱାଶିଂଟନ ଓହରିଯିବା ପରେ ଆମେରିକା ଓ ଇରାନ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିଲା। ଦୁଇଦିନ ତଳେ ବାଗଦାଦ ଦୂତାବାସ ଆକ୍ରମଣକୁ ନେଇ ଆମେରିକାର କ୍ରୋଧ ବଢ଼ିଥିଲା। ଇରାନକୁ ପାନେ ଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଷ୍ପତ୍ତି ନେଇଥିଲେ। କୁଦ୍ସ ଫୋର୍ସରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଥିବା ସୋଲେମାନୀଙ୍କ ପ୍ରଭାବ ମଧ୍ୟପ୍ରାଚ୍ୟରେ ଅଧିକ ଥିଲା। ସେ ସମ୍ପୃକ୍ତ ଅଞ୍ଚଳରେ ଆମେରିକାର ଦରିଆପାରି ବ୍ୟାପାରରେ ହସ୍ତକ୍ଷେପ କରି ଦେଶର ଛବିକୁ ମଳିନ କରୁଥିଲେ ବୋଲି ୱାଶିଂଟନ ଅଭିଯୋଗ ଆଣିଥିଲା। ଶୁକ୍ରବାର ସୋଲେମାନୀଙ୍କୁ ହତ୍ୟା କରି ଦୂତାବାସ ଆକ୍ରମଣର ପ୍ରତିଶୋଧ ନେଇଛି ଆମେରିକା। ଇରାନ ମଧ୍ୟ ଆମେରିକାକୁ ଏହାର ପରିଣାମ ଭୋଗିବ ବୋଲି ପ୍ରତିଶୋଧର ଧମକ ଦେଇଛି। ଇରାନ ରାଷ୍ଟ୍ରପତି ହାସନ ରୁହାନି କହିଛନ୍ତି, ଏହି ଆକ୍ରମଣ ପରେ ଆମେରିକା ବିରୋଧରେ ଆମର ଲଢ଼େଇ ଆହୁରି ମଜଭୁତ ହେବ। ଆମେରିକାର ବିସ୍ତାରବାଦକୁ ଦମନ ଓ ଇସ୍ଲାମିକ ମୂଲ୍ୟବୋଧର ସଂରକ୍ଷଣ ପାଇଁ ସୋଲେମାନୀଙ୍କ ମୃତ୍ୟୁ ଆମକୁ ବଳ ଦେବ। ଇରାନ ଏବଂ ସ୍ୱାଧୀନତା ଆଶାରେ ସଂଗ୍ରାମ କରୁଥିବା ଅନ୍ୟ ଦେଶଗୁଡ଼ିକ ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବେ ବୋଲି ରାଷ୍ଟ୍ରପତି ରୁହାନି କହିଛନ୍ତି। ସୋଲେମାନୀଙ୍କ ମୃତ୍ୟୁ ପରେ ଇସ୍ମାଇଲ୍ କାନିଙ୍କୁ କୁଦ୍ସ ଫୋର୍ସ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ବ୍ରିଗେଡିୟର ଜେନେରାଲ ଇସ୍ମାଇଲ୍ କାନି ଏଣିକି ଏହି ସୁରକ୍ଷା ବଳର ନେତୃତ୍ୱ ନେବେ ବୋଲି ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନି ନିଜ ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ବିବୃତି ଜାରି କରିଛନ୍ତି।

ଇତିମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ତୁରନ୍ତ ଇରାକ ଓ ଇରାନ ଛାଡ଼ି ସ୍ୱଦେଶକୁ ଚାଲିଯିବା ପାଇଁ ନିଜ ନାଗରିକମାନଙ୍କୁ ଆମେରିକା ପରାମର୍ଶ ଦେଇଛି। ସେମାନେ ଯଥାଶୀଘ୍ର ସମ୍ଭବ ବିମାନ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଚାଲିଯାଆନ୍ତୁ ବୋଲି ବାଗଦାଦସ୍ଥିତ ଆମେରିକା ଦୂତାବାସ କହିଛି। ନାଟୋ ସାମରିକ ମେଣ୍ଟ ସ୍ଥିତି ଉପରେ କଡ଼ା ନଜର ରଖିଥିବା ଏହାର ମୁଖପାତ୍ର ଡିଲନ୍ ହ୍ୱାଇଟ ସୂଚନା ଦେଇଛନ୍ତି।

### ‘ବହୁ ଆଗରୁ କରିବାର ଥିଲା’



ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ,୩।୧-** ଜେନେରାଲ କାସିମ ସୋଲେମାନି ଦୀର୍ଘ ସମୟ ଧରି ହଜାର ହଜାର ଆମେରିକୀୟଙ୍କୁ ହତ୍ୟା କିମ୍ବା ରକ୍ତାକ୍ତ କରିବାରେ ଲାଗିଥିଲେ। ଏହାସହ ସେ ଆହୁରି ଅନେକଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ। କିନ୍ତୁ ଶେଷରେ ଧରାପଡ଼ିଯାଇଛନ୍ତି ! ସେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ପାଇଁ ଦାୟୀ। ଇରାନ ଏହି ବିଷୟକୁ ସ୍ୱୀକାର କରି ନ ପାରିଲେ ମଧ୍ୟ ସୋଲେମାନୀ ନିଜ ଦେଶରେ ବି ଆତଙ୍କ ଖେଳାଇ ଘୃଣ୍ୟ ହୋଇଯାଇଥିଲେ। ତାଙ୍କୁ ବହୁ ବର୍ଷ ପୂର୍ବରୁ ହତ୍ୟା କରାଯିବା ଆବଶ୍ୟକ ଥିଲା ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟୁଇଟ୍ କରିଛନ୍ତି।

# ଆଉ ଏକ ଯୁଦ୍ଧକୁ ସମ୍ଭାଳି ହେବନାହିଁ

**ଜାତିସଂଘ,୩।୧(ପି.ଟି.)**



ଆଣ୍ଟୋନିଓ ଗୁଟେରେସ୍

ଆମେରିକାର ଏୟାର ଷ୍ଟ୍ରାଇକ୍‌ରେ ଇରାନର ଶୀର୍ଷ ସାମରିକ କମାଣ୍ଡର କାସିମ ସୋଲେମାନୀ ନିହତ ହେବା ପରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଜାତିସଂଘ ସମେତ ବିଶ୍ୱ ସମୁଦାୟ ଚିନ୍ତାବ୍ୟକ୍ତ କରିଛନ୍ତି।

**ଚିନ୍ତାବ୍ୟକ୍ତ କଲେ ଜାତିସଂଘ, ଅନ୍ତର୍ଜାତୀୟ ସମୁଦାୟ**

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ଉପସାଗରରେ ଆଉ ଏକ ଯୁଦ୍ଧକୁ ବିଶ୍ୱ ସମ୍ଭାଳି ପାରିବ ନାହିଁ। ଉତ୍ତେଜନା ହ୍ରାସ ପାଇଁ ନେତାମାନେ ସଂଯମ ରହିବାର ବେଳ ଆସିଛି। ସେହିପରି ଚାଇନା, ରୁଷିଆ ଓ ଫ୍ରାନ୍ସ ଭଳି ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଏହାକୁ ନେଇ ଚିନ୍ତିତ ଥିବା କହିଛନ୍ତି। ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ପରେ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବା ଲାଗି ବ୍ରିଟେନ ଓ ଜର୍ମାନୀ ପରାମର୍ଶ ଦେଇଛନ୍ତି। ସିରିଆ ରାଷ୍ଟ୍ରପତି ବଶର ଅଲ-ଅସାଦ ଜେନେରାଲ ସୋଲେମାନୀଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ସିରିଆରେ ୯ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧ ବେଳେ ସୋଲେମାନୀ ତାଙ୍କ ଶାସନର ସୁରକ୍ଷା ପାଇଁ ସହାୟକ ହୋଇଥିଲେ। ତାଙ୍କ ଅବଦାନକୁ ଭୁଲି ହେବନାହିଁ ବୋଲି ଅସାଦ କହିଛନ୍ତି। ପାକିସ୍ତାନ ମଧ୍ୟ ସଂଯମ ରହିବାକୁ ଦୁଇପକ୍ଷଙ୍କୁ ପରାମର୍ଶ ଦେଇଛି।

## ■ ଇରାନ ଚକ୍ରାନ୍ତର ନିପୁଣ କାସିମ ସୋଲେମାନୀ
# ମଧ୍ୟପ୍ରାଚ୍ୟରେ ଗଢ଼ିଥିଲେ ଏକ ଶିୟା କ୍ଷମତା କକ୍ଷ

**ନ୍ୟୁୟର୍କ,୩।୧-**ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ଇରାକ, ସିରିଆ, ଲେବାନନ ଓ ୟେମେନ ସହ ପ୍ରତ୍ୟକ୍ଷ ଯୁଦ୍ଧ ପାଇଁ ସହାୟକ ହୋଇଥିଲେ। ଏକ ଆଞ୍ଚଳିକ ଶିୟା କ୍ଷମତା କେନ୍ଦ୍ର ପ୍ରତିଷ୍ଠା ପାଇଁ ଇରାନ ଉଦ୍ୟମର ଚେହେରା ପାଲଟିଥିଲେ ଏହି ୬୨ ବର୍ଷୀୟ ସ୍ପାଏ ମାଷ୍ଟର। ସୋଲେମାନୀ ସିରିଆ ଗୃହଯୁଦ୍ଧର ରୂପ ବଦଳାଇ ଦେବା ସହ ଇରାକରେ ଇରାନର ହାତମୁଠାକୁ ଟାଣ କରିଥିଲେ। ଇରାକରେ ଶତାଧିକ ଆମେରିକୀୟଙ୍କ ହତ୍ୟା ଏବଂ ଇସ୍ରାଏଲ ବିରୋଧରେ ବିଦ୍ରୋହୀଙ୍କ ଆକ୍ରମଣ ପଛରେ ସେ ରହିଥିଲେ। ତାଙ୍କ ନିପୁଣତା ମଧ୍ୟପ୍ରାଚ୍ୟରେ ଏକ ଶିଆ କ୍ଷମତା କକ୍ଷ ନିର୍ମାଣ କରିଥିଲା। ଏହି କ୍ଷମତା କକ୍ଷର କେନ୍ଦ୍ରରେ ରହିଥିଲା ଇରାନ। ତାଙ୍କ ମୃତ୍ୟୁ ଏବେ ସମ୍ପୃକ୍ତ କ୍ଷେତ୍ରରେ ରାଜନୈତିକ ଉତ୍ତେଜନାରେ ଏକ ନୂଆ ଅଧ୍ୟାୟ ଯୋଡ଼ିପାରେ। ୧୯୭୯ରେ କିଶୋରାବସ୍ଥାରେ ଇସ୍ଲାମିକ ଗାର୍ଡସ କର୍ପସରେ ଯୋଗଦେଇ ଜେନେରାଲ ସୋଲେମାନୀ ଇରାନର ବିପ୍ଳବୀ ପିଢ଼ିର ଅଗ୍ରଦୂତ ସାଜିଥିଲେ। ୧୯୮୦ ଦଶକରେ ସେ ଇରାନ-ଇରାକ ଯୁଦ୍ଧ ବେଳେ ତାଙ୍କ ସାମରିକ କ୍ୟାରିୟରରେ ଉତ୍ଥାନ ଆସିଥିଲା। ୧୯୯୮ ପର୍ଯ୍ୟନ୍ତ ସେ ରିଭୋଲ୍ୟୁଶନାରି ଗାର୍ଡର ପ୍ରଭାବଶାଳୀ କୁଦ୍ସ ଫୋର୍ସର ମୁଖ୍ୟ ଥିଲେ। ପାଶ୍ଚାତ୍ୟରେ ତାଙ୍କୁ ଇରାନର ଆନ୍ତର୍ଜାତିକ ଆତଙ୍କବାଦ ଅଭିଯାନର ଏକ ଗୁପ୍ତ ଶକ୍ତି ରୂପେ ବିବେଚନା କରାଯାଉଥିଲା। ସୌଦି ଆରବର ଜଣେ ରାଷ୍ଟ୍ରଦୂତଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗରେ ସୋଲେମାନୀ ଓ ଅନ୍ୟ ଇରାନ ଅଧିକାରୀମାନଙ୍କୁ ୨୦୧୧ରେ ଆମେରିକା ଓ ଇସ୍ରାଏଲ ଆତଙ୍କବାଦୀ ଘୋଷଣା କରିଥିଲେ। ଗତବର୍ଷ ଏପ୍ରିଲରେ ସମ୍ପୂର୍ଣ୍ଣ କୁଦ୍ସ ବଳକୁ ଟ୍ରମ୍ପ ପ୍ରଶାସନ ଅନ୍ତର୍ଜାତୀୟ ଆତଙ୍କବାଦୀ ଗୋଷ୍ଠୀ ଭାବେ ତାଲିକାଭୁକ୍ତ କରିଥିଲା। କିନ୍ତୁ ଇରାନରେ ବିଶେଷକରି ସୁରକ୍ଷା ସଂସ୍ଥାଗୁଡ଼ିକରେ ତାଙ୍କୁ ଜଣେ ହିରୋ ଭାବେ ବିବେଚନା କରାଯାଏ। ନିପୁଣତା ବଳରେ ସୋଲେମାନୀ ନିଜ ପାଇଁ ଜଣେ ଯୋଦ୍ଧା-ଦାର୍ଶନିକର ଛବି ତିଆରି କରିଥିଲେ, ଯାହାକୁ ନେଇ ସେ ଅନେକ ଶତ୍ରୁଙ୍କ ବିରୋଧରେ ଇରାନର ଜାତୀୟ ପ୍ରତିରକ୍ଷାର ମେରୁଦଣ୍ଡ ରୂପେ ଛିଡ଼ା ହୋଇଥିଲେ। ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କ ଘନିଷ୍ଠ ଥିବା ଏହି ଯୋଦ୍ଧାଙ୍କ ମୃତ୍ୟୁ ପରେ ଦେଶରେ ତିନିଦିନିଆ ଶୋକଦିବସ ପାଳନ କରାଯାଉଛି। ଭଗବାନଙ୍କ ନିକଟକୁ ଯାତ୍ରା ତାଙ୍କର ମିଶନକୁ ଏଇଠି ଶେଷ କରିଦେଇନାହିଁ ବୋଲି ଖାମେନି କହିଛନ୍ତି।



ଶ୍ରୀନଗରରେ ଶିୟା ମୁସ୍ଲିମ ସମ୍ପ୍ରଦାୟର ଲୋକେ ସୋଲେମାନୀଙ୍କ ଫଟୋ ଧରି ଆମେରିକା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସୀମାରେ ଅନୁପ୍ରବେଶ ଅପେକ୍ଷାରେ ୨୫୦ ପାକ୍ ଆତଙ୍କବାଦୀ

**ନୂଆଦିଲ୍ଲୀ,୩।୧(ଆଇଏଏନ୍ଏସ୍)**



ମନୋଜ ମୁକୁନ୍ଦ ନରୱଣେ

ଭାରତ ମଧ୍ୟକୁ ଅନୁପ୍ରବେଶ କରିବା ଲାଗି ନିୟନ୍ତ୍ରଣ ରେଖା (ଏଲ୍ଓସି) ଆରପଟେ ପାଖାପାଖି ୨୫୦ ପାକିସ୍ତାନୀ ଆତଙ୍କବାଦୀ ଅପେକ୍ଷା କରି ରହିଛନ୍ତି। ସେମାନେ ପ୍ରତିଦିନ ଅନୁପ୍ରବେଶ ପାଇଁ ଉଦ୍ୟମ କରୁଥିବା ନୂଆ ସେନାଧ୍ୟକ୍ଷ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ ଶୁକ୍ରବାର କହିଛନ୍ତି। ଏଲ୍ଓସି ଅପରପାର୍ଶ୍ୱରେ ୨୦ରୁ ୨୫ ଲଞ୍ଚ୍ ପ୍ୟାଡ୍ ସକ୍ରିୟ ରହିଛି। ଭାରତୀୟ ସେନା ସେଗୁଡ଼ିକ ଉପରେ କଡ଼ା ନଜର ରଖିଥିବା ସେନାଧ୍ୟକ୍ଷ କହିଛନ୍ତି। ଗତବର୍ଷ ବାୟୁସେନା ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରି ଆତଙ୍କବାଦୀଙ୍କ ଶିବିର ଧ୍ୱଂସ କରିଦେଇଥିଲା। ଏବେ ପାକିସ୍ତାନ ଉକ୍ତ ଶିବିରକୁ ପୁଣିଥରେ ସକ୍ରିୟ କରିଛି। ତେଣୁ ପାକ୍ ପୁଣିଥରେ ଉତ୍ତେଜନା ସୃଷ୍ଟି ପାଇଁ ଯୋଜନା କରୁଥିବାରୁ ସତର୍କ ହେବାକୁ ପଡିବ ବୋଲି ନୂଆ ସେନାମୁଖ୍ୟ କହିଛନ୍ତି।

## କଂଗ୍ରେସରେ ଯୋଗଦେଲେ ୬ ବିଏସ୍‌ପି ବିଧାୟକ

**ନୂଆଦିଲ୍ଲୀ,୩।୧(ପି.ଟି.)**

ରାଜସ୍ଥାନର ୬ ବିଏସ୍‌ପି ବିଧାୟକ ଶୁକ୍ରବାର କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ତାଙ୍କ ବାସଭବନରେ ଭେଟି ଏହି ବିଧାୟକମାନେ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ମଧ ଏହି ବିଧାୟକମାନେ କଂଗ୍ରେସ ସରକାରକୁ ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ରାଜସ୍ଥାନ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେଙ୍କ ସହ ଏହି ବିଏସ୍‌ପି ବିଧାୟକମାନେ ସୋନିଆଙ୍କୁ ସାକ୍ଷାତ କରିଥିଲେ। କଂଗ୍ରେସର ପ୍ରାଥମିକ ସଦସ୍ୟତା ଗ୍ରହଣ କରିବା ପରେ ବିଧାୟକମାନଙ୍କୁ ସୋନିଆ ନୂଆବର୍ଷ ଗ୍ରିଟିଂସ୍ ପ୍ରଦାନ କରି ଶୁଭାଶୀର୍ବାଦ ପ୍ରଦାନ କରିଥିଲେ।

## ■ ସଭରକରଙ୍କୁ ସେବାଦଳର ଆକ୍ଷେପ
# କଂଗ୍ରେସ ଉପରେ ବର୍ଷିଲେ ଭାଜପା, ଶିବସେନା

**ମୁମ୍ବାଇ, ନୂଆଦିଲ୍ଲୀ,୩।୧(ପି.ଟି.)**



ବୀର ସଭରକର

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ସହ ସ୍ୱାଧୀନତା ସଂଗ୍ରାମୀ ବୀର ସଭରକରଙ୍କର ଶାରୀରିକ ସମ୍ପର୍କ ରହିଥିଲା ବୋଲି କଂଗ୍ରେସ ସେବାଦଳ ପକ୍ଷରୁ ପ୍ରକାଶିତ ପୁସ୍ତିକାରେ ଦାବି କରାଯିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଏହାକୁ ନେଇ ନୂଆ ସହଯୋଗୀ ଦଳ ଶିବସେନା ଏବଂ ବିରୋଧୀ ଭାଜପା ଶୁକ୍ରବାର କଂଗ୍ରେସ ଉପରେ ବର୍ଷିଛନ୍ତି। ଦେଶଭକ୍ତ ଭାବେ ସଭରକରଙ୍କ ପରିଚୟକୁ ନେଇ କଂଗ୍ରେସ ମନରେ ମଇଳା ରହିଛି ବୋଲି ଶିବସେନା କହିଛି। ଏହା ହିନ୍ଦୁତ୍ୱ ନୀତି ଆଦର୍ଶ ବିରୋଧରେ ଅତ୍ୟନ୍ତ ଘୃଣ୍ୟ ଓ ବିକୃତ ମାନସିକତା ବୋଲି କହିବା ସହ କଂଗ୍ରେସ କ୍ଷମା ମାଗୁ ବୋଲି ଭାଜପା ଦାବି କରିଛି।

କଂଗ୍ରେସ ନେତାମାନଙ୍କ ବିଭିନ୍ନ ସମ୍ପର୍କ ବିଷୟରେ ବିଶ୍ୱ ଜାଣିଛି, ଯାହା ସେ ଖୋଲିବାକୁ ଚାହୁଁନାହାନ୍ତି ବୋଲି ଭାଜପା ସାଧାରଣ ସମ୍ପାଦକ ଅନିଲ ଜୈନ କହିଥିଲେ। ବୀର ସଭରକର ସବୁଦିନ ପାଇଁ ମହାନ୍ ହୋଇ ରହିବେ। ଗୋଟିଏ ଗୋଷ୍ଠୀ ତାଙ୍କ ବିରୋଧରେ କହିଆସିଛି, ଯାହା ସେମାନଙ୍କ ମାନସିକତାରେ ମଇଳା ଭରିରହିଥିବା ସ୍ପଷ୍ଟ କରୁଛି ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି।

‘ବୀର ସଭରକର, କିତ୍‌ନେ ବୀର ?’ ପୁସ୍ତିକା କଂଗ୍ରେସ ସେବାଦଳ ପକ୍ଷରୁ ମଧ୍ୟପ୍ରଦେଶରେ ବଣ୍ଟାଯାଇଥିଲା। ଯେଉଁଥିରେ ଉପରୋକ୍ତ ଅଭିଯୋଗ ସମେତ ସଭରକର ବ୍ରିଟିଶଠାରୁ ଟଙ୍କା ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଏଭଳି ଘୃଣ୍ୟ ମନ୍ତବ୍ୟ ପାଇଁ କଂଗ୍ରେସ କ୍ଷମା ମାଗିବା ଆବଶ୍ୟକ ବୋଲି ମହାରାଷ୍ଟ୍ର ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ ଦାବି କରିଛନ୍ତି।

# ବିପ୍ଳବ ଆଣିବ କୃଷି ପ୍ରଯୁକ୍ତି

**ବେଙ୍ଗାଲୁରୁ,୩।୧(ପି.ଟି.)**



**ଭାରତୀୟ ବିଜ୍ଞାନ କଂଗ୍ରେସ ଅଧିବେଶନକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବେଙ୍ଗାଲୁରୁରେ ଭାରତୀୟ ବିଜ୍ଞାନ କଂଗ୍ରେସର ୧୦୭ତମ ଅଧିବେଶନକୁ ଉଦ୍‌ଘାଟନ କରିବା ସହ ଯୁବ ବୈଜ୍ଞାନିକମାନଙ୍କୁ ଇନୋଭେଟ, ପେଟେଣ୍ଟ, ପ୍ରଡ୍ୟୁସ୍ ଓ ପ୍ରସ୍‌ପର (ନବପ୍ରବର୍ତ୍ତନ, ବୈଜ୍ଞାନିକ ଆବିଷ୍କାରର ଅଧିକାର, ଉତ୍ପାଦନ ଓ ସମୃଦ୍ଧ) ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଛନ୍ତି। ଏହି ୪ ପଦକ୍ଷେପ ଭାରତକୁ ଦ୍ରୁତତର ଅଭିବୃଦ୍ଧି ହାସଲରେ ଆଗେଇନେବ ବୋଲି ସେ କହିଛନ୍ତି। ଭାରତୀୟ ବିଜ୍ଞାନ, ପ୍ରଯୁକ୍ତି ଏବଂ ନବପ୍ରବର୍ତ୍ତନକୁ ଉଚ୍ଚ ସୋପାନକୁ ନେଇଯିବାର ଆବଶ୍ୟକତା ରହିଛି । ବିଜ୍ଞାନକୁ ସହଜ କରିବା ସହ ସୂଚନା ପ୍ରଯୁକ୍ତିର ବ୍ୟବହାର କରି ପ୍ରଶାସନରୁ ନାଲିଫିତାର ପରମ୍ପରା ହ୍ରାସ କରିବାକୁ ସରକାର ପ୍ରତିବଦ୍ଧ। କୃଷିର ବିକାଶରେ ସହାୟକ ହେଲା ଭଳି ଜ୍ଞାନକୌଶଳରେ କ୍ରାନ୍ତି ଆଣି ଚାଷୀମାନଙ୍କୁ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ଭାରତର ବିକାଶ ବିଜ୍ଞାନ ଓ ପ୍ରଯୁକ୍ତି ସେକ୍ଟରର ସଫଳତା ଉପରେ ନିର୍ଭର କରେ। ତେଣୁ ଦେଶର ବିଜ୍ଞାନ ପ୍ରଯୁକ୍ତି ଓ ଇନୋଭେଶନରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ ବୋଲି ମୋଦି କହିଥିଲେ।

## ■ ନବୀନଙ୍କ ସମେତ ୧୧ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପିନାରାୟୀ ବିଜୟନ୍
# ସିଏଏ ବିରୋଧରେ ଏକାଠି ହେବାକୁ ଆହ୍ୱାନ

**ଥିରୁଭାନନ୍ତପୁରମ୍,୩।୧(ପି.ଟି.)**



ବିବାଦୀୟ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ରଦ୍ଦ କରିବା ପାଇଁ କେରଳ ବିଧାନସଭାରେ ପ୍ରସ୍ତାବ ଗୃହୀତ ହେବା ପରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଶୁକ୍ରବାର ୧୧ଟି ରାଜ୍ୟର ପ୍ରତିପକ୍ଷଙ୍କୁ ପତ୍ର ଲେଖି ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ଆହ୍ୱାନ ଦେଇଛନ୍ତି। ସିଏଏକୁ ନେଇ ସମାଜର ଅଧିକାଂଶ ଗୋଷ୍ଠୀ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିବା ବିଜୟନ୍ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଆମ ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ମୂଲ୍ୟବୋଧର ସୁରକ୍ଷା ଓ ସଂରକ୍ଷଣ ଚାହୁଁଥିବା ସମସ୍ତ ଭାରତୀୟ ଏକାଠି ହେବା ସମୟର ଆବଶ୍ୟକତା ବୋଲି ସେ କହିଛନ୍ତି। ସିଏଏ ବିରୋଧରେ ପଦକ୍ଷେପ ନେବା ପାଇଁ ସେ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରମୁଖଙ୍କୁ ପତ୍ର ଲେଖିଛନ୍ତି।

ସୂଚନାଯୋଗ୍ୟ ଗତ ମଙ୍ଗଳବାର କେରଳ ବିଧାନସଭାରେ ସିଏଏ ରଦ୍ଦ ଦାବି ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଶାସକ ସିପିଆଇ(ଏମ୍)-ଏଲ୍‌ଡିଏଫ୍ ଏବଂ ବିରୋଧୀ ଦଳ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପ୍ରସ୍ତାବକୁ ସମର୍ଥନ କରିଥିବାବେଳେ ଭାଜପାର ଏକମାତ୍ର ବିଧାୟକ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ. ରାଜଗୋପାଳ ବିରୋଧ କରିଥିଲେ। କେରଳ ବିଧାନସଭାର ଏହି ପଦକ୍ଷେପକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସମର୍ଥନ ଜଣାଇଛନ୍ତି। ଏହା ଜନତାର ସ୍ୱର ଏବଂ କେନ୍ଦ୍ର ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି ଅମରିନ୍ଦର କହିଛନ୍ତି। ଏନେଇ ସେ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଖୋଲାଚିଠି ଲେଖି ସିଏଏ ସମ୍ପର୍କରେ ରାଜ୍ୟଗୁଡ଼ିକ ଆଇନଗତ ପରାମର୍ଶ ନେଇଥିବା ଜଣାଇଛନ୍ତି। କେରଳ ଲୋକଙ୍କ ସ୍ୱରକୁ ସେମାନଙ୍କ ନିର୍ବାଚିତ ଜନପ୍ରତିନିଧି ପ୍ରସ୍ତାବ ମାଧ୍ୟମରେ ଉପସ୍ଥାପନ କରିଥିବା ଅମରିନ୍ଦର କହିଛନ୍ତି। ପଶ୍ଚିମବଙ୍ଗ, ପଞ୍ଜାବ, ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନୂଆ ନାଗରିକତ୍ୱ ଆଇନକୁ ଅସାମ୍ବିଧାନିକ କହିବା ସହ ସେମାନଙ୍କ ରାଜ୍ୟରେ ଲାଗୁ କରିବେ ନାହିଁ ବୋଲି କହିସାରିଛନ୍ତି।

## ‘ଇଞ୍ଚେ ବି ପଛକୁ ଘୁଞ୍ଚିବୁନି’



**ଯୋଧପୁର,୩।୧-**ସବୁ ବିରୋଧୀ ଦଳ ଏକାଠି ହେଲେ ମଧ ନାଗରିକତ୍ୱ ଆଇନ (ସିଏଏ) କାର୍ଯ୍ୟକାରୀ କରିବା ନିଷ୍ପତ୍ତିରୁ ସରକାର ଇଞ୍ଚେ ବି ପଛକୁ ଘୁଞ୍ଚିବେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ଘୋଷଣା କରିଛନ୍ତି। ଏହା ପରିବର୍ତ୍ତେ ଭାଜପା ସିଏଏ ସମ୍ପର୍କରେ ଯୁବସମାଜ ଓ ସଂଖ୍ୟାଲଘୁମାନଙ୍କୁ ବୁଝାଇ ସେମାନଙ୍କ ସମର୍ଥନ ହାସଲ କରିବାକୁ ଜୋର୍‌ଦାର ଉଦ୍ୟମ କରିବ। ସିଏଏ କାହାର ନାଗରିକତ୍ୱ ଛଡ଼ାଇନେବା ପାଇଁ ନୁହେଁ। ବରଂ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ଏହି ଆଇନର ଉଦ୍ଦେଶ୍ୟ। ଯୋଧପୁରରେ ସିଏଏ ଏବଂ ଏନ୍ଆର୍‌ସି ସଚେତନତା ସଭାରେ ଉଦ୍‌ବୋଧନ ଦେଇ ଶାହା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ସେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଯଦି ରାହୁଲ ଆଇନ ପଢ଼ିନାହାନ୍ତି ତେବେ ଏହି ଆଇନର ଅର୍ଥ କ’ଣ ତାହା ଅଧ୍ୟୟନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ସରକାରୀ କର୍ମଚାରୀଙ୍କ ପାଇଁ ବିଭାଗୀୟ ଋଣ

ଭୁବନେଶ୍ୱର,୩।୧(ବ୍ୟୁରୋ)– ସରକାରୀ କର୍ମଚାରୀମାନଙ୍କ ପାଇଁ ଏଣିକି ନିଜ ବିଭାଗରୁ ଋଣ କିମ୍ବା ଗୃହ ନିର୍ମାଣ, ମୋଟରସାଇକେଲ, ସାଇକେଲ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ବିଷୟ ପାଇଁ ଅଗ୍ରିମ(ଆଡଭାନ୍ସ) ନେବା ସହଜ ହେବ। ବିଭାଗୀୟ ଆଲଟ୍‌ମେଣ୍ଟ ନ କରି ଅର୍ଥ ବିଭାଗ ଗ୍ଲୋବାଲ ଆଲଟ୍‌ମେଣ୍ଟ କିମ୍ବା ସେଣ୍ଟ୍ରାଲାଇଜ୍‌ଡ ଆଲଟମେଣ୍ଟ ସିଷ୍ଟମ ଜରିଆରେ ଋଣ ଓ ଅଗ୍ରିମ ପ୍ରଦାନ କରିବ। ଏ ନେଇ ଶୁକ୍ରବାର ଅର୍ଥ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସଂକ୍ଷେପରେ

### ପକ୍ଷୀ ଗଣନା ଆରମ୍ଭ

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ସାରା ରାଜ୍ୟର ବିଭିନ୍ନ ବନଖଣ୍ଡରେ ଶୁକ୍ରବାରଠାରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଥିପାଇଁ ୨୫ ଟିମ୍ ଗଠିତ ହୋଇଛି। ଟିମ୍‌ରେ ବନବିଭାଗ କର୍ମଚାରୀ, ପରିବେଶବିତ୍, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ସ୍ଥାନୀୟ ସାଧାରଣ ଲୋକଙ୍କୁ ସାମିଲ କରାଯାଇଛି। ପ୍ରାୟ ଏକ ହଜାର ଲୋକ ଗଣନାରେ ରହିଛନ୍ତି। ଏହିକ୍ରମରେ ଶୁକ୍ରବାର ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀ ଗଣନା ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୪୦ଜଣ ସାମିଲ ହୋଇଥିଲେ। ଏଠାରେ ପକ୍ଷୀ ଗଣନା ସହ ଆସନ୍ତା ୯ରୁ ୧୧ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ମଧ ଚାଲିବ। ପକ୍ଷୀ ଓ କୁମ୍ଭୀର ଗଣନା ସମୟରେ ମହାନଦୀ ରିଭର ସିଷ୍ଟମ୍‌ରେ ମାଛ ଧରିବା ନିମନ୍ତେ ପ୍ରତିବନ୍ଧକ ଲଗାଯାଇଛି। ଏଥିସହ ଜାନୁୟାରୀ ପ୍ରଥମ ୨ ସପ୍ତାହ ଯାଏ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ଅଭୟାରଣ୍ୟ ବନ୍ଦ ରହିବ। ସେହିପରି ଶିମିଳିପାଳ ଅଞ୍ଚଳରେ ଥିବା ଆର୍ଦ୍ର ଭୂମିରେ ମଧ ପକ୍ଷୀ ଗଣନା ଆରମ୍ଭ ହୋଇଛି।

### ଲାଞ୍ଚ: ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ଗିରଫ

**କଟକ ଅଫିସ, ୩।୧:** ଦେଢ଼ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ନବରଙ୍ଗପୁରଠାରେ ଥିବା ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ୍ କୋଅପରେଟିଭ ସୋସାଇଟି (ଲାମ୍ପ୍‌ସ)ର ପରିଚାଳନା ନିର୍ଦ୍ଦେଶକ ବାନାମ୍ବର ପଟ୍ଟନାୟକ। ଶୁକ୍ରବାର ୯୯.୩୨ କୁଇଣ୍ଟାଲ ଧାନ ମଣ୍ଡିରେ କ୍ରୟ କରିବା ପାଇଁ ମୋତିରାମ ଭାତ୍ରା ନାମକ ଜଣେ ବ୍ୟକ୍ତିଙ୍କଠାରୁ ପଟ୍ଟନାୟକ ଦେଢ଼ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଶୁକ୍ରବାର ମଣ୍ଡି ନିକଟରେ ପରିଚାଳନା ନିର୍ଦ୍ଦେଶକ ପଟ୍ଟନାୟକ ମୋତିରାମଙ୍କଠାରୁ ପୂର୍ବ ଦାବି ମୁତାବକ ଲାଞ୍ଚ ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ପଟ୍ଟନାୟକଙ୍କ ରାୟଗଡ଼ା ଜିଲା ଗୁଣୁପୁରଠାରେ ଥିବା ଭଡ଼ାଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧/୨୦୨୦) ରୁଜୁ ହୋଇଛି।

### ୮ରେ ଶ୍ରମିକ ସଂଗଠନଗୁଡ଼ିକର ଦେଶବ୍ୟାପୀ ଧର୍ମଘଟ

**ନୂଆଦିଲ୍ଲୀ,୩।୧:** କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ଚଳିତ ମାସ ୮ ତାରିଖରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବେତନ ଏବଂ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ସହ ଆଲୋଚନା ବିଫଳ ହୋଇଛି। ବିଭିନ୍ନ ଦାବି ଉପରେ ସରକାର କୌଣସି ସମାଧାନ ପନ୍ଥା ବାହାର କରିନାହାନ୍ତି। ଏଣୁ ଏହା ବିରୋଧରେ ଦେଶବ୍ୟାପୀ ଧର୍ମଘଟ କରାଯିବ ବୋଲି ଅଲ୍ ଇଣ୍ଡିଆ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ସମ୍ପାଦକ ସୁକୁମାର ଡାଲ୍‌ମେ କହିଛନ୍ତି। ଉଚ୍ଚ ସର୍ବନିମ୍ନ ବେତନ, ଏକପାଖିଆ ଶ୍ରମ ସଂସ୍କାର, ଅସଙ୍ଗଠିତ କ୍ଷେତ୍ର ଲାଗି ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଏବଂ ଶ୍ରମଶକ୍ତିର ଠିକାକରଣ ଭଳି ଅନ୍ୟ ପ୍ରସ୍ତାବକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ସେହିଭଳି ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍)ଆସନ୍ତା ଶୁକ୍ରବାର ଅନ୍ୟ ଏକ ଧର୍ମଘଟ କରିବ ବୋଲି ସୂଚନା ରହିଛି।

# ସାମାଜିକ ବାସନ୍ଦ ବିରୋଧରେ ଦୃଢ଼ ହେଲେ ପ୍ରମିଳା

## ବାପା ମୃତଦେହ ବୋହିଲେ, ଅନ୍ତିମ ସଂସ୍କାର କଲେ

**ଗୁଡ଼ଭେଲା, ୩।୧ (ଡ଼ି.ଏନ.ଏ.):** ବାପାଙ୍କ ମୃତଦେହ ଘରେ ୨ ଦିନ ହେଲା ପଡ଼ିଥିଲା । ମୁଣ୍ଡପିଟି କାନ୍ଦୁଥିଲେ ପରିବାର ଲୋକେ । ଶୋକରେ କାହାର ପାଟି ଫିଟୁ ନ ଥିଲା । ମୃତଦେହ ସତ୍କାର ହୋଇ ନ ଥିବାରୁ ଭୋକ ଉପାସରେ ରହିଥିଲେ ସାରା ପରିବାର । ଏମିତି ପରିସ୍ଥିତିରେ ଜାତିଭାଇ କି ଅନ୍ୟ କେହି ଆଡ଼ ଆଖିରେ ଚାହିଁବାକୁ ଆସିଲେନି। ଝିଅ ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦର ଦୁର୍ଦ୍ଦଶା ଭୋଗୁଥିବା ଏହି ପରିବାର ପାଇଁ କେହି ସାହା ଭରସା ବି ନ ଥିଲେ । ଏପରି ଅବସ୍ଥାରେ ଝିଅ ନିଜ କୋହକୁ ଛାତିରେ ଚାପି ଧରିଥିଲେ । ଦୃଢ଼ କରିଥିଲେ ନିଜ ମନୋବଳ । ଦୁଇ ହାତରେ ପୋଛି ଦେଇଥିଲେ ନିଜ ଆଖିର ଲୁହ। ଆଉ କାହାକୁ ଅପେକ୍ଷା ନ କରି ନିଜ ବାଡ଼ି ପଟେ ବାପାଙ୍କ ମୃତଦେହ ସତ୍କାର କରିଥିଲେ ସେ... ।

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଘୁନା ଗାଁରେ ଗୁରୁବାର ଘଟିଛି ଏହି ଅଭାବନୀୟ ଘଟଣା । ସେହି ଗାଁର ବାଳି ସେଲମା(୭୦)ଙ୍କ ଏକମାତ୍ର ଝିଅ ପ୍ରମିଳା କିଛି ବର୍ଷ ତଳେ ଅନ୍ୟଜାତିର ସୁଦେର ମାଝିଙ୍କୁ ପ୍ରେମ ବିବାହ କରିଥିଲେ। ଏହି ଘଟଣା ପରେ ବାଳିଙ୍କ ପରିବାରକୁ ଜାତିଭାଇ ଗାଁରୁ ବାସନ୍ଦ କରି ଦେଇଥିଲେ। ଜାତିର ଚାପ ଓ ଏକଘରକିଆ ହେବା ଭୟରେ ବାଳିଝିଅ ପାଇଁ ଶୁଦ୍ଧି ହୋଇଥିଲେ। ବିବାହ ପରେ ସୁଦେର ଓ ପ୍ରମିଳା କଳାହାଣ୍ଡି ଜିଲା ମ.ରାମପୁରରେ ରହୁଥିଲେ। ବିବାହର ୨ ବର୍ଷ ପରେ ତାଙ୍କର ପୁଅଟିଏ ଜନ୍ମ ହୋଇଥିଲା । ହେଲେ ଏହାର କିଛିଦିନ ପରେ ସୁଦେରଙ୍କ ପରଲୋକ ଘଟିଥିଲା । ଏପରି ଅବସ୍ଥାରେ ଝିଅ ଓ ନାତିର ଦୟନୀୟ ଅବସ୍ଥାକୁ ଦେଖି ବାଳି ସହି ପାରି ନ ଥିଲେ। ସାମାଜିକ ବାସନ୍ଦ ଭୟକୁ ଖାତିର ନ କରି ସେ ଝିଅ ଓ ନାତିଙ୍କୁ ନିଜ ଘରକୁ ନେଇ ଆସି ରଖିଥିଲେ। ଫଳରେ ବାଳିଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା। ଶେଷରେ ଗାଁ ବାହାରେ ଥିବା ନିଜ କ୍ଷେତରେ କୁଡ଼ିଆ କରି ବାଳି ନିଜ ଝିଅ ଓ ନାତିଙ୍କ ସହ ରହୁଥିଲେ।

ଗତ ୨ ମାସ ଧରି ଅସୁସ୍ଥ ଥିବା ବାଳିଙ୍କ ଗତ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଥିଲା। ଗାଁରେ ଥିବା ବାଳିଙ୍କ ନିଜ ଭାଇ, ବନ୍ଧୁ ଓ ସମ୍ପର୍କୀୟମାନେ ଏହି ଦୁଃଖଦ ଖବର ଜାଣିବା ପରେ ବି ସାମାଜିକ ବାସନ୍ଦ ହେବା ଭୟରେ କେହି ତାଙ୍କ ଘରକୁ ଯାଇ ନ ଥିଲେ। ଫଳରେ ବୁଧବାର ପର୍ଯ୍ୟନ୍ତ ବାଳିଙ୍କ ମୃତଦେହ ସେହି କୁଡିଆରେ ପଡି ରହିଥିଲା। ଗୁରୁବାର ସହାନୁଭୂତି ଦେଖାଇ ଅନ୍ୟ ଜାତିର ଲୋକେ ଦାହକାର୍ଯ୍ୟ ସମ୍ପନ୍ନ କରିବା ପାଇଁ ପ୍ରମିଳାଙ୍କୁ କାଠ ଦେଇଥିଲେ। କିନ୍ତୁ କେହି ମୃତଦେହ ଛୁଇଁ ନ ଥିଲେ। ଏପରି ସ୍ଥିତିରେ ପ୍ରମିଳା ନିଜକୁ ଦୃଢ଼ କରିଥିଲେ । ନିଜେ ବାପାଙ୍କ ଅନ୍ତିମ ସଂସ୍କାର କରିବାକୁ ନିଷ୍ପତ୍ତି ନେଇଥିଲେ । ଶେଷରେ ପ୍ରମିଳା ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ବାପାଙ୍କ ମୃତଦେହକୁ ଘରେ ଥିବା ଖଟିଆରେ ରଖିଥିଲେ। ଏହି ଖଟିଆକୁ ଘରଠାରୁ ପ୍ରାୟ ୫୦ ମିଟର ଦୂର ନିଜ ଚାଷ ଜମିକୁ ଟାଣି ଟାଣି ନେଇଥିଲା। ଗାଁ ଲୋକ ଦେଇଥିବା କାଠକୁ ବାପାଙ୍କ ମୃତଦେହ ଉପରେ ରଖି ମୁଖାଗ୍ନି ଦେଇଥିଲେ। ଏଥିରେ ପ୍ରମିଳାଙ୍କ ୫ ବର୍ଷର ପୁଅ ସହଯୋଗ କରିଥିଲେ।



ବାଳି ସେଲମାଙ୍କ ମୃତଦେହକୁ ତାଙ୍କ ଝିଅ ଏକା ଏକା ଅନ୍ତିମ ସଂସ୍କାର କରୁଛନ୍ତି।




# ଫନୀ ମୁକାବିଲା ନେଇ ଓଡ଼ିଶାର ପ୍ରସ୍ତୁତିକୁ ଅମିତ୍ ଶାହାଙ୍କ ପ୍ରଶଂସା

**ଭୁବନେଶ୍ୱର,୩।୧(ବ୍ୟୁରୋ)**

ଓଡିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ନେଇ ଜାତିସଂଘ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିବା ବେଳେ କେନ୍ଦ୍ର ସରକାର ମଧ ଓଡିଶାର ପ୍ରସ୍ତୁତି ଉତ୍ତମ ବୋଲି ମାନିଛନ୍ତି। ଫନୀ ବାତ୍ୟା ପରେ ଓଡିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଫନୀ ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଗୁରୁବାର ନାଗପୁରଠାରେ ଜାତୀୟ ଅଗ୍ନିଶମ ସେବା କଲେଜ(ଏନ୍‌ଏଫ୍‌ଏସ୍‌ସି)ର ନୂଆ କ୍ୟାମ୍ପସକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ, ୧୯୯୯ରେ ଓଡିଶାର ମହାବାତ୍ୟାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ନିକଟରେ ହୋଇଥିବା ଫନୀ ବାତ୍ୟାରେ ୬୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଓଡିଶା ସରକାରଙ୍କର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଯୁଗୋପଯୋଗୀ ହୋଇଥିବାରୁ ମୃତ୍ୟୁସଂଖ୍ୟା ବହୁ ମାତ୍ରାରେ ହ୍ରାସ କରାଯାଇ ପାରିଛି ବୋଲି ଶାହା କହିଛନ୍ତି। ଓଡିଶା ସରକାରଙ୍କ ପ୍ରସ୍ତୁତି ଯୋଗୁ ୧.୬ ନିୟୁତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରିଥିଲା। ରାଜ୍ୟ ସରକାରଙ୍କ ବାତ୍ୟା ପୂର୍ବ ପ୍ରସ୍ତୁତି ଉଚ୍ଚମାନର ଥିବା ଯୋଗୁ ମୃତ୍ୟୁ ସଂଖ୍ୟାକୁ ବହୁମାତ୍ରାରେ ରୋକାଯାଇ ପାରିଥିଲା। ଏଥିପାଇଁ ପୂର୍ବରୁ ବହୁ ପ୍ରସ୍ତୁତି ଓଡିଶା ସରକାରଙ୍କୁ କରିବାକୁ ପଡିଛି । ଏଥିଯୋଗୁ ଗତ ଦଶନ୍ଧି ମଧରେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ହାର ୧ ପ୍ରତିଶତରୁ କମ୍ ରହିଛି ବୋଲି ଶାହା କହିଥିଲେ।

# ସିଏଏକୁ ପୂର୍ବତନ ଏନ୍‌ଏସ୍‌ଏଙ୍କ ବିରୋଧ

**ନୂଆଦିଲ୍ଲୀ,୩।୧(ପି.ଟି.):** ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ସରକାରଙ୍କ ସ୍ୱପ୍ରେରିତ କୂଟନୈତିକ ଲକ୍ଷ୍ୟ ବୋଲି ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ତଥା ବହିର୍ବ୍ୟାପାର ସଚିବ ଶିବଶଙ୍କର ମେନନ ଶୁକ୍ରବାର କହିବା ସହ ଏହାର ପରିଣାମ ସମ୍ପର୍କରେ ସତର୍କ କରାଇଦେଇଛନ୍ତି। ଏହା ଭାରତକୁ ଏକଘରକିଆ କରିଦେବା ସହ ଉଭୟ ଦେଶ ଓ ବିଦେଶରେ ବିରୋଧର ସ୍ୱର ବଢୁଥିବା ସେ କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଏନ୍‌ଏସ୍‌ଏଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସିଏଏ କାର୍ଯ୍ୟକାରିତାର ପ୍ରତିକୂଳ ପ୍ରଭାବ ସମ୍ପର୍କରେ କହିଥିଲେ। ଏଭଳି ପଦକ୍ଷେପ ଭାରତକୁ ପାକିସ୍ତାନ ଭଳି ଏକ ଅସହିଷ୍ଣୁ ରାଷ୍ଟ୍ର ସହ ତୁଳନୀୟ କରିଛି। ଏହି ଆଇନ ଗୃହୀତ ହେବା ଫଳରେ ଭାରତର ଅନୁଭବ ବଦଳିଯାଇଛି। ଫଳରେ ବନ୍ଧୁ ରାଷ୍ଟ୍ରଗୁଡ଼ିକ ମୁହଁ ଫେରାଇବା ଆରମ୍ଭ କଲେଣି ବୋଲି ମେନନ କହିଛନ୍ତି।

## ଉତ୍ତର ଭାରତରେ ଘନ କୁହୁଡ଼ି

# ଅଧିକାଂଶ ଟ୍ରେନ୍ ବାତିଲ ଓ ବିଳମ୍ବ

**ଭୁବନେଶ୍ୱର, ୩।୧ (ବ୍ୟୁରୋ):** ଉତ୍ତର ଭାରତରେ ଘନ କୁହୁଡ଼ି ଯୋଗୁ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ପୂର୍ବତଟ ରେଳପଥ ସହ ଜଡ଼ିତ ଟ୍ରେନଗୁଡ଼ିକ ମଧ ଏହାଦ୍ୱାରା ପ୍ରଭାବିତ ହୋଇଛି। ଅଧିକାଂଶ ଟ୍ରେନ ବିଳମ୍ବରେ ଚାଲୁଥିବାବେଳେ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ କେତେକ ଟ୍ରେନ୍‌କୁ ବାତିଲ୍ କରାଯାଇଛି। ଘନ କୁହୁଡ଼ି ସମୟରେ ପରିସ୍ଥିତି ଦେଖି ଟ୍ରେନ୍‌ଗୁଡ଼ିକ ବାତିଲ୍ କିମ୍ବା ସମୟ ସୂଚୀରେ ପରିବର୍ତ୍ତନ କରାଯାଇପାରେ। ଏଭଳି ସ୍ଥିତିରେ ରେଳପଥ ପକ୍ଷରୁ ସୁରକ୍ଷା ନିୟମ ତିଆରି କରାଯାଇଛି। ଲୋକୋ ପାଇଲଟ(ଡ୍ରାଇଭର)ମାନେ କୁହୁଡ଼ି ପରିସ୍ଥିତି ଦେଖି ଆବଶ୍ୟକସ୍ଥଳେ ଟ୍ରେନର ବେଗ କମାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରେନ ଚଳାଚଳରେ ଅସୁବିଧା ନ ହେବା ପାଇଁ ୨୪ ଘଣ୍ଟିଆ ନିରୀକ୍ଷଣ କରାଯାଉଛି। ବିଶେଷ କରି ଟ୍ରାକ୍‌ରେ ରାତି ଓ ଭୋର ସମୟରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପୁରୁଷୋତ୍ତମ ଏକ୍ସପ୍ରେସ, ନୀଳାଚଳ, ନନ୍ଦନକାନନ, ସମ୍ପର୍କ କ୍ରାନ୍ତି, ଦୂରନ୍ତୋ, କଳିଙ୍ଗ ଉତ୍କଳ, ରାଜଧାନୀ ଏବଂ ଅନୁଗୁଳ-ଝାରସୁଗୁଡ଼ା ପଥ ଦେଇ ଚଳାଚଳ କରୁଥିବା ଟ୍ରେନଗୁଡ଼ିକ ବିଳମ୍ବ ହେବାର ଆଶଙ୍କା କରାଯାଉଛି। ଏହି ବିଳମ୍ବ ଯୋଗୁ ସଂଯୋଗକାରୀ ଟ୍ରେନଗୁଡ଼ିକୁ ବାତିଲ୍ କରାଯାଉଛି। ବାତିଲ୍ ଓ ବିଳମ୍ବିତ ଯାତ୍ରା କରିବାକୁ ଥିବା ଟ୍ରେନ ସମ୍ବନ୍ଧରେ ସୂଚନା ଏସ୍ ଏମ୍‌ଏସ୍ ଜରିଆରେ ଦେବାକୁ ଯୋଜନା ହୋଇଛି। କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନକୁ ନିୟମିତ କରିବା ସକାଶେ ଅନେକ ଟ୍ରେନକୁ ବାତିଲ୍ କରିବାକୁ ପଡୁଛି। ରେଳ ଚଳାଚଳକୁ ସୁଗମ କରିବା ପାଇଁ ପୂର୍ବତଟ ରେଳପଥ ତା'ର କାର୍ଯ୍ୟଶକ୍ତିକୁ ପ୍ରସ୍ତୁତ ରଖିବା ସହ ବିଳମ୍ବିତ ଟ୍ରେନଗୁଡ଼ିକୁ ଶୀଘ୍ର କାର୍ଯ୍ୟଭାର ବହନ କରିବା ପାଇଁ ରକ୍ଷଣାବେକ୍ଷଣ କର୍ମଚାରୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଟ୍ରେନ ଚଳାଚଳ ସମ୍ବନ୍ଧୀୟ ସୂଚନା ପାଇବା ପାଇଁ ଯାତ୍ରୀ ୧୩୯ ରେ ଡାଏଲ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ୧୦ ସୁଦ୍ଧା ସିସିଟିଭି ଇନ୍‌ଷ୍ଟାଲେଶନ ସମ୍ପର୍କିତ ତଥ୍ୟ ଦେବାକୁ ନିର୍ଦ୍ଦେଶ

# ରେକର୍ଡିଂ ହେବ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ଚଳିତବର୍ଷ ଯୁକ୍ତ୨ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ରାଜ୍ୟ ସରକାର ସବୁ ବ୍ୟବସ୍ଥା କରୁଛନ୍ତି। ଯେଉଁଠାରେ ସିସିଟିଭି ନ ଥିବ ସେଠାରେ ପରୀକ୍ଷା ହେବ ନାହିଁ। ଏଥିପାଇଁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଇନ୍‌ଷ୍ଟାଲେଶନ ସମ୍ପର୍କିତ ତଥ୍ୟ ଚଳିତମାସ ୧୦ ସୁଦ୍ଧା ଦେବାକୁ ବିଭାଗ ପକ୍ଷରୁ କଲେଜଗୁଡ଼ିକୁ କୁହାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ଜୁନିୟର କଲେଜଗୁଡ଼ିକୁ ଚିଠି ମାଧ୍ୟମରେ ଜଣାଇଦିଆଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକ ସିସିଟିଭି ଲଗାଇବାରେ ବିଫଳ ହେଲେ ସେଠାରେ ପରୀକ୍ଷା କେନ୍ଦ୍ର ହେବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ଦାଶ କହିଛନ୍ତି। ସେ କହିଛନ୍ତି, ଏଥର ସମ୍ପୂର୍ଣ୍ଣ ପରୀକ୍ଷାକୁ ରେକର୍ଡ କରି ରଖାଯିବ। ପରୀକ୍ଷା ସମୟରେ ପାୱାର ବ୍ୟାକ୍‌ଅପ୍, ଇଣ୍ଟରନେଟ୍ କନେକଶନ୍ ଭଳି ସେବା ଉପଲବ୍ଧ କରାଯିବ। ସେଲଫ୍ ଫାଇନାନ୍ସିଂ କଲେଜଗୁଡ଼ିକରେ ପ୍ରାକ୍ଟିକାଲ୍ ପରୀକ୍ଷା ମଧ ସିସିଟିଭିରେ ରେକର୍ଡିଂ ହୋଇ ରହିବ। ପରୀକ୍ଷା ବେଳେ କଲେଜଗୁଡ଼ିକରେ ଅବାଧ କପି ହେଉଥିବା ନଜରକୁ ଆସିବା ପରେ ଗତବର୍ଷଠାରୁ ସିସିଟିଭି ଲଗାଇବାକୁ ପରିଷଦ ନିଷ୍ପତ୍ତି ନେଇଥିଲା। ହେଲେ ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିପାରି ନ ଥିଲା। ଏବର୍ଷ କିନ୍ତୁ ପରୀକ୍ଷାକୁ ଶୃଙ୍ଖଳିତ କରିବା ଲାଗି ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଛି।

# ଗ୍ୟାରେଜ ଅଫିସ ଗୃହରୁ ୧୧୧ ବସ୍ତା ଗହମ ଜବତ

**ଓଡ଼ଗାଁ,୩।୧(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ତହସିଲ ଓ ବ୍ଲକ ଅଫିସ ସମ୍ମୁଖରେ ଥିବା ଓଏସଆରଟିସି ଗ୍ୟାରେଜର ନବ ନିର୍ମିତ ଅଫିସ ଗୃହରୁ ପ୍ରଶାସନ ଶୁକ୍ରବାର ୧୧୧ ବସ୍ତା ଗହମ ଜବତ କରିଛି। ସ୍ଥାନୀୟ ଆଞ୍ଚଳିକ ବିକାଶ ପରିଷଦର କର୍ମକର୍ତ୍ତା ଓ ସଦସ୍ୟଙ୍କ ଉଦ୍ୟମରୁ ଏହାକୁ ଜବତ କରାଯାଇପାରିଛି। ସୂଚନା ଅନୁସାରେ, ଶରଣକୁଳ ଥାନା ଗୋଡିପଡା ଗ୍ରାମର ଜଣେ ଯୁବକ ଗ୍ୟାରେଜ ଅଫିସ ଗୃହ ସହିତ କେତେକ ଦୋକାନ ଘର ନିର୍ମାଣ ଦାୟିତ୍ୱରେ ଥିବାରୁ ସେ ବ୍ଲକ ପଛ ପାଖରେ ଭଡାସୂତ୍ରରେ ରହିଆସୁଥିଲେ। ପ୍ରାୟ ସପ୍ତାହ ହେଲା ସବୁ ସମୟ ତାଲା ପଡିଥିବା ନବ ନିର୍ମିତ ଅଫିସ ଘର ଭିତରୁ ବସ୍ତାଏ ଲେଖାଏ ଗହମ ବାହାରେ ବିକ୍ରି କରାଯାଉଥିବା ନେଇ ଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ସ୍ଥାନୀୟ ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟମାନେ ଏହା ଜାଣିବା ପରେ ସେମାନେ ଏଥିପ୍ରତି ତୀକ୍ଷ୍ଣ ନଜର ରଖିଥିଲେ। ଏପରିସ୍ଥଳେ ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ ସମ୍ପୃକ୍ତ ଯୁବକ ଏକ ପିକଅପ ଭ୍ୟାନ ଜରିଆରେ ଗହମ ବାହାରକୁ ଚାଲାଣ କରିବାକୁ ଯାଉଥିଲେ। ହେଲେ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁ, ବରିଷ୍ଠ ସଦସ୍ୟ ରବୀନ୍ଦ୍ର କୁମାର ପଣ୍ଡା, ବରେନ୍ଦ୍ର କୁମାର ନନ୍ଦ ଓ ମିଟୁ ମହାନ୍ତି ପ୍ରମୁଖ ସେଠାରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗହମ ସମ୍ବନ୍ଧରେ ପଚରା ଉଚୁରା କରିଥିଲେ।



ଜବତ ହୋଇଥିବା ଗହମ ।

ଏହି ସମୟରେ କୌଶଳକ୍ରମେ ଘଟଣା ସ୍ଥଳରୁ ପିକଅପ୍ ଭ୍ୟାନ ଚାଳକ ସହିତ ସମ୍ପୃକ୍ତ ଯୁବକ ଗାଡି ନେଇ ଛୁ ମାରିଥିଲେ। ତତ୍‌କ୍ଷଣାତ୍ ବିକାଶ ପରିଷଦ ସଭାପତି ସ୍ଥାନୀୟ ଥାନାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଜଣାଇଥିଲେ। ପୋଲିସ ଆସି ଘଟଣାସ୍ଥଳ ପରିଦର୍ଶନ କରି ଫେରିଯାଇଥିଲା। ଫଳରେ ଲୋକେ ନୟାଗଡ ଜିଲାପାଳଙ୍କୁ ଯୋଗାଯୋଗ କରି ବିଫଳ ହେବାରୁ ଉପଜିଲାପାଳଙ୍କୁ ଜଣାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଳମ୍ବିତ ରାତିରେ ସହକାରୀ ଯୋଗାଣ ଅଧିକାରୀ ଉକ୍ତ ଘରେ ଅନ୍ୟ ଏକ ତାଲା ପକାଇଦେଇଥିଲେ । ଶୁକ୍ରବାର ସକାଳେ ଜିଲା ଯୋଗାଣ ଅଧିକାରୀ ଦେବୀପ୍ରସାଦ ମହାପାତ୍ର ପହଞ୍ଚିବାପରେ ସମସ୍ତ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଗହମ ମହଜୁଦ ଥିବା ଘରକୁ ଖୋଲାଯାଇଥିଲା । ଭିତରେ ଥିବା ସମୁଦାୟ ୧୧୧ ବସ୍ତା ଗହମ ଅଧିକାରୀମାନେ ଜବତ କରିଥିଲେ।



**କିଛି ତଥ୍ୟ**
ଚଳିତ ବର୍ଷ ପାଣିପାଗ ଅନୁକୂଳ ରହିବା ଯୋଗୁ ୯.୨୮% ଅଧିକ ଜମିରେ ଗହମ ଚାଷ ହୋଇଛି। **-କୃଷି ମନ୍ତ୍ରଣାଳୟ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆୟୁଷ୍ମାନ୍
ପରିବାରବର୍ଗ


କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଭୁବନେଶ୍ୱର ଖୋଲା ...

ଉତ୍ସବରେ ବିଏମ୍‌ସି ପ୍ରଶାସକ ତଥା ରାଜ୍ୟ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ଯୋଗଦେଇ କହିଥିଲେ, ଭୁବନେଶ୍ୱର ଏବେ ଓଡ଼ିଏଫ୍++ ସହର ଭାବେ ପରିଗଣିତ ହୋଇଛି। ଏହା ପରେ ଏବେ ତୃତୀୟ ପକ୍ଷଙ୍କ ଦ୍ୱାରା ଏହାର ସ୍ଥିତି ପରଖିବା ଅଥବା ସମୀକ୍ଷା କରିବା ପାଇଁ ପ୍ରକ୍ରିୟା ଜାରି ରହିବ। ଓଡ଼ିଏଫ୍++ ପରେ ପରେ ଏବେ ବିଏମ୍‌ସି ଗାର୍ବେଜ୍ ଫ୍ରି ସିଟି (ଜିଏଫ୍‌ସି) ଭାବେ ଭୁବନେଶ୍ୱରକୁ ଗଢି ତୋଳିବା ପାଇଁ ନଗର ଉନ୍ନୟନ ବିଭାଗ ପରାମର୍ଶ ଦେଇଛି। ଯାହାକି ଆଗକୁ ଏକ ବଡ଼ ବେଞ୍ଚମାର୍କ ହୋଇ ସାମ୍ନାକୁ ଆସିବ। ଜିଏଫ୍‌ସି ସହର ଭାବେ ଦେଶର ୪ହଜାର ୮୩୦ଟି ସହରକୁ ନେଇ ସର୍ଭେ କରାଯିବ। ୭ଟି ଷ୍ଟାର୍ ପାଇଥିବା ସହରଗୁଡ଼ିକୁ ହିଁ ଉକ୍ତ ସର୍ଭେରେ ସ୍ଥାନିତ କରାଯିବ। ତେଣୁ ବିଏମ୍‌ସି ଭୁବନେଶ୍ୱରକୁ ଜିଏଫ୍‌ସି ସହର ଭାବେ ଗଢ଼ିତୋଳିବା ଉଚିତ୍ ବୋଲି ସେ କହିଥିଲେ। ଏଥିସହ ଆଗକୁ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣରେ ପରିମଳ ବ୍ୟବସ୍ଥା ସୁଧାରି ଭଲ ପ୍ରଦର୍ଶନ କରିବାକୁ ନାୟକ ପରାମର୍ଶ ଦେଇଥିଲେ।

ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଅବନୀ ପଟ୍ଟନାୟକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଶ୍ରୀମନ୍ତ ମିଶ୍ର, ଶ୍ୟାମସୁନ୍ଦର ସେଠୀ ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ରାଜ୍ୟ ସାରା ..

ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଲରେ କଟା ହୋଇପଡିଥିବା ଧାନକୁ ତୁରନ୍ତ ଖଳାକୁ ଆଣିବା ଓ ସୁରକ୍ଷିତ ସ୍ଥାନରେ ଏହାକୁ ଘୋଡାଇ ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଖରିଫ ଧାନ ସଂଗ୍ରହ ଚାଲିଛି। ଚାଷୀମାନେ ବିକିବା ପାଇଁ ମଣ୍ଡିକୁ ଧାନ ଆଣୁଛନ୍ତି। ମଣ୍ଡିଗୁଡ଼ିକରେ ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଆର୍‌ସି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବଳ ଥଣ୍ଡା ସମ୍ଭାବନା ଥିବାରୁ ଅସହାୟ ବାସହୀନ ଲୋକଙ୍କ ପାଇଁ ଗ୍ରାମାଞ୍ଚଳରେ ସ୍କୁଲ ଗୃହକୁ ରାତ୍ର ଆଶ୍ରୟସ୍ଥଳ ଭାବେ ବ୍ୟବହାର କରିବାକୁ କୁହାଯାଇଛି।

ରାଜସ୍ଥାନରୁ ଝାଡଖଣ୍ଡ ଉପର ଦେଇ ଏକ ଟ୍ରଫ ଲାଇନ ରହିଛି। ଏଥିଯୋଗୁ ରାଜ୍ୟରେ ଦୁଇଦିନ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଶନିବାର ମଧ୍ୟାହ୍ନ ସୁଦ୍ଧା ବର୍ଷା ଛାଡିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ଯାଜପୁର, କୋରାପୁଟ, କଟକ, ଖୋର୍ଦ୍ଧା, ସୁବର୍ଣ୍ଣପୁର, ବୌଦ୍ଧ ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୫ ଓ ୬ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୬ ଓ ୭ ତାରିଖରେ ରାଜ୍ୟରେ ଥଣ୍ଡା ପରିମାଣ ବଢ଼ିଯିବ। ସର୍ବନିମ୍ନ ତାପମାତ୍ରା ୬ ରୁ ୭ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯିବ। ୮ ତାରିଖରୁ ପୁଣି ପାରଦ ଉପରମୁହାଁ ହେବ। ୯ ତାରିଖରେ ଉତ୍ତର ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ପୁଣି ୧୦ ତାରିଖରୁ ଉତ୍ତର ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହ ହେବ। ରାଜ୍ୟରେ ଶୀତ ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସଞ୍ଜୁକ୍ତା ମହାପାତ୍ର


ମୃତ୍ୟୁଞ୍ଜୟ ନାୟକ


ଅନ୍‌ଭିତା ଘଡ଼ାଇ


ଗଗନ ବିହାରୀ ନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସମସ୍ୟା ସମାଧାନ କରି ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, ବ୍ୟବସାୟ, ପରିବହନ ଓ ନିର୍ମାଣାଧୀନ କାମରେ ସଫଳତା ହାସଲକରିବେ। ଭାଗ୍ୟସ୍ଥ ଚନ୍ଦ୍ର ହେତୁ ଆନୁଷ୍ଠାନିକ କ୍ଷେତ୍ରରେ ସୁପରାମର୍ଶ ଓ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଅଫିସରେ ଜଣେ ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉଠାଇ ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ବୃଷ** ଭାଇ, ବନ୍ଧୁ, ପାଖପଡ଼ୋଶୀ ଓ ସହକର୍ମୀମାନଙ୍କ ସହ ସୁସମ୍ପର୍କ ସ୍ଥାପିତ ହେବ। ନିଜର କାମକୁ ପଛକୁ ପକାଇ ବନ୍ଧୁଙ୍କ ପାଇଁ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତି କ୍ଷେତ୍ରରୁ ଲାଭବାନ୍ ହେବେ। ଭୁଲ୍ ବୁଝାମଣା ଓ ଯୁକ୍ତିତର୍କ କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ** ମଙ୍ଗଳଙ୍କ ଦୃଷ୍ଟି ହେତୁ ଜମିଜମା କିଣାବିକା ଦିଗରେ ଆଲୋଚନା କରିପାରନ୍ତି। ଆର୍ଥିକ ଅନଟନ ଓ କୌଣସି ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରିଦେଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ଯୋଗୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ।

**କର୍କଟ** ଅଷ୍ଟମସ୍ଥ କର୍ମାଧିପ ସ୍ୱଭାବରୁ ସମସ୍ୟା ଆସିଲେ ମଧ୍ୟ ସମାଧାନ ହୋଇଯିବ। ବଳହୀନ ରବିଙ୍କ ଯୋଗୁ ପିତାଙ୍କ ସହ ମତପାର୍ଥକ୍ୟ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିବ। ବାକ୍ ଅସଂଯମତା ଯୋଗୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଶିଳ୍ପ,ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ସିଂହ** ଏକାଦଶସ୍ଥ ରାହୁ ଆପଣଙ୍କୁ ବିବାଦୀୟ ସ୍ଥିତି, ମାଲିମକଦ୍ଦମାରେ ବିଜୟୀ କରାଇ ବିଜାତୀୟ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପନ କରାଇବ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣା ଓ ଅସାବଧାନତା କାରଣରୁ ସୁଯୋଗ ହାତଛଡ଼ା ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ବୁଝାମଣା ଅଭାବରୁ ସମ୍ପର୍କହାନି ଆଶଙ୍କା ଦେଖାଦେବ।

**କନ୍ୟା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲ ଦିଗରେ ସହାୟକ ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା, କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** କେନ୍ଦ୍ରସ୍ଥ ଶୁକ୍ର କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଚେଷ୍ଟା କରୁଥିବା କାମଗୁଡ଼ିକ ପାଇଁ ବିଶେଷ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ପରିବାରରେ ପରସ୍ପର ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ ହେବେ। ନିଜର ସଙ୍କୋଚତା ପ୍ରବୃତ୍ତି କେତେକ ସାସ୍ଥ୍ୟ ସମସ୍ୟାକୁ ନିମନ୍ତ୍ରଣ କରିପାରେ।

**ବିଛା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ଅଭ୍ୟର୍ଥନା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହମତି କିମ୍ବା ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କାରବାରରେ ଲାଭବାନ୍ ହେବେ। ଆଇନ ଅଦାଲତ,କଳା, ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।

**ଧନୁ** ଅଷ୍ଟମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ପରିବାର, ପରିବହନ, ସାମାଜିକ ସ୍ଥିତି କେତେକାଂଶରେ ହ୍ରାସ ପାଇବ। ମନାନ୍ତର ଜନିତ ହ୍ରାସ ପାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବା ଆଶା ରହିଛି। ଜଣେ ବ୍ୟକ୍ତିଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଯାତ୍ରା, ନିର୍ମାଣ ପ୍ରଭୃତିରେ ଆଂଶିକ ସଫଳତା ମିଳିବ।

**ମକର** ଚନ୍ଦ୍ରଙ୍କ ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟି ଓ ରାଶିରେ ଶୁକ୍ର ଯୋଗୁ ଯାହା ଅଭିଳାଷ ରଖିଛନ୍ତି ତାହା ନିଶ୍ଚିତ ପୂରଣ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ବହୁ ପୂର୍ବରୁ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ଆଜି ଆଶା କରିଥିବା ଦିଗରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ଅତ୍ୟଧିକ କର୍ମଜଞ୍ଜାଳ ଜନିତ ମାନସିକ ଚାପ ବୃଦ୍ଧି ପାଇବ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ,ଏଜେନ୍ସିପ୍ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ। ପ୍ରିୟ ବନ୍ଧୁଟିର ଅଶାଳୀନ ମନ୍ତବ୍ୟ କିମ୍ବା ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ରେବତୀ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ପୂର୍ବ ସଂକଳ୍ପିତ କାର୍ଯ୍ୟସାଧିତ ହେବାରେ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ଶତ୍ରୁତାଜନିତ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟସ୍ତ ଓ ବିବ୍ରତତାକୁ ଦେଖି ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଜାନୁୟାରୀ ୪ ତାରିଖ, ପୌଷ ଶୁକ୍ଳ ନବମୀ ଶନିବାର,ବିଶ୍ୱ ବ୍ରେଲ୍ ଦିବସ, ଲୁଇ ବ୍ରେଲ୍‌ଙ୍କ ଜୟନ୍ତୀ,ରାଶିନକ୍ଷତ୍ର-ଦିବା, ଘ୧୦।୩୬ମି. ପର୍ଯ୍ୟନ୍ତ, ରେବତୀ/ମୀନ, ତପରେ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୫୨ମି. ଗତେ ଘ୧୦।୦୩ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୦ମି. ଗତେ ଘ୯।୧୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୦୯ମି. ଗତେ ଘ୧୦।୩୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

Gharabari boundary plot Infocity-2 near 200ft. road side. Direct owner-8144391451. D-68453

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

New Year Offer on purchasing of BDA/ Bank approved remaining few flats in final finishing stage near NH, Patrapada, Bhubaneswar. 9238326233, 9040072544. D-38566

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-15714

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

Flats for sale at DHPL Crystal Raghunathpur. Contact: 9937059891, 8908292617. D-15713

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3K.m well developed demarcated plot sqft. 650/-, 9348063060. D-68464

ଭୁବନେଶ୍ୱର କଟଣ ୨ଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001

1500Sqft. Gharabari plots developed with 40ft. mainroad 30ft. Internal Road Entrance gate with Security room Connected with Electricity 8 Km. from Bhubaneswar Airport on Sundarapada-Jatni Road for sale Rs.850/- 9937162220. D-16018

1/2/3BHK apartment near Sum Hospital, good ambience club house, GYM, terrace, garden, jogging track & other features @Rs.3050/- per sqft. Contact- 9078263828. D-16027

Book 2BHK flat at GGP Colony, Rasulgarh, (SBI, RERA approved). 7978584549. D-68952

2800sqft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999. D-68046

Sthitiban demarcated plot, 1Km from Balikuda NH, only O/R purchase. Hero Honda is free on purchase of 2000sqft. 8658182243. D-68045

2BHK flat 1120sqft. adjacent to Mountlitera Zee School Kateni, Bhubaneswar for sale @ 18,50,000/-** 9937847725. D-16033

**construction**

Construct your building as per your terms and condition. Contact: 9937064680. D-27284

Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777. D-16029

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**to-let**

Two Bedroom house Ground floor Laxmi Sagar, Bhubaneswar. 9437075580, 9439205580. D-67273

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Refresh your mind and soul with best therapy at Orchid Salon/Spa. 9937287222. D-68745

**business**

3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## AFFIDAVIT

By an affidavit on 03.01.2020 sworn before the Executive Magistrate, Cuttack, Sadar, I Smt. Manjulata Sethi, W/o- Nilamani Sethi declare that Manjulata Dei, Manjushree Sethi and Manjulata Sethi is one and same person and my actual date of birth is 15.01.1961. Henceforth, I would be known as Manjulata Sethi for all purposes and documents. D-37388

By virtue of an affidavit sworn before the Executive Magistrate, BBSR, on 03.01.2020, I Pupu Pattnayak S/o Pravat Kumar Pattnayak R/o- Plot No- 1191, Nayapalli, P.S. Nayapalli, Bhubaneswar-751012 Dist- Khurda, have changed my name to Pritish Pattnayak. Henceforth, I shall be known as Pritish Pattnayak for all purposes. D- 16031

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୪ ଜାନୁୟାରୀ, ୨୦୨୦



## ଡେପୁଟେଶନରେ ଶ୍ରୀନିବାସ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଜି. ଶ୍ରୀନିବାସଙ୍କୁ ଶୁକ୍ରବାର ରାଜ୍ୟ ଦାୟିତ୍ୱରୁ ମୁକ୍ତ କରାଯାଇଛି। ଶ୍ରୀନିବାସ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ଡେପୁଟେଶନରେ ଯୋଗ ଦେବାକୁ ଯାଉଛନ୍ତି। ସେ ଦୀର୍ଘଦିନ ଧରି ବାଣିଜ୍ୟ ଓ ପରିବହନ ବିଭାଗ ସଚିବଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ରୀୟ ଡେପୁଟେଶନ୍‌ରେ ଶ୍ରୀନିବାସ ଅତିରିକ୍ତ ସଚିବ ଏବଂ ଆର୍ଥିକ ପରାମର୍ଶଦାତାଭାବେ ଖାଉଟି କଲ୍ୟାଣ ମନ୍ତ୍ରଣାଳୟରେ ଯୋଗ ଦେବେ।



# ଏନ୍‌ପିଆର ପାଇଁ ରାଜ୍ୟର ପ୍ରସ୍ତୁତି

ଭୁବନେଶ୍ୱର,୩।୧(ବ୍ୟୁରୋ)




ରାଜ୍ୟ ସରକାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସମର୍ଥନ କରିଥିଲେ। ହେଲେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି)କୁ ବିରୋଧ କରିଥିଲେ। ଏହାକୁ ଓଡ଼ିଶାରେ ଲାଗୁ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିଦିନ ତଳେ ସ୍ପଷ୍ଟ କରିଥିଲେ। ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ସିଏଏ କିମ୍ବା ଏନ୍‌ଆରସିକୁ ନେଇ ବଡଧରଣର ଆନ୍ଦୋଳନ ହୋଇନାହିଁ। ହେଲେ ବହୁ ଅଞ୍ଚଳ ସମେତ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ଅନୁଷ୍ଠାନ, ସଂସ୍ଥା ଏବଂ ରାଜନୈତିକ ଦଳ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିସାରିଛନ୍ତି। ଅନ୍ୟପକ୍ଷେ ଦେଶବ୍ୟାପୀ ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର) କାର୍ଯ୍ୟକାରୀ କରାଇବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଥିବାବେଳେ ରାଜ୍ୟ ପ୍ରଶାସନ ମଧ୍ୟ ଏନେଇ ଅଣ୍ଟା ଭିଡୁଥିବା ଜଣାପଡିଛି।

ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କୁହନ୍ତି ଯେ, ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଏନ୍‌ପିଆର ଲାଗୁ କରିବେ। ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଆସନ୍ତା ଏପ୍ରିଲ ୧୬ରୁ ମେ ୧୬ ମଧ୍ୟରେ ଗୃହ ଲିଷ୍ଟିଂ(ତାଲିକାକରଣ) କରାଯିବ। ଏହା ପରେ ତଥ୍ୟ ସଂଗ୍ରହ କରାଯାଇ ଏନ୍‌ପିଆର ପରିସଂଖ୍ୟାନ କରାଯିବ। ଏଥିପାଇଁ ଆବଶ୍ୟକ ପାଇଲଟ୍ କାର୍ଯ୍ୟାବଳୀ ସମାପ୍ତ ହୋଇଥିବା ଜଣାପଡିଛି। ସରକାର ଏନ୍‌ପିଆର ପଦ୍ଧତି ଦ୍ୱାରା ଆଧାର ନମ୍ବର, ଡ୍ରାଇଭିଂ ଲାଇସେନ୍ସ ନମ୍ବର ଏବଂ ପାନ୍ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି। ଆସନ୍ତା ୨୦୨୧ ଫେବୃୟାରୀ ୯ରୁ ୨୮ ମଧ୍ୟରେ ଦେଶର ଜନଗଣନା ହେବାକୁ ଯାଉଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। କଂଗ୍ରେସ ନେତା ଶରତ ରାଉତ କହିଛନ୍ତି ଯେ,ସାରା ଭାରତକୁ ଭାଗଭାଗ କରିବା ପାଇଁ ଏକ ପରିବେଶ ସୃଷ୍ଟି କରାଯାଉଛି। ଦେଶରେ ଗୃହଯୁଦ୍ଧ ସହ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରାଯାଉଛି। ଏହା ଦ୍ୱାରା ସାଧାରଣ ମଣିଷର କିଛି ଉପକାର ହେବ ନାହିଁ ବୋଲି ଶରତ କହିଛନ୍ତି। ଅପରପକ୍ଷରେ ବିଜେଡି ଏହାକୁ ଖଣ୍ଡନ କରିଛି। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ, ଏନ୍‌ପିଆର–ସିଏଏ–ଏନ୍‌ଆରସି ମଧ୍ୟରେ କୌଣସି ସମ୍ପର୍କ ନାହିଁ। କେତେକ ରାଜନେତା ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଉପଲବ୍ଧ ତଥ୍ୟ ଅନୁଯାୟୀ ଏହି ପ୍ରକ୍ରିୟା ଦ୍ୱାରା ଏନ୍‌ପିଆର ସଦ୍ୟ ତଥ୍ୟାବଳୀକୁ ନେଇ ତାଲିକା ନବୀକରଣ ହେବ।

## ସଂକ୍ଷେପରେ

### ପୂର୍ବତନ ବିଧାୟକ ବୈତାରି ବେହେରାଙ୍କ ପରଲୋକ

### ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପୁଅ



**ଗଞ୍ଜାମ,୩।୧(ଡି.ଏନ୍.ଏ.):** ଛତ୍ରପୁରର ପୂର୍ବତନ ବିଧାୟକ ବୈତାରି ବେହେରାଙ୍କର ୮୪ ବର୍ଷରେ ଗୁରୁବାର ରାତିରେ ବ୍ରହ୍ମପୁର ବଡ ମେଡିକାଲରେ ପରଲୋକ ଘଟିଛି। ଚିକିତ୍ସା ଅବହେଳାରୁ ବାପାଙ୍କ ମୃତ୍ୟୁ ଘଟିଥିବା ସାନପୁଅ ଶିଶିର ଅଭିଯୋଗ କରିଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିଲେ ମଧ ଆଇସିୟୁରେ ବେଡ୍ ନ ଥିବା କହି ବିଳମ୍ବ କରିବାରୁ ମୃତ୍ୟୁ ଘଟିଥିବା ସେ କହିଛନ୍ତି। ତେବେ ମେଡିକାଲ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ବୈତାରି ୧୯୭୩ ରୁ ୧୯୭୭ ଓ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ କଂଗ୍ରେସରୁ ଜିତି ବିଧାନସଭାକୁ ଯାଇଥିଲେ। ୧୯୬୪ ମସିହାରୁ ସେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବାବେଳେ ପ୍ରଥମେ ସରପଞ୍ଚ ଏବଂ ୨ଥର ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ଗୁରୁବାର ସନ୍ଧ୍ୟାରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୧ଟା ୧୫ରେ ତାଙ୍କର ପରଲୋକ ହୋଇଥିଲା। ଶୁକ୍ରବାର ମୃତଦେହ ନିଜ ଗ୍ରାମରେ ପହଞ୍ଚିବା ପରେ ବଡପୁଅ ପରେଶ ମୁଖାଗ୍ନି ଦେଇଥିଲେ। ଚିକିତ୍ସା ଅବହେଳା ଅଭିଯୋଗ ନେଇ ଏମ୍‌କେସିଜି ମେଡିକାଲ ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପୂର୍ବତନ ବିଧାୟକଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲକୁ ଅଣାଯାଇଥିଲା। ମେଡିସିନ ବିଭାଗ ଆଇସିୟୁ ଖାଲି ନ ଥିବାରୁ ଗାଇନିକ୍ ୱାର୍ଡ ଆଇସିୟୁକୁ ନେବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ କୌଣସି ଅବହେଳା କରାଯାଇ ନ ଥିବା ଅଧକ୍ଷ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ଛତ୍ରପୁରର ପୂର୍ବତନ ବିଧାୟକ ବୈତାରି ବେହେରାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ କହିଛନ୍ତି ଯେ, ନିଜ ଅଞ୍ଚଳର ବିକଶ ପାଇଁ ସ୍ୱର୍ଗତ ବେହେରା ସର୍ବଦା ସ୍ମରଣୀୟ ହୋଇ ରହିବେ। ସେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ପୂର୍ବତନ ବିଧାୟକ ବେହେରା ଦୀର୍ଘ ବର୍ଷ ଧରି ଅସୁସ୍ଥ ଥିଲେ। ବ୍ରହ୍ମପୁର ହସ୍ପିଟାଲରେ ୮୪ ବର୍ଷ ବୟସରେ ତାଙ୍କର ଗୁରୁବାର ପରଲୋକ ହୋଇଥିଲା।

## ସ୍ୱଘୋଷିତ ପ୍ରମାଣପତ୍ର ଦେଇ ଆବେଦନ କରି ପାରିବେ ପ୍ରାର୍ଥୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

ନିଯୁକ୍ତି ଦେଉଥିବା ସଂସ୍ଥା ପ୍ରାର୍ଥୀମାନଙ୍କ ଦ୍ୱାରା ସ୍ୱଘୋଷିତ ଜାତିଗତ ଏବଂ ବାସସ୍ଥାନ ପ୍ରମାଣପତ୍ରକୁ ଆବେଦନ ବେଳେ ଗ୍ରହଣ କରିବେ। ନିଯୁକ୍ତି ଲାଗି ଚୟନ ହେବା ପରେ ଯାଞ୍ଚ ପାଇଁ ଉଭୟ ସାର୍ଟିଫିକେଟ ପ୍ରାର୍ଥୀ ପ୍ରଦାନ କରିବେ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଭିନ୍ନ ନିଯୁକ୍ତିପ୍ରଦାନକାରୀ ସଂସ୍ଥାକୁ ଏକ ନିର୍ଦ୍ଦେଶନାମା ଜାରି କରାଯିବ। ସେହିପରି ଶିକ୍ଷାନୁଷ୍ଠାନଗୁଡିକରେ ମଧ ପ୍ରାର୍ଥୀମାନଙ୍କର ସ୍ୱଘୋଷିତ ପ୍ରମାଣପତ୍ରକୁ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସ୍କୁଲ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ନେଇ ନିର୍ଦ୍ଦେଶନାମା ଜାରି କରିବେ। ଏ ନେଇ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନିଯୁକ୍ତି ଦେଉଥିବା ସଂସ୍ଥା ଓ ଶିକ୍ଷାନୁଷ୍ଠାନଗୁଡିକ ଏଥିପାଇଁ ସେମାନଙ୍କୁ ପଞ୍ଜୀକୃତ କରିବାକୁ ପଡିବ। ଯଦି କୌଣସି ପ୍ରାର୍ଥୀ କିମ୍ବା ଛାତ୍ର ମିଥ୍ୟା ତଥ୍ୟ ଦେଇଥିବେ ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱକୁ ବାତିଲ କରାଯିବ। ସେହିପରି କୌଣସି ବିଭାଗ ମୃତ କର୍ମଚାରୀଙ୍କୁ ଉତ୍ତରାଧିକାରୀ ସାର୍ଟିଫିକେଟ ଆଣିବାକୁ ବାଧ କରିପାରିବେ ନାହିଁ। ସର୍ଭିସ ବୁକ୍ ଦେଖି ମୃତକଙ୍କ ପରିବାରକୁ ନିଯୁକ୍ତିକାଳୀନ ସମସ୍ତ ସୁବିଧା ଯୋଗାଇଦେବେ।

## ପୁରୀ ଦେଶର ଦ୍ୱିତୀୟ ସ୍ୱଚ୍ଛ ବେଳାଭୂମି

**ଭୁବନେଶ୍ୱର,୩।୧(ବ୍ୟୁରୋ):** ପୁରୀ ଦେଶର ଦ୍ୱିତୀୟ ସବୁଠାରୁ ପରିଷ୍କାର ବା ସ୍ୱଚ୍ଛ ବେଳଭୂମୀ । ଏଥିସହିତ ଗଞ୍ଜାମ ଜିଲାର ଗୋପାଳପୁର ବେଳାଭୂମି ଚତୁର୍ଥ ସଫା ବେଳାଭୂମି ମାନ୍ୟତା ପାଇଛି। ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର (ଏନସିସିଆର) ସର୍ଭେ ରିପୋର୍ଟରୁ ଏହା ଜଣାପଡିଛି। ରିପୋର୍ଟରେ କୁହାଯାଇଛି ଯେ ଓଡିଶାର ବେଳାଭୂମିଗୁଡିକ କମ ପ୍ରଦୂଷିତ। ଏନସିସିଆର ପକ୍ଷରୁ ୨୦୧୯ ସେପ୍ଟେମ୍ବରରେ ଦେଶର ୩୪ଟି ବେଳଭୂମିର ସର୍ଭେ କରାଯାଇଥିଲା। ଏଥିପାଇଁ ପୁରୀ ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟରେ ନିୟୋଜିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଦିଆଯାଇଛି। ପୁରୀ ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମିକୁ ପରିଷ୍କାର ରଖିବା ପାଇଁ ମୋ ବେଳାଭୂମି ଅଭିଯାନ କରାଯାଇଥିଲା। ଗତ ସେପ୍ଟେମ୍ବରରେ ଜାତୀୟ ଉପକୂଳ ସଫେଇ ଦିବସ ଅବସରରେ ପୁରୀ ବେଳଭୂମିରେ ଏକ ମେଗା ସଫେଇ କାର୍ଯ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି ଖୁସି ବ୍ୟକ୍ତି କରି କହିଛନ୍ତି ଯେ ଓଡିଶାର ସ୍ୱଚ୍ଛ ବେଳାଭୂମି ପର୍ଯ୍ୟଟକମାନଙ୍କୁ ଅପେକ୍ଷା କରି ରହିଛି। ଏ କ୍ଷେତ୍ରରେ ଏନସିସିଆର ଆମକୁ ସମର୍ଥନ ଦେଇଛି।

### ■ ସିଏଏକୁ ନେଇ ମୁହଁ ଖୋଲିଲେ ଶଙ୍କରାଚାର୍ଯ୍ୟ

## ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରାଯାଉ

ପୁରୀ ଅଫିସ,୩।୧

**ସମୀକ୍ଷା କରିଥିଲେ ହିଂସାକାଣ୍ଡ ହୋଇ ନ ଥାନ୍ତା**

ସଂଶୋଧିତ ନାଗରିକତ୍ୱ ଆଇନ(ସିଏଏ)କୁ ବିରୋଧ କରି ବିଭିନ୍ନ ରାଜ୍ୟରେ ଜୋରସୋରରେ ଆନ୍ଦୋଳନ ଚାଲିଛି। ପୁଣି କେତେକ ଜାଗାରେ ସମର୍ଥନ ଶୋଭାଯାତ୍ରା ମଧ ବାହାରୁଛି। ସିଏଏକୁ ନେଇ ଦିନକୁ ଦିନ ପରିସ୍ଥିତି ସଙ୍ଗିନ ହେଉଥିବାବେଳେ ଶୁକ୍ରବାର ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି ଭାରତକୁ ହିନ୍ଦୁରାଷ୍ଟ୍ର ଭାବେ ଘୋଷଣା କରାଯାଉ। ଅନ୍ୟପକ୍ଷେ ସିଏଏ ପାସ୍ ହେବା ପୂର୍ବରୁ ସମୀକ୍ଷା କରିଥିଲେ, ଏଭଳି ହିଂସାକାଣ୍ଡ ହୋଇ ନ ଥାନ୍ତା। ସିଏଏ ପ୍ରସଙ୍ଗରେ ଶୁକ୍ରବାର ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟା ଦେଇ ଶଙ୍କରାଚାର୍ଯ୍ୟ କହିଛନ୍ତି, ନାଗରିକତ୍ୱ ସଂଶୋଧନ ଆଇନ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହା କେବଳ ଭାରତର ନୁହେଁ ବିଶ୍ୱର ସମସ୍ୟା। ମିଳିତ ଜାତିସଂଘ ଏ କ୍ଷେତ୍ରରେ ସମ୍ବେଦନଶୀଳ ହୋଇ ଉଚିତ ପଦକ୍ଷେପ ନେବା ଦରକାର। ବିଶ୍ୱରେ ମୋଟ ୨୦୪ଟି ଦେଶ ରହିଛି । ଏଥିମଧ୍ୟରୁ ପ୍ରାୟ ୫୦ଟି ମୁସ୍‌ଲିମ ରାଷ୍ଟ୍ର ଥିବାବେଳେ ଅନେକ ଖ୍ରୀଷ୍ଟିୟାନ ଦେଶ ରହିଛି। କିନ୍ତୁ ଅନେକ ଦେଶରେ ହିନ୍ଦୁମାନେ ବସବାସ କରୁଥିଲେ ବି ସ୍ୱତନ୍ତ୍ର ହିନ୍ଦୁରାଷ୍ଟ୍ର ନାହିଁ। ପ୍ରାଥମିକ ପର୍ଯ୍ୟାୟରେ ଜାତିସଂଘ ଭାରତ, ନେପାଳ ଏବଂ ଭୁଟାନକୁ ହିନ୍ଦୁରାଷ୍ଟ୍ର ଘୋଷଣା କରୁ। ବାହାର ଦେଶରେ ଥିବା ହିନ୍ଦୁମାନେ ପରିସ୍ଥିତିରେ ପଡି ହେଉ କିମ୍ବା ଉତ୍ପୀଡ଼ନର ଶିକାର ହେଉଥିବା ଅନୁଭବ କରି ଯଦି କୌଣସି ଦେଶ ଛାଡିବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ଏହି ୩ ରାଷ୍ଟ୍ରରେ ଥଇଥାନ କରାଯାଉ। ମାନବାଧିକାର ଅନ୍ତର୍ଗତ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ମଧ ଯୋଗାଇ ଦିଆଯାଉ। ଏଥିସହିତ ଜାତିସଂଘରେ ଏ ନେଇ ସ୍ୱତନ୍ତ୍ର ନ୍ୟାୟାଳୟ ପ୍ରତିଷ୍ଠା କରାଯିବା ସପକ୍ଷରେ ମତ ରଖିଛନ୍ତି ଶଙ୍କରାଚାର୍ଯ୍ୟ। ବିଭିନ୍ନ ଦେଶରେ ଧର୍ମୀୟ ସଂଖ୍ୟାଲଘୁଙ୍କୁ ଥଇଥାନ ପାଇଁ ଏହି ନ୍ୟାୟାଳୟ କାମ କରୁ । ଏପରି ହେଲେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜିବ ନାହିଁ । ଭାରତ ଅତିଥି ଦେବୋ ଭବ ନୀତିକୁ ଆପଣାଇଛି। ଯେଉଁମାନେ ଭାରତର ଶରଣ ପଶିଛନ୍ତି ତାକୁ ଏ ଦେଶ ଅତିଥି ଭାବେ ସ୍ୱୀକାର କରିଛି । କିନ୍ତୁ ଏହି ଦୟା କାଲି ଆମ ପାଇଁ ଘାତକ ନ ହେଉ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ । ଏକ ଉଦାହରଣ ଦେଇ ଜଗଦ୍‌ଗୁରୁ କହିଥିଲେ, ବୃନ୍ଦାବନର ଏକ ଜାଗାରେ ମାଛ ମରି ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକଙ୍କୁ ତା'ର କାରଣ ପଚାରିଥିଲେ । ୨ ବର୍ଷ ହେବ ବର୍ଷା ହୋଇ ନ ଥିଲା। ଅଚାନକ ମୂଷଳ ଧାରାରେ ବର୍ଷା ହେବାରୁ ଆବର୍ଜନା ପାଣିରେ ରହୁଥିବା ମାଛ ସ୍ୱଚ୍ଛପାଣିରେ ନିଜକୁ ଖାପଖୁଆଇ ନ ପାରି ମରିଗଲେ। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ, ଆବର୍ଜନା ପାଣିରେ ବଢୁଥିବା ମାଛଙ୍କୁ ସ୍ୱଚ୍ଛ ପାଣି ଅଡୁଆ। ଅର୍ଥାତ୍ ଲୁଣିପାଣିରେ ରହୁଥିବା ମାଛଙ୍କୁ ମଧୁର ପାଣି ଏବଂ ମିଠାପାଣିରେ ରହୁଥିବା ମାଛଙ୍କୁ ଲୁଣିପାଣିରେ ରଖିଲେ ସେମାନେ ନିଜକୁ ଖାପ ନ ଖୁଆଇ ମରିଯିବେ। ସେହିଭଳି ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ଦେଶର ହିତ ପାଇଁ କୌଣସି ପଦକ୍ଷେପ ନେବା ପୂର୍ବରୁ ପ୍ରଥମେ ଚିନ୍ତା କରିବା ଦରକାର। ସହିଷ୍ଣୁତା ସୃଷ୍ଟି ଲାଗି ବିଚାରବିମର୍ଶ କରିବା ଉଚିତ। ନିୟମ ପାରିତ ହେବା ପରେ ଯେଉଁ ପଦକ୍ଷେପ ନିଆଗଲା ତା' ପୂର୍ବରୁ ଯଦି ଏହାର ସମୀକ୍ଷା କରାଯାଇଥାନ୍ତା ତେବେ ହିଂସାକାଣ୍ଡ ଘଟି ନ ଥାନ୍ତା ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ ।

## ଜିଲା ଚିଠି ରାୟଗଡ଼ା



# ମେଡିକାଲ କଲେଜ

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ରାୟଗଡ଼ା ଜିଲାରେ ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି । ଜିଲାରେ ଉତ୍ତମ ଓ ଆଧୁନିକ ଚିକିତ୍ସା ଅଭାବରୁ ରୋଗୀମାନଙ୍କୁ ଜିଲା ବାହାରକୁ ଯିବାକୁ ପଡୁଛି । ଫଳରେ ସାଧାରଣ ଲୋକଙ୍କ ସମୟ ନଷ୍ଟ ହେବା ସହ ଅନେକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏହାଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ଅଧିକ ପ୍ରଭାବିତ ହେଉଛନ୍ତି । ଜିଲାର ବିଭିନ୍ନ ଚିକିତ୍ସାଳୟରୁ ମାସକୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସା ନିମନ୍ତେ ବାହାରକୁ ଯାଉଥିବା ଜଣାପଡ଼ିଛି । ସେହିପରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରୁ ମାସକୁ ହାରାହାରି ୨୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ କୋରାପୁଟ ଏବଂ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଛି । ଗୁରୁତର ଅବସ୍ଥାରେ ଜଣେ ରୋଗୀଙ୍କୁ ୧୩୦ରୁ ୨୦୦ କିଲୋମିଟର ଯାତ୍ରା କରିବାକୁ ପଡୁଛି। ଏଥିପାଇଁ ଚିକିତ୍ସା ପାଇବା ପୂର୍ବରୁ ବହୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ସ୍ୱାଭାବିକ । କେତେକ କ୍ଷେତ୍ରରେ ବହୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି । ଗତ ୨ ବର୍ଷର ରାୟଗଡ଼ା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ, ରାୟଗଡ଼ା ଜିଲାରୁ ମାସକୁ ପ୍ରାୟ ୮୦ ହଜାର ରୋଗୀ ବିଭିନ୍ନ ଡାକ୍ତରଖାନାକୁ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଆସିଥାନ୍ତି । ହେଲେ ଚିକିତ୍ସା ଭିତ୍ତିଭୂମିର ଅଭାବ ଥିବାରୁ ରୋଗୀ ଠିକ୍ ଭାବେ ସେହି ସୁବିଧା ପାଉନାହାନ୍ତି। ଜିଲାରେ ସିକିଲ୍ ସେଲ୍ ଭଳି ମାରାତ୍ମକ ରୋଗର ଚିକିତ୍ସା ନିମନ୍ତେ କୌଣସି ସୁବିଧା ନ ଥିବା ବେଳେ କର୍କଟ, ହୃଦ୍‌ରୋଗ, ମଧୁମେହ, ମାନସିକ ରୋଗୀଙ୍କ ପାଇଁ ଆଧୁନିକ ଚିକିତ୍ସା ସୁବିଧା ଶୂନ । ବିଭିନ୍ନ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି । ସେଥିଲାଗି ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଛି । ୨୦୧୪ରେ ରାଜ୍ୟ ସରକାର ୧୦୦ ସିଟ୍ ଓ ୫୦୦ ଶଯ୍ୟା ବିଶିଷ୍ଟ ଏକ ମେଡିକାଲ କଲେଜ ପିପିପି ବ୍ୟବସ୍ଥା ମାଧ୍ୟମରେ ଜିଲାରେ ଖୋଲିବା ପାଇଁ ଘୋଷଣା କରିଥିଲେ । ଏଥିସହ ବିଧାନସଭାରେ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏ କଥା ଉଠାଇଥିଲେ । ମେଡ଼ିକାଲ କଲେଜ ନିମନ୍ତେ ପ୍ରାୟ ୨୫ ଏକର ଜମି ଚିହ୍ନଟ ହୋଇ ସାରିଛି । ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ । କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ଭେଟି ରାୟଗଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଏକ ପତ୍ର ପ୍ରଦାନ କରିଛନ୍ତି । ଏଥିଲାଗି ଭାରତୀୟ ଜାତୀୟ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଧ୍ୟ ଏକ ପତ୍ର ହର୍ଷବର୍ଦ୍ଧନଙ୍କୁ ଦେଇଛନ୍ତି। ରାୟଗଡ଼ା ନାଗରିକ ମଞ୍ଚ ଜିଲାରେ ମେଡ଼ିକାଲ କଲେଜର ସ୍ଥାପନ ନିମନ୍ତେ ଦୀର୍ଘଦିନ ଧରି ଜନ ଆନ୍ଦୋଳନ, ପଦଯାତ୍ରା, ସଭା କରିବା ସହ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ରାଜସ୍ୱ ସଚିବଙ୍କୁ ଦାବିପତ୍ର ଦେଇଆସୁଛି । ଏଥିସହ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଏଥିପାଇଁ ଦାବି ଉଠିଛି। ରାୟଗଡ଼ାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜିଲାରେ ଖାଲି ପଡ଼ିଥିବା ୭୦ ଓ ନୂତନ ଭାବେ ସୃଷ୍ଟି ହୋଇଥିବା ୫୫ ଏହିପରି ମୋଟ ୧୨୫ଟି ପଦବୀରୁ କେବଳ ୧୦୯ଟି ପଦବୀରେ ଡ଼ାକ୍ତର କାର୍ଯ୍ୟଭାର ସମ୍ଭାଳୁଛନ୍ତି ।

– ଭାଗ୍ୟଶ୍ରୀ ମିଶ୍ର

## ଗ୍ରାମାଞ୍ଚଳ ରାସ୍ତା, ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ

**ବିଧାନସଭା ଗୃହ କମିଟି ବୈଠକ**

**ଭୁବନେଶ୍ୱର,୩।୧(ବ୍ୟୁରୋ):** ଓଡ଼ିଶା ବିଧାନସଭା ନିବେଦନ ଗୃହ କମିଟିଙ୍କର ଦଶମ ବୈଠକ ଶୁକ୍ରବାର ବିଧାନସଭା କମିଟି ପ୍ରକୋଷ୍ଠ ନଂ–୫୪ରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକ ଏହାର ଅଧ୍ୟକ୍ଷତା କରିଥିଲେ। ବୈଠକରେ ପଞ୍ଚଦଶ ଓ ଷୋଡ଼ଶ ବିଧାନସଭାରେ କରାଯାଇଥିବା ବିଚାରାଧୀନ ନିବେଦନଗୁଡ଼ିକ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପଦାଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଆଡଠାରୁ କାଙ୍କଡଫେରା, ନେତୁଆଠାରୁ ଆର୍ଦ୍ଦିଗା ଓ ଗୋକୁଣ୍ଡି ହାଟପଡ଼ିଆଠାରୁ ଲୁହାପଡ଼ା ପର୍ଯ୍ୟନ୍ତ ପୂର୍ଣ୍ଣ ରାସ୍ତା ନିର୍ମାଣର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା । ଏହା ଛଡ଼ା ତଳସରା ବିଧାନସଭା

ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲେଫ୍ରିପଡ଼ା ବ୍ଲକ୍‌ର ମେଗବିରା ଓ ଫୁଟକଣା ମଧ୍ୟରେ ଥିବା ନାଳ ଉପରେ ପୋଲ ନିର୍ମାଣ, ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲକ୍ଷ୍ମିମରାଠାରେ ଅଙ୍ଗ ନଦୀ ଉପରେ ପୋଲ କିମ୍ବା ବିଜୁ ସେତୁ ନିର୍ମାଣ ଓ ଘୁ. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ଏନ୍‌ବିସିସି, ନୂଆଦିଲ୍ଲୀ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣର ଆବଶ୍ୟକତା ନେଇ ମଧ ଆଲୋଚନା ହୋଇଥିଲା। ସେହିପରି ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି–୫ଙ୍କର ଦ୍ୱାଦଶ ବୈଠକ ଶୁକ୍ରବାର ବିଧାନସଭା କମିଟି ପ୍ରକୋଷ୍ଠ ନଂ ୫୪ରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ଏବଂ ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଜିଲା ସଦର ମହକୁମା ଡାକ୍ତରଖାନାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା ।

ଦଶମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା



ଆୟୁଷ୍ମାନ ପୁଣ୍ୟାଂଶୁ କର (ସିପୁ)
ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆଜି ଧନ ତୁମ ଶୁଭ ଜନ୍ମଦିନ
ଏବେ ଦଶବର୍ଷ ଗଲା ପୂରି,
କୋଟିଏ ବରଷ ଏପରି କଟିବ
ପ୍ରଭୁଙ୍କ ପାଦରେ ଏତିକି ଅଳି ।
ଶୁଭେଚ୍ଛା ସହ:
ବାପା,ମାମା,କକେଇ, ଖୁଡ଼ୀ, ଗୁରୁଜନ ସହ ଭାଇ, ଭଉଣୀ ।
ଧ–୧୬୦୨୮

**ରେଳ ବିକାଶ ନିଗମ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରାବନ୍ଧୀକ ସଂସ୍ଥା)
ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨, ରେଳ ବିକାଶ ନିଗମ କାର୍ଯ୍ୟାଳୟ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: RVNL/BBS/HDS/PRDP/CPM-II/11250 ତାରିଖ: 03.01.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହରିଦାସପୁର ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣାଧୀନ ରେଳ ପ୍ରକଳ୍ପର **କେନ୍ଦ୍ରାପଡ଼ା ଜିଲ୍ଲାର ଡୁମ୍ବୁକା ଗ୍ରାମର ଶ୍ରୀ ଭାବଗ୍ରାହୀ ନାୟକଙ୍କ, ଖାତା ନଂ.320, ପ୍ଲଟ ନଂ.1133, ଏକର 0.03** ଘରବାରି ସହିତ ଏବଂ **ଅଙ୍ଗୁଳାଇ ଗ୍ରାମର ଶ୍ରୀ ନିରଞ୍ଜନ ପ୍ରଧାନଙ୍କ, ଖାତା ନଂ.401, ପ୍ଲଟ ନଂ.742, ଏକର 0.06** ନିମ୍ନ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଭାବେ କ୍ରୟ କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ପ୍ରଦତ୍ତ କୌଣସି ଜମିରେ ଖାତାରୟତ ଏବଂ ତଦ୍‌ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧. ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-୨ଙ୍କ କାର୍ଯ୍ୟାଳୟ, ରେଳ ବିକାଶ ନିଗମ ଲିମିଟେଡ୍, ରେଳ ବିହାର,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩
୨. ପରିଚାଳନା ନିର୍ଦ୍ଦେଶକ, ହରିଦାସପୁର-ପାରଦ୍ୱୀପ ରେଳପଥ କମ୍ପାନୀ କାର୍ଯ୍ୟାଳୟ, ପଲ୍‌ହାଇଟ୍, ଜୟଦେବ ବିହାର, ଭୁବନେଶ୍ୱର-୨୩
୩. ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ା

ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ-II, ଭୁବନେଶ୍ୱର
ଫୋନ୍: (0674)2300506,2300483, 2300643, ଫାକ୍ସ : (0674) 2303798

**National Entrance Screening Test 2020**
**NEST 2020**
Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)
(Autonomous Institutions under Department of Atomic Energy, Government of India)

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics-at National Institute of Science Education and Research (NISER), Bhubaneswar and University of Mumbai-Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2020 will be conducted in around 90 towns and cities all over India on **Saturday, June 06, 2020**.

The candidates admitted to the programme are eligible to receive annual scholarship of Rs 60,000 through DISHA program of Department of Atomic Energy, Government of India. In addition, the scholarship recipients receive grant of Rs 20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.

**For detailed information on NEST 2020 application procedure and previous years' question papers please visit NEST 2020 website: www.nestexam.in**

**Application:**
Through ONLINE portal ONLY.
Visit **www.nestexam.in** to apply.
Online portal opens on **Jan. 07, 2020,**
& closes on **Apr. 03, 2020**

**Examination:**
ONLINE/computer based ONLY.
Date of examination: **June 06, 2020 (Saturday)**
Time: **9:00 AM - 12:30 PM** (1st session)
**2:00 PM - 5:30 PM** (2nd session)
Results announcement : **June 16, 2020**

**Address for correspondence :**
The Chief Coordinator, NEST 2020
UM-DAE Centre for Excellence in Basic Sciences
University of Mumbai, Kalina, Santacurz (East), Mumbai-400 098 (India)
E-mail: **nest2020@cbs.ac.in**
Website: **www.nestexam.in**

**Fees structure and mode of payment :**
Male(General and OBC categories) : Rs 1200/-
Male (SC and ST categories) : Rs 600/-
Female (all categories) : Rs 600/-
Divyang Category : Rs 600/-
**Pay ONLY via Net banking/Credit card / Debit card**

**14th Death Anniversary**



**Sukanta Chandra Samantaray**
( 12.05.1946 - 04.01.2006 )
TRUPTI
Founder, TRUPTI GROUP
Selfless soul always loving and kind
Such are memories you leave behind
you fell asleep without goodbye
but memories of you will never die

ଯେ ନିଜ ଚେତନା ଭିତରେ ସର୍ବଦା ସମସ୍ତଙ୍କ ଲାଗି ଶୁଭେଚ୍ଛା ପୋଷଣ କରିଥାଏ– ସେଇ କେବଳ ସବୁ ଜିନିଷରେ ଲୁଚିରହିଥିବା ଶୁଭେଚ୍ଛାକୁ ଦେଖିପାରେ। ତାରି ଅନ୍ତର୍ଦୃଷ୍ଟିରେ ଇ ଶୁଭେଚ୍ଛା ପ୍ରତିଭାତ ହୁଏ। –ଶ୍ରୀମା



# କେରଳରେ ଅର୍ଥସଂକଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅର୍ଥନୈତିକ ସଂକଟ ଦେଇ ଗତି କରୁଥିବା ପିନାରାୟି ବିଜୟନ୍‌ଙ୍କ ନେତୃତ୍ୱାଧୀନ କେରଳ ସରକାରଙ୍କ ପାଇଁ ଆଉ ଗୋଟିଏ ସମସ୍ୟା ହେଉଛି ରାଜ୍ୟ ଅର୍ଥ ବିଭାଗର ମୁଖ୍ୟ ପଦଟି ଖାଲି ପଡ଼ିଛି। ଏପରି ସମୟରେ ଏହି ବିଭାଗର ଦୁଇ ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରତିନିଯୁକ୍ତିରେ କେନ୍ଦ୍ରରେ ଅବସ୍ଥାପିତ ହେବା ଘଟଣା ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ରାଜ୍ୟର ଅର୍ଥବ୍ୟବସ୍ଥା ଦୁଃସ୍ଥିତି ମଧ୍ୟଦେଇ ଗତି କରୁଥିବାବେଳେ ଯୁଗ୍ମ ମୁଖ୍ୟ ସଚିବ (ଅର୍ଥ) ମନୋଜ ଜୋଷୀ ଏବଂ ପ୍ରମୁଖ ସଚିବ (ଅର୍ଥ ସଂସାଧନ) ସଞ୍ଜୀବ କୌଶିକ ଏକାବେଳକେ ଅର୍ଥ ବିଭାଗ ଛାଡ଼ୁଛନ୍ତି। ବିଶେଷ ସୂତ୍ରରୁ ଜଣାପଡିଛି ଯେ, ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଜୋଷୀ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଯୁଗ୍ମ ସଚିବଭାବେ ନିଯୁକ୍ତି ପାଇଥିବାବେଳେ ୧୯୯୨ ବ୍ୟାଚ୍ ଅଧିକାରୀ କୌଶିକ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ସେବା ବିଭାଗର ଯୁଗ୍ମ ସଚିବ ଅଛନ୍ତି। ରାଜ୍ୟର ଆର୍ଥିକ ସଙ୍କଟ ସୁଧାରିବା ଲାଗି କାର୍ଯ୍ୟ କରୁଥିବା ୬ ଜଣିଆ ଟିମ୍‌ରେ ଏହି ଦୁଇ ବାବୁ ସଦସ୍ୟ ରହିଥିଲେ। ଖର୍ଚ୍ଚକାଟ ଓ ରାଜସ୍ୱ ସଂଗ୍ରହ କରିବାର ଉପାୟ ଖୋଜି ବାହାର କରିବା ଲାଗି ଏହି ଟିମ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଜୋଷୀ ଓ କୌଶିକଙ୍କ ଏଭଳି ଆକସ୍ମିକ ପ୍ରସ୍ଥାନ ପରେ ଏବେ ଅନ୍ୟ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ପଦବୀରେ କାର୍ଯ୍ୟକରିବା ଲାଗି ଅନିଚ୍ଛା ପ୍ରକାଶ କରିବା ଘଟଣା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। କେରଳର ଶୋଚନୀୟ ଅର୍ଥନୈତିକ ଅବସ୍ଥାକୁ ବିଚାରକୁ ନେଲେ ଏହାକୁ ସଜାଡ଼ିବା ଏକ କଠିନ କାର୍ଯ୍ୟ ବୋଲି ସ୍ପଷ୍ଟ ମନେହେଉଛି। ପ୍ରାପ୍ତ ସୂତ୍ରରୁ ଜଣାପଡ଼େ ଯେ, ଅର୍ଥ ବିଭାଗ ଦୁଇବର୍ଷ ପାଇଁ ଏକ ପ୍ଲାନ୍ ହଲିଡେ (ଦୁଇଟି ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ବିରତି) ଘୋଷଣା କରିବାକୁ କିମ୍ବା ଅନ୍ତତଃ ଯୋଜନା ଅବଧି କମାଇବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଆସୁଛି। କିନ୍ତୁ ପିନାରାୟି ସରକାର ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି।

### କମିଶନର ଦୌଡ଼

ଦିଲ୍ଲୀରେ ଆଗକୁ ନିର୍ବାଚନ ଆସୁଥିବାବେଳେ ଏହି ସମୟରେ କିଏ ରାଜଧାନୀର ନୂଆ ପୋଲିସ କମିଶନର ହେବେ ତାହାକୁ ନେଇ ଉତ୍ସୁକତା ପ୍ରକାଶ ପାଇଛି। ଏବକାର କମିଶନର ଅମୂଲ୍ୟ ପଟ୍ଟନାୟକ ୩୧ ଜାନୁୟାରୀ, ୨୦୨୦ରେ ଅବସର ନେବାକୁ ଯାଉଥିବାବେଳେ ଏହି ପଦବୀ ଲାଗି ଅନେକ ବରିଷ୍ଠ ଅଧିକାରୀ ଦୌଡ଼ରେ ଅଛନ୍ତି। ଏଥିରେ ସିଆର୍‌ପିଏଫ୍‌ର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ଏସ୍.ଏନ୍. ଶ୍ରୀନିବାସନ୍ ଆଗରେ ରହିଛନ୍ତି। ଏହାବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ଅଜୟ କାଶ୍ୟପ, ତାଜ୍ ହାସନ୍ ଏବଂ ଏସ୍. ନିତ୍ୟାନନ୍ଦଙ୍କ ଭଳି ୟୁଟି କ୍ୟାଡର୍ ଆଇପିଏସ୍ ଅଧିକାରୀଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଛି। ତେବେ କେନ୍ଦ୍ର ସରକାର ଏଥର ୟୁଟି କ୍ୟାଡର ବାହାରୁ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦେଇପାରନ୍ତି ବୋଲି କେତେକେ ବିଶ୍ୱାସ କରୁଛନ୍ତି। ଏହାର କାରଣ ହେଉଛି, ୟୁଟି କ୍ୟାଡର୍‌ରେ କମ୍ ସଂଖ୍ୟକ ବାବୁ ଥିବାରୁ ସେମାନଙ୍କ ମଧ୍ୟରୁ ଭଲ ପ୍ରତିଭା ବାଛିବାର ସୁଯୋଗ କମ୍ ରହିଛି। ସାଧାରଣରେ ବିଦ୍ରୋହ ଓ ଅସନ୍ତୋଷ ଯୋଗୁ ରାଜଧାନୀରେ ଲାଗିରହିଥିବା ଆଇନଶୃଙ୍ଖଳା ପରିସ୍ଥିତିରେ ସରକାର ନିର୍ବାଚନ ପୂର୍ବରୁ ତାଙ୍କ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇବା ଭଳି ରିସ୍କ ନେବା ଲାଗି ଚାହୁଁନାହାନ୍ତି। ଏଥିପାଇଁ ସରକାର କ୍ୟାଡର୍ ବାହାରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଆଣିବା ଲାଗି ଚାହାନ୍ତି, ଯାହା ୟୁଟି କ୍ୟାଡର ବାବୁମାନଙ୍କୁ କେବେହେଲେ ଖୁସି କରିବ ନାହିଁ। ତେବେ ଏସବୁ ଶୁଣାକଥା ଏବଂ ବାସ୍ତବରେ ସରକାର କ'ଣ ନିଷ୍ପତ୍ତି ନେବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡ଼ିନାହିଁ।

### ଟଣ୍ଡନ୍‌ଙ୍କୁ ନା

ଉତ୍ତରପ୍ରଦେଶ କ୍ୟାଡର ବରିଷ୍ଠ ଆଇଏଏସ୍ ଅଧିକାରୀ ଆଲୋକ ଟଣ୍ଡନଙ୍କୁ ସଚିବ ପଦରେ ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାର ରାଜି ହୋଇ ନ ଥିବା ଜଣାପଡିଛି। ଏପରିକି ସ୍ୱୟଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରି ବି କେନ୍ଦ୍ର ସରକାରଙ୍କୁ ମନାଇବାରେ ବିଫଳ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଏହାର ମୂଳ କାରଣ ହେଉଛନ୍ତି ନିଜେ ଟଣ୍ଡନ। ଗତ ଅକ୍ଟୋବରରେ ତାଙ୍କୁ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଏଆର୍‌ପିଜି)ର ସଚିବ ପଦ ସହିତ ପେନ୍‌ସନ ଓ ପେନ୍‌ସନଭୋଗୀ କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପାଇଁ କୁହାଯାଇଥିଲା, ଯାହାକୁ ସେ ମନା କରିଦେଇଥିଲେ। ସେଥିପାଇଁ ବର୍ତ୍ତମାନ ଯୋଗୀ ଆଦିତ୍ୟନାଥଙ୍କ ଅନୁରୋଧକୁ ବି କେନ୍ଦ୍ର ସରକାର ଟାଳିଦେଇଥିବା ଜଣାପଡ଼ିଛି। ଟଣ୍ଡନ୍ ଡିଏଆର୍‌ପିଜିରେ ଯୋଗଦେବାକୁ ଚାହୁଁ ନ ଥିଲେ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଆଉ ୧୨ ମାସ ସମୟ ଦେବା ଲାଗି କେନ୍ଦ୍ରକୁ ଚିଠି ଲେଖିବା ପାଇଁ କହିଥିଲେ। ସେ ଏବେ ନୋଏଡା, ଗ୍ରେଟର ନୋଏଡା ଓ ଯମୁନା ଏକ୍ସପ୍ରେସ୍‌ୱେ ଇଣ୍ଡଷ୍ଟ୍ରିଆଲ ଡେଭ୍‌ଲପ୍‌ମେଣ୍ଟ ଅଥରିଟିର ଅଧ୍ୟକ୍ଷ ଅଛନ୍ତି। ସେ ମଧ୍ୟ ଭିତ୍ତିଭୂମି ଓ ଶିଳ୍ପ ବିକାଶ ବିଭାଗର କମିଶନର (ଆଇଆଇଡିସି) ଦାୟିତ୍ୱରେ ରହିଛନ୍ତି। କେନ୍ଦ୍ର ସରକାର ତାଙ୍କ ଅନୁରୋଧକୁ ଗ୍ରହଣ କରିବାକୁ ମନା କରିଦେଲେ ଓ ଅସନ୍ତୋଷ ପ୍ରକାଶ କରିବା ପାଇଁ ତାଙ୍କୁ ସଚିବ ପଦରେ ନିଯୁକ୍ତିରୁ ବଞ୍ଚିତ କଲେ। ଏହି ବାବୁଙ୍କ ଚାକିରି କାଳ ଆଉ ତିନିବର୍ଷରୁ କମ୍ ବାକି ରହିଛି ଓ ତାଙ୍କ ଭବିଷ୍ୟତ କ୍ୟାରିୟରର ସମ୍ଭାବନା ଏବେ ସଂକୁଚିତ ହୋଇଯାଇଛି।

Email: dilipcherian@gmail.com

# ଆକାଶ ଛିଣ୍ଡିପଡ଼ିଲା



ଉପେନ୍ଦ୍ର ବିଶ୍ୱାଳ

ଟିକି ଚଢ଼େଇଟିଏ, ଟିଟ୍ଟିଭ ପକ୍ଷୀ। ରାତିରେ ଶୋଇବାବେଳେ ବି ଗୋଟେ ଗୋଡ଼ ଉପରକୁ ଟେକି ଶୋଇରହେ, ଆକାଶଟି ଛିଣ୍ଡି ପଡ଼ିବା ଆଶଙ୍କାରେ। ଶଙ୍କାଗ୍ରସ୍ତ ମନଟି ସଦା ସନ୍ଦେହରେ ଥାଏ– କାଳେ ଖସି ପଡ଼ିଲା କି ଆଉ। ଦିନେ, ହଠାତ୍ ବଡ଼ ଶବ୍ଦଟିଏ ହେଲା। ସେଇଠୁ 'ଆକାଶଟି ଛିଣ୍ଡି ପଡ଼ିଲା, ଆକାଶଟି ଛିଣ୍ଡି ପଡ଼ିଲା' ଚିତ୍କାର ଛାଡ଼ି ଦୌଡ଼ିଲା, ପକ୍ଷୀରାଜ ଇଗଲକୁ ଜଣାଇବାକୁ। ତା' ଦେଖାଦେଖି କାଠହଣା ପକ୍ଷୀଟି ବି ରଡ଼ି ଛାଡ଼ି ଦୌଡ଼ିଲା। ଦୁଇ ପକ୍ଷୀଙ୍କର ଉଦ୍‌ବିଗ୍ନ ଭାବ ଓ ଦୌଡ଼ ଦେଖି ବତକ ବି ଦୌଡ଼ିଲା, ତାଙ୍କ ସାଥିରେ ସତ ବୋଲି ମାନି। ବାଟରେ କୁଣ୍ଡାଖିଆ ପକ୍ଷୀ ଏମାନଙ୍କୁ ଦେଖି ଜାଣିବାକୁ ଚାହିଁଲା ବ୍ୟସ୍ତ ଓ ବିବ୍ରତ ହେବାର ରହସ୍ୟ। ତିନି ତୁଣ୍ଡରୁ 'ଆକାଶଟି ଛିଣ୍ଡି ପଡ଼ିଲା' ବୋଲି ଶୁଣି ସେ ବି ଛାନିଆ ହୋଇ ଦୌଡ଼ିଲା ଇଗଲକୁ ଅବଗତ କରାଇବାକୁ। ଏମାନଙ୍କର ସରଳପଣର ସୁଯୋଗ ନେଇ ଧୂର୍ତ୍ତ ଶୃଗାଳଟିଏ ଶିକାର ଉଦ୍ଦେଶ୍ୟରେ ଏମାନଙ୍କୁ ପଟେଇ ପାଛୋଟି ନେଲା, ପକ୍ଷୀରାଜ ଘରକୁ। ବଣସୀମାରେ ଗୋଟିଏ ବିଲର ହିଡ଼ରେ ଥିବା ଗାତଟିକୁ ଦେଖାଇ ''ଏଇଟା ହେଉଛି ପକ୍ଷୀରାଜ ଇଗଲଙ୍କର ଭୂତଳ ପ୍ରାସାଦ। ସୁଡ଼ଙ୍ଗ ଦେଇ ମୁଁ ପ୍ରଥମେ ପକ୍ଷୀରାଜଙ୍କ ପାଖକୁ ଯାଉଛି, ମୋ ପଛେ ପଛେ ତୁମେ ଜଣକ ପରେ ଜଣେ ଆସ'' କହି ଗାତ ଭିତରକୁ ପଶିଗଲା। ପ୍ରଥମେ ଟିଟ୍ଟିଭ ପକ୍ଷୀଟି ଅବିଳମ୍ବେ ଶିକାର ହେଲା। ପରେ ପରେ ବତକ ଓ କାଠହଣା ପକ୍ଷୀ ବି। କୁଣ୍ଡାଖିଆ ଶେଷରେ ଅତି ସନ୍ତର୍ପଣରେ ସତର୍କତାର ସହିତ ଭିତରକୁ ପଶୁଥିବାବେଳେ ଦୈବାତ୍ ବର୍ତ୍ତିଗଲା ଶୃଗାଳର ଶିକାରରୁ ଏବଂ ଏକମୁହାଁ ହୋଇ ଦୌଡ଼ିଲା ପ୍ରାଣ ବିକଳରେ। କଥାଟିର ମର୍ମାର୍ଥ ହେଲା– ବିନା ବିଚାରରେ କୌଣସି କଥାକୁ ଅନ୍ଧଭାବେ ଗ୍ରହଣ କରିନେବାଟା ବୋକାମି। ଏଇ ଯେମିତି, ଆକାଶଟି ଛିଣ୍ଡି ପଡ଼ିଲା ବୋଲି ଟିଟ୍ଟିଭ ପକ୍ଷୀଟି ଭ୍ରମିତ ହେଲା ଓ ଅନ୍ୟମାନେ ବି ତା' କଥାକୁ ଅନ୍ଧଭାବେ ଗ୍ରହଣ କରିନେଲେ, ବାସ୍ତବତାକୁ ନ ବୁଝି। ଦ୍ୱିତୀୟତଃ ଶୃଗାଳଟି ବହୁ ପରୀକ୍ଷିତ ଧୂର୍ତ୍ତ ବୋଲି ଜାଣି ବି ତା' କଥାରେ ଭଳିଯିବା ଅର୍ଥ ଅନର୍ଥକୁ ଆମନ୍ତ୍ରଣ କରିବା।

ଏବେ ଆସିବା ଆଲୋଚ୍ୟ ପ୍ରସଙ୍ଗଟିକୁ। ଦେଶରେ କୋଟି କୋଟି ଟଙ୍କାର ଧନ–ଜୀବନ ହାନି ହେଲା, ଦିନ କେଇଟାରେ। ମନେ ହେଲା, ସତେ ଯେମିତି ଏହା ଘଟିଗଲା ଇସଲାମାବାଦର ଇସାରାରେ ଅବା ଚାଇନାର ଚାହିଁବା ଅନୁଯାୟୀ। ଭାରତର ଭାବମୂର୍ତ୍ତି ଭୂଲୁଣ୍ଠିତ ହେଲା, ଦେଶର ସୁନାମ ଉପରେ ଆଞ୍ଚ ଆସିଲା। ଜାତିସଂଘ ଏବଂ ଇସ୍‌ଲାମିକ ଦେଶଗୁଡ଼ିକର ସହାନୁଭୂତି ସାଉଁଟିବାକୁ ପାକିସ୍ତାନକୁ ସୁଯୋଗଟି ମିଳିଗଲା। କୋଟି କୋଟି ଟଙ୍କାର ଦେଶ ସମ୍ପତ୍ତି ଯେଉଁ ନଷ୍ଟ ହେଲା, ତା' କ'ଣ ମୋଦିଙ୍କର ନା ଭାଜପାର? ଦେଶର କ୍ଷତି ଅର୍ଥ କ'ଣ ଆମର କ୍ଷତି ନୁହେଁ? ଏଇ କିଛିମାସ ପୂର୍ବରୁ କଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧରେ ଜାତିସଂଘର ଦ୍ୱାରସ୍ଥ ହୋଇଥିଲା ପାକିସ୍ତାନ, ଆମ ମୁହଁରୁ ଉଚ୍ଚାରିତ ଭାଷାକୁ ନେଇ। ପୁଣି ସେମିତି ପାକିସ୍ତାନକୁ ପ୍ରୋତ୍ସାହିତ କଲା ପରି ଭାଷା (ନାଗରିକ ସଂଶୋଧନ ପ୍ରସ୍ତାବକୁ ଜାତିସଂଘକୁ ନେବାକୁ) କହୁଛୁ। ଏହା କେଉଁ ପ୍ରକାର ରାଷ୍ଟ୍ରଭକ୍ତିର ଲକ୍ଷଣ? ସଂସଦର ଉଭୟ ସଦନରେ ପାରିତ ପ୍ରସ୍ତାବରେ ଏମିତି କ'ଣ ଥିଲା ଯେ ଆକାଶଟି ଛିଣ୍ଡି ପଡ଼ିଲା ବୋଲି ହୁରି ପଡ଼ିଲା। ତାକୁ ଠିକ୍ ତର୍ଜମା ନ କରି, ଆଗପଛ ବିଚାର ନ କରି ବିସ୍ଫୋରଣର ରୂପ ଦେବା କେତେଦୂର ଯୁକ୍ତିଯୁକ୍ତ। ବାମ ଓ ଦକ୍ଷିଣ ହସ୍ତ ଉଭୟଙ୍କର ଭୂମିକା ଭିନ୍ନ ଭିନ୍ନ। ଅଧିକ ସମ୍ମାନ ଓ ଗୁରୁତ୍ୱ ପାଉଥିବା ମନେ କରି ଡାହାଣ ହାତକୁ ବାମ ହାତ ଅସହିଷ୍ଣୁତାରେ କିଛି ବିପରୀତ ଭୂମିକା ନିର୍ବାହ କଲେ ଦେହକୁ କଷ୍ଟ ହେବ ହିଁ ହେବ। ପୋଡ଼ା–ଜଳା, ହିଂସାତ୍ମକ କାଣ୍ଡ ଭିଆଇବାଟା କଦାପି ମାନବୀୟ ଲକ୍ଷଣ ନୁହଁ। ସଂରଚନା କାର୍ଯ୍ୟ କରିବା ଯେମିତି ଦେବତ୍ୱ, ଧ୍ୱଂସାତ୍ମକ କ୍ରିୟାକଳାପ ବି ସେମିତି ଦାନବତ୍ୱ। ଆମେ କ'ଣ ଜଣେ ଜଣେ ସେଇ ଦାନବ ସମ୍ପ୍ରଦାୟର କି?

ବିଭାଜନ ବେଳାରୁ ଅଦ୍ୟାବଧି ଦଶନ୍ଧି ଦଶନ୍ଧି ଧରି ଲୁହଲହୁକୁ ପିଇ ଅତି ଦୟନୀୟ ଜୀବନ ନିର୍ବାହ କରୁଥିବା ଆଶ୍ରିତ ଓ ନିର୍ଯାତିତଙ୍କୁ ସମ୍ମାନର ସହିତ ଟିକେ ବଞ୍ଚିବାର ଅଧିକାର ଦେବାଟା କ'ଣ ମହାପାପ? ଅତୀତର ଭୁଲ୍‌ଗୁଡ଼ିକୁ ସୁଧାରିବାକୁ ପ୍ରୟାସ କରିବା କ'ଣ ଅନ୍ୟାୟ? ମୁସଲମାନମାନଙ୍କର ସ୍ୱାର୍ଥ ଜଗିବାକୁ ଅନେକ ଇସ୍‌ଲାମିକ୍ ଦେଶ ଥିଲାବେଳେ, ରୋହିଙ୍ଗ୍ୟା ମୁସଲମାନଙ୍କ ପାଇଁ ଲୁହ ଢାଳୁଥିବା ବ୍ୟକ୍ତିମାନେ ନିର୍ଯାତିତ ଏଇ ଅଣମୁସଲମାନ ସଂଖ୍ୟାଲଘୁଙ୍କ ପ୍ରତି ଏତେ ଅବେବେକୀ କେମିତି? ପାକିସ୍ତାନର ପ୍ରବକ୍ତା ସାଜୁଥିବା ବ୍ୟକ୍ତିମାନେ କହିପାରିବେ କି ସ୍ୱାଧୀନତାବେଳେ ପାକିସ୍ତାନରେ ଥିବା ପ୍ରାୟ ୧୫ ଭାଗ ହିନ୍ଦୁ ଆଜି କେମିତି ୧.୫ ଭାଗରେ ପହଞ୍ଚିଲେ। ଆମେରିକା ସମେତ ଅନେକ ମୁସ୍‌ଲିମ୍ ଦେଶ ଏପରି କି ଜାତିସଂଘର ବାରମ୍ବାର ତାଗିଦ୍ ଓ କଡ଼ା ଚେତାବନୀକୁ ଖ୍ୟାତିର ନ କରି ପାକିସ୍ତାନର ବନ୍ଧୁରାଷ୍ଟ୍ର ହୋଇ ବି ଚାଇନା ଗୋଟିଏ ପରେ ଗୋଟିଏ ଇସ୍‌ଲାମ ବିରୋଧୀ କଠୋର ପଦକ୍ଷେପମାନ ନେଇ ଚାଲିଛି। ଅତି ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଏଠାରେ ପିଢ଼ି ପରେ ପିଢ଼ି ବାସ କରୁଥିବା ମୁସଲମାନ ଭାଇମାନଙ୍କୁ ଉସୁକାଉଥିବା ବ୍ୟକ୍ତିମାନେ କେବେ ଚାଇନା ଆଡ଼କୁ ନଜର ଦେଇଛନ୍ତି କି? ଏମାନେ କହିପାରିବେ କି ବିଶ୍ୱର ବୃହତ୍ତମ ଜନସଂଖ୍ୟାର ଭୂଖଣ୍ଡ ଚାଇନାରେ ଆଜି କେତୋଟି ମଦ୍ରାସା ଚାଲିଛି ଇସ୍‌ଲାମୀ ପାଠ୍ୟ ଖସଡ଼ା ପାଇଁ। ବିଶ୍ୱର ସର୍ବାଧିକ ମୁସଲମାନବହୁଳ ଦେଶଟି ଆମ ଆଖିରେ ଆଙ୍ଗୁଠି ଗେଞ୍ଜି କହୁଛି– ମୋତେ ଟିକେ ଆଖି ପୂରାଇ ଦେଖ। ମୌଳବାଦରୁ ମୁକ୍ତ ରହୁଥିବା ଯୋଗୁ ମୁଁ କେମିତି ଆଗେଇ ଚାଲିଛି ଶାନ୍ତି ଓ ସମୃଦ୍ଧିର ପଥେ। ଇଣ୍ଡୋନେସିଆର ଏ ଇଙ୍ଗିତକୁ ନା ବୁଝୁଛି ପାକିସ୍ତାନ ନା ଆମ ଦେଶର ଛଦ୍ମ ଧର୍ମନିରପେକ୍ଷତାର ଧ୍ୱଜାଧାରୀମାନେ। ବିଡ଼ମ୍ବନାର ବିଷୟ ଯେ ଧୂର୍ତ୍ତ ରାଜନେତାମାନଙ୍କଠାରୁ ବାରମ୍ବାର ଭଣ୍ଡିତ, ଲଣ୍ଡିତ ହୋଇ ବି ଆମର ଚେତା ପଶୁନି ଅଦ୍ୟାବଧି। ଭାରତର କିଛି ରାଜନେତା ଓ ସମ୍ପୃକ୍ତ ଦଳଗୁଡ଼ିକ ମୁସଲମାନମାନଙ୍କୁ ଏ ଦେଶର ମହାର୍ଘ ମଣିଷ ବା ଭାଗ୍ୟବାନ ବାସିନ୍ଦା ବୋଲି ବିଚାରନ୍ତି ନାହିଁ। ବରଂ ଭୋଟ ପାଇଁ ଉଦ୍ଦିଷ୍ଟ ଏକ ସଂରକ୍ଷିତ ସମ୍ପ୍ରଦାୟ ବୋଲି ବିବେଚନା କରୁଥିବାର ମନେ ହୁଏ। ରାଜନୀତିର ରୋଟି ସେକିବାକୁ ବ୍ୟଗ୍ର ଏଇ ବ୍ୟକ୍ତିମାନେ ସାଧାରଣ ଲୋକଙ୍କୁ ଉସୁକାଇଥା'ନ୍ତି ବନ୍ଦ ଆଦି ନକାରାତ୍ମକ କାମ କରିବାକୁ। ଆମେ ଏହା ସତ୍ତ୍ୱେ ସେମାନଙ୍କ କଥାରେ ଭଳିଯାଉ ବାରମ୍ବାର। ଆଉ, ସେତେବେଳେ ଚେତା ପଶେ ଯେତେବେଳେ ପୋଲିସ ନାନାଦି ଦଫା ଲଗାଇ ଆମ ବିରୋଧରେ ମକଦ୍ଦମା ଚଳାଏ। ବର୍ଷେ ତଳେ ଭଦ୍ରକରେ ସଂଘଟିତ ଦଙ୍ଗାରେ ଫସିଥିବା ବ୍ୟକ୍ତିମାନେ ଯେମିତି ଅଙ୍ଗେ ନିଭାଉଛନ୍ତି ଭୟଙ୍କର ଶଠତାର ଶିକାର ହୋଇ।

ବିଚିତ୍ର ସ୍ଥିତି ଏ ଭୂମିରେ। ସିବିଆଇ ଯଦି ପିଛା କଲା ବା ସ୍ୱାର୍ଥପୂର୍ତ୍ତିରେ ବାଧା ଉପୁଜିଲା, କେନ୍ଦ୍ରବିରୋଧୀ ହେବାକୁ ବେଶି ସମୟ ଲାଗେନି ଏଠି। ପୁଲ୍‌ୱାମାଠାରେ ସଂଘଟିତ ନରସଂହାର ବିରୋଧରେ ଆମ ସେନାର କଡ଼ା ଜବାବକୁ ମଧ୍ୟ ଆମେ ନାପସନ୍ଦ କରୁ। ତିନି ତଲାକ୍ ପରି ବର୍ବର ବ୍ୟବସ୍ଥାର ଉଚ୍ଛେଦକୁ ବିରୋଧ କରୁ। କଶ୍ମୀର ଘାଟିର ଯାବତୀୟ ସମସ୍ୟାର ମୂଳାଧାର ଥିବା ୩୭୦ ଧାରାର ଉଚ୍ଛେଦକୁ ତୀବ୍ର ବିରୋଧ କରୁ। ଭାରତର ସରଳ ଜନସାଧାରଣ କେବେ ଜାଣିବାକୁ ପ୍ରୟାସ ବି କରନ୍ତି ନାହିଁ ସାମାନ୍ୟ ପ୍ରସଙ୍ଗକୁ ଆଳ କରି, ସେଥିରେ ପେଟ୍ରୋଲ ଢାଳି ଅଗ୍ନିସଂଯୋଗ କରୁଥିବା ବ୍ୟକ୍ତିମାନଙ୍କର ଅସଲ ଚେହେରାକୁ। ନିଷିଦ୍ଧ ଉଗ୍ରବାଦୀ ସଂଗଠନ 'ସିମି'ର ପ୍ରତିଷ୍ଠାତା ଜଣେ ସଦସ୍ୟକୁ ରାଜ୍ୟ ସଭାକୁ ପଠାଇ ପୁରସ୍କୃତ କରିବା କି ପ୍ରକାର ଦେଶଭକ୍ତି? ସାରଦା ଚିଟ୍‌ଫଣ୍ଡ ସହିତ ଆତଙ୍କବାଦୀ ସଂଗଠନଗୁଡ଼ିକର ସମ୍ବନ୍ଧ କ'ଣ? କାହିଁକି ବାଂଲାଦେଶ ସରକାର ଏ ସଂକ୍ରାନ୍ତରେ ଭାରତ ନିକଟରେ ତୀବ୍ର ପ୍ରତିବାଦ ଜଣାଇଥିଲା? ସିବିଆଇ କବଳରୁ ଜଣେ ପୋଲିସ ଅଫିସରଙ୍କୁ ନିଜ ପଣତ ତଳେ ଲୁଚାଇ ରଖିବାର ଉଦ୍ଦେଶ୍ୟ କ'ଣ? ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ବସିଲେ ଆମେ ପାଇପାରିବା ଏମାନଙ୍କର ପ୍ରକୃତ ପରିଚୟ। ଆମେ ରହୁ ବା ନ ରହୁ ଦେଶର ଗୌରବ ଗରିମା ଅକ୍ଷୁଣ୍ଣ ରହୁ। ଦେଶ ସୁରକ୍ଷିତ ରହୁ।

ମୋ– ୯୪୩୭୪୩୬୦୭୩,
unbiswal05@gmail.com

# ବାସ୍ତବ ପ୍ରଭୁପୂଜା



ବରଦା ପ୍ରସନ୍ନ ଦାସ

ପରମାତ୍ମାଙ୍କ ଶାସନର ସମ୍ବିଧାନ ହେଉଛି ବେଦ। ଭୋଗବିଳାସର ବସ୍ତୁଗୁଡ଼ିକୁ ଶ୍ରେଷ୍ଠ ସମ୍ପଦ ମଧ୍ୟରେ ଗଣାଯାଏ ନାହିଁ। ବାସ୍ତବିକ ମନୁଷ୍ୟର ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାସ୍ଥ୍ୟବାନ ଶରୀର ଓ ଉତ୍ତମ ଚରିତ୍ର। ଭାଗବତରେ ଲେଖାଅଛି– ''ବିଶ୍ୱାସ ମୂଳେ ଏ ଜଗତ, ପ୍ରାଣୀ ହୁଅନ୍ତି ଆତଯାତ।'' ବିଶ୍ୱାସ ଆଧାରରେ ସବୁ କାମ ଚାଲେ। କେତେକ ପୂର୍ବପୁରୁଷ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସୀମାବଦ୍ଧ। ଆଉ କେତେକ ପୂର୍ବପୁରୁଷ ଅନୁଯାୟୀ ପ୍ରଚଳିତ। ସମାଜ, ଜାତି, ସମ୍ପ୍ରଦାୟ, ଦେଶ ଦେଶ ମଧ୍ୟରେ ଏହାର ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହାର କାରଣ ହେଲା ଭିନ୍ନ ଭାଷା, ବିଭିନ୍ନ ପରମ୍ପରା, ଧର୍ମ ଓ ଧର୍ମ ଧାରଣାର ସ୍ୱାଧୀନତା। ବିଭିନ୍ନ ସମ୍ପ୍ରଦାୟର ଧର୍ମଶାସ୍ତ୍ର ଆଧାରରେ ମଣିଷର ବିଶ୍ୱାସ, ଚିନ୍ତନ ପରମ୍ପରା ଗତିକରେ। ଏ ସବୁ ମଧ୍ୟରେ ଆମର ସର୍ବ ପୁରାତନ ଶାସ୍ତ୍ରକୁ ପରାଧୀନତାର ବନ୍ଧନ ଭିତରେ ରଖି ଆମେ କ୍ରମେ ବହୁ ମାତ୍ରାରେ ଭୁଲିଯିବାକୁ ବାଧ୍ୟ ହେଉଛୁ। ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଲା ଓ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ହାସଲ କଲା। ଏହା ପୂର୍ବରୁ ବିଦେଶୀ ଶାସନ ଚାଲିଥିଲା। ଆମ ଶାସ୍ତ୍ରକୁ ଘରକୁ ଘର ବୁଲି ନଷ୍ଟ ଭ୍ରଷ୍ଟ କରିଦିଆଯାଇଥିଲା। ତେଣୁ ସେଥିରୁ ଆମେ ଦୂରେଇ ଯିବାକୁ ବାଧ୍ୟ ହୋଇଛୁ। ମହାନ୍ ବ୍ୟକ୍ତି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଆମ ସର୍ବପୁରାତନ ସନାତନ ଧର୍ମଶାସ୍ତ୍ର ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ହୋଇଛି। ଅତୀତରେ ପୁରାଣ, କୋରାନ ଓ ବାଇବେଲର ଅନ୍ଧବିଶ୍ୱାସଗୁଡ଼ିକୁ ଖଣ୍ଡନ କଲେ ବୋଲି ବୈଜ୍ଞାନିକ ଗାଲିଲିଓଙ୍କୁ ଦିଆଗଲା ଆମରଣ ଜେଲ ଯାତନା, ବୈଜ୍ଞାନିକ ବ୍ରୁନୋଙ୍କୁ କିରୋସିନ ଢାଳି ମାରି ଦିଆଯାଇଥିଲା, ମହର୍ଷି ଦୟାନନ୍ଦଙ୍କୁ ବିଷ ଦେଇ ହତ୍ୟା କରାଗଲା ଓ ମହାତ୍ମା ସକ୍ରେଟିସଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

ଅନ୍ଧବିଶ୍ୱାସ ଯୋଗୁ ମାନବ ଜାତି ଭିତରେ ଭେଦଭାବ ବଢ଼ି ଚାଲିଛି। ଫଳରେ ଆମେ ଅସହ୍ୟ ଦୁଃଖଦୁର୍ଦ୍ଦଶା ଭୋଗକରି ଅଶାନ୍ତି ମଧ୍ୟରେ ଗତି କରିଚାଲିଛୁ। ଏସବୁଥିରୁ ଉଦ୍ଧାର ପାଇବାକୁ ହେଲେ ବେଦର ସାରକଥା ଆମକୁ ମାନିବାକୁ ହେବ।

ବେଦର ମର୍ମାର୍ଥ ହେଲା, ଜୀବଗଣଙ୍କୁ ସାହାଯ୍ୟ କରିବା ଦ୍ୱାରା ପରମପିତା ପ୍ରସନ୍ନ ହୋଇଥାନ୍ତି। ଅର୍ଥାତ୍ ଦୁଃଖୀର ଦୁଃଖ ନିବାରଣ, ରୋଗୀକୁ ଔଷଧ ବଣ୍ଟନ, କ୍ଷୁଧାର୍ଥୀକୁ ଅନ୍ନଦାନ, ତୃଷାର୍ତ୍ତକୁ ଜଳଦାନ, ନିର୍ବସ୍ତ୍ରକୁ ବସ୍ତ୍ର ଦାନ, ଅଜ୍ଞାନକୁ ଜ୍ଞାନଦାନ, ଅସହାୟକୁ ସହାୟତା ପ୍ରଦାନ, ବିପଦରେ ଥିବା ଲୋକଙ୍କୁ ଉଦ୍ଧାର କରିବା ଓ ପର ଉପକାର ଇତ୍ୟାଦି। ଏସବୁ କାର୍ଯ୍ୟ ହେଲା ବାସ୍ତବ ପ୍ରଭୁପୂଜା। ଜୀବଜଗତର ସେବା ହିଁ ସର୍ବଶ୍ରେଷ୍ଠ ଧର୍ମ। ଅତଏବ ପରମେଶ୍ୱରଙ୍କୁ ପୂଜା କରିବାର ଏତେ ସୁନ୍ଦର ପ୍ରଣାଳୀକୁ ଛାଡ଼ି ମନ୍ଦିରରେ ପୂଜାପାଠ କରିବା ଦ୍ୱାରା କିଛି ଲାଭ ହୋଇ ନ ଥାଏ।

ସକାଳେ ସନ୍ଧ୍ୟାରେ କିଛି ସମୟ ଈଶ୍ୱର ଚିନ୍ତନ ଏକାଗ୍ର ମନରେ କରିବା ଉଚିତ। ଏହାକୁ ହିଁ ଧ୍ୟାନ କୁହାଯାଏ। ସେହି ଦୟାମୟ ପରମେଶ୍ୱରଙ୍କ ଗୁଣ ଚିନ୍ତନ ହିଁ ପ୍ରଭୁପୂଜା। ବେଦ ହେଉଛି ବିଶ୍ୱ ପାଠାଗାରର ସର୍ବପ୍ରାଚୀନ ପୁସ୍ତକ। ବେଦଠାରୁ ମଣିଷ ସମାଜ ଦୂରେଇ ଯିବାର କାରଣ ହେଲା ଏହାକୁ ନିୟମିତ ପାଠ କରୁଥିବା ବ୍ରାହ୍ମଣମାନେ ଏଥିରୁ ନିବୃତ୍ତ ହୋଇ ବିଭିନ୍ନ ପୁରାଣ ଆଦି ପାଠ ଦିଗରେ ଆଗ୍ରହ ପ୍ରକାଶ କଲେ। ଶୃଙ୍ଗାରରସାତ୍ମକ ସଂସ୍କୃତ କାବ୍ୟ ଆଲୋଚନା ପାଇଁ ଆଗ୍ରହ ପ୍ରକାଶ ପାଇଲା। ସାମ୍ପ୍ରଦାୟିକ ଗୁରୁମାନେ ନିଜ ନିଜର କାୟା ବିସ୍ତାର କରି ସମାଜରେ ଆଧିପତ୍ୟ ଜାହିର କଲେ। ପ୍ରାଦେଶିକ ଭାଷା ପ୍ରଚଳନ ଫଳରେ ସଂସ୍କୃତ ଭାଷା ଅଧ୍ୟୟନ ପ୍ରତି ଆଗ୍ରହ କମିଲା। ସମ୍ପ୍ରତି କେତେଜଣ ମହାନ୍ ବ୍ୟକ୍ତି ବେଦର ପୁନରୁଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଶ୍ୱର ଜୀବଗଣଙ୍କ ଉପକାର କରିବା ଦ୍ୱାରା ହିଁ ବିଶ୍ୱପିତା ଆମ ଉପରେ ପ୍ରସନ୍ନ ହୋଇଥାନ୍ତି।

ସେହିପରି ଭାବେ ସେବା। ଲୋକଙ୍କର ସେବା କରିବା ପାଇଁ ସମସ୍ତ ଯୋଜନା ପ୍ରଣୟନ କରାଯାଇଛି। ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱର ବିଭିନ୍ନ ଦେଶରେ ସରକାର ଚେଷ୍ଟିତ। ଓଡ଼ିଶା ରାଜ୍ୟ ପ୍ରଶାସନର କେନ୍ଦ୍ରସ୍ଥଳୀ ସଚିବାଳୟଠାରେ ନିୟନ୍ତ୍ରଣ ଚାବିକାଠି ରହିଛି। ଲୋକଙ୍କର ସେବା କରିବାକୁ ପ୍ରାଧାନ୍ୟ ଦିଆଯାଇ ପ୍ରଥମେ ରାଜ୍ୟ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ 'ଲୋକସେବା ଭବନ' ରଖାଯାଇଛି, ଯାହାକି ବେଦର ଆଦର୍ଶକୁ ଯଥାର୍ଥ ସମ୍ମାନ ମିଳିଛି। ପ୍ରତ୍ୟକ୍ଷ ଓ ପରୋକ୍ଷରେ, ଜାଣତ ହେଉ ବା ଅଜାଣତରେ ପ୍ରଭୁପୂଜାର ଅର୍ଥ ଲୋକସେବାକୁ ହିଁ ବୁଝାଇଥାଏ। ଯେଉଁ ହିନ୍ଦୁ ଧର୍ମଶାସ୍ତ୍ର ବେଦ ଏପରି ସତ୍ୟ ଓ ଯଥାର୍ଥ ବିଚାରରେ ପରିପୂର୍ଣ୍ଣ, ସେହି ହିନ୍ଦୁ ଆଜି ଅଜ୍ଞାନତାର ମହାରୋଗରେ ପୀଡ଼ିତ, ଅଜ୍ଞାନତାର ଘନ ଅନ୍ଧକାରରେ ଆଚ୍ଛନ୍ନ ଭ୍ରମ ଏବଂ ଅନ୍ଧବିଶ୍ୱାସର ଅନ୍ଧକୂପରେ ନିପୀଡ଼ିତ। ଏଣୁ ଆସନ୍ତୁ, ଆମ ପୁରାତନ ଉପାଦେୟ ଶାସ୍ତ୍ର ବେଦକୁ ଉଦ୍ଧାର ପାଇଁ ଉଦ୍ୟମ କରିବା ଓ ପ୍ରକୃତ ଜ୍ଞାନର ପରିଚୟ ପାଇଁ ଜାତି ଓ ଦଳମତ ନିର୍ବିଶେଷରେ ଏକାଠି କାର୍ଯ୍ୟକରିବା। ଏହାର ସରଳୀକରଣ ଏବଂ ଓଡ଼ିଆ ଅନୁବାଦ କରାଇ ସମସ୍ତ ଜିଲା ଏବଂ ଉପଖଣ୍ଡସ୍ତରରେ ଉପଲବ୍ଧ କରାଇବା ପାଇଁ ପଦକ୍ଷେପ ନେବା। ଏ ଦିଗରେ ସର୍ବାଗ୍ରେ ସମସ୍ତଙ୍କର ଆଗ୍ରହ ପ୍ରକାଶ ପାଇବା ଆଜିର ସବୁଠୁ ବେଶି ଆବଶ୍ୟକତା। ଅତୀତରେ ଦେବଭୂମି ଭାରତରେ ଗୁରୁକୁଳ ଆଶ୍ରମଗୁଡ଼ିକରେ ସଂସ୍କୃତ ଭାଷା ସହ ଅଧ୍ୟୟନ କରାଯାଉଥିଲା। କାଳକ୍ରମେ ସେଗୁଡ଼ିକ ଲୋପ ପାଇବା ପରେ ସଂସ୍କୃତ ଭାଷା ସହ ବେଦପାଠ ଲୋପ ପାଇଥିଲା। ସମ୍ପ୍ରତି ପୁନର୍ବାର ଭାରତରେ ଏକଶହରୁ ଊର୍ଦ୍ଧ୍ୱ ଗୁରୁକୁଳ ଶିକ୍ଷା ଆଶ୍ରମ ଚାଲୁଛି। ଏହାର ସଂଖ୍ୟା ବୃଦ୍ଧି ପାଇଲେ ଏବଂ ସଂସ୍କୃତ ଭାଷାର ପ୍ରଚଳନ ବୃଦ୍ଧି ହେଲେ ବେଦପାଠର ଚାହିଦା ବୃଦ୍ଧି ପାଇବ।

ମହାନ୍ତି ଲେନ୍, କେଶରପୁର, କଟକ–୧,
ମୋ–୯୮୬୧୧୪୫୬୮୭

## ଏଇ ଭାରତରେ

ଜୀବନର ମୋଡ଼ କେତେବେଳେ କେମିତି ନେବ ତାହା କହିବା ମୁସ୍କିଲ, ଯେମିତି ଘଟିଛି ଅର୍ମିଦାଙ୍କ କ୍ଷେତ୍ରରେ। ୭୬ ବର୍ଷୀୟା ଅର୍ମିଦା ଫର୍ଣ୍ଣାଡିଜ୍ ଲକ୍ଷ ଲକ୍ଷ ଶିଶୁଙ୍କ ଜୀବନ ବଞ୍ଚାଉଛନ୍ତି। ୧୯୭୧ରୁ ମହାରାଷ୍ଟ୍ର ସିଓନସ୍ଥିତ ହସ୍ପିଟାଲର ନିଓନାଟାଲ କେୟାର୍ ୟୁନିଟ୍‌ରେ ନାଟୋଲୋଜିଷ୍ଟ ଭାବେ ଦାୟିତ୍ୱ ନିର୍ବାହ କରିବା ସମୟରେ ସେହି ଅଞ୍ଚଳର ଗରିବ ପରିବାର ତଥା ମୁମ୍ବାଇର ଧରାବି ବସ୍ତିର ରୁଗ୍‌ଣ ଓ ଅପରିପକ୍ୱ ଶିଶୁମାନଙ୍କ ଯତ୍ନ ନେବା ଆରମ୍ଭ କରିଥିଲେ। ଏହି ଅଞ୍ଚଳରେ ମା' ଓ ଶିଶୁମୃତ୍ୟୁ ଘଟଣା ଅତି ସାଧାରଣ। ଦିବ୍ୟାଙ୍ଗ ଶିଶୁ ଜନ୍ମ ନେଲେ ମା'ମାନେ ସେମାନଙ୍କୁ ନେବା ଲାଗି ଅମଙ୍ଗ ହୋଇଥାନ୍ତି। ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁଧାରିବା ସହ ଶିଶୁ ମୃତ୍ୟୁହାର କମାଇବା ଲାଗି ଫର୍ଣ୍ଣାଡିଜ ୧୯୮୯ରେ ପ୍ରଥମ ହ୍ୟୁମ୍ୟାନ୍ ମିଲ୍କ ବ୍ୟାଙ୍କ୍ ଆରମ୍ଭ କରିଥିଲେ। ବଳାତ୍କାରରେ ଜଣେ ଛୋଟ ଶିଶୁର ମୃତ୍ୟୁ ହେବା ଘଟଣା ତାଙ୍କୁ ପ୍ରଭାବିତ କରିଥିଲା। ପରେ ସେ ତାଙ୍କ ବନ୍ଧୁଙ୍କ ସହଯୋଗରେ 'ସ୍ନେହା' ନାମକ ସ୍ୱେଚ୍ଛାସେବୀ ସଂସ୍ଥା ଆରମ୍ଭ କରିଥିଲେ। ଏହି ସଂସ୍ଥା ପ୍ରସୂତି ଓ ନବଜାତର ସ୍ୱାସ୍ଥ୍ୟ, ପିଲାଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକାରକ ଖାଦ୍ୟ ଉପରେ ଗୁରୁତ୍ୱ ଦେଉଛି। ମହିଳା ଓ ପିଲାମାନଙ୍କ ଉପରେ ହେଉଥିବା ହିଂସା ଦୂର କରିବା ପାଇଁ କାର୍ଯ୍ୟ କରୁଛି। ଫର୍ଣ୍ଣାଡିଜ 'ସ୍ନେହା' ମାଧ୍ୟମରେ ଗାଁ ଓ ବସ୍ତିରେ କାର୍ଯ୍ୟ କରୁଛନ୍ତି। ୟୁନିଭର୍ସିଟି କଲେଜ ଲଣ୍ଡନ (ୟୁସିଏଲ୍)ର ଜଣେ ଡାକ୍ତର ତାଙ୍କ କାର୍ଯ୍ୟ ଦେଖିବା ପରେ ୟୁସିଏଲ୍ ୧୫ ବର୍ଷଯାଏ ଏହି ସଂସ୍ଥାକୁ ସହଯୋଗ କରିଥିଲା। ପରେ ଫର୍ଣ୍ଣାଡିଜଙ୍କ ସହ ବହୁ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ମୁମ୍ବାଇ ବସ୍ତିରୁ ଆରମ୍ଭ ହୋଇଥିବା ତାଙ୍କର ଏହି ସଂସ୍ଥା ଏବେ ମହାରାଷ୍ଟ୍ରର ସବୁ ଜିଲା ସମେତ ଅନ୍ୟ ୭ଟି ରାଜ୍ୟରେ କାର୍ଯ୍ୟ କରୁଛି। ସଂସ୍ଥାରେ ୪୦୦ ସ୍ଥାୟୀ କର୍ମଚାରୀ ଓ ୭୦୦ ସ୍ୱେଚ୍ଛାସେବୀ ସେବାରେ ଲାଗିଛନ୍ତି। ଫର୍ଣ୍ଣାଡିଜଙ୍କ ସ୍ୱାମୀ ଜଣେ ଡାକ୍ତର ଓ ସେ ମଧ୍ୟ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି।

### ଚିରନ୍ତନୀ

ହେ ନିଜଭୁଲା ! କେସନ କହ
ନ ଭୁଲ ପଥ ବନ ରାଇଜେ ?
ଅନ୍ଧାରି ଏହି କଣ୍ଟକ ପଥେ
ଜନ ପରାଣୀ ନାହିଁ କାହିଁ ଯେ !
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଜାନୁୟାରୀ ୧୯୯୫

- ଭାରତ ଓ ଇରାନ ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ସହଯୋଗ ଚୁକ୍ତି ସ୍ୱାକ୍ଷରିତ।
- ପୂର୍ବତନ ମନ୍ତ୍ରୀ ଲଳିତମୋହନ ଗାନ୍ଧୀ ଓଡ଼ିଶା କଂଗ୍ରେସ ନାମରେ ଏକ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | | 8 | | A | 5 | 9 | | | | 0 | 6 |
| | | | 4 | | | 1 | | | C | | E | | | |
| | | 6 | 0 | | | | | 2 | | 5 | | A | | B |
| 5 | | 9 | A | | | | | | | | B | 3 | | |
| | | | | 5 | | | 4 | B | 1 | | | | | |
| | | | 5 | | | B | | 0 | | | 2 | | 3 | |
| | | | | C | | 9 | | 7 | | | | | A | |
| E | B | | | 2 | | | C | | | D | | | 1 | 9 |
| 3 | | | 6 | | 7 | | | | 5 | | | 4 | | 0 |
| | 7 | | | D | 1 | | | 8 | | 6 | C | | 5 | E |
| | | | | | E | A | 9 | | | 1 | 7 | | | |
| | 6 | | | 8 | | | | 4 | | | | C | D | |
| 1 | 3 | | | 4 | | 7 | | | | | D | | | |
| | | A | | 3 | D | | | | | | | E | | 1 |
| D | | | | | | E | 0 | | | 2 | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | C | 2 | 8 | B | A | 1 | 6 | E | 4 | 7 | 5 | 9 | 3 |
| 1 | 9 | 2 | E | 6 | A | D | B | 3 | 5 | 8 | C | 4 | 7 | 0 |
| B | 7 | 5 | 3 | 1 | 9 | 4 | C | 8 | 0 | A | D | 6 | E | 2 |
| A | E | 6 | C | 4 | 7 | 5 | 0 | 9 | 2 | 1 | 3 | D | 8 | B |
| 8 | 3 | 4 | 5 | 0 | D | 2 | 7 | E | B | 9 | 6 | 1 | A | C |
| 7 | C | 0 | 9 | E | 3 | B | D | 1 | 8 | 5 | 4 | A | 2 | 6 |
| 4 | B | A | 1 | D | 6 | 3 | 8 | 2 | C | 7 | 9 | 0 | 5 | E |
| E | 8 | 3 | A | 2 | 5 | 6 | 4 | C | D | 0 | 1 | 9 | B | 7 |
| 9 | 5 | 1 | 4 | B | 8 | 7 | A | 0 | 6 | 2 | E | 3 | C | D |
| 6 | 2 | D | 0 | 7 | C | E | 9 | 5 | 3 | B | A | 8 | 4 | 1 |
| 2 | 6 | 8 | 7 | 3 | 4 | 9 | E | B | A | D | 0 | C | 1 | 5 |
| D | 4 | 9 | B | C | 2 | 0 | 3 | A | 1 | E | 5 | 7 | 6 | 8 |
| C | A | B | D | 5 | E | 1 | 6 | 4 | 7 | 3 | 8 | 2 | 0 | 9 |
| 3 | 0 | E | 8 | A | 1 | C | 5 | 7 | 9 | 6 | 2 | B | D | 4 |
| 5 | 1 | 7 | 6 | 9 | 0 | 8 | 2 | D | 4 | C | B | E | 3 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦୋନ୍ନତି

ମହାଶୟ,

ଧରିତ୍ରୀ(୨୫।୧୨)ର ସମ୍ପାଦକୀୟ 'ପଦୋନ୍ନତି' ଶୀର୍ଷକରେ ରାଜ୍ୟରେ କାର୍ଯ୍ୟରତ ତୃତୀୟ ଓ ଚତୁର୍ଥ ଶ୍ରେଣୀର ସରକାରୀ କର୍ମଚାରୀମାନେ ପଦୋନ୍ନତି କ୍ଷେତ୍ରରେ ଅବହେଳାର ଶିକାର ହେବାର ଅନୁଶୀଳନ ବେଶ୍ ଉଚ୍ଚକୋଟୀର ହୋଇଛି। ଏପରି ତଳିଆ କର୍ମଚାରୀମାନେ ପ୍ରଶାସନର ମୂଳ ସ୍ତରରେ କାର୍ଯ୍ୟରତ ଥାଇ ନିଜର ଦକ୍ଷତା ଓ ଅଭିଜ୍ଞତା ବଳରେ ସରକାରଙ୍କ ସହାୟକ ହୋଇଥିଲେ ହେଁ ସେମାନଙ୍କ ଚାକିରି କାଳରେ ବେଶି ହେଲେ ଗୋଟିଏ ବା ଦୁଇଟି ପଦୋନ୍ନତି ମିଳେ। ଖାଲି ମଝିରେ ମଝିରେ ପଦୋନ୍ନତି କମିଟି ବୈଠକ ବସିବ ଓ ଆଶାୟୀମାନେ ଉପକୃତ ହେବେ ବୋଲି ହାଓ୍ୱା ସୃଷ୍ଟି କରାଯାଏ। ଚାତକ ପରି ଅନାଇ ରହିଥିବା ମଧ୍ୟମ ଓ ତଳିଆ କର୍ମଚାରୀଙ୍କ ଆଶା ନିରାଶାରେ ପରିଣତ ହୁଏ। ଉପରିସ୍ଥ ଅଧିକାରୀଙ୍କ ବିରୋଧରେ ଅଧସ୍ତନ କର୍ମଚାରୀ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟାଇପାରନ୍ତି ନାହିଁ। କିନ୍ତୁ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନେ ଯଥାସମୟରେ ପଦୋନ୍ନତି ପାଇ ବହୁ ସୁବିଧାସୁଯୋଗ ହାସଲ କରନ୍ତି। ବହୁ ବିଳମ୍ବରେ ହେଲେ ମଧ୍ୟ ସରକାର ଏପରି ତଳିଆ କର୍ମଚାରୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ଡିସେମ୍ବର ୩୧ ତାରିଖ ସୁଦ୍ଧା ପଦୋନ୍ନତି ପ୍ରକ୍ରିୟା ଶେଷ କରି ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ରାଜ୍ୟ ସଙ୍ଗୀତ ମାନ୍ୟତା କେବେ

ଏବେ ରାଜ୍ୟରେ ଖାଦ୍ୟଶସ୍ୟ ଓ ପନିପରିବା ଅମଳ ଏବଂ ବିକ୍ରିବଟା ସମୟ। ଗାଁଠୁ ସହର ଖେଳକୁଦ, ଉତ୍ସବ ଆଉ ପିକ୍‌ନିକ୍ ଋତୁ ଚାଲିଛି। ଶୀତବସ୍ତ୍ର ବିକାଳି ଗରାଖଙ୍କ ମନ କିଣି ନେଉଛନ୍ତି। ବିଳମ୍ବ ନ କରି ଏବେ ବନ୍ଦେ ଉତ୍କଳ ଜନନୀ ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାର ଅଭିଯାନ ପାଇଁ ପଡିରହିଥିବା ଶୀତଳଭଣ୍ଡାରରୁ ଅବିଳମ୍ବେ କଢାଗଲେ ଭଲହୁଅନ୍ତା। ଭଟ୍‌ଲି ଏମଏଲ୍ଏ ଓ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ମନ୍ତ୍ରୀଙ୍କ କହିବା ଅନୁଯାୟୀ ବନ୍ଦେ ଓଡ଼ିଶା ଜନନୀ ହେଲେ ଭଲ ହୋଇଥାଆନ୍ତା। ଏପରି ଦେଖିବାକୁ ଗଲେ ଜନଗଣ ମନରେ ଉତ୍କଳ ଅଛି ଓ ଓଡ଼ିଶାବାସୀ ସମସ୍ତେ ମୁଣ୍ଡପାତି ମାନିନେବା ଦରକାର। କାବ୍ୟ ଓ ସାହିତ୍ୟରେ ଓଡ଼ିଶା ଅର୍ଥରେ ଉତ୍କଳ ଶବ୍ଦ ବ୍ୟବହାର କରାଯାଇଥାଏ। ଏଥିରେ କିଛି ଭୁଲ୍ ନାହିଁ। ସରକାରଙ୍କ ନିର୍ଦ୍ଦେଶ ପରେ ରାଜ୍ୟର କେବଳ ଔଷଧ ଦୋକାନଗୁଡ଼ିକରେ ବଡ଼ ବଡ଼ ଅକ୍ଷର ଥିବା ଓଡ଼ିଆ ନାମଫଳକ ଦୃଶ୍ୟମାନ। ଗୋଟିଏ ଦିନରେ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ଭଳି ପୁରୁଣା ନାମଫଳକ କାଢ଼ିଦେଇ ସବୁ ବ୍ୟବସାୟ ପ୍ରତିଷ୍ଠାନ ଏକ ନିର୍ଦ୍ଦିଷ୍ଟ ତାରିଖରୁ ବଡ଼ ବଡ଼ ଓଡ଼ିଆ ଅକ୍ଷରରେ ଲେଖାଥିବା ନାମଫଳକ ବ୍ୟବହାର କରନ୍ତୁ। ସରକାର ସେ ଦିଗରେ ଉଦ୍ୟମ କରନ୍ତୁ। ଅନ୍ୟ ଭାଷାରେ ଛୋଟ ଛୋଟ ଅକ୍ଷରରେ ଲେଖା ରହିଲେ କାହାରି କିଛି ଅସୁବିଧା ରହିବନି।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଧିକା ଲାଭକୁ ଧାଉଁଥିବା ଲୋଭୀ ଲୋକ
ହିଁ କେବଳ ଠକାମୀରେ ପଡିଥାଏ।
- ବାକନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।
- ରାଜକିଶୋର ନାୟକ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ଦଶମ ଶ୍ରାଦ୍ଧବାର୍ଷିକୀରେ ବକ୍ତୃତାମାଳା, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗୟାନ ତୌର୍ଯ୍ୟତ୍ରିକମ ପକ୍ଷରୁ କଳିଙ୍ଗୟାନ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୨ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୧ତମ ପ୍ରତିଷ୍ଠା ଦିବସ ସମାରୋହ, ସଂସ୍କୃତି ବିହାର, ମଦନପୁର, ଅପରାହ୍ନ ୪ଟା।
- ଜୟକିରଣ ଟ୍ରଷ୍ଟ ପକ୍ଷରୁ ଜୟକିରଣ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଏଭରଗ୍ରୀନ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ସାଇ ତ୍ରିନାଥ ଯୋଗ ପ୍ରତିଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବ ସମାରୋହ, ଗାନ୍ଧୀଭବନ, ବାଖରାବାଦ, ସକାଳ ୮ଟା ୩୦।
- ଶ୍ରୀମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଶ୍ରୀମା ଷ୍ଟଡି କେୟାରର ବାର୍ଷିକ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୧ଟା ୩୦ ।
- କଟକ ନାଗରିକ ସମାଜ ପକ୍ଷରୁ ବଳାତ୍କାରମୁକ୍ତ କଟକ ଅଭିଯାନ ଶୀର୍ଷକ ଆଲୋଚନାଚକ୍ର, ଟାଉନ ହଲ୍, ସନ୍ଧ୍ୟା ୫ଟା ୩୦।

**ପୁରୀ**

- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟନ ଉତ୍ସବ, ଜିଲା ସ୍କୁଲ, ଅପରାହ୍ନ ୫ଟା ୩୦।

### ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସିର କ୍ରମାଗତ ଖରାପ ପ୍ରଦର୍ଶନ

# ରାଜ୍ୟର ୫ ସହର ତଳେ ଭୁବନେଶ୍ୱର



- ସରିଛି ଦୁଇ କ୍ୱାର୍ଟର ସର୍ଭେ
- ପ୍ରଥମ କ୍ୱାର୍ଟରରେ ବ୍ରହ୍ମପୁର, ଦ୍ୱିତୀୟ କ୍ୱାର୍ଟରରେ ଭଦ୍ରକ ନଂ.୧
- ତୃତୀୟ କ୍ୱାର୍ଟରରେ ଭଲ ପ୍ରଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରିବା ପରେ ଆଗକୁ ଭଲ ପ୍ରଦର୍ଶନ ନିମନ୍ତେ ଅଣ୍ଟା ଭିଡ଼ିଲାଣି। ଇତିମଧ୍ୟରେ ଏହି ସର୍ବେକ୍ଷଣର ଦୁଇଟି କ୍ୱାର୍ଟର ସରି ଫଳାଫଳ ପ୍ରକାଶ ପାଇଛି। ଯେଉଁଥିରେ ଭୁବନେଶ୍ୱରର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ପ୍ରଥମ କ୍ୱାର୍ଟରରେ ୩୧୧ ଓ ଦ୍ୱିତୀୟ କ୍ୱାର୍ଟରରେ ୧୬୬ ର୍‍ୟାଙ୍କରେ ରହିଛି। ସବୁଠାରୁ ବଡ଼ କଥା ହେଲା, ଓଡ଼ିଶାର ଅନ୍ୟ ସହର ତୁଳନାରେ ପୁଣି ଥରେ ଭୁବନେଶ୍ୱରର ପ୍ରଦର୍ଶନ ଖରାପ ପରିଲକ୍ଷିତ ହୋଇଛି। ପ୍ରଥମ କ୍ୱାର୍ଟରରେ ଓଡ଼ିଶାରୁ ତାଲିକାରେ ସ୍ଥାନ ପାଇଥିବା ସହର ମଧ୍ୟରୁ ବ୍ରହ୍ମପୁର, ରାଉରକେଲା, କଟକ, ସମ୍ବଲପୁର ପରେ ୨୨୫.୧୩ ସ୍କୋର ପାଇ ଭୁବନେଶ୍ୱର ପଞ୍ଚମ ସ୍ଥାନରେ ରହିଛି। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଭଦ୍ରକ, ବ୍ରହ୍ମପୁର ପରେ ୭୭୯.୯୬ ସ୍କୋର ପାଇ ଭୁବନେଶ୍ୱର ରାଜ୍ୟର ତୃତୀୟ ସ୍ଥାନରେ ରହିଛି। ଏହା ତଳକୁ ବାଲେଶ୍ୱର, ପୁରୀ, ରାଉରକେଲା, କଟକ, ସମ୍ବଲପୁର ଓ ବାରିପଦା ସହର ରହିଛି।

ଉଲ୍ଲେଖଯୋଗ୍ୟ, ୨୦୧୭ରେ ଭୁବନେଶ୍ୱର ୯୪ତମ ସ୍ଥାନରେ ଥିବାବେଳେ ୨୦୧୮ରେ ଏହା ଖସି ୨୧୮ ଓ ୨୦୧୯ରେ ୨୮୮ରେ ପହଞ୍ଚିଥିଲା। ସାରା ଦେଶରୁ ୪ ହଜାର ୨୩୭ ସହରକୁ ଏହି ସର୍ଭେରେ ସାମିଲ କରାଯାଇଥିବାବେଳେ କ୍ରମାଗତ ଭାବେ ଭୁବନେଶ୍ୱରର ଖରାପ ପ୍ରଦର୍ଶନ ବିଏମ୍‌ସିର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଗତଥର ଭୁବନେଶ୍ୱରକୁ କମ୍ ମାର୍କ ମିଳିଥିବା ଯୋଗୁ ଚଳିତ ଥର ଭଲ ପ୍ରଦର୍ଶନ କରିବା ପାଇଁ ବିଏମସି ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଇଥିଲା। ଭୁବନେଶ୍ୱରରେ ପରିମଳ ବ୍ୟବସ୍ଥାରେ ବହୁତ ପରିବର୍ତ୍ତନ ଆସିଥିବା କଥା ଅଧିକାରୀମାନେ କହୁଥିଲେ। ମାତ୍ର ମୁକୁଳା ଡ୍ରେନ ସାଙ୍ଗକୁ କୁଢ କୁଢ ଆବର୍ଜନା ଯୋଗୁ ପ୍ରଥମ ଦୁଇଟି କ୍ୱାର୍ଟରର ପ୍ରଦର୍ଶନ ଆଶାଜନକ ହୋଇପାରିନାହିଁ।

### ଆଜିଠୁ କ୍ଷେତ୍ର ପରିଦର୍ଶନ

କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସହରରେ କରାଯାଉଥିବା ସ୍ୱଚ୍ଛତା ସର୍ବେକ୍ଷଣ ପାଇଁ ଜାନୁୟାରୀ ୪ରୁ ୩୧ ଯାଏ କ୍ଷେତ୍ର ପରିଦର୍ଶନ ଆରମ୍ଭ ହେବ। ଏ ନେଇ ବିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଚଳିତବର୍ଷ ବିଏମ୍‌ସି ଭଲ ପ୍ରଦର୍ଶନ କରିବ ବୋଲି ଆଶା ବାନ୍ଧିଛି। ସର୍ଭେକୁ ଠିକ୍ ଢଙ୍ଗରେ ପରଚାଳନା କରିବା ପାଇଁ ବିଏମ୍‌ସି ବିଭିନ୍ନ କର୍ମଚାରୀ, ଘରୋଇ ସଂସ୍ଥା ଓ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବା ସହ ସହରକୁ ସ୍ୱଚ୍ଛ ରଖିବା ଲାଗି ପଦକ୍ଷେପ ନେଉଛି ବୋଲି ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ କହିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେ କୌଣସି ଦିନ ସର୍ବେକ୍ଷଣ ଦଳ ପହଞ୍ଚିବ। ବର୍ତ୍ତମାନ ନାଗରିକଙ୍କୁ ସ୍ୱଚ୍ଛତା ଆପ୍ଲିକେଶନ ସହ ଯୋଡ଼ିବା ଏବଂ ସ୍ୱଚ୍ଛତା ନେଇ ଆପ୍‌ରେ ମତାମତ ହେବାକୁ ବିଏମ୍‌ସି ସଚେତନ କରୁଛି। ସେହିପରି ନାଗରିକଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିବା, ସ୍ୱଚ୍ଛ ସର୍ବେକ୍ଷଣ ନେଇ ସଚେତନ କରିବା, ସମସ୍ତେ ଡଷ୍ଟବିନ୍ ରଖିବା, ଶୌଚାଳୟକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଖୋଲାରେ ମଳତ୍ୟାଗ ନ କରିବା, ମୁଖ୍ୟ ସ୍ଥାନରେ ଥିବା ହୋର୍ଡିଂ ଓ ପ୍ରାଚୀରରେ ସ୍ୱଚ୍ଛତା ବାର୍ତ୍ତା ଦେବା ସହ ରାସ୍ତାପାର୍ଶ୍ୱରେ ବୃକ୍ଷଲତା ଲଗାଇବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡେପୁଟି କମିଶନର ସେଠୀ ପ୍ରକାଶ କରିଛନ୍ତି।



## ସର୍ବସାଧାରଣଙ୍କ ପାଇଁ ୫ରୁ ଖୋଲିବ ରାଜଭବନ ଉଦ୍ୟାନ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)**

ଆସନ୍ତା ୫ତାରିଖରୁ ରାଜଭବନ ଉଦ୍ୟାନ ସର୍ବସାଧାରଣ ଓ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଅନୁମତି କ୍ରମେ ଜାନୁୟାରୀ ୫ରୁ ୨୦ ତାରିଖ ପର୍ଯ୍ୟନ୍ତ ରବିବାର ଓ ଛୁଟିଦିନରେ ମଧ୍ୟ ଉଦ୍ୟାନ ଖୋଲା ରହିବ। ପ୍ରତ୍ୟହ ଅପରାହ୍ନ ୨ଟା ୩୦ଟାରୁ ୫ଟା ମଧ୍ୟରେ ସର୍ବସାଧାରଣ ରାଜଭବନ ଉଦ୍ୟାନ ବୁଲିପାରିବେ। ତେବେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁରୋଧ ଆଧାରରେ ଛାତ୍ରୀଛାତ୍ରମାନେ ୬ରୁ ୨୧ ତାରିଖ ପର୍ଯ୍ୟନ୍ତ ରବିବାର ବ୍ୟତୀତ ପ୍ରତ୍ୟହ ସକାଳ ୮ଟା ୩୦ ରୁ ୧୦ଟା ମଧ୍ୟରେ ଉଦ୍ୟାନ ବୁଲି ଦେଖିପାରିବେ। ଏଥିନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟପାଳଙ୍କ ଏଡିସି କିମ୍ବା ରାଜଭବନ ନିରାପତ୍ତା ଦାୟିତ୍ୱରେ ଥିବା ଏସିପିଙ୍କୁ ଅନୁରୋଧପତ୍ର ପ୍ରେରଣ କରିବାକୁ କୁହାଯାଇଛି। ରାଜଭବନର ସବୁଜ ଲନ୍, ହରିଣ ଉଦ୍ୟାନ, ସଙ୍ଗୀତମୟ ଝରଣା, ଖୋଲା ଆକ୍ୱାରିୟମ୍ ଏବଂ ପକ୍ଷୀ ଏନ୍‌କ୍ଲୋଜର ସର୍ବସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ମଧ୍ୟରେ ରାଜଭବନକୁ ଭିଡ଼ ମୁକ୍ତ ହୋଇ ସହଜରେ ପ୍ରବେଶ କରିବା ଲାଗି 'ରାଜଭବନ ଓଡ଼ିଶା' ନାମରେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି। ରାଜଭବନ ପକ୍ଷରୁ ପ୍ରସ୍ତୁତ ଏହି ଆପ୍ ଗୁଗଲ୍ ପ୍ଲେ ଷ୍ଟୋର୍‌ରେ ଆଣ୍ଡ୍ରଏଡ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ହେବ। ଏହି ମୋବାଇଲ୍ ଆପ୍ ଦ୍ୱାରା ସେମାନେ କ୍ୟୁଆର୍ କୋଡ୍ ପ୍ରବେଶପତ୍ର ସ୍ମାର୍ଟଫୋନ୍‌ରେ ପ୍ରସ୍ତୁତ କରିପାରିବେ, ଯାହା ରାଜଭବନ ମୁଖ୍ୟ ଫାଟକରେ ସ୍କାନିଂ ଦ୍ୱାରା ଭିଡ଼ ମୁକ୍ତ ପ୍ରବେଶ ହୋଇପାରିବ। ତଥାପି ରାଜଭବନ ଅଭ୍ୟର୍ଥନା ପ୍ରକୋଷ୍ଠ ନିକଟରେ ରେଜିଷ୍ଟର ମାଧ୍ୟମରେ ହାତ ପ୍ରସ୍ତୁତ ପ୍ରବେଶପତ୍ର ସର୍ବସାଧାରଣଙ୍କ ନିମନ୍ତେ ଉପଲବ୍ଧ ରହିବ। ରାଜଭବନ ମଧ୍ୟକୁ ଟିଫିନ୍ ବକ୍ସ, ଖାଦ୍ୟ ପୁଡ଼ିଆ, ପାଣି ବୋତଲ ଏବଂ କ୍ୟାମେରା ନ ଆଣିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ରାଜଭବନ ଉଦ୍ୟାନକୁ ପରିଷ୍କାର ରଖିବା ସହିତ ଦାୟିତ୍ୱରତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଦାୟିତ୍ୱ ନିର୍ବାହରେ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବାସୁମତି


ଚିନ୍ମୟ


ଏସ୍.କେ. ରହମନ


ଦିଲୀପ


ଦୀପକ


ବିରଞ୍ଚି


ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/


## ସ୍ୱଚ୍ଛ ସବାରିରୁ ହଟିଲା ଶ୍ରୀମନ୍ଦିର ଫଟୋ

**ପୁରୀ ଅଫିସ,୩।୧:** ଶ୍ରୀଜଗନ୍ନାଥ ସେନାର ଅନୁରୋଧକୁ ରକ୍ଷା କରିଛି ପୁରୀ ପୌରସଂସ୍ଥା। ଶୁକ୍ରବାର ଆବର୍ଜନାବୁହା ଗାଡ଼ି (ସ୍ୱଚ୍ଛ ସବାରୀ)ରୁ ଶ୍ରୀମନ୍ଦିର ଫଟୋ ହଟାଇ ଦେଇଛି । ଭକ୍ତଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ପୌରସଂସ୍ଥା ଏଭଳି ପଦକ୍ଷେପ ନେଇଥିବାରୁ ସେନା ପ୍ରଶଂସା କରିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ପୁରୀ ସହରକୁ ସ୍ୱଚ୍ଛ ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛ ସବାରୀ ବିଭିନ୍ନ ୱାର୍ଡରେ ବୁଲୁଛି। ପ୍ରତ୍ୟେକ ଘରୁ ଏହି ଗାଡ଼ିରେ ଶୁଖିଲା ଏବଂ ଓଦା ଆବର୍ଜନା ପୃଥକ୍ ଭାବେ ସଂଗ୍ରହ କରାଯାଉଛି। କିନ୍ତୁ ଗାଡ଼ିରେ ଶ୍ରୀମନ୍ଦିର ଫଟୋ ରହିଥିବାରୁ ଏହା ଧାର୍ମିକ ଭାବନାକୁ ଆଘାତ ଦେଉଥିଲା। ତେଣୁ ଆମେ ଗୁରୁବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲୁ । ଏଥିରେ ୭୨ଘଣ୍ଟା ସମୟ ଦିଆଯାଇଥିବାବେଳେ ପୌରସଂସ୍ଥା ୨୪ ଘଣ୍ଟା ନ ପୂରୁଣୁ ଗାଡିଗୁଡ଼ିକରୁ ଶ୍ରୀମନ୍ଦିର ଫଟୋ ହଟାଇ ଦେଇଛି। ତେଣୁ ସେନା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧକ୍ଷ ଜିଲାପାଳ ବଲୱନ୍ତ ସିଂଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ଆବାହକ ପଟ୍ଟନାୟକ କହିଛନ୍ତି ।

## ନନ୍ଦନକାନନରେ ହେଲା ପକ୍ଷୀ ଗଣନା

**ବାରଙ୍ଗ,୩।୧(ଡି.ଏନ୍.ଏ):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶୁକ୍ରବାର ଦିନିକିଆ ପକ୍ଷୀଗଣନା କାର୍ଯ୍ୟ ସରିଛି। ଚଳିତବର୍ଷର ଗଣନା ଅନୁଯାୟୀ ଗତବର୍ଷଠାରୁ ଏଥର ନନ୍ଦନକାନନକୁ ପକ୍ଷୀମାନଙ୍କର ଆଗମନ ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। ପର୍ଯ୍ୟଟକ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ୍ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ୫୦ଜଣ ସଦସ୍ୟଙ୍କୁ ଗଠିତ ୫ଟି ଦଳ ଏହି ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ଥିଲେ। ଝିପିଝିପି ବର୍ଷା ସହ କୋହଲା ପାଗରେ ଏହି ଦଳ କାଞ୍ଜିଆହ୍ରଦ, କିଆଖଣି, ବାଲିଆଗଣ୍ଡ, ବଡ଼ବାଙ୍କ, କଟୁରିଘସା ଆଦି ଜଳ ଉତ୍ସ ସ୍ଥାନଗୁଡ଼ିକୁ ଯାଇ ପକ୍ଷୀଗଣନା କରିଥିଲେ। ଗଣନାବେଳେ କାପରଖାଇ, ଅଞ୍ଜନା, ଡାଟର, ରାଣିବଗ, କାମପକ୍ଷୀ, ମାଛରଙ୍କା, ପାଣିକୁଆ, ଗେଣ୍ଡାଳିଆ, ଚିତ୍ରାଗେଣ୍ଡାଳିଆ, ଅନ୍ଧାରିବଗ, ଛୋଟବଡ ବଗକୁ ମିଶାଇ ୨୮ ପ୍ରଜାତିର ୧୫୯୪ଟି ପକ୍ଷୀ ଜଳଉତ୍ସରେ ଥିବା ଗଣନାକାରୀ ଦଳ ଦେଖିଥିଲେ। ଯାହାକି ଗତବର୍ଷଠାରୁ ୮୭୪ଟି ପକ୍ଷୀ ଚଳିତବର୍ଷ କମ ଆସିଥିବାର ଜଣାପଡିଥିଲା। ପାଗଖରାପ ଯୋଗୁ ପକ୍ଷୀ ସଂଖ୍ୟା କମିଲା ବୋଲି ଏସିଏଫ ଅମୂଲ୍ୟ କୁମାର ପରିଡା କହିଛନ୍ତି। ନନ୍ଦନକାନନର ଜନ୍ତୁ ବିଭାଗର ସହାୟତାରେ ପକ୍ଷୀ ବିଶେଷଜ୍ଞ ଶକ୍ତିନନ୍ଦ, ଡ.ଶିବପ୍ରସାଦ ପରିଡା, ମମତା ପରମର, ରମେଶ ଝଙ୍କାର, ଶିକ୍ଷାବିଭାଗ ଅଧିକାରୀ ମିଳନ କୁମାର ପଣ୍ଡା, ରେଞ୍ଜର ଶୁଭଶ୍ରୀ ପଣ୍ଡାଙ୍କ ସମେତ ସୋଆ ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଓୟୁଏଟି, ବିଜେବି, ରାଜଧାନୀ, ମହର୍ଷି କଲେଜର ଛାତ୍ରୀଛାତ୍ରମାନେ ସାମିଲ ଥିଲେ।

## ପୁରୀରେ ପହଞ୍ଚିଲେ ୧୩୩ ପାକିସ୍ତାନୀ ହିନ୍ଦୁ



**ପୁରୀ ଅଫିସ,୩।୧**

ପୁରୀରେ ପହଞ୍ଚିଛନ୍ତି ୧୩୩ ଜଣ ପାକିସ୍ତାନୀ ହିନ୍ଦୁ ପର୍ଯ୍ୟଟକ। ଶୁକ୍ରବାର ରାତି ପ୍ରାୟ ୯ଟାରେ ଏମାନେ ବସ୍‌ରେ ଆସି ପୁରୀରେ ପହଞ୍ଚିବା ପରେ ବଡ଼ଦାଣ୍ଡସ୍ଥିତ ନାୟକ ପ୍ଲାଜାରେ ରାତ୍ରିଯାପନ କରିଛନ୍ତି। ଏମାନଙ୍କ ମଧ୍ୟରେ ୭୦ ପୁରୁଷ, ୫୦ ମହିଳା ଏବଂ ୧୩ଜଣ ପିଲା ରହିଛନ୍ତି। ଶନିବାର ସାଢେ ୧୧ଟାରେ ଏହି ହିନ୍ଦୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ମାତ୍ର ପହଞ୍ଚିବା ପରେ ଅଳ୍ପ କେତେଜଣ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିବା ଜଣାପଡିଛି। ୫ତାରିଖରେ ସଦ୍‌ଭାବନା ସଭାଗୃହରେ ଏହି ପାକିସ୍ତାନୀ ହିନ୍ଦୁ ପର୍ଯ୍ୟଟକଙ୍କୁ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଥାଉ କି, ଗତ ମାସ ୨୭ ତାରିଖରୁ ଏମାନେ ପାକିସ୍ତାନରୁ ବାହାରିଥିଲେ। ମଥୁରା ଦେଇ ଶୁକ୍ରବାର ପୁରୀରେ ପହଞ୍ଚିଛନ୍ତି। ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ପ୍ରତିବର୍ଷ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପାକିସ୍ତାନର ହିନ୍ଦୁ ଭକ୍ତମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଏଭଳି ଏକ ଉଦ୍ୟମ କରାଯାଉଛି ବୋଲି ସେଣ୍ଟର ସଭାପତି ପରେଶ ନାୟକ କହିଛନ୍ତି।

## ବଳାତ୍କାର ମାମଲା: ଅଭିଯୁକ୍ତ ଏଏସ୍‌ଆଇ ଗିରଫ

**ପୁରୀ ଅଫିସ, ୩।୧**

ପୁରୀ ଜିଲା ବଳଙ୍ଗା ଥାନାର ଏଏସ୍‌ଆଇ ଚିତ୍ତରଞ୍ଜନ ଦାଶଙ୍କ ନାମରେ ଜଣେ ବିବାହିତା ମହିଳା ଗୁରୁବାର ବଳାତ୍କାର ଅଭିଯୋଗ ଆଣିଥିଲେ। ଏ ନେଇ ସେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ବଳଙ୍ଗା ଥାନାରେ ଆଇପିସି ଦଫା ୩୭୬, ୩୪୨, ୫୦୬ରେ କେସ୍ ନମ୍ବର ୦୨/୨୦୨୦ରେ ଏକ ମାମଲା ରୁଜୁ କରିଥିଲା। ଶୁକ୍ରବାର ଅଭିଯୁକ୍ତ ଏଏସ୍‌ଆଇ ଚିତ୍ତରଞ୍ଜନଙ୍କୁ ଗିରଫ କରାଯାଇଛି। ଏସ୍‌ପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା କହିଛନ୍ତି।


UTKAL UNIVERSITY
NAAC ACCREDITED A+
VANI VIHAR, BHUBANESWAR - 751004
ODISHA, INDIA

No. DRS/RUSA-1041-2016 (HR)/16 /2020 — Dated the 3 January 2020

INDICATIVE ADVERTISEMENT

Walk in Interview for Empanelment of Human Resources under RUSA 2.0 Project

Applications are hereby invited from eligible candidates for empanelment / engagement of the following human resources in different project activities under RUSA 2.0. of the Utkal University at Vani Vihar, Chandikhole and at different regions of India (North, South, East and West). The University reserves the right to withdraw partial or full notification without assigning any reason. The empanelment / engagement of human resources is purely temporary and for a period up to 31 March 2020 and likely to be extended further depending on the availability of fund under RUSA 2.0.

| Sl | Position | Salary (in ₹/ Month) | No. of Position | Date of Interview |
|---|---|---|---|---|
| RURAL OUTREACH PROGRAM | | | | |
| 1 | Program Director | 80,000 - 1,00,000 | 1 | 14 January 2020 |
| 2 | Program Manager in the fields of (i) Health, (ii) Gender (iii) Agriculture, (iv) Artisans, (v) Youth, & (vi) Indigenous Knowledge | 40,000 - 45,000 | 4 | 14 January 2020 |
| REGIONAL CENTERS AT IN DIFFERENT REGIONS OF INDIA (NORTH, SOUTH, EAST & WEST) | | | | |
| 3 | Academic Coordinator | 1,00,000 | 4 | Will be intimated by e-mail |
| UTKAL ENTREPRENEURSHIP AND CAREER HUB (UECH) | | | | |
| 4 | Director, UECH | 80,000 - 100,000 | 1 | 14 January 2020 |
| 5 | Incubation Manager-IT / Training & Event | 50,000 - 60,000 | 1 | 14 January 2020 |
| 6 | Receptionist | 10,000 | 1 | 10 January 2020 |
| RUSA CELL | | | | |
| 7 | Consultant (Engineer) | 60,000 - 70,000 | 1 | 16 January 2020 |
| PR AND MEDIA CELL | | | | |
| 8 | Public Relation Officer | 50,000 - 60,000 | 1 | 16 January 2020 |
| 9 | Documentation Officer / Creative Writer | 50,000 - 60,000 | 1 | 16 January 2020 |
| 10 | Research Assistant | 15,000 - 20,000 | 1 | 10 January 2020 |

The detailed guideline indicating eligibility criteria and terms of reference and conditions, prescribed application form and other details can be downloaded from the website of the Utkal University **https://www.utkaluniversity.nic.in.**

The candidates seeking empanelment / engagement of human resources are required to send the filled in prescribed application form to **rusauuhr@gmail.com** on or before **9 January 2020** and come for walk in interview with the hard copies of the application along with the self-attested photocopies of the mark-sheets, certificates / degrees and other relevant documents and Original certificates and mark sheet in the prescribed date of walk-in-interview.

**Sd/- REGISTRAR**



ମୁଁ ଏବେ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ସହ ଅଭିନୟ କରିବାକୁ ଚାହୁଁଛି। ଆମକୁ ନେଇ ଫିଲ୍ମ କରିବାକୁ ଚାହୁଁଥିବା ନିର୍ଦ୍ଦେଶକ ଆଗକୁ ଆସନ୍ତୁ।

**- କାର୍ତ୍ତିକ ଆର୍ଯ୍ୟନ୍, ବଲିଉଡ୍ ଅଭିନେତା**



# ଆଲିଆଙ୍କୁ ଭିଡ଼ରୁ ବଞ୍ଚାଇଲେ ରଣବୀର

**ମୁମ୍ବାଇ:** ବଲିଉଡ୍‌ର ସବୁଠାରୁ ଚର୍ଚ୍ଚିତ ଯୋଡ଼ିଙ୍କ ମଧ୍ୟରେ ଆଲିଆ ଭଟ୍ଟ ଓ ରଣବୀର କପୁର ଅନ୍ୟତମ। ଦୀର୍ଘଦିନରୁ ବି'ଟାଉନରେ ତାଙ୍କ ବିବାହକୁ ନେଇ ଚର୍ଚ୍ଚା ଲାଗିରହିଛି। ବଲିଉଡ୍ ସେଲିବ୍ରିଟିମାନେ ନିଜ ନିଜ ଡେଷ୍ଟିନେଶନ୍‌ରେ ନୂଆବର୍ଷ ପାଳିଥିବା ବେଳେ ରଣବୀର ଓ ଆଲିଆ ମଧ୍ୟ ନିକଟତର ବନ୍ଧୁ ଅୟାନ ମୁଖାର୍ଜୀଙ୍କ ସହ ଛୁଟି କାଟିବାକୁ ବାହାରକୁ ଯାଇଥିଲେ। ସେହି ସମୟର କେତେକ ଫଟୋକୁ ଆଲିଆ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ନୂଆବର୍ଷ ସେଲିବ୍ରେଟ କରି ଶୁକ୍ରବାର ଭାରତକୁ ଫେରିଥିବା ବେଳେ ତାଙ୍କୁ ସକାଳେ ଏୟାରପୋର୍ଟରେ ସ୍ପଟ୍ କରାଯାଇଥିଲା। ଆଲିଆ ଓ ରଣବୀର ଏୟାରପୋର୍ଟରୁ ବାହାରକୁ ବାହାରିବା ମାତ୍ରେ ତାଙ୍କୁ ପ୍ରଶଂସକ ଘେରିଯାଇଥିଲେ। ତାଙ୍କ ସହ ସେଲ୍ଫି ନେବାକୁ ସେଠାରେ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଏଥିଯୋଗୁ ଆଲିଆଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହି ସମୟରେ ରଣବୀର ତାଙ୍କୁ ଭିଡ଼ରୁ ବାହାର କରିଥିବା ଦେଖିବାକୁ ମିଳିଛି। ସେତେବେଳେ ରଣବୀର ଆଲିଆଙ୍କ ପ୍ରତି ବେଶ୍ ଯତ୍ନଶୀଳ ହୋଇପଡ଼ିଥିବା ବେଳେ ଏଥିରେ ତାଙ୍କର ଭଲପାଇବାର ଝଲକ ଦେଖିବାକୁ ମିଳିଥିଲା।



# ଲଟେରିରେ କୋଟିଏ ଜିତି ସୁରକ୍ଷା ଲୋଡ଼ିଲେ

**କୋଲକାତା:** ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲାରେ ଏଭଳି ଏକ ଘଟଣା ଘଟିଛି ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ଦ୍ଧମାନ ଜିଲାରେ ରହୁଥିବା ଜଣେ ୭୦ ବର୍ଷୀୟ ବ୍ୟକ୍ତି ଚର୍ଚ୍ଚାର ପରିସରକୁ ନେଇଆସିଛି। ନାରାୟଣ ସେନ୍ ଲଟେରିରେ ୧କୋଟି ଟଙ୍କା ଜିତିବା ପରେ ଭୟରେ ସେ ଏବେ ପୋଲିସକୁ ସୁରକ୍ଷା ମାଗିଛନ୍ତି। ରବିବାର ନାରାୟଣ ନାଗାଲାଣ୍ଡ ଷ୍ଟେଟ ଲଟେରିରୁ ୧୦ଟି ଟିକେଟ ମୋଟ ୬୦ ଟଙ୍କାରେ କିଣିଥିଲେ। ଟିକେଟ କିଣି ସେ କ'ଣ ଲେଖା ହୋଇଛି ନ ପଢ଼ି ଚୁପ୍‌ଚାପ୍ ପକେଟରେ ରଖିଦେଇଥିଲେ। ହେଲେ ପରେ ଜାଣିବାକୁ ପାଇଥିଲେ ଯେ, ସେ କିଣିଥିବା ଲଟେରି ଟିକେଟରୁ କୋଟିଏ ଟଙ୍କା ଜିତିଛନ୍ତି। ଏହାପରେ ସୋମବାର ସେ କାଲନା ଥାନାରେ ପହଞ୍ଚି ଏସ୍‌ଏଚ୍‌ଓ ରାକେଶ ସିଂହଙ୍କ ନିକଟରେ ନିଜର ସୁରକ୍ଷା ପାଇଁ ନିବେଦନ କରିଥିଲେ। ନାରାୟଣ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ନଳକୂଅ ଅପରେଟର ଭାବେ ସେ ଚାକିରି କରୁଥିବା ବେଳେ ୧୦ ବର୍ଷ ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ୧୦ ହଜାର ଟଙ୍କା ପେନ୍‌ସନ ପାଉଥିବା ନାରାୟଣ ଏବେ ରାତାରାତି କୋଟିପତି ପାଲଟିଯାଇଛନ୍ତି।



# ରହସ୍ୟମୟ ଦଲାହି କୁଣ୍ଡ

## ତାଳି ମାରିଲେ ଉପରକୁ ଉଠେ ପାଣି

**ନୂଆଦିଲ୍ଲୀ:** ବିଶ୍ୱରେ ଏମିତି କିଛି ରହସ୍ୟଜନକ ଘଟଣା ଘଟିଥାଏ, ଯାହା ଉପରୁ ଆଜି ବି ପରଦା ଉଠିପାରିନାହିଁ। ସେମିତି ଏକ ରହସ୍ୟମୟ କୁଣ୍ଡ ରହିଛି ଭାରତରେ। ଏହି କୁଣ୍ଡଟି ଝାଡ଼ଖଣ୍ଡର ବୋକାରୋ ଜିଲାରେ ରହିଛି। କୁହାଯାଏ, କୁଣ୍ଡ ନିକଟକୁ ଯାଇ ତାଳି ମାରିଲେ ଏହାର ପାଣି ଉପରକୁ ଉଠିଥାଏ। ଏହାକୁ ଦେଖିଲେ ଏକ ବାସନରେ ପାଣି ଉପରକୁ ଉଠିବା ପରି ପ୍ରତୀୟମାନ ହେବ। ଏହାର ରହସ୍ୟ ସମ୍ପର୍କରେ ଆଜିପର୍ଯ୍ୟନ୍ତ ଭୂ-ବୈଜ୍ଞାନିକମାନେ ମଧ୍ୟ ଜାଣି ପାରିନାହାନ୍ତି। ଏହା ଦଲାହି କୁଣ୍ଡ ଭାବରେ ଜଣାଶୁଣା। ଏହାର ଚାରିପଟେ ସିମେଣ୍ଟ ଏବଂ କଂକ୍ରିଟ୍ ଘେରାଉ କରାଯାଇଛି। ଏହି କୁଣ୍ଡରୁ ଗରମ ଦିନରେ ଥଣ୍ଡାପାଣି ଏବଂ ଶୀତଦିନରେ ଗରମପାଣି ବାହାରିଥାଏ ଯାହା ଆଶ୍ଚର୍ଯ୍ୟଜନକ। ଲୋକଙ୍କ ବିଶ୍ୱାସ ରହିଛି, ଏହି କୁଣ୍ଡରେ ସ୍ନାନକଲେ ଚର୍ମରୋଗ ପରି ସମସ୍ୟା ଦୂର ହୋଇଥାଏ। ଏହି ସ୍ଥାନରେ ପ୍ରତିବର୍ଷ ମକରମେଳା ଅନୁଷ୍ଠିତ ହେଉଥିବାରୁ ଦୂରଦୂରାନ୍ତରୁ ଲୋକେ ଆସିଥାନ୍ତି ସ୍ନାନ କରିବାକୁ। ଅନ୍ୟପକ୍ଷରେ ପ୍ରତି ରବିବାର ଏଠାରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ।



# ୧୯ ମାସର ଶିଶୁଙ୍କୁ ବୀରତା ପୁରସ୍କାର



**ସିଡ୍‌ନୀ:** ଅଷ୍ଟ୍ରେଲିଆରେ ଭୟଙ୍କର ଜଙ୍ଗଲ ନିଆଁ ଲାଗି ରହିଛି। ଜଙ୍ଗଲ ନିଆଁ ଲିଭାଇବା ସମୟରେ ଦମକଳ ବାହିନୀ କର୍ମଚାରୀ ଜ୍ୟୋଫ୍ରି କିଟନ୍‌ଙ୍କ ମୃତ୍ୟୁ ଘଟିଥିଲା। ଜ୍ୟୋଫ୍ରିଙ୍କ ଅନ୍ତିମ ସଂସ୍କାର ଗୁରୁବାର ସମ୍ପନ୍ନ ହୋଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ଜ୍ୟୋଫ୍ରିଙ୍କ ୧୯ ମାସର ଶିଶୁପୁତ୍ର ହାର୍ବି କିଟନଙ୍କୁ ସର୍ବୋଚ୍ଚ ସେବା ମେଡ଼ାଲ ସମ୍ମାନରେ ସମ୍ମାନିତ କରାଯାଇଛି। ହାର୍ବି ରୁ୍ୟରାଲ ଫାୟାର ସର୍ଭିସ୍ ପୋଷାକ ପିନ୍ଧି ପିତାଙ୍କ ପକ୍ଷରୁ ମରଣୋତ୍ତର ବୀରତା ସମ୍ମାନ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଜଙ୍ଗଲ ନିଆଁ ଲିଭାଇବା ସମୟରେ ୩ ଜଣ ଦମକଳ ବାହିନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା।



# ବନାଗ୍ନି ବଦଳାଇଦେଲା ହିମବାହ ରଙ୍ଗ

**ୱେଲିଂଟନ୍:** ଦୁଇସପ୍ତାହ ହେଲା ଜଳୁଛି ଅଷ୍ଟ୍ରେଲିଆ ଜଙ୍ଗଲ। ବନାଗ୍ନିରେ ହଜାର ହଜାର ବନ୍ୟଜୀବନ ଧ୍ୱଂସ ପାଇଯାଇଥିବାବେଳେ ବହୁ ବିରଳ ଜୀବଜନ୍ତୁ ବାସହରା ହୋଇ ଜନବସତିମୁହାଁ ହୋଇଛନ୍ତି। ବନାଗ୍ନିର ପ୍ରତିକୂଳ ପ୍ରଭାବ ପଡ଼ୋଶୀ ନ୍ୟୁଜିଲାଣ୍ଡର ଫ୍ରାଞ୍ଜ୍ ଜୋସେଫ୍ ଗ୍ଲେସିୟର (ହିମବାହ) ଉପରେ ପଡ଼ିଛି। ଏହାର ରଙ୍ଗ ଧଳାରୁ ହଳଦିଆ ହୋଇଯାଇଛି। ବନାଗ୍ନିରୁ ଉଠୁଥିବା ଧୂଆଁର ବିଶାଳ ବଳୟ ଡିସେମ୍ବର ୩୧ରେ ନ୍ୟୁଜିଲାଣ୍ଡରେ ପହଞ୍ଚିଥିଲା। ଆଲ୍‌ପାଇନ ଗାଇଡ୍‌ସ କମ୍ପାନୀର ଗାଇଡ୍ ଆର୍ଥ ମେକ୍‌ବ୍ରାଇଡ୍‌ଙ୍କ କହିବା କଥା, ମଙ୍ଗଳବାରଠାରୁ ପରିସ୍ଥିତି ଗମ୍ଭୀର ହୋଇଯାଇଛି। ଏହାକୁ ନେଇ ଗ୍ଲେସିୟରକୁ ଦେଖିବାକୁ ଆସୁଥିବା ପର୍ଯ୍ୟଟକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏଠାକାର ପବନରେ ପୋଡାକାଠର ଗନ୍ଧ ବାରିହେଉଛି। ଏଥିରୁ ଜଙ୍ଗଲ ନିଆଁର ଭୟାବହତା ସ୍ପଷ୍ଟ ଭାବେ ଜଣାପଡୁଛି। ଦକ୍ଷିଣ ପୂର୍ବ ଅଷ୍ଟ୍ରେଲିଆରେ ଲାଗିଥିବା ଭୀଷଣ ନିଆଁ ନୂଆ ଇଲାକାକୁ ବ୍ୟାପି ଚାଲିଛି। ଏଥିରେ ପୋଡ଼ିହୋଇ ଅଦ୍ୟାବଧି ୧୮ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ଅନେକ ନିଖୋଜ ଅଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚାଲିଛି। ଚଳିତବର୍ଷ ବନାଗ୍ନିରେ ବେଟମ୍ୟାନ୍ସ, କୋବାର୍ଗୋ, ନାଉରା ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ନିଆଁରୁ ବର୍ତ୍ତିବା ଲାଗି ଲୋକମାନେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଶରଣ ନେଇଛନ୍ତି। ଅଧିକାରୀଙ୍କ କହିବା କଥା, ଜଙ୍ଗଲ ନିଆଁରେ ପାଖାପାଖି ୧୦୦୦ଟି ଘର ନଷ୍ଟ ହୋଇଯାଇଛି। ୩୫୦ରୁ ଊର୍ଦ୍ଧ୍ୱ ବାସଗୃହ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରଭାବିତ ଅଞ୍ଚଳରୁ ୮ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଧୂଆଁ ବ୍ୟାପିବା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଆକଳନ କରିବା କାଠିକର ପାଠ ବୋଲି ସେ ସୂଚନା ଦେଇଛନ୍ତି।

# ଦିଲ୍ଲୀରେ ଲାଗିଲା ପ୍ରଥମ ସ୍ମଗ୍ ଟାୱାର

**ନୂଆଦିଲ୍ଲୀ:** ସମଗ୍ର ଦେଶରେ ବାୟୁ ପ୍ରଦୂଷଣ ସାରା ଦେଶରେ ବଡ଼ ସମସ୍ୟା ହୋଇଥିବାବେଳେ ଦିଲ୍ଲୀର ସ୍ଥିତି ସବୁଠାରୁ ସଙ୍ଗିନ୍। ପ୍ରଦୂଷଣ ଜନିତ ରୋଗ ଓ ମୃତ୍ୟୁହାର ହ୍ରାସ କରିବାପାଇଁ ରାଜଧାନୀ ଦିଲ୍ଲୀରେ ସ୍ଥାପନ ହୋଇଛି ପ୍ରଥମ ସ୍ମଗ୍ ଟାୱାର୍। କ୍ରିକେଟ୍ ଖେଳାଳି ତଥା ପୂର୍ବ ଦିଲ୍ଲୀ ଏମ୍‌ପି ଗୌତମ ଗମ୍ଭୀରଙ୍କ ସହଯୋଗରେ ଲଜ୍‌ପତ୍‌ନଗର ବ୍ୟବସାୟୀ ସଂଘ ପକ୍ଷରୁ ଗୁରୁବାର ଦକ୍ଷିଣ ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ୍ ମାର୍କେଟରେ ଏହି ଏୟାର୍ ପ୍ୟୁରିଫାୟର ସ୍ଥାପନ କରାଯାଇଛି। ଶୁକ୍ରବାର ଗମ୍ଭୀର ଏହାର ଉଦ୍‌ଘାଟନ କରିଛନ୍ତି। ୨୦ଫୁଟ ଉଚ୍ଚତା ବିଶିଷ୍ଟ ଏହି ଯନ୍ତ୍ର ଦିନକୁ ୨, ୫୦, ୦୦୦ ରୁ ୬, ୦୦୦୦୦ କ୍ୟୁବିକ୍ ମିଟର୍ ପ୍ରଦୂଷିତ ବାୟୁକୁ ଗ୍ରହଣ କରି ବିଶୁଦ୍ଧ ବାୟୁ ଯୋଗାଇବା ଲକ୍ଷ୍ୟ ରହିଛି। ସେହିପରି ୫୦୦ରୁ ୭୫୦ ମିଟର ଅଞ୍ଚଳ ମଧ୍ୟରେ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ ବାୟୁରେ ପରିଣତ କରିବ। ଦିଲ୍ଲୀ ପ୍ରଦୂଷଣର ରାଜଧାନୀ ପାଲଟିଥିବାବେଳେ ଏଭଳି ସ୍ଥିତିରେ ସ୍ମଗ୍ ଟାୱାର ପ୍ରତିଷ୍ଠା କରିବା ଜରୁରୀ ଥିଲା। ଏହି ବାୟୁ ବିଶୋଧକ ଲାଗିବା ପରେ ପ୍ରଦୂଷଣ କମିଥିବା ଜଣାପଡ଼ିଛି। ତେବେ ଦିଲ୍ଲୀରେ ଅନେକ କାରଣରୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଇ ଲୋକଙ୍କୁ ଅଣନିଶ୍ୱାସୀ କରାଉଥିବାବେଳେ ଏହି ପ୍ରକଳ୍ପ କେତେଦୂର ସଫଳ ହେବ ତାହାକୁ ନେଇ କେତେକ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି।

୭୫୦ ମିଟର ଅଞ୍ଚଳରେ ଯୋଗାଇବ ବିଶୁଦ୍ଧ ବାୟୁ



# ଆଇସ୍-ସ୍ନୋ ଫେଷ୍ଟିଭାଲ୍

**ବେଜିଂ:** ଚାଇନାରେ ଆଇସ୍-ସ୍ନୋ ଫେଷ୍ଟିଭାଲ୍ ଆରମ୍ଭ ହୋଇଛି। ସ୍ଥାନୀୟ ହେଲୋଙ୍ଗୟାଙ୍ଗ୍ ପ୍ରଦେଶର ହାର୍ବିନ୍‌ଠାରେ ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ୧୪ ଦେଶର କଳାକାର ଯୋଗଦେଇ ୨୦୦ ଆକର୍ଷଣୀୟ କଳାକୃତି ନିର୍ମାଣ କରିଛନ୍ତି। ୬ ଲକ୍ଷ ବର୍ଗମିଟରରେ ଥିବା ଏହି ସ୍ନୋ ୱାର୍ଲ୍ଡରେ ୨.୨୦ କ୍ୟୁବିକ୍ ମିଟର ବରଫରେ ଶହେ ମିଟର ଉଚ୍ଚା ପର୍ଯ୍ୟନ୍ତ ବିଭିନ୍ନ କଳାକୃତି ନିର୍ମିତ ହୋଇଛି। ପ୍ରଥମେ ୧୯୮୫ରେ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଲୋକେ ଏହାକୁ ବେଶ୍ ପସନ୍ଦ କରିଥିଲେ। ପରେ ପ୍ରତିବର୍ଷ ଏଠାରେ ଏହି ଉତ୍ସବ ଶୀତଦିନେ ଅନୁଷ୍ଠିତ ହୋଇଆସୁଛି। ବରଫରେ ନିର୍ମିତ ହୋଇଥିବା ବିଭିନ୍ନ କଳାକୃତି ଦେଖିବା ପାଇଁ ପ୍ରତିବର୍ଷ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ।





ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରି ଆଣେ।
- ଭଲଟାୟାର

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**କଟକ ଅଫିସ, ୩୧:** ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳରେ ଶୁକ୍ରବାର ଟ୍ରେନ୍ ଧକ୍କାରେ ଚନ୍ଦ୍ରଶେଖର ପାଣ୍ଡୋଇଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ନୟାଗଡ ଜିଲା ନରସିଂହପୁରରେ ହୋଇଥିବାବେଳେ ସେ ଦୀର୍ଘଦିନ ହେବ କଟକରେ ରହି କନ୍ଦରପୁରରେ ଥିବା ଜଳସେଚନ ବିଭାଗରେ କାର୍ଯ୍ୟ କରୁଥିଲେ। ଖବରପାଇ ଜିଆରପି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା(ନଂ. ୧/୨୦) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୯ଟାରେ ଚନ୍ଦ୍ରଶେଖର ଟ୍ରେନ୍ ଲାଇନ ପାର ହେଉଥିବାବେଳେ କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଟ୍ରେନ୍ ତାଙ୍କ ଉପରେ ମାଡି ଯାଇଥିଲା। ଏଥିରେ ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରେନ୍ ସମ୍ପର୍କରେ ଜଣାପଡିନାହିଁ।

### ଶ୍ରୀମନ୍ଦିରରେ ପକେଟ୍ ମାର ଗିରଫ

**ପୁରୀ ଅଫିସ,୩୧:** ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ଜଣେ ଭକ୍ତଙ୍କ ପକେଟରୁ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏରସମା ଗ୍ରାମର ସାଗର ସ୍ୱାଇଁ(୨୫)। ସୂଚନାଯୋଗ୍ୟ, କୁଜଙ୍ଗ ଅଞ୍ଚଳର ସରୋଜ ଦାଶ ସାଙ୍ଗସାଥୀଙ୍କ ସହ ସକାଳ ସମୟରେ ଭିତର କାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଥିବା ସମୟରେ ପକେଟରୁ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜକୁ ଯାଞ୍ଚ କରି ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା।

### ଆଜି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

# ବିଦେଶୀଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ପାଠ୍ୟକ୍ରମ



- ବିଶ୍ୱବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ
- ଆଜି ଉଦ୍‌ଘାଟନ ହେବ ୨ ଏକାଡେମିକ୍ ବ୍ଲକ୍
- ଖୁବ୍‌ଶୀଘ୍ର ନୂଆ ଅଡିଟୋରିୟମ୍, ଆମ୍ଫି ଥିଏଟର୍

**ଭୁବନେଶ୍ୱର,୩୧(ବ୍ୟୁରୋ)**

ଶନିବାର ୨୧ତମ ପ୍ରତିଷ୍ଠା ଦିବସ ପାଳିବ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ।ଦେଶରଏହିଏକମାତ୍ରସଂସ୍କୃତିବିଶ୍ୱବିଦ୍ୟାଳୟକୁ ଇତିମଧ୍ୟରେ ୨୦ବର୍ଷ ଅତିକ୍ରମ କରିସାରିଥିବାବେଳେ ଶିକ୍ଷାର ମାନ ବୃଦ୍ଧି କରିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଇଛି। ୨୦୧୯-୨୦ ଶିକ୍ଷାବର୍ଷରୁ କେତେକ ନୂତନ ପାଠ୍ୟକ୍ରମ ସାମିଲ କରିବାକୁ ଯୋଜନା ହୋଇଥିବାବେଳେ ଆଗାମୀ ଶିକ୍ଷାବର୍ଷରେ ଭିତ୍ତିଭୂମି ବିକାଶ ସହ ଏହି ବିଶ୍ୱବିଦ୍ୟାଳୟକୁ ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ଯୋଜନା ରହିଛି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆଗାମୀ ବର୍ଷଠାରୁ ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ପଦକ୍ଷେପ ନିଆଯିବ। ଭାରତୀୟ କଳା, ସଂସ୍କୃତି ସମ୍ପର୍କରେ ଜାଣିବାକୁ କିମ୍ବା ଏଠାକାର ନୃତ୍ୟ, ସଙ୍ଗୀତ ଶିଖିବାକୁ ଯେଉଁମାନେ ବିଦେଶରୁ ସ୍ୱଳ୍ପ ସମୟ ପାଇଁ ଆସୁଛନ୍ତି ସେମାନଙ୍କୁ ଟାର୍ଗେଟ୍ କରି କିଛି ସ୍ୱତନ୍ତ୍ର ପାଠ୍ୟକ୍ରମ ବା କ୍ରାଶ କୋର୍ସ ଖୋଲାଯିବ। ବିଶେଷକରି ଓଡ଼ିଶୀ ନୃତ୍ୟ, ଓଡ଼ିଶାର ସମରକଳା, ଏଠାକାର ଲୋକନୃତ୍ୟ ଓ ଲୋକସଙ୍ଗୀତ ଶିଖିବାକୁ ବିଦେଶୀଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖିବାକୁ ମିଳୁଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ଏହି ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଖୋଲାଯିବ। ଏନେଇ ଆଲୋଚନା ଚାଲିଥିବାବେଳେ ନୂତନ କୁଳପତି ଦାୟିତ୍ୱ ଗ୍ରହଣ କରିବା ପରେ ପଦକ୍ଷେପ ନିଆଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ତଥା ସଂସ୍କୃତି ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସେହିଭଳି ଓଡ଼ିଶାର ଐତିହ୍ୟ, ପୁରାତନ କୀର୍ତ୍ତିରାଜି, ବୌଦ୍ଧଧର୍ମର ଅବସ୍ଥିତି ଆଦି ଉପରେ ଅଧିକ ଗବେଷଣା କରିବା ଉପରେ ଏହି ବିଶ୍ୱବିଦ୍ୟାଳୟ ଗୁରୁତ୍ୱ ଦେବ। ଆନ୍ଥ୍ରୋପୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ସହ ବିଶ୍ୱବିଦ୍ୟାଳୟ ମିଳିତଭାବେ ଓଡ଼ିଶାରେ ଥିବା ପୁରାତନ କୀର୍ତ୍ତିରାଜି ଓ ଐତିହ୍ୟ ଉପରେ ଉଚ୍ଚତର ଗବେଷଣା କରିବା ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ଆନ୍ଥ୍ରୋପୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆକୁ ମଦନପୁରସ୍ଥିତ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସରେ କିଛି ସ୍ଥାନ ଯୋଗାଇ ଦିଆଯିବ। ବିଶ୍ୱବିଦ୍ୟାଳୟର କଳେବର ବୃଦ୍ଧି ସହ ଏହାର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦିଆଯିବ। ମଦନପୁରସ୍ଥିତ କ୍ୟାମ୍ପସକୁ ଯେପରି ଏକ ଅତ୍ୟାଧୁନିକ କ୍ୟାମ୍ପସରେ ପରିଣତ କରାଯାଇପାରିବ ଏବଂ ତାହାର ବିଉଟିଫିକେଶନ କରାଯାଇପାରିବ ତାହାକୁ ପ୍ରାଥମିକତା ଦିଆଯିବ।

### ଚଳିତବର୍ଷଠାରୁ ନୂଆ କ୍ୟାମ୍ପସ୍‌କୁ ସିଟି ବସ୍ ସେବା

ଅନ୍ୟପକ୍ଷରେ ମଦନପୁର କ୍ୟାମ୍ପସ ଭୁବନେଶ୍ୱର ସହର ଉପକଣ୍ଠରେ ରହୁଥିବାରୁ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଯାତାୟାତରେ ଯେଉଁ ସମସ୍ୟା ହେଉଛି, ତାହାର ସମାଧାନ ଲାଗି ଚଳିତବର୍ଷ ପଦକ୍ଷେପ ନିଆଯିବ। ଏଠାକୁ ସିଟି ବସ୍ ଚଳାଚଳ ଲାଗି ବିଭାଗ ପକ୍ଷରୁ ବିଏମ୍‌ସିକୁ ଚିଠି ଲେଖାଯାଇଥିବାବେଳେ ଏବର୍ଷ ଯେମିତି ବି ହେଲେ ବସ୍ ଚଳାଚଳ ଆରମ୍ଭ କରାଯିବ ବୋଲି ସଚିବ କହିଛନ୍ତି। ୫ଟି ଏକାଡେମିକ୍ ବ୍ଲକ୍ ମଧ୍ୟରୁ ୨ଟି ବ୍ଲକ୍‌ର କାମ ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ପ୍ରତିଷ୍ଠା ଦିବସରେ ବ୍ଲକ୍-୧ ଏବଂ ବ୍ଲକ୍-୨କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବେ। ଅନ୍ୟ ୩ଟି ବ୍ଲକ୍‌ର କାମ ସାମାନ୍ୟ ବାକି ଥିବାବେଳେ ତାହାକୁ ଖୁବ୍‌ଶୀଘ୍ର ଶେଷ କରାଯିବ। ଏହାଛଡ଼ା ବିଶ୍ୱବିଦ୍ୟାଳୟ ପରିସରରେ ୩୦୦ରୁ ୪୦୦ ଲୋକ ବସିବା ଭଳି ଏକ ସ୍ୱତନ୍ତ୍ର ଅଡିଟୋରିୟମ୍ ନିର୍ମାଣ ହେବ। ପିଲାମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ, ଉତ୍ସବ, ମହୋତ୍ସବ ଏହି ଅଡିଟୋରିମ୍‌ରେ ଆୟୋଜିତ ହେବ। ଏହା ପରିସରରେ ଏକ ଆମ୍ଫି ଥିଏଟର ମଧ୍ୟ ନିର୍ମାଣ କରାଯିବାକୁ ଯୋଜନା ରହିଥିବା ସଚିବ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନୂତନ କୁଳପତି ଦାୟିତ୍ୱ ଗ୍ରହଣ କରିବା ପରେ ଖାଲିଥିବା ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଶଙ୍କରାଚାର୍ଯ୍ୟଙ୍କୁ ଶ୍ରେଷ୍ଠ ହିନ୍ଦୁ ସମ୍ମାନ



**ପୁରୀ ଅଫିସ,୩୧**

ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ମିଳିଛି ଶ୍ରେଷ୍ଠ ହିନ୍ଦୁ ସମ୍ମାନ। ଆମେରିକାର ହାୱାଇରୁ ପ୍ରକାଶିତ ଅନ୍ତର୍ଜାତୀୟ ପତ୍ରିକା 'ହିନ୍ଦୁଜିମ୍ ଟୁଡେ' ପକ୍ଷରୁ ସର୍ବଶ୍ରେଷ୍ଠ ହିନ୍ଦୁ ବ୍ୟକ୍ତିତ୍ୱ ଭାବେ ଶଙ୍କରାଚାର୍ଯ୍ୟଙ୍କୁ ଏହି ସମ୍ମାନ ମିଳିଛି। ପତ୍ରିକାର ଓଡ଼ିଶା ପ୍ରତିନିଧି ମଙ୍ଗଳା ପ୍ରସାଦ ମହାନ୍ତି ଶୁକ୍ରବାର ମଠ ପରିସରରେ ଶଙ୍କରାଚାର୍ଯ୍ୟଙ୍କୁ ଏହି ସମ୍ମାନର ସମସ୍ତ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମଠ ମୁଖପାତ୍ର ମନୋଜ କୁମାର ରଥ କହିଥିଲେ, ସନାତନ ହିନ୍ଦୁମାନଙ୍କ ପାଇଁ ନିଶ୍ଚିତ ଏହା ଗର୍ବ ଓ ଗୌରବର ବିଷୟ। ସନାତନ ହିନ୍ଦୁ ଧର୍ମର ସୁରକ୍ଷା ଦିଗରେ ଗୁରୁଜୀଙ୍କ ଉଦ୍ୟମ ଏବଂ ସାମ୍ପ୍ରତିକ ଦେଶ ସମସ୍ୟାରେ ମତାମତ ଏବଂ ଦିଗ୍‌ଦର୍ଶନ ଦେଉଥିବାରୁ 'ହିନ୍ଦୁଜିମ୍ ଟୁଡେ' ପତ୍ରିକା ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶଙ୍କରାଚାର୍ଯ୍ୟ ସମୁଦ୍ର ପାର୍ ହେବା ନିଷିଦ୍ଧ ରହିଛି। ତେଣୁ ଆମେରିକା ଯାଇ ଏହି ସମ୍ମାନ ଗ୍ରହଣ କରି ନ ପାରି ଥିବାରୁ ପତ୍ରିକାର ଓଡ଼ିଶା ପ୍ରତିନିଧି ମଠକୁ ଆସି ଗୁରୁଜୀଙ୍କୁ ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଶଙ୍କରାଚାର୍ଯ୍ୟ ମଧ୍ୟ ଆଶୀର୍ବଚନ ପ୍ରଦାନ କରିଥିଲେ।



ଆସ୍କ ଫର ଟେଷ୍ଟର ଅଫିସ୍‌କୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଆସ୍କ ଫର ଟେଷ୍ଟ ଉଦ୍‌ଘାଟିତ

**ନରାଜ,୩୧(ଡି.ଏନ୍.ଏ.)**

ଆସ୍କ ଫର ଟେଷ୍ଟର ଦ୍ୱିତୀୟ କର୍ପୋରେଟ ଷ୍ଟୋର ବାରଙ୍ଗ ଶାନ୍ତିବନ ଭାଲୁଙ୍କାସ୍ଥିତ ହେଲ୍‌ଥ ଭିଲେ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ଓଡିଏମ୍ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ତଥା ହେଲଥ ଭିଲେର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଆସ୍କ ଫର ଟେଷ୍ଟର ପ୍ରତିଷ୍ଠାତା ସଞ୍ଜୀବ ପାତ୍ର ଓ ସହ ପ୍ରତିଷ୍ଠାତା ସୁନୀତା ମହାନ୍ତି ଉପସ୍ଥିତ ଥିଲେ। ଆସ୍କ ଫର ଟେଷ୍ଟର ମୂଳ ଉଦ୍ଦେଶ୍ୟ ଜନସାଧାରଣଙ୍କୁ ସୁବିଧା, ସହଜ ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା। ଓଡ଼ିଶା ଇତିହାସରେ ପ୍ରଥମ ଯାହାକି ଘରକୁ ଘର ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିବା ସହ ତତ୍କାଳ ନମୁନା ରିପୋଟ ଉଭୟ ଅନ୍‌ଲାଇନ ଏବଂ ଅଫଲାଇନରେ ଲୋକଙ୍କୁ ପ୍ରଦାନ କରିବା। ଏହାର ପ୍ରଥମ କର୍ପୋରେଟ ଷ୍ଟୋର ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଥିବାବେଳେ ଦ୍ୱିତୀୟ କର୍ପୋରେଟ୍ ଷ୍ଟୋର ହେଲଥ ଭିଲେ ପରିସରରେ ଉଦ୍‌ଘାଟିତ ହୋଇଛି। ଚଳିତ ବର୍ଷ କମ୍ପାନୀ ଓଡ଼ିଶାର ୧୦ଟି ପ୍ରମୁଖ ଜିଲା ମୁଖ୍ୟାଳୟରେ ଶାଖା ଖୋଲିବା ସହ ୧୦୦ ଗ୍ରାମାଞ୍ଚଳରେ ଆଉଟଲେଟ ଖୋଲିବାର ଲକ୍ଷ୍ୟ ରଖିଛି।



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

### ଜଷ୍ଟିସ୍ ସଞ୍ଜୁ ପଣ୍ଡା ହୋଇପାରନ୍ତି ଭାରପ୍ରାପ୍ତ ମୁଖ୍ୟ ବିଚାରପତି

**କଟକ ଅଫିସ,୩୧**

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ଜଷ୍ଟିସ୍ ଝାବେରୀଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହି କାର୍ଯ୍ୟକ୍ରମରେ ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ, ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ଦାସ, ଯୁଗ୍ମ ସମ୍ପାଦକ ଯତେଶ୍ୱର ନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଜଷ୍ଟିସ୍ ଝାବେରୀ ୨୦୦୪ରେ ଗୁଜରାଟ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ସେ ଗୁଜରାଟ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୬ରେ ତାଙ୍କୁ ରାଜସ୍ଥାନ ହାଇକୋର୍ଟକୁ ବଦଳି କରାଯାଇଥିଲା। ସେଠାରୁ ବଦଳି ପରେ ସେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ୨୦୧୮ ଅଗଷ୍ଟ ୧୨ ତାରିଖରେ ଶପଥ ଗ୍ରହଣ କରିଥିଲେ। ସେ ଓଡ଼ିଶା ହାଇକୋର୍ଟରେ ଯୋଗଦେବା ସମୟରେ ମୋଟ୍ ୧ ଲକ୍ଷ ୬୮ହଜାର ବିଚାରାଧୀନ ମାମଲା ପଡ଼ି ରହିଥିଲା। ମାତ୍ର ସେ ହାଇକୋର୍ଟ ଛାଡ଼ିବା ବେଳକୁ ମାମଲା ସଂଖ୍ୟା ଦେଢ ଲକ୍ଷ ଅଛି। ମୋଟାମୋଟି ଭାବେ ତାଙ୍କ ଅବଧି ମଧ୍ୟରେ ସେ ଅନେକ ପୁରୁଣା ମାମଲା ସହିତ ନୂଆ ମାମଲାର ଫଇସଲା କରିଛନ୍ତି।

ଅନ୍ୟପକ୍ଷରେ ନୂଆ ମୁଖ୍ୟ ବିଚାରପତି ନିଯୁକ୍ତି ପର୍ଯ୍ୟନ୍ତ କିଏ ଭାରପ୍ରାପ୍ତ ଭାବେ ଏହି କାର୍ଯ୍ୟ ତୁଲାଇବେ ସେନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ହେଲେ ଓଡ଼ିଶା ହାଇକୋର୍ଟରେ ବରିଷ୍ଠତା ଭିତ୍ତିରେ ବିଚାରପତି ସଞ୍ଜୁ ପଣ୍ଡା ଭାରପ୍ରାପ୍ତ ମୁଖ୍ୟ ବିଚାରପତି ହୋଇପାରନ୍ତି ବୋଲି କୁହାଯାଉଛି। ପାରଳାଖେମୁଣ୍ଡିରେ ୧୦ ଜୁଲାଇ ୧୯୫୯ରେ ଜନ୍ମିତ ପଣ୍ଡା ୨୦୦୭ ମାର୍ଚ୍ଚ ୧ରୁ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କୁ ଏହି ନିଯୁକ୍ତି ମିଳିଲେ ଭାରପ୍ରାପ୍ତ ମୁଖ୍ୟ ବିଚାରପତି ଭାବେ ସେ ରାଜ୍ୟର ପ୍ରଥମ ମହିଳା ହେବେ ବୋଲି କୁହାଯାଉଛି।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କଟକ ସଦର,୩୧(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର ସୋମପୁର ଛକରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହି ଅଞ୍ଚଳର ଟୁକ ଭୋଇ(୫୩)। ଗୁରତର ଦେବ ଭୋଇ(୩୦)ଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମଣ୍ଡାସାହି ଅଞ୍ଚଳର ଟୁକ ଓ ଦେବ ଏକ ବାଇକ(ଓଆର ୦୫ ଏଡି ୩୨୯୮)ରେ ଯାଉଥିବା ବେଳେ ସୋମପୁର ଛକରେ ଏକ ଯାତ୍ରୀବାହୀ ବସ(ଓଡି ୦୫ ଏଏସ ୯୧୯୫) ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ତଳେ ପଡି ଗୁରୁତର ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଟୁକଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ କିଶୋରନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ୧୬ ନୂତନ ଅଧାପକ ନିଯୁକ୍ତ

## ଶିକ୍ଷକତାକୁ ବୃତ୍ତି ନୁହେଁ, ବ୍ରତ ଭାବେ ଗ୍ରହଣ କର: ମନ୍ତ୍ରୀ



ନବନିଯୁକ୍ତ ଅଧାପିକା ଅଧାପକଙ୍କ ଗହଣରେ ମନ୍ତ୍ରୀ ଅରୁଣ ସାହୁ।

**ଭୁବନେଶ୍ୱର, ୩୧(ବ୍ୟୁରୋ)**

ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶକ। ତେଣୁ ସେମାନେ ପ୍ରଭାବଶାଳୀ ହେବା ଆବଶ୍ୟକ। ବ୍ୟକ୍ତିଗତ ସଫଳତାକୁ ସମାଜର ବୃହତ୍ତର ସ୍ୱାର୍ଥ ନିମନ୍ତେ ଉପଯୋଗ କରିବାର ମାନସିକତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧାପକଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। କୃଷି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୬ ଯୋଗ୍ୟ ବିବେଚିତ ଅଧାପିକା ଅଧାପକଙ୍କୁ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ୧୪ ଜଣ ଦିବ୍ୟାଙ୍ଗ ଅଧାପିକା ଅଧାପକ ଥିବାବେଳେ ଜଣେ ଖେଳାଳି, ଜଣେ ଅବସରପ୍ରାପ୍ତ ଆର୍ମି ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ବୋଟାନିରେ ୨ ଜଣ, ବାଣିଜ୍ୟରେ ଜଣେ, ରସାୟନରେ ଜଣେ, ଇଂଲିଶ୍‌ରେ ୪ ଜଣ, ଲଜିକ୍ ଓ ଫିଲୋସଫିରେ ୨ ଜଣ, ପଦାର୍ଥ ବିଜ୍ଞାନରେ ଜଣେ, ରାଜନୀତି ବିଜ୍ଞାନରେ ୩ ଜଣ, ଗଣିତରେ ଜଣେ, ଜୁଲୋଜିରେ ଜଣେ ନିଯୁକ୍ତି ପାଇଛନ୍ତି। ଏହି ଅବସରରେ ନବନିଯୁକ୍ତ ଅଧାପିକା ଅଧାପକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ସାହୁ କହିଥିଲେ ଯେ, ଶିକ୍ଷା ଦ୍ୱାରା ସମାଜରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇପାରିବ। ତେଣୁ ଶିକ୍ଷକତାକୁ ଏକ ବୃତ୍ତି ନ ଭାବି ବ୍ରତ ଭାବେ ଗ୍ରହଣ କରିବାକୁ ପଡ଼ିବ। ଏହି ନିଯୁକ୍ତିକୁ 'ନୂତନ ବର୍ଷରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ପ୍ରଥମ ଭେଟି' ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇ ନବନିଯୁକ୍ତ ଅଧାପିକା ଅଧାପକଙ୍କୁ ନିଜ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତା'ର ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ଯୁଗ୍ମସଚିବ ସୁରେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସର୍ବଭାରତୀୟ ଧର୍ମଘଟ ପାଇଁ ୭ରେ ପଟୁଆର

**କଟକ ଅଫିସ, ୩୧**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୮ ତାରିଖରେ ସର୍ବଭାରତୀୟ ଧର୍ମଘଟ ହେବ। ଏଥିପାଇଁ ଶୁକ୍ରବାର ସିଡିଏ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଶ୍ରମିକ ନେତା କିଶୋର ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରବିନାରାୟଣ ମଲ୍ଲିକ, ବିଜୟ ଭୂଷଣ ପତି, ଅଭୟ ସ୍ୱାଇଁ, ମନୋଜ ମହାନ୍ତି, ପ୍ରଦୀପ ଷଡଙ୍ଗୀ, ମୃତ୍ୟୁଞ୍ଜୟ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଦରଦାମ ବୃଦ୍ଧି, ବେକାରି ସମସ୍ୟା ନେଇ ଏହି ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମସ୍ତ ଶ୍ରମିକଙ୍କୁ ସର୍ବନିମ୍ନ ୨୧ହଜାର ଟଙ୍କା ମଜୁରି, ସାମାଜିକ ନିରାପତ୍ତା ଓ ଅସଂଗଠିତ ଶ୍ରମିକମାନଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ ଆଦି ୧୨ ଦଫା ଦାବି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଆସନ୍ତା ୬ ତାରିଖରୁ ଦୁଇଦିନ ଧରି ପ୍ରଚାର ଏବଂ ୭ ତାରିଖରେ କଲେଜ ଛକରୁ ଗୌରୀଶଙ୍କର ପାର୍କ ପର୍ଯ୍ୟନ୍ତ ଏକ ପଟୁଆର ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଫଟୋରେ ଖବର



ଶୁକ୍ରବାର ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ କରି ଫେରୁଛନ୍ତି ସୁପ୍ରିମକୋର୍ଟ ବିଚାରପତି ବିନୀଥ ଶରନ୍।



ଶୁକ୍ରବାର ଭୁବନେଶ୍ୱର ସଚ୍ଚିବାଳୟ ରାସ୍ତାରେ ବର୍ଷା ସମୟର ଦୃଶ୍ୟ।



ଶୁକ୍ରବାର ଝିପିଝିପି ବର୍ଷା ଓ କୋହଲା ପାଗରେ ଭୁବନେଶ୍ୱର ଜୟଦେବ ବିହାର ବସ୍‌ଷ୍ଟପରେ ଲୋକମାନେ ଶୀତବସ୍ତ୍ର ଘୋଡିହୋଇ ବସିଛନ୍ତି।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।

- ଗୁରୁ ନାନକ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ
### କଟକରୁ ଅପହୃତା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୧(ବ୍ୟୁରୋ):** ପ୍ରେମ ଜାଲରେ ଫସାଇ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ କଟକରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା କୋଚସାହିର ଚିନୁ ମହାରଣା (୨୦)। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୁତାବକ, ଅଭିଯୁକ୍ତ ଚିନୁ ଜଣେ ୱେଲଡିଂ ମିସ୍ତ୍ରୀ ଭାବେ କଟକରେ କାମ କରନ୍ତି। ମଝିରେ ମଝିରେ ସେ ଭୁବନେଶ୍ୱର କାମ କରିବାକୁ ଆସିଥାନ୍ତି। ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କ ସହ ତାଙ୍କର ଦେଖା ହେବା ପରେ ପ୍ରଥମେ ବନ୍ଧୁତା ଓ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୧୭ ତାରିଖରେ ଚିନୁ ତାଙ୍କୁ ବୁଲାଇବାକୁ ନେଇ ସାଙ୍ଗରେ ଧରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଗତ ଡିସେମ୍ବର ୧୪ ତାରିଖରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୬୫୬/୧୯) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିଲା।

### କ୍ୟାରିବ୍ୟାଗ ପାଇଁ ଅର୍ଥଦାବି: ଉପର ଅଦାଲତକୁ ଗଲା ମାମଲା

**ଭୁବନେଶ୍ୱର, ୩୧(ବ୍ୟୁରୋ):** ଏକ ଶପିଂ ମଲରେ କ୍ୟାରିବ୍ୟାଗ ପାଇଁ ଅର୍ଥଦାବି କରିବା ମାମଲା ଉପରେ ପରାମର୍ଶ କେନ୍ଦ୍ରରେ ଗ୍ରାହକ ଓ ମଲ କର୍ତ୍ତୃପକ୍ଷ ପକ୍ଷରୁ ଶୁକ୍ରବାର ଶୁଣାଣି ହୋଇଥିଲା। ମାତ୍ର ଉଭୟ ରାୟରେ ଅରାଜି ହେବାରୁ କାଉନସିଲର ଏହି ମାମଲାକୁ ଉପର ଅଦାଲତକୁ ପଠାଇ ଦେଇଛନ୍ତି। ସୂଚନା ମୁତାବକ, ଶହୀଦନଗର ଅଞ୍ଚଳର ଗ୍ରାହକ ବବିନ ମହାନ୍ତି ଗତ ୨୭ ତାରିଖରେ ଏକ ଶପିଂ ମଲରୁ କିଛି କପଡା କିଣିଥିଲେ। ମାତ୍ର କପଡା ନେବାକୁ ମାଗଣାରେ କ୍ୟାରିବ୍ୟାଗ ମିଳିବା ପରିବର୍ତ୍ତେ ତାଙ୍କୁ ୧୦ଟଙ୍କା ଦେୟ ଦେବାକୁ ପଡିଥିଲା। ଏହା ବିରୋଧରେ ଖଣ୍ଡଗିରିସ୍ଥିତ ଜିଲା ଖାଉଟି ବିବାଦ ଫୋରମରେ ବବିନ ଅଭିଯୋଗ କରିଥିଲେ। ଶୁକ୍ରବାର ଶୁଣାଣି ସମୟରେ ପ୍ରତିପକ୍ଷ ଓକିଲ ଲିଖିତ ଆକାରରେ ଜଣାଇଥିଲେ ମାଗଣା ବ୍ୟାଗ ଦେବାର କୌଣସି ନିୟମ ନାହିଁ। କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ 'ଗୋ ଗ୍ରୀନ' ର ଆହ୍ୱାନକ୍ରମେ ପ୍ଲାଷ୍ଟିକ ବ୍ୟାଗକୁ ବର୍ଜନ କରିବା ନେଇ ଗ୍ରାହକମାନେ ନିଜସ୍ୱ ବ୍ୟାଗକୁ ଆଣିବାକୁ ଉତ୍ସାହିତ କରିବା ତାଙ୍କର ଉଦ୍ଦେଶ୍ୟ ଜଣାଇଥିଲେ। ମାତ୍ର ବବିନଙ୍କ କହିବା ମୁତାବକ ସାଧାରଣ ଛୋଟ ବ୍ୟବସାୟୀ ନିଜ ଗ୍ରାହକର ସୁବିଧା ପାଇଁ କାଗଜ ଓ କପଡା ବ୍ୟାଗ ଦେଉଥିବାବେଳେ ଜାତୀୟ ସ୍ତରର ମଲ ବ୍ୟାଗ ନ ଦେବା ଦୁର୍ଭାଗ୍ୟଜନକ। ଏ ନେଇ କୌଣସି ନିର୍ଦ୍ଦିଷ୍ଟ ନିୟମ ନ ଥିବାରୁ ଜାତୀୟସ୍ତରର ମଲମାନେ ଗ୍ରାହକଙ୍କୁ ଶୋଷଣ କରୁଛନ୍ତି। ତେଣୁ ଏହା ବିରୋଧରେ ବବିନ ପୁଣି ଉପର ଅଦାଲତରେ ଅଭିଯୋଗ କରିବେ।

■ ପୋଲିସ କମିଶନରଙ୍କ ବକ୍ତବ୍ୟକୁ ନେଇ ଚର୍ଚ୍ଚା

# ପ୍ରଶ୍ନ ଉଠାଇଲେ ବିଜେଡି ମୁଖପାତ୍ର

**ଭୁବନେଶ୍ୱର, ୩୧(ବ୍ୟୁରୋ)**

କମିଶନରେଟ ପୋଲିସର ୧୨ତମ ପ୍ରତିଷ୍ଠା ଦିବସରେ ଗୁରୁବାର ମହିଳା ଓ ଯୁବତୀଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୨୪୬ ଜଣ ମହିଳା ଏସ୍‌ପିଓଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଟୁଇନ ସିଟି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସ୍ୱାମୀ ଓ ସ୍ତ୍ରୀଙ୍କର ରୋଷେଇ କରିବା ଦକ୍ଷତା ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ତରକାରିରେ ଟିକେ ଲୁଣ କମ ହେଲେ ଆମେ ଘରେ ମହିଳାମାନଙ୍କ ଉପରେ ବିରକ୍ତ ହେଉ। ହେଲେ ବର୍ଷତମାମ ମହିଳାମାନେ ବିନା ଦ୍ୱିଧାରେ କାମ କରନ୍ତି। ସ୍ତ୍ରୀ ଯେତିକି ପରିଶ୍ରମ କରି ରୋଷେଇ କରୁଛି, ସ୍ୱାମୀ ମଧ୍ୟ ସେତିକି ପରିଶ୍ରମ କରି ରୋଷେଇ କାମ ତୁଲାଇବା ଦରକାର। ଯେଉଁ ଯୁବକମାନେ

**ସ୍ପଷ୍ଟୀକରଣ ରଖିଲେ କମିଶନର**

ରୋଷଇ ଜାଣନ୍ତି ନାହିଁ ତାଙ୍କୁ ଝିଅମାନେ ବିବାହ କରିବା କଥା ନୁହେଁ ବୋଲି ସେ କହିଥିଲେ। ଏହାକୁ ନେଇ ବିଜେଡି ମୁଖପାତ୍ର ତଥା ଆଇନଜୀବୀ ଲେନିନ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଲିଙ୍ଗଗତ ସମାନତା କଥା କୁହାଯାଉଥିବାବେଳେ କେବଳ ମହିଳା ଏସପିଓଙ୍କୁ କାହିଁକି ନିଯୁକ୍ତି ଦିଆଯାଇଛି। ମହିଳାମାନଙ୍କ ସୁରକ୍ଷା ଲାଗି ପୁରୁଷମାନଙ୍କୁ ମଧ୍ୟ ଆହ୍ୱାନ କରିବା ଦରକାର। ମହିଳା ଓ ପୁରୁଷ ଏକାଠି ମିଶି କାମ କଲେ ଅଧିକ ସଫଳତା ମିଳିପାରିବ। ସେହିପରି ଯେଉଁ ପୁରୁଷମାନେ ରୋଷେଇ ଜାଣନ୍ତି ନାହିଁ, ସେମାନେ କ'ଣ ମହିଳାଙ୍କୁ ସମ୍ମାନ କରିବା ଜାଣନ୍ତି ନାହିଁ କି ବୋଲି ଲେନିନ ପ୍ରଶ୍ନ କରିଛନ୍ତି। ଏଭଳି ମନ୍ତବ୍ୟରୁ ଉଚ୍ଚପଦସ୍ଥ ଅଧିକାରୀ ଓ ଆମ୍ଭେମାନେ ଦୂରରେ ରହିବା ଦରକାର ବୋଲି ସେ କହିଥିଲେ। ଏ ନେଇ ପୋଲିସ କମିଶନର ଶୁକ୍ରବାର ନିଜ ଟୁଇଟର ଆକାଉଣ୍ଟ ଓ ଗଣମାଧ୍ୟମ ଆଗରେ ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି, ନିଜର ଦକ୍ଷତା ପାଇଁ ଭାରତରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ତଥାପି ଘରକରଣା କାମ କେବଳ ମହିଳାଙ୍କର ବୋଲି ପୂର୍ବପରି ଧାରଣା ରହି ଆସିଛି। ଆମକୁ ମହିଳାମାନଙ୍କ ପ୍ରତି ଏବଂ ସେମାନଙ୍କ ଅବଦାନକୁ ସମ୍ମାନ ଦେବାକୁ ପଡ଼ିବ। ଯେଉଁ କାମ କେବଳ ମହିଳାମାନଙ୍କର ବୋଲି ପୁରୁଷମାନେ ଭାବୁଛନ୍ତି, ସେହିଭଳି କାମକୁ ପୁରୁଷମାନେ ସମ୍ମାନ ଦିଅନ୍ତୁ ବୋଲି ମୁଁ କହିଥିଲି। ମହିଳାମାନଙ୍କ ଦକ୍ଷତା ପ୍ରତି ଅସମ୍ମାନ ହିଁ ଅପରାଧ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।




ସୂଚନା ଭବନରେ ଶୁକ୍ରବାର ଆୟୋଜିତ ଓଡ଼ିଆ ସାପ୍ତାହିକ 'ଓଡ଼ିଶା ସ୍ୱର'ର ତ୍ରୟୋଦଶତମ ବାର୍ଷିକ ଉତ୍ସବରେ ସମ୍ମାନିତ ହୋଇଥିବା ମାନସ ରଞ୍ଜନ ମହାନ୍ତି, ବିଜୟ କୁମାର ସ୍ୱାଇଁ, ରଶ୍ମିତା ସୁବୁଦ୍ଧି ଦାସ, ଦୀପ୍ତିପ୍ରଭା ରଥ ଏବଂ ଅତିଥି ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଅନ୍ୟମାନେ।

## ପ୍ଲାଷ୍ଟିକ୍‌ମୁକ୍ତ ହେବ ଆଦିବାସୀ ମେଳା

**ଭୁବନେଶ୍ୱର,୩୧(ବ୍ୟୁରୋ)**

ଆଦିବାସୀ ମେଳା-୨୦୨୦ ଆସନ୍ତା ଜାନୁୟାରୀ ୨୬ରୁ ଫେବୃୟାରୀ ୯ ପର୍ଯ୍ୟନ୍ତ ୟୁନିଟ-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମେଳା ନିମନ୍ତେ ଏ.ଟି.ଏଲ୍.ସି ଚଳିତବର୍ଷ ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ। ସେହିଭଳି ମେଳାରେ ଏଥର ମୋଟ ୮ ବିଭାଗ ରହିବ। ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା, ସୁବ୍ୟବସ୍ଥିତ ଯାନବାହନ ଚଳାଚଳ ଉପରେ ଗୁରୁତ୍ୱ ଦିଆଯିବ। ଏହାସହ ମେଳା ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ମେଳାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ମଧ୍ୟ ବିଭାଗ ଗୁରୁତ୍ୱ ଦେବ।

ଚଳିତବର୍ଷ ଆଦିବାସୀ ମେଳାକୁ ଅଧିକ ବ୍ୟାପକ ଓ ସୁବ୍ୟବସ୍ଥିତ କରିବା ନିମନ୍ତେ ଶୁକ୍ରବାର ଆଦିବାସୀ ପ୍ରଦର୍ଶନୀ ପଡ଼ିଆସ୍ଥିତ ଓଟିଡିସି ସମ୍ମିଳନୀ କକ୍ଷରେ ଆଦିବାସୀ ମେଳା-୨୦୨୦ ଆୟୋଜନ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ମେଳା ସହିତ ସମ୍ପୃକ୍ତ ସମସ୍ତ ବିଭାଗର ସମନ୍ୱୟରେ ମେଳାକୁ ସୁଚାରୁ ରୂପେ ଆୟୋଜନ କରିବା ଉପରେ ଚୋପ୍ରା ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରସ୍ତୁତି ଓ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଫାୟାର ସର୍ଭିସ୍ କମିଶନର ଅଫ୍ ପୋଲିସ, ବିଏମ୍‌ସି, ଖୋର୍ଦ୍ଧା ଜିଲାପାଳଙ୍କ ସହ କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଦ୍ୟାନକୃଷି, ପର୍ଯ୍ୟଟନ, ମୃତ୍ତିକା ସଂରକ୍ଷଣ, ହସ୍ତଶିଳ୍ପ, କୁଟୀରଶିଳ୍ପ, ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ୨୬ ତାରିଖ ସନ୍ଧ୍ୟାରେ ମେଳା ଉଦ୍‌ଘାଟିତ ହେବ।

## ଟ୍ରେନରୁ ବନ୍ଧୁକଧାରୀ ଯୁବକ ଧରାପଡ଼ିଲେ

**ଜଟଣୀ, ୩୧(ଡି.ଏନ୍.ଏ.)**

ଟ୍ରେନରେ ବନ୍ଧୁକ ନେଇ ଯାତ୍ରା କରୁଥିବା ଜଣେ ଯୁବକଙ୍କୁ ଖୋର୍ଦ୍ଧାରୋଡ ରେଲୱେ ଥାନା ପୋଲିସ (ଜିଆରପି) ଅଟକ ରଖି ପଚରାଉଚରା କରୁଛି। ପୁରୀରୁ ସମ୍ବଲପୁର ଯାଉଥିବା ଏକ ଟ୍ରେନ୍‌ର ସାଧାରଣ ବଗିରୁ ଶୁକ୍ରବାର ସନ୍ଧ୍ୟାରେ ବନ୍ଧୁକଧାରୀ ଯୁବକଙ୍କୁ ପୋଲିସ ଧରିଛି। ଅଟକ ଯୁବକଙ୍କଠାରୁ ପୋଲିସ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ପୁରୀରୁ ଟ୍ରେନ ଛାଡିବା ପରେ ବଗିରେ ଥିବା ଅନ୍ୟ ଯାତ୍ରୀଙ୍କ ସହ ବନ୍ଧୁକଧାରୀ ଯୁବକଙ୍କ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଫଳରେ ଯୁବକଜଣକ ପାଖରେ ରଖିଥିବା ବନ୍ଧୁକ ବାହାର କରି ଅନ୍ୟ ଯାତ୍ରୀଙ୍କୁ ଭୟଭୀତ କରାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିବା ଜଣାପଡିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ କୌଣସି ସୂଚନା ଦେଇନାହିଁ। ଜବତ ବନ୍ଧୁକ ଲାଇସେନ୍ସ ପ୍ରାପ୍ତ କି ନୁହେଁ, ଅଟକ ଯୁବକଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ଅଛି କି ନାହିଁ, କେଉଁ ଉଦ୍ଦେଶ୍ୟରେ ବନ୍ଧୁକ ନେଇ ସେ ଟ୍ରେନରେ ଯାତ୍ରା କରୁଥିଲେ ଏଭଳି ବିଭିନ୍ନ ପ୍ରସଙ୍ଗ ନେଇ ପୋଲିସ ତଦନ୍ତ କରଛି।

### ଦୋକାନରୁ ତାଲା ଭାଙ୍ଗି ଚୋରି

**ପାତ୍ରପଡା, ୩୧(ଡି.ଏନ୍.ଏ.)**

ତମାଣ୍ଡୋ ଥାନା ଅଧୀନ ତମାଣ୍ଡୋ ବଜାରର ଏକ ଭେରାଇଟ ଷ୍ଟୋରରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଦୋକାନ ମଧ୍ୟରୁ ସାମଗ୍ରୀ ସମେତ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ଶରତ ଚନ୍ଦ୍ର ପରିଡା ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି। ହେଲେ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଟେର ପାଇ ପାରିନାହିଁ। ପୋଲିସ ସୂଚନା ଅନୁଯାୟୀ, ଶରତଙ୍କର ସ୍ଥାନୀୟ ବଜାରରେ କ୍ରୀଷ୍ଣା ସ୍ନାକ୍ସ ଓ ଭେରାଇଟ ଷ୍ଟୋର ଦୋକାନ ରହିଛି। ରାତି ୧୦ଟାରେ ଶରତ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଶୁକ୍ରବାର ସକାଳୁ ଦୋକାନ କବାଟ ତାଲା ଭଙ୍ଗାଯାଇ ଖୋଲା ଥିବା ଖବର ପାଇଥିଲେ। ପରେ ସେ ସେଠାରେ ପହଞ୍ଚି ଦୋକାନରୁ ଚୋରି ହୋଇଥିବା ଘଟଣା ସମ୍ପର୍କରେ ଜାଣି ଥିଲେ। ଦୋକାନରୁ ଦୁର୍ବୃତ୍ତମାନେ ଟଙ୍କା ସହ ସାମଗ୍ରୀ ଚୋରି କରି ନେଇଥିବା ଶରତ ଅଭିଯୋଗ କରିଛନ୍ତି।

## ସିପିଆଇ ପାଳିଲା ମହଙ୍ଗା ମାଡ଼ ଦିବସ

**ଭୁବନେଶ୍ୱର, ୩୧(ବ୍ୟୁରୋ)**

ପ୍ରଥମ ମହିଳା ଶିକ୍ଷାବିତ୍ ସାବିତ୍ରୀ ବାଈ ଫୁଲେଙ୍କ ଜନ୍ମଦିବସକୁ ଶୁକ୍ରବାର ସିପିଆଇ ନାରୀ ସୁରକ୍ଷା ଦିବସ ଭାବେ ପାଳନ କରିଛି। ଏହା ବ୍ୟତୀତ ଏହି ଦିବସକୁ ସିପିଆଇ ମହଙ୍ଗା ମାଡ଼ ଦିବସ ଭାବେ ମଧ୍ୟ ପାଳନ କରିଥିଲା। ଝିପିଝିପି ବର୍ଷାରେ ଭଗବତୀ ଭବନଠାରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ମହିଳା କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ପହଞ୍ଚି ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଅପରାଧକୁ ଦମନ କରିବା ଲାଗି କଠୋର ଦଣ୍ଡ ଦେବା ପାଇଁ ଦାବି କରିଥିଲେ। ମହିଳାମାନଙ୍କ ମାମଲାକୁ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର କରିବା ଦାବିରେ ସେମାନେ ସ୍ଲୋଗାନ ଦେଇଥିଲେ। ରେଳଭଡ଼ା, ରନ୍ଧନ ଗ୍ୟାସ୍, ପିଆଜ ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା ମଧ୍ୟ କରିଥିଲେ। ଜୋନ୍ ସମ୍ପାଦକ ସୁର ଜେନା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ବନଲତା ଜେନା, ପ୍ରମୋଦିନୀ ପାଇକରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ନାରୀ ନେତ୍ରୀ ରୀତା ସେଠୀ, ସସ୍ମିତା ନାୟକ, କୈଳାସ ପୁହାଣ, ଲୋକନାଥ ଭୋଇ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ।




ସିପିଆଇ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ଆନ୍ତଃ ରାଜ୍ୟ କାର୍ ଚୋରି, ଠକ ର୍ୟାକେଟ ଘଟଣା
## ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

**କଟକ ରୋଡ,୩୧(ଡି.ଏନ୍.ଏ.):** ଆନ୍ତଃ ରାଜ୍ୟ କାର୍ ଚୋରି, ଠକ ର୍ୟାକେଟ ଘଟଣାରେ ଗିରଫ ହୋଇଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଶୁକ୍ରବାର ଲକ୍ଷ୍ମୀସାଗର ପୋଲିସ ୫ଦିନିଆ ରିମାଣ୍ଡରେ ଆଣିଛି। ସେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଖମାର ଗ୍ରାମର ଚିନ୍ମୟ ସାହୁ। ପୋଲିସ ଚିନ୍ମୟଙ୍କ ଠାରୁ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଚଳାଇଛି। ମୁଖ୍ୟତଃ କାର୍ ଚୋରି ଘଟଣାର ମାଷ୍ଟର ମାଇଣ୍ଡ ପଶ୍ଚିମବଙ୍ଗର ପାପାଙ୍କ ସହ ତାଙ୍କ ସମ୍ପର୍କ, ଭୁବନେଶ୍ୱରରେ ଅଧିକା ଚୋରା ଗାଡି ବିକ୍ରୟ ହୋଇଛି କି ନାହିଁ, ସେ ବାବଦରେ ଖୋଳତାଡ଼ ଆରମ୍ଭ ହୋଇଛି। ଆବଶ୍ୟକ ପଡ଼ିଲେ ଚିନ୍ମୟଙ୍କୁ ନେଇ କମିଶନରେଟ ପୋଲିସ ପାପାଙ୍କୁ ଧରିବାକୁ ପଶ୍ଚିମବଙ୍ଗ ଯିବା ପାଇଁ ଯୋଜନା କରିଛି ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନା ଥାଉ କି, ଗତ ନଭେମ୍ବର ୧ରେ ଚିନ୍ମୟ ଖଣ୍ଡଗିରି ଥାନା ଏସ୍‌ଆଇ ସଞ୍ଜୟ କୁମାର ଷଣ୍ଢଙ୍କୁ ଏକ ଚୋରା କାର ବିକ୍ରି ପାଇଁ ଯୋଗାଯୋଗ କରିଥିଲେ। ଡ୍ରାଇଭିଂ କରିବା ପରେ କିଣିବା ପାଇଁ ରାଜି ହୋଇଥିଲେ। କାରଟିର ଦାମ ୧୪ଲକ୍ଷ ଧାର୍ଯ୍ୟ ହୋଇଥିବା ବେଳେ ସଞ୍ଜୟ ଅଗ୍ରିମ ୮ଲକ୍ଷ ଟଙ୍କା ଦେଇଥିଲେ। ପରେ ଅଭିଯୁକ୍ତମାନେ ସଞ୍ଜୟଙ୍କୁ କାର କିମ୍ବା ଦେଇଥିବା ଟଙ୍କା ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣି ଅଭିଯୋଗ କରିଥିଲେ।

## ପଡୋଶୀଙ୍କ ଘରେ ନିଆଁ ଲଗାଇ ଯୁବକ ଗିରଫ

**ପାତ୍ରପଡା, ୩୧(ଡି.ଏନ୍.ଏ.):** ଖଣ୍ଡଗିରି ଥାନା ବାହାଦଲପୁର ଅଞ୍ଚଳରେ ଜଣେ ଯୁବକ ପଡୋଶୀଙ୍କ ଘରେ ନିଆଁ ଲଗାଇଥିବା ଅଭିଯୋଗରେ ପୋଲିସ ତାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ପ୍ରଦ୍ୟୁମ୍ନ ପ୍ରଧାନ(୪୨)। ଗୁରୁବାର ରାତିରେ ପ୍ରଦ୍ୟୁମ୍ନ ଗାଁ ଦାଣ୍ଡରେ ଗାଳିଗୁଲଜ କରୁଥିଲେ। ପଡୋଶୀ ରଘୁନାଥ ସାହୁ ବିରୋଧ କରିବାରୁ ପ୍ରଦ୍ୟୁମ୍ନ ରଘୁନାଥଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଘରେ ନିଆଁ ଲାଗିଥିବା ଜାଣି ରଘୁନାଥ ପାଖ ପଡୋଶୀଙ୍କ ସହାୟତାରେ ଲିଭାଇଥିଲେ। ରଘୁନାଥ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୫/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା।

## କେଦାରଗୌରୀ ମନ୍ଦିର ପରିଦର୍ଶନ କଲେ ୫-ଟି ସଚିବ

**ପୁରୁଣା ଭୁବନେଶ୍ୱର, ୩୧ (ଡି.ଏନ.ଏ.):** ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଉଚ୍ଛେଦ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ଆରମ୍ଭ ପୂର୍ବରୁ ଅର୍ଥାତ୍ ଗତ ଡିସେମ୍ବର ୪ ତାରିଖ ଭୋର ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ବିଭାଗ ସଚିବ ଭି.କେ. ପାଣ୍ଡିଆନ ଶ୍ରୀଲିଙ୍ଗରାଜ ମନ୍ଦିର ଓ ପରିପାର୍ଶ୍ୱ ବୁଲି ଦେଖିଥିଲେ। ଶୁକ୍ରବାର ସେ ପୁଣି ଏକାମ୍ର କ୍ଷେତ୍ର ପରିଦର୍ଶନ କରିଛନ୍ତି। କେତେଜଣ ଉଚ୍ଚପଦସ୍ଥ ଅଫିସରଙ୍କ ଗହଣରେ ପାଣ୍ଡିଆନ କେଦାରଗୌରୀ ମନ୍ଦିର, ସ୍ୱର୍ଣ୍ଣ ଜଳେଶ୍ୱର, କୋଟି ତୀର୍ଥେଶ୍ୱର ଆଦି ଶ୍ରୀ ଲିଙ୍ଗରାଜଙ୍କ ପାର୍ଶ୍ୱଦେବଦେବୀ ପୀଠଗୁଡ଼ିକୁ ବୁଲି ଦେଖିଛନ୍ତି। ଶ୍ରୀଲିଙ୍ଗରାଜ କ୍ଷେତ୍ରର ୬୬ ଏକର ପରିମିତ ସ୍ଥାନରେ ସୌନ୍ଦର୍ଯ୍ୟକରଣ ଯୋଜନାରେ ସ୍ଥାନ ପାଇଥିବା ମୁକ୍ତେଶ୍ୱର ଓ କେଦାରଗୌରୀ ଅଞ୍ଚଳର ବିକାଶ ସମ୍ପର୍କରେ ନଗର ଉନ୍ନୟନ, ପୂର୍ତ୍ତ, ପର୍ଯ୍ୟଟନ ଓ ବିଏମ୍‌ସିର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ୫-ଟି ସଚିବ ଫେରିଥିଲେ। ସୂଚନାଥାଉ କି ବିଭିନ୍ନ ଯାନିଯାତ୍ରାକୁ ଦେଖିଲେ ବର୍ଷକୁ ପ୍ରାୟ ୧୨୦ଦିନ ଶ୍ରୀଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଜମ୍ୱେଶ୍ୱର, ପର୍ଶୁରାମେଶ୍ୱର, କେଦାରେଶ୍ୱର, ଲାଖବିନ୍ଧାକ୍ଷେତ୍ର, କାଳିକା ଦେବୀପୀଠ, ଶ୍ରୀପଞ୍ଚମୀ ପଡ଼ିଆ, ବରୁଣେଶ୍ୱର ମନ୍ଦିର, ବିନ୍ଦୁସାଗର, ବୈତାଳେଶ୍ୱର ଆଦି କ୍ଷେତ୍ରକୁ ଯାତ୍ରା କରିଥାନ୍ତି। ଏଣୁ ଏହିସବୁ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ ଓ ବିକାଶ ଗୁରୁତ୍ୱବହନ କରୁଛି। ତେଣୁ ୫-ଟି ସଚିବଙ୍କ ଗସ୍ତ ପଛରେ ଏସବୁ କ୍ଷେତ୍ରର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହାଛଡ଼ା ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟରେ କେଦାରଗୌରୀ ମନ୍ଦିର ପରିସରରେ କିଛି ବିକାଶ କାର୍ଯ୍ୟ କରାଯାଇଛି। କିନ୍ତୁ କାରୁକାର୍ଯ୍ୟ ସୁରକ୍ଷା ଓ ଜଳ ନିଷ୍କାସନ ପ୍ରତି ଦୃଷ୍ଟି ଦିଆ ନ ଯିବାରୁ ମନ୍ଦିରର ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ୫-ଟି ସଚିବଙ୍କ ଗସ୍ତ ପରେ କେଦାରଗୌରୀ ମନ୍ଦିର ପାଇଁ ସୁଚିନ୍ତିତ ଯୋଜନା କରାଯାଇପାରେ ବୋଲି କୁହାଯାଉଛି।

### ଡାକ୍ତର ପରିଚୟ ଦେଇ କାର୍ ଲୋନ୍ ଆଳରେ ୧୮ ଲକ୍ଷ ଠକେଇ
## ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩୧(ବ୍ୟୁରୋ)**

ନିଜକୁ ଡାକ୍ତର ପରିଚୟ ଦେଇ କାର ଲୋନ୍ ନେବା ଆଳରେ ବ୍ୟାଙ୍କରେ ଜାଲ କାଗଜପତ୍ର ଦାଖଲ କରି ୧୮ଲକ୍ଷ ଠକେଇ କରିଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ କଟକ ଜିଲା ଗୋପାଳପୁର ପାଇକସାହିର ସିଦ୍ଧାର୍ଥ ସୌମ୍ୟ ରାଉତ। ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅଧୀନ ଜୟଦେବ ବିହାର ଅଞ୍ଚଳରେ ଥିବା ଏକ ଜାତୀୟ ଘରୋଇ ବ୍ୟାଙ୍କକୁ ସିଦ୍ଧାର୍ଥ ୯ ମାସ ତଳେ ଯାଇଥିଲେ। ସେଠାରେ ନିଜକୁ ଏକ ବଡ ଘରୋଇ ମେଡିକାଲ୍‌ରେ ଡାକ୍ତର ଭାବେ କାର୍ଯ୍ୟରତ ଥିବା ପରିଚୟ ଦେଇଥିଲେ। ୧୮ଲକ୍ଷ ଟଙ୍କାର ଏକ କାର୍ ଲୋନ୍ ପାଇଁ ଆବଶ୍ୟକ କାଗଜପତ୍ର ସମ୍ପର୍କରେ ବୁଝାଶୁଝା କରିଥିଲେ। ପରେ ଚଞ୍ଚକତା କରି ଜାଲ କାଗଜପତ୍ର ବଳରେ ବ୍ୟାଙ୍କରୁ ୧୭ଲକ୍ଷ ୫୦ ହଜାର ଟଙ୍କା ଉଠାଇ କାର୍ କିଣିଥିଲେ। ମାତ୍ର ପରେ ୨ ମାସ ଧରି ଋଣ ନ ଶୁଝି କାରକୁ ଲୁଚାଇ ଦେବା ସହ ବ୍ୟାଙ୍କକୁ ଯୋଗଯୋଗ କରି ନ ଥିଲେ। ସିଦ୍ଧାର୍ଥଙ୍କ ଠିକଣା ଅନୁଯାୟୀ ଋଣ ପ୍ରଦାନକାରୀ ବ୍ୟାଙ୍କର କର୍ମଚାରୀ ପହଞ୍ଚିବା ବେଳକୁ ତାହା ଭୁଲ ଠିକଣା ବୋଲି ଜଣାପଡ଼ିଥିଲା। ତନାଘନା ପରେ ବ୍ୟାଙ୍କରେ ଦାଖଲ କରିଥିବା ସମସ୍ତ ଡକ୍ୟୁମେଣ୍ଟ ନକଲି ବୋଲି ଜାଣିବାକୁ ମିଳିଥିଲା। ଏ ନେଇ ବ୍ୟାଙ୍କ ମ୍ୟାନେଜର ଯୋଗେନ୍ଦ୍ରନାଥ ନାୟକ ଗତ ଡିସେମ୍ବର ୨ ତାରିଖରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୬୩୪/୨୦୧୯) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ପ୍ରଥମେ କାରକୁ ଜବତ କରିଥିଲା। ୧ ମାସ ପରେ ଶୁକ୍ରବାର ଅଭିଯୁକ୍ତ ସିଦ୍ଧାର୍ଥଙ୍କୁ କଟକର ଗୋପାଳପୁରରୁ ଗିରଫ କରିଛି।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
e-mail : substore.bargarh@gmail.com
Tel / Fax - 06646-232804
No.E-634 :- **CORRIGENDUM NOTICE**
**No.47** **Date:02.01.2020**
In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.
Sd./-
Chief District Medical & Public Health Officer, Bargarh
10124/11/0002/1920

## ରାଜ୍ୟର ରତ୍ନପଥର ଶିଳ୍ପରେ ବିପୁଳ ସମ୍ଭାବନା




**ଭୁବନେଶ୍ୱର,୩୧**

ରାଜ୍ୟର ରତ୍ନପଥର ଶିଳ୍ପରେ ବିପୁଳ ସମ୍ଭାବନା ରହିଛି। ନୂଆ ଟେକ୍ନୋଲୋଜି ଏବଂ ନୀତି ଦ୍ୱାରା ରାଜ୍ୟର ଅଣସଙ୍ଗଠିତ ରତ୍ନପଥର କ୍ଷେତ୍ରର ବିକାଶ କରାଯାଇପାରିବ। ଏହା ଦ୍ୱାରା ରାଜକୋଷକୁ ରାଜସ୍ୱ ଲାଭ ହେବା ସହ ରାଜ୍ୟର ଅର୍ଥନୈତିକ ବିକାଶ ଦିଗରେ ସହାୟକ ହୋଇ ପାରିବ ବୋଲି ଏଠାରେ ଅନୁଷ୍ଠିତ ରତ୍ନପଥର ଖଣି ଖନନ ସଂକ୍ରାନ୍ତ ଏକ କର୍ମଶାଳା ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍.କେ ଶର୍ମା ଏହା କହିଛନ୍ତି। ରାଜ୍ୟରେ ଏହି ଶିଳ୍ପରେ ନିଯୁକ୍ତିର ବିପୁଳ ସୁଯୋଗ ରହିଥିବା ବେଳେ ଏହାକୁ ଧ୍ୟାନରେ ରଖି ବିଭିନ୍ନ ପଦକ୍ଷେପ ନେବା ଉପରେ ଓଏମ୍‌ସି ତଥା ଓଏମ୍‌ଇସିଏଲ୍‌ର ଏମ୍‌ଡି ଆର୍.ଭିନିଲ କ୍ରୀଷ୍ଣା ଗୁରୁତ୍ୱାରୋପ କରିଥିଲେ। ଖଣି ନିର୍ଦ୍ଦେଶକ ଦୀପକ କୁମାର ମହାନ୍ତି, ଏମ୍‌ଇସିଏଲ୍ ସିଏମ୍‌ଡି ଡ.ରଞ୍ଜିତ ରଥ ରାଜ୍ୟ ମଧ୍ୟରେ ରତ୍ନପଥର ଉତ୍ତୋଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଏମ୍‌ଇସିଏଲ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ରାମନାଥ ପ୍ରହରାଜ, ସାଧାରଣ ପ୍ରବନ୍ଧକ ଶୈଳେନ୍ଦ୍ର ସିହ୍ନା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

### ଫ୍ୟାନରେ ଝୁଲି ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା
## କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

**ଭୁବନେଶ୍ୱର, ୩୧(ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଛକସ୍ଥିତ ଏକ ଘରୋଇ ହଷ୍ଟେଲରେ ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଭିନ୍ନ ମୋଡ ନେଇଛି। ପରିବାର ଲୋକେ ସମ୍ପୃକ୍ତ ଘରୋଇ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପଶ୍ଚିମବଙ୍ଗର ଝୁମ୍ପା ଦେବନାଥ(୨୭) ନାମକ ଛାତ୍ରୀ ଉକ୍ତ ଘରୋଇ ହଷ୍ଟେଲରେ ରହୁଥିଲେ। ତାଙ୍କ ସାଙ୍ଗ ନବବର୍ଷ ପାଇଁ ଘରକୁ ଯାଇଥିବାବେଳେ ଝୁମ୍ପା ବେକରେ ଓଢଣି ଲଗାଇ ଫ୍ୟାନରେ ଆତ୍ମହତ୍ୟା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୦୨୦) ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ମୁତାବକ, ଝୁମ୍ପାଙ୍କ ପରିବାର ଲୋକେ ଶୁକ୍ରବାର ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ପ୍ରେମିକଙ୍କ ସହ ଝଗଡ଼ାକୁ ନେଇ ଝୁମ୍ପା ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ ପ୍ରକାଶ ପାଇଥିବା ବେଳେ ପରିବାର ଲୋକେ ଭିନ୍ନ ଅଭିଯୋଗ ଆଣିଛନ୍ତି। ପରିବାର ଲୋକେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି। ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ୪ ମାସ ପୂର୍ବରୁ କଲେଜ ହଷ୍ଟେଲରେ ନିଶା ଖାଇବାକୁ କେନ୍ଦ୍ରକରି ଝୁମ୍ପାଙ୍କୁ ହଷ୍ଟେଲରୁ କର୍ତ୍ତୃପକ୍ଷ ବାହାର କରିଦେଇଥିଲେ। ଯାହାକୁ ନେଇ ଝୁମ୍ପା ମାନସିକ ସ୍ତରରେ ଭାଙ୍ଗି ପଡ଼ିବା ସହ ଅନେକ ଥର ଘରକୁ ଫୋନ କରି କାନ୍ଦିବା ସହ ହଷ୍ଟେଲରୁ ଚାଲିଯିବାକୁ ଚାହେଁ ବୋଲି କହିଥିଲେ। ମାତ୍ର କଲେଜ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲେ ତାଙ୍କ ଝିଅର ଏପରି ଅବସ୍ଥା ହୋଇ ନ ଥାନ୍ତା। ସେହିପରି ଝୁମ୍ପାଙ୍କ ପୁରୁଷ ବନ୍ଧୁ କହିଛନ୍ତି, ଉଭୟଙ୍କ ଭିତରେ ଛୋଟ ମୋଟ ଝଗଡ଼ା ହୁଏ। ମାତ୍ର ଝୁମ୍ପା ଓ ତାଙ୍କ ଭିତରେ ଏମିତି କିଛି ଝଗଡ଼ା ନ ଥିଲା ଯାହାକି ସିଏ ଆତ୍ମହତ୍ୟା ପନ୍ଥା ବାଛିନେବେ। ଅନ୍ୟପଟେ ପୋଲିସ ଝୁମ୍ପାଙ୍କ ରୁମ୍‌ରୁ ଲାପଟପ୍, ଡାଏରୀ ଓ କିଛି ଚିଠି ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

**Government of Odisha**
**"e" Procurement Notice**
No.: O-750
**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.
**Sd./- Executive Engineer**
**R.W. Division, Angul**
25096/11/0008/1920



ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଇଡି ପକ୍ଷରୁ ଶୁକ୍ରବାର ପୁଣି ଜେରା କରାଯାଇଛି। ୟୁପିଏ-୧ ସରକାର ଅମଳରେ ଏୟାର୍ ଇଣ୍ଡିଆ ଲାଗି ୪୦ ହଜାର କୋଟି ଟଙ୍କାର ବୋଇଂ ଓ ଏୟାର୍‌ବସ୍ ବିମାନ କ୍ରୟ ଲାଗି ଚୁକ୍ତି ହୋଇଥିବାବେଳେ ମନିଲଣ୍ଡରିଂ ଅଭିଯୋଗ ହୋଇଥିଲା। ଚିଦାମ୍ବରମ ସେତେବେଳେ ଉଚ୍ଚ କ୍ଷମତାସମ୍ପନ୍ନ ମନ୍ତ୍ରୀଗୋଷ୍ଠୀର ଅଧ୍ୟକ୍ଷ ଥିଲେ। ୧୧ ବିମାନ ଲାଗି ଚୁକ୍ତି ହୋଇଥିଲା। ଏନେଇ ଇଡି ୬ ଘଣ୍ଟାକାଳ ଚିଦାମ୍ବରମଙ୍କୁ ଜେରା କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଓପିଏଚ୍‌ଡବ୍ଲ୍ୟୁସିର ନିର୍ମାଣ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୩।୧(ବ୍ୟୁରୋ): ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ରାଜଧାନୀସ୍ଥିତ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଏବଂ ୱେଲ୍‌ଫେୟାର କର୍ପୋରେଶନ୍ ଲିମିଟେଡ୍ (ଓପିଏଚ୍‌ଡବ୍ଲ୍ୟୁସି) କାର୍ଯ୍ୟାଳୟ ପରିଦର୍ଶନ କରି ଓପିଏଚ୍‌ଡବ୍ଲ୍ୟୁସି ଦ୍ୱାରା କରାଯାଉଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ପ୍ରଶଂସା କରିଛନ୍ତି। ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଓପିଏଚ୍‌ଡବ୍ଲ୍ୟୁସି ସମ୍ମିଳନୀ କକ୍ଷଠାରେ ବିଭାଗ ଦ୍ୱାରା କରାଯାଉଥିବା କୋଠା ନିର୍ମାଣ କାର୍ଯ୍ୟର ସମୀକ୍ଷା ମଧ୍ୟ କରିଛନ୍ତି। ରାଜ୍ୟ ଗୃହ ବିଭାଗ ଅଧୀନରେ ୧୯୮୦ ମସିହାରେ ଗଠିତ ହୋଇଥିବା ଓପିଏଚ୍‌ଡବ୍ଲ୍ୟୁସି ବର୍ଷକୁ ବର୍ଷ ଆଧୁନିକ ଢାଞ୍ଚାରେ ଉତ୍ତମ ମାନର ସରକାରୀ କୋଠା ନିର୍ମାଣ କରି ସବୁ ସ୍ତରରେ ପ୍ରଶଂସାଭାଜନ ହେଉଛି। ୨୦୦୯-୧୦ରେ ୧୬୬.୬୬ କୋଟି ବିନିଯୋଗ କରି ଗୃହ ନିର୍ମାଣ କରାଯାଇଥିବା ବେଳେ କ୍ରମାଗତ ବୃଦ୍ଧି ଘଟି ୨୦୧୮-୧୯ ଆର୍ଥିକ ବର୍ଷରେ ୪୦୦ କୋଟି ମୂଲ୍ୟର ଉତ୍ତମ ମାନର ସରକାରୀ କୋଠାଗୃହ ନିର୍ମାଣ କରିଛି। ଭୁବନେଶ୍ୱରସ୍ଥିତ କମିଶନର ଅଫ୍ ପୋଲିସ କୋଠା, ପୋଲିସ ଥାନା, କାରାଗାର, ଅଗ୍ନିଶମ, ନ୍ୟାୟପାଳିକା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଶିକ୍ଷା ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ମାଇନିଂ କର୍ପୋରେଶନ୍, ଓଡ଼ିଶା ରାଜ୍ୟ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ୍ ଓ ବସ୍‌ଷ୍ଟାଣ୍ଡ, ଆଇଆର୍‌ଇ, ନିର୍ଦ୍ଦେଶକ ବୈଷୟିକ ଶିକ୍ଷା ବିଭାଗ, ଉତ୍କଳିକା ଇତ୍ୟାଦି ଅନ୍ୟାନ୍ୟ ସମସ୍ତ ସରକାରୀ କୋଠାଗୁଡ଼ିକ ଆଧୁନିକ ଢାଞ୍ଚାରେ ନିର୍ମାଣ କରିଆସୁଛି। ଏଥି ସହିତ ଅନେକ କୋଠାଗୃହରେ ସୌରଶକ୍ତି ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି। ଏହିଭଳି ଆଧୁନିକ ଢାଞ୍ଚାରେ ଉତ୍ତମ ମାନର ସରକାରୀ ବିଭାଗର କୋଠା ଉଚ୍ଚମାନର ନିର୍ମାଣ କରିପାରୁଥିବା ହେତୁ ଓପିଏଚ୍‌ଡବ୍ଲ୍ୟୁସି ଦ୍ୱାରା ଜିଲାସ୍ତରରେ ଏବଂ ବ୍ଲକ୍‌ସ୍ତରରେ ହେଉଥିବା କୋଠା ନିର୍ମାଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କଲେ ଏହାର କାର୍ଯ୍ୟଶୈଳୀ ଆହୁରି ବ୍ୟାପକ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

### ୭ରେ ଭୁବନେଶ୍ୱରରେ 'ସାରେଗାମାପା ଲିଟିଲ୍ ଚାମ୍ପସ୍' ଅଡିଶନ୍

ଭୁବନେଶ୍ୱର,୩।୧(ବ୍ୟୁରୋ): କୁନିକୁନି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଜୀ ଟିଭିର ସଙ୍ଗୀତଭିତ୍ତିକ ରିୟାଲିଟି ଶୋ 'ସାରେଗାମାପା ଲିଟିଲ୍ ଚାମ୍ପସ୍' ପୁଣିଥରେ ଫେରିଛି। ଶୋ ଆରମ୍ଭ ହେବା ପୂର୍ବରୁ ଏହାର ଅଡିଶନ୍ ଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ହେବ। ଏହିକ୍ରମରେ ଭୁବନେଶ୍ୱରରେ 'ସାରେଗାମାପା ଲିଟିଲ୍ ଚାମ୍ପସ୍'ର ଅଡିଶନ୍ ଆସନ୍ତା ୭ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ୬ସ୍ଥିତ କନ୍‌ଭେନ୍‌ଶନ୍ ସେଣ୍ଟରରେ ଆୟୋଜିତ ହେବ। ତେବେ ଅଡିଶନ୍‌ରେ ଭାଗ ନେବା ପାଇଁ ପିଲାମାନଙ୍କୁ ପ୍ରଥମେ ପଞ୍ଜୀକରଣ କରିବାକୁ କୁହାଯାଇଛି। ଲିଟିଲ୍ ଚାମ୍ପସରେ ଭାଗନେବା ଲାଗି ବୟସ ସୀମା ୧୫ ବର୍ଷ ରହିଛି। ଭୁବନେଶ୍ୱର ପରେ ଅନ୍ୟ ପ୍ରମୁଖ ଅଡିଶନ୍ ଗୋଆ, ଲକ୍ଷ୍ମୌ, ବାଙ୍ଗାଲୋର, ଚଣ୍ଡିଗଡ଼, ଇନ୍ଦୋର, ପାଟନା, ଜୟପୁର, ନାଗପୁର, ପୁଣେ, ଅହମ୍ମଦାବାଦ, କୋଲକାତା, ଦିଲ୍ଲୀ ଓ ମୁମ୍ବାଇରେ ଅନୁଷ୍ଠିତ ହେବ। 'ସାରେଗାମାପା ଲିଟିଲ ଚାମ୍ପସ୍'ର ପୂର୍ବ ସିଜିନ୍‌ରେ ସୁଗନ୍ଧା ଦାତେ ବିଜୟୀ ହୋଇଥିବାବେଳେ ଶ୍ରେୟନ୍ ଭଟ୍ଟାଚାର୍ଯ୍ୟ, ଅଲି ଗାଏକ୍‌ୱାଡ୍, ତାନ୍ୟା ଶର୍ମା, ଷଣ୍ମୁଖ ପ୍ରିୟା, ସୋନାକ୍ଷୀ କର ଓ 'ଛୋଟେ ଭଗବାନ'ଭାବେ ଜଣାଶୁଣା ଜୟେଶ କୁମାରଙ୍କ ଭଳି ସଙ୍ଗୀତ ପ୍ରତିଭା ଲୋକଲୋଚନକୁ ଆସିଥିଲେ। ସେହିଭଳି ଚଳିତ ସିଜିନ୍‌ରେ ମଧ୍ୟ କିଛି ଧମାକାଦାର ଶିଶୁ ଓ କିଶୋର କଣ୍ଠଶିଳ୍ପୀଙ୍କୁ ଏହି ପ୍ଲାଟଫର୍ମ ଦେଶ ସହ ପରିଚିତ କରାଇବାକୁ ଯାଉଛି।

### ଜେନେରାଲ କାସିମ ସୋଲେମାନୀଙ୍କ ଉପରେ ୟୁଏସ୍ ଏୟାର ଷ୍ଟ୍ରାଇକ୍

# ଭାରତ ବଜାର ଲାଗି ଚିନ୍ତାଜନକ

**ନୂଆଦିଲ୍ଲୀ,୩-୧:** ଇରାନର ଶୀର୍ଷ ସେନା ଅଧିକାରୀ ଜେନେରାଲ କାସିମ ସୋଲେମାନୀଙ୍କ ଆମେରିକାର ଏୟାର ଷ୍ଟ୍ରାଇକ ଯୋଗୁ ଶୁକ୍ରବାର ମୃତ୍ୟୁ ଘଟିଛି। ଏଥି ଯୋଗୁ ପଶ୍ଚିମ ଏସିଆ ବଜାର ଉପରେ ଗଭୀର ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ଶୁକ୍ରବାର ପୂର୍ବାହ୍ନରେ ଏହି ଖବର ଆସିବା ପରେ ଶେୟାର ବଜାର ଉପରେ ପ୍ରଭାବ ପରିଲକ୍ଷିତ ହୋଇଛି। ଏହାବାଦ ଅଶୋଧିତ ତୈଳ ଦର ୪% ବଢ଼ିଥିବା ଜଣାପଡ଼ିଛି। ଏବେ ମାନ୍ଦାବସ୍ଥା ଦେଇ ଭାରତ ଗତି କରୁଥିବା ବେଳେ ଏଭଳି କାରଣ ଯୋଗୁ ସୁନା ରୁପା ମୂଲ୍ୟ ବଢ଼ିଗଲେ ସରକାରଙ୍କ ପାଇଁ ଏହା ଚିନ୍ତା ବଢ଼ାଇବ ବୋଲି ଆଶଙ୍କା କରାଯାଉଛି। ଏହା ଦ୍ୱାରା କେବଳ ଭାରତ ବଜାର ନୁହେଁ ସାରା ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଉପରେ ପ୍ରଭାବ ପଡ଼ିବ ବୋଲି ଆଶଙ୍କା ଉପୁଜିଛି।

#### ଅଶୋଧିତ ତୈଳ ଦର ବୃଦ୍ଧି



ଶୁକ୍ରବାର ଆମେରିକାର ଏୟାର ଷ୍ଟ୍ରାଇକ ଖବର ଶୁକ୍ରବାର ପୂର୍ବାହ୍ନରେ ଆସିବା ପରେ ଆର୍ଥିକ ଜଗତର ଚିନ୍ତା ବଢ଼ିଯାଇଛି। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୪% ବୃଦ୍ଧି ଘଟିଥିବା ନଜରକୁ ଆସିଛି। ଚଳିତବର୍ଷ ଅଶୋଧିତ ତୈଳ ଦର ବର୍ତ୍ତମାନ ସୁଦ୍ଧା ୩୫% ମହଙ୍ଗା ହୋଇସାରିଛି। ଭାରତ ଏହାର ଚାହିଦା ମେଣ୍ଟାଇବା ଲାଗି ୮୩% ତୈଳ ଆମଦାନୀ କରୁଛି। ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶକୁ ଅଧିକ ବିଦେଶୀ ମୁଦ୍ରା ଖର୍ଚ୍ଚକରିବାକୁ ପଡ଼ିବ।

#### ରେକର୍ଡ ଉଚ୍ଚ ସ୍ତରରେ ସୁନା

ଇରାନ ମଧ୍ୟରେ ହୋଇଥିବା ଏୟାର ଷ୍ଟ୍ରାଇକ ଯୋଗୁ ସୁନା ରୁପା ବଜାର ଉପରେ ପ୍ରଭାବ ପକାଇଛି। ସୁନା,ରୁପା ଦର ଦ୍ରୁତ ଭାବେ ବଢ଼ିଥିବା ଜଣାପଡ଼ିଛି। ମୁଦ୍ରା ଦୁର୍ବଳ ହେବା କାରଣରୁ ଶୁକ୍ରବାର ଦିଲ୍ଲୀରେ ସୁନା ଦର ୧୦ ଗ୍ରାମ ପିଛା ୭୫୨ ଟଙ୍କା ବଢ଼ି ୪୦,୬୫୨ ସ୍ତର ଛୁଇଁଥିଲା। ଗୁରୁବାର ସୁନାର ବଜାର ଦର ୩୯,୯୦୦ ଟଙ୍କା ସ୍ତରରେ ରହି ବନ୍ଦ ହୋଇଥିଲା। ସେହିଭଳି ରୁପା ଦର କିଲୋ ପ୍ରତି ୯୬୦ ଟଙ୍କା ବଢ଼ି ୪୮,୮୭୦ ଟଙ୍କା ଛୁଇଁଥିବା ନଜରକୁ ଆସିଛି। ଗୋଟିଏ ଦିନ ପୂର୍ବର କାରବାରରେ ରୁପା ଦାମ ୪୭,୯୯୦ ଟଙ୍କା ରହିଥିଲା। ଆର୍ଥିକ ଅନିଶ୍ଚିତତା ବଢ଼ୁଥିବା ଯୋଗୁ ନିବେଶକମାନେ ସୁନା ଭଳି ସୁରକ୍ଷିତ



ବିକଳ୍ପ ଆଡକୁ ବଢ଼ିବାକୁ ଚାହିଁବେ। ଚାହିଦା ଯୋଗୁ ସୁନା ଦର ଆହୁରି ବଢ଼ିବାର ସମ୍ଭାବନା ରହିଛି।

#### ଦରଦାମ ବଢ଼ିବ

ଅଶୋଧିତ ତୈଳ ଦର ବଢ଼ିବା ଯୋଗୁ ଏହାର ପ୍ରଭାବ ସିଧାସଳଖ ଭାରତୀୟଙ୍କ ଉପରେ ପଡ଼ିବାର ଆଶଙ୍କା ଉପୁଜିଛି। ଯଦି ଏଭଳି ସ୍ଥିତି ଲାଗି ରହେ ତେବେ ପେଟ୍ରୋଲ ଡିଜେଲ ଦର ଆହୁରି ବଢ଼ିବ। ତେଲ ଦର ବଢ଼ିଲେ ଏହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼ିବ। ଖାଦ୍ୟ ସାମଗ୍ରୀ ମୂଲ୍ୟ ବଢ଼ିବା ଯୋଗୁ ଏହାର ପ୍ରଭାବରେ ନଭେମ୍ବରରେ ମୁଦ୍ରାସ୍ଫୀତି ବୃଦ୍ଧି ଘଟି ୫.୫୪% ଛୁଇଁଛି। ଏହା ୩ ବର୍ଷର ସବୁଠାରୁ ଉଚ୍ଚସ୍ତର।

#### ସରକାରଙ୍କ ଚିନ୍ତା ବଢ଼ାଇବ

ଆମେରିକାର ଏଭଳି ଏୟାର ଷ୍ଟ୍ରାଇକ ଅନ୍ତର୍ଜାତୀୟ ବଜାର ଲାଗି ଚିନ୍ତାଜନକ ବୋଲି ପ୍ରଭୁଦାସ ଲିଲାଧରର ସିଇଓ ଅଜୟ ବୋଡକେ କହିଛନ୍ତି। ସୁଲେମାନି ଇରାନର ସବୁଠାରୁ ବଡ ନେତାଙ୍କ ବିଶ୍ୱସ୍ତ ଥିଲେ। ଏହି ଆକ୍ରମଣ ବିରୋଧରେ ଇରାନ ପାଲଟା କାର୍ଯ୍ୟାନୁଷ୍ଠାନ ନେବ। ଏହା ଦ୍ୱାରା ତେଲ ଦର ବଢ଼ିବାର ବିଶେଷ ସମ୍ଭାବନା ଉପୁଜିଛି। ତେଲ ଆମଦାନୀ କରୁଥିବା ଦେଶଗୁଡ଼ିକ ଏହା ଚିନ୍ତା ବଢ଼ାଇବ। ଭାରତ ଭଳି ବାଣିଜ୍ୟିକ ନିଅଣ୍ଟ ଏବଂ ଚଳନ୍ତି ଖାତା ନିଅଣ୍ଟ ସମସ୍ୟା ସାମ୍ନା କରୁଥିବା ଦେଶ ଏଭଳି ଘଟଣା ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେବେ ବୋଲି ବୋଡକେ ମତ ଦେଇଛନ୍ତି।

#### ବଢ଼ିଛି ବିତ୍ତୀୟ ନିଅଣ୍ଟ

ଚଳିତବର୍ଷ ନଭେମ୍ବର ଶେଷସୁଦ୍ଧା ଭାରତର ବିତ୍ତୀୟ ନିଅଣ୍ଟ ବଜେଟରେ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟ ଟପିଛି। ବିତ୍ତୀୟ ଲକ୍ଷ୍ୟ ହାସଲ ଚ୍ୟାଲେଞ୍ଜ ଦେଇ ସରକାର ଗତି କରୁଛନ୍ତି। ଗତ ସପ୍ତାହରେ ଆସିଥିବା ଡାଟା ମୁତାବକ ସରକାରଙ୍କ ଆୟ ଏବଂ ବ୍ୟୟ ମଧ୍ୟରେ ବୃଦ୍ଧି ଘଟି ୮.୦୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହାବାଦ ଚଳନ୍ତି ଖାତା ନିଅଣ୍ଟ ସେପ୍ଟେମ୍ବରରେ ୦.୯% ହ୍ରାସ ଘଟିଛି।

#### ଶେୟାର ବଜାର ଖସିଲା



ବିଶ୍ୱର ୨ ପ୍ରମୁଖ ତେଲ ଉତ୍ପାଦନକାରୀ ରାଷ୍ଟ୍ରଙ୍କ ମଧ୍ୟରେ ହୋଇଥିବା କଳି ଯୋଗୁ ଇରାନ ଉପରେ ହୋଇଥିବା ଏୟାର ଷ୍ଟ୍ରାଇକର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନସେକ୍ସ ୧୬୨.୦୩ ପଏଣ୍ଟ ଖସିବା ସହ ୪୧,୪୬୪.୬୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୫୫.୫୫ ପଏଣ୍ଟ ଖସିବା ଯୋଗୁ ଏହା ୧୨,୨୨୬.୬୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

### ନୂତନ ଆଇପିଆର୍ ପ୍ରକାଶନରେ ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ: ମନ୍ତ୍ରୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ୭ ସଂଘର ମୁଖ୍ୟ ଏବଂ କ୍ଷୁଦ୍ରଶିଳ୍ପର ମୁଖ୍ୟମାନେ ବିଭାଗୀୟ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ନିମନ୍ତେ ଶିଳ୍ପ ପାଇଁ ପ୍ରଦାନ କରାଯାଇଥିବା ଭୂମିର ପଟ୍ଟା ଅଧିକାର କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରଦାନ କରିବାର ତତ୍କାଳ ଆବଶ୍ୟକତା ରହୁଛି ବୋଲି କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀମାନେ ମନ୍ତ୍ରୀଙ୍କୁ କହିଥିଲେ। କ୍ଷୁଦ୍ର ଶିଳ୍ପ ସ୍ଥାପନ ଆରମ୍ଭରୁ ରହି ଆସିଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ଓଡ଼ିଶା ରାଜ୍ୟ କ୍ଷୁଦ୍ରଶିଳ୍ପ ସଂସ୍ଥା ସଂଘର ମୁଖ୍ୟ ମାନସ ଦାସ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ରଙ୍କୁ ଅବଗତ କରାଇଥିଲେ। ଚଳିତବର୍ଷ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିପାଇଁ ଉପୁଜୁଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ବିଭାଗକୁ ଅବଗତ କରାଇଲେ ତା'ର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକରେ ଯେତେ ସମ୍ଭବ ଯନ୍ତ୍ର ଦ୍ୱାରା କାର୍ଯ୍ୟ ନ କରି କର୍ମଚାରୀ ନିଯୁକ୍ତ କରାଗଲେ ବେରୋଜଗାର ସମସ୍ୟା ଦୂର ହୋଇପାରିବ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପରାମର୍ଶ ଦେଇଛନ୍ତି। ସେହିପରି ବିଭାଗୀୟ ଅଧିକାରୀ ଏବଂ ଅଭିଜ୍ଞତା ଥିବା ସଂସ୍ଥାକୁ ନେଇ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଏମ୍‌ଏସ୍‌ଏମ୍‌ଇରେ ରହିଥିବା ସମସ୍ୟାର ସୁଧାର ଆଣି ଚଳିତବର୍ଷ ନୂତନ ଏମ୍‌ଏସ୍‌ଏମ୍‌ଇ ପଲିସି ଘୋଷଣା କରାଯିବ, ଯାହାଦ୍ୱାରା ନୂତନ ଆଇପିଆର୍‌ର ଠିକ୍ ପ୍ରକାଶନ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ମିଶ୍ର ପ୍ରକାଶ କହିଥିଲେ।

#### ବରଗଡ଼ ଧନୁଯାତ୍ରା



ଗୋପପୁରରେ ଶ୍ରୀକୃଷ୍ଣ କଂସ ପ୍ରେରିତ ରାକ୍ଷସକୁ ବଧ କରୁଛନ୍ତି।

■ ଓଡ଼ିଶାକୁ କମେଣ୍ଡେଶନ ପୁରସ୍କାର ମିଳିବା ପ୍ରସଙ୍ଗ

## ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନା

ଭୁବନେଶ୍ୱର,୩।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟ କୃଷି ବିଭାଗକୁ ୨୦୧୬-୧୭ ପାଇଁ କୃଷି କର୍ମଣ ପୁରସ୍କାର ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଗୁରୁବାର ରାଜ୍ୟ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। କେନ୍ଦ୍ରଠାରୁ ଏହି ପୁରସ୍କାର ରାଶି ମିଳିବାପରେ ବିରୋଧୀ କିନ୍ତୁ କଡା ସମାଲୋଚନା କରିଛନ୍ତି। ଅନ୍ୟପଟେ ପୁରସ୍କାର ଗ୍ରହଣ କରି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବାପରେ ମନ୍ତ୍ରୀ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କୃଷକମାନଙ୍କୁ ବହୁତ ପ୍ରକାର ସାହାଯ୍ୟ ଓ ସହାୟତା ଯୋଗାଇ ଦିଆଯାଉଛି। ଚାଷ କ୍ଷେତ୍ରରେ ମଧ୍ୟ ବହୁ ଅଗ୍ରଗତି ହୋଇଛି। ସ୍ୱତନ୍ତ୍ର କୃଷି ବଜେଟ୍ ଏବଂ ନୂତନ କୃଷି ନୀତି ୨୦୧୩ ଏବଂ ୨୦୨୦ରେ ନୂଆ ନୀତି ଆସିଛି। ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ପ୍ରଭୃତ ଅଗ୍ରଗତି ହାସଲ କରିଛି। ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଉତ୍କର୍ଷ ଲାଭ କରିଥିବାରୁ କେନ୍ଦ୍ର ସରକାରଙ୍କୁ କୃଷି କର୍ମଣ ପୁରସ୍କାର ଅନ୍ତର୍ଗତ କମେଣ୍ଡେଶନ ଆୱାର୍ଡ ମିଳିଛି। ଭିନ୍ନ ଭିନ୍ନ ରାଜ୍ୟ ବିଭିନ୍ନ ଫସଲର ସଫଳତାକୁ ନେଇ ପାଇଥିବା ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରାଜ୍ୟକୁ କୃଷି ପୁରସ୍କାର ତୁଚ୍ଛା ବାହାଦୁରି। ୨୧ଟି ରାଜ୍ୟ କୃଷି ପାଇଁ ପୁରସ୍କାର ପାଇଛନ୍ତି। କେନ୍ଦ୍ର ପାଖରେ ରାଜ୍ୟ ସରକାର ହାତ ଟେକି ଦେଇଥିବା ସାଲୁଜା କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ମିଥ୍ୟା ତଥ୍ୟ ଦେଇ ଓଡ଼ିଶା କୃଷି କମେଣ୍ଡେଶନ ପୁରସ୍କାର ପାଇଛି। ରାଜ୍ୟର କେଉଁ ଅଞ୍ଚଳରେ କୃଷି ଉତ୍ପାଦନ ବଢ଼ିଛି ସରକାର କୁହନ୍ତୁ। ଆଳୁ ଏବଂ ପିଆଜ ମିଶନ ସରକାରଙ୍କ ଫେଲ୍ ହୋଇଛି। ଭୁଲ୍ ତଥ୍ୟ ଦେଇ ପୁରସ୍କାର ନେବାରେ ପାରଙ୍ଗମ ହୋଇଗଲେଣି। ଭାଜପା ଏବଂ କଂଗ୍ରେସର ପ୍ରତିକ୍ରିୟା ଉପରେ ମତ ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଭୁଲ୍ ତଥ୍ୟ ଦେଇ ରାଜ୍ୟ ସରକାର ଏହି ପୁରସ୍କାର ଆଣିଥିବା ବିଷୟରେ ଭାଜପା ଯାହା କହୁଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଭାଜପାର ଏଭଳି ମନ୍ତବ୍ୟ ଶୁଣି ଲୋକେ ହସୁଥିବାବେଳେ ଏହାଦ୍ୱାରା ତାଙ୍କରି ଦଳର କେନ୍ଦ୍ର ସରକାର ଦେଇଥିବା ପୁରସ୍କାରର ବିଶ୍ୱସନୀୟତାକୁ ସେମାନେ ନିନ୍ଦା କରୁଥିବା ଏଥିରୁ ପ୍ରତୀୟମାନ ହେଉଛି ବୋଲି ସସ୍ମିତ କହିଛନ୍ତି।

### କୋଷାଗୁମୁଡ଼ା ନାବାଳିକା ଗଣବଳାତ୍କାର, ହତ୍ୟା ଘଟଣାର ପର୍ଦ୍ଦାଫାଶ କଲେ ଏସ୍‌ପି

## ବଳାତ୍କାର ନୁହେଁ, ଏକତରଫା ପ୍ରେମରୁ ହତ୍ୟା

ନବରଙ୍ଗପୁର,୩।୧(ବି.ପ୍ର.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାମୁଣୀ ପଞ୍ଚାୟତର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ମାମଲାରେ ନୂଆ ମୋଡ଼ ଆସିଛି। ବଳାତ୍କାର ନୁହେଁ, ବରଂ ଏକତରଫା ପ୍ରେମରୁ ତାଙ୍କୁ ହତ୍ୟା କରାଯାଇଛି। ନବରଙ୍ଗପୁର ଏସ୍‌ପି ନୀତିନ କୁସାଲକର ଶୁକ୍ରବାର ଖବରଦାତା ସମ୍ମିଳନୀରେ ଏଭଳି ସ୍ପଷ୍ଟ ସୂଚନା ରଖିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ନାବାଳିକାଙ୍କୁ ବଳାତ୍କାର କରାଯାଇ ନ ଥିବା ସ୍ପଷ୍ଟ ହୋଇଛି ବୋଲି ଏସ୍‌ପି କହିଛନ୍ତି। ତାଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ କୋରାପୁଟ ଜିଲା

#### ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

କୋଟପାଡ ଥାନା ପଖନାଗୁଡା ଗାଁର ଖାଡି ଭତରା (୨୦) ଓ ତାଙ୍କ ପିଉସୀ ପୁଅ ଭାଇ କୋଷାଗୁମୁଡ଼ା ଥାନା ଅଞ୍ଚଳର ବଳି ମାଝି (୧୮)ଙ୍କୁ ଗିରଫ କରାଯାଇଛି। ଖାଡିଙ୍କୁ କୋଷାଗୁମୁଡା ବ୍ଲକ ମଦେଗାଁ ଓ ବଳିଙ୍କୁ ବି. ଗୁମଣ୍ଡଳୀରୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ପ୍ରକାଶ ଯେ, ଖାଡି ଭତରା କୋଷାଗୁମୁଡ଼ାସ୍ଥିତ ନିଜ ପିଉସୀଙ୍କ ଘରକୁ ବିଭିନ୍ନ ସମୟରେ ଯିବାବେଳେ ସେହି ଗାଁର ଜଣେ ନାବାଳିକାଙ୍କୁ ଭଲପାଇ ବସିଥିଲେ। ଘଟଣାର ୨୦ଦିନ ପୂର୍ବରୁ ଖାଡି ପ୍ରେମ ନିବେଦନ କରିବାରୁ ନାବାଳିକା ଜଣଙ୍କ ତାଙ୍କୁ ଚାପୁଡା ମାରିଥିଲେ। ଖାଡି ଏଥିରେ ରାଗିଯାଇ ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ। ନାବାଳିକାଙ୍କୁ ହତ୍ୟା କରିବା ପାଇଁ ଖାଡି ପୂର୍ବରୁ ପ୍ରସ୍ତୁତ ହୋଇ ପିଉସୀ ଘରେ ୭ ଦିନ ରହିଥିଲେ। ଗତ ୧୩ତାରିଖ ସନ୍ଧ୍ୟାରେ ନାବାଳିକା ଜଣଙ୍କୁ ଅନ୍ୟ ଜଣେ ନାବାଳିକାଙ୍କ ଦ୍ୱାରା ଗାଁ ବିଲକୁ ଡକାଇବା ପରେ ସେଠାରେ ଥିବା ଖାଡ଼ି ତାଙ୍କ ପିଉସୀ ପୁଅ ଭାଇ ବଳି ସହ ମିଶି ଓଢ଼ଣିରେ ନାବାଳିକାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହା ପରେ ମୃତଦେହକୁ କିଛି ଦୂରରେ ନେଇ ଫିଙ୍ଗି ଦେଇଥିଲେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ଗ୍ରାମାଞ୍ଚଳରେ ନୂତନ ପାଠାଗାର ସ୍ଥାପନର ଗୁରୁତ୍ୱ ରହିଛି: ମନ୍ତ୍ରୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ସନ୍ଧ୍ୟାରେ ବାଲିକୁଦା ବ୍ଲକର ଅଢ଼ଙ୍ଗା ଗ୍ରାମସ୍ଥିତ 'ଦିବାକର ଦାସ ସ୍ମାରକୀ ପାଠାଗାର'କୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ଅଧିକରୁ ଅଧିକ ପାଠାଗାର ସ୍ଥାପନ ଗ୍ରାମାଞ୍ଚଳରେ ପାଠାଗାର ଆନ୍ଦୋଳନକୁ ପ୍ରୋତ୍ସାହିତ କରିବ। ଏ ଦିଗରେ ବିଭିନ୍ନ ଅଞ୍ଚଳର ଜନପ୍ରତିନିଧି ଓ ଆଗ୍ରହୀ ବ୍ୟକ୍ତିମାନେ ଆଗେଇ ଆସିବାକୁ ମନ୍ତ୍ରୀ ଦାସ ଗୁରୁତ୍ୱାରୋପ କରିଛନ୍ତି।

ଘରୋଇ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରର ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ଯୋଗଦେଇ କହିଥିଲେ ଯେ, ପାଠାଗାର ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ। ତତ୍‌ସହିତ ଆଧ୍ୟାତ୍ମିକ ପୁସ୍ତକ ଓ ପୁରାତନ ପୁସ୍ତକର ଅଧ୍ୟୟନ ଦ୍ୱାରା ସମାଜ ଅଧିକ ଶୃଙ୍ଖଳିତ, ଶିକ୍ଷିତ ହୋଇପାରିବ ବୋଲି ଦାସ କହିଥିଲେ। ଏହି ଅବସରରେ ମନ୍ତ୍ରୀ ପାଠାଗାରର ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଜେବି କଲେଜର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ, ସମ୍ମାନିତ ଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସ୍ମୃତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥି ସ୍ୱର୍ଗତ ଦିବାକର ଦାସଙ୍କ ସ୍ମୃତିଚାରଣ କରିବା ସହିତ ପାଠାଗାରର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଢ଼ଙ୍ଗା ପଞ୍ଚାୟତ ସମିତି ସଭ୍ୟ ଜଟାଧାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।



ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଉନ୍ମୋଚନ କରୁଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

GURU NANAK E.M.PUBLIC SCHOOL-II
GUDIAPOKHARI, BHUBANESWAR
REQUIRES
Trained Teachers in English, Hindi, Odia, Maths, Sc., S.St, P.E.T, Computer TR and Nursery Teachers with NTT, Art & Music, Special Education Teacher, Counsellor, Office Staff and Bus Driver.
*Send your resume to the Principal.*
E-Mail : gnps2bbsr@gmail.com
Ph.-0674 2395854

Officially Staff
For BBSR, CTC, Puri, Berhampur
*Qualification 10th above.*
Salary upto 25,000/-
M-9938699963

WANTED
Lady OFFICE ASSISTANT at Nakhara, Cuttack.
Free Accommodation with Rs. 10,000/-
Contact: 7809525452

ଆବଶ୍ୟକ
BHAI BHAI SWEETS & TIFIN CENTRE
Near BJB College, Lewis Road, Bhubaneswar
ଦୋସା ମିସ୍ତ୍ରୀ, ମିଠା କାରିଗର, ମ୍ୟାନେଜର, ହେଲପର ସପ୍ଲାଏ ବୟ, ବାସନ ସଫାସଫିଲୋକ
✻ ରହିବା ଖାଇବା ସୁବିଧା ଅଛି।
✻ ଦରମା Rs.6,000/- To Rs.15,000/-
Contact : 6371316767, 9861941304

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଡୋଲି, ସୁରତ୍, ଗୁଜୁରାଟ
9157012447, 9157312448

AT BHUBANESWAR
REQUIRED :
* Driver Cum Office Boy
* Driver Cum Residence Work Boy
* Office Boy / Residence Work Boy
Contact : 9777251369

See Career Appointment on every Wednesday & Saturday

TEAM ADMARK PVT. LTD.
99/A, Saheed Nagar, 1st Lane Facing NH, Opp of Ayakar Bhawan,
Bhubaneswar-751007, Phone-9238882225 / 7735220188
Mail id- hrteamadmark2020@gmail.com
URGENTLY REQUIRED
1. **SR. EXECUTIVE, CUM ADMIN OFFICER :** Post Graduates/ Graduates with min. 4-5 years' experience Male/Female (Experienced Females or Retd, Govt. Officers in same line will be preferred) in office work & having excellent computer knowledge. (Friendly in MS Office & internet) independent job handling capacity. Salary.Rs.12,000/- to Rs.14,000/- per month depending on capability & experience.
2. **SR. MARKETING EXECUTIVE (OUTDOOR)** : Graduate (Male & Female) withmin **4-5** years marketing experience in outdoor advertising trade or in space selling. Preferably MBA, Salary-**15,000- to 20,000/-** per month with Business monthly targets & incentive. Fuel and Mob. Expenses Extra, Two wheeler is a must.
3. **MARKETINGEXECUTIVE(OUTDOOR):** BBAGraduate(Male&Female) with min.2-3 years marketing experience in outdoor advertising trade or in space selling. Salary-10,000/- to 12,000/-per month. Fuel and Mob. Expenses Extra.
4. **BACK OFFICE EXECUTIVE:** We are looking to hire an experienced Back Office Executive Male/Female candidate for data management, project processing, data analysis, finances, and administrative duties. At least 3-4 years of relevant experience is a must. Salary -Rs 10,000- Rs 12,000 Per month depending on capacity and experience.
5. **ACCOUNTANT:** We are looking for an Accountant Male candidate prefer to manage all financial transactions, from fixed payments and variable expenses to bank deposits and budgets. He should have previous experience of minimum 4-5 years with bookkeeping and a flair for spotting numerical mistakes. Should work independently and handle Tally software. Salary- Rs 13,000 to Rs 15000 Per month depending on capacity and experience.
6. **OFFICE BOY/PEON:** We are looking for an experienced and dependable person who will work a support to our busy and dedicated team. Minimum 5 Years relevant experience in the field is a must Salary- Rs 6000 to Rs 7000 Per month depending on capacity and experience.
7. **FIELD SUPERVISOR :** We are looking for a field Supervisor who should be a graduate and affluent with MS Office work. He will be liable to monitor and supervise our outdoor advertising operations. Previous relevant experience would be preferred. Freshers may also apply. He must have his own two wheeler. Salary- Rs 8000 to 10000 Per month depending on capacity and experience.

**Interested candidates may apply to our above address & mail ID with complete Bio-data with photo within 5 days from the date of advertisement**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ମୁଁ ଦେଶ ପାଇଁ ଅଧିକରୁ ଅଧିକ ଦିନ ଖେଳେ ବୋଲି ଜାତୀୟ ଦଳ ଚାହେଁ, ତେଣୁ ମୋତେ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ।
> –ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



> କ୍ରିକେଟର ସମସ୍ତ ଫର୍ମାଟ ବିଶେଷ କରି ଟି୨୦ରୁ ଲେଗ୍ ବାଇ ନିୟମକୁ ଉଚ୍ଛେଦ କରିଦିଆଯିବା ଉଚିତ ।
> –ମାର୍କ ୱା, ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ପ୍ରିୟମଙ୍କ ଶତକ: ଦକ୍ଷିଣ ଆଫ୍ରିକାକୁ ହରାଇଲା ଭାରତ

ଡର୍ବାନ, ୩।୧ (ପି.ଟି.)-ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତର ୧୯ବର୍ଷରୁ କମ୍ କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଅଧିନାୟକ ପ୍ରିୟମ ଗର୍ଗଙ୍କ ଶତକ(୧୦୩ ବଲ୍‌ରୁ ୧୧୦ରନ) ସହାୟତାରେ ୬୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୬୪ ରନ କରିଥିଲା। ଗର୍ଗଙ୍କ ଶତକୀୟ ଇନିଂସ ବ୍ୟତୀତ ଧ୍ରୁବ ଜୁରେଲ ୬୫ ଏବଂ ତିଳକ ବର୍ମା ୪୨ ରନ କରିଥିଲେ। ୨୬୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ଘରୋଇ ଦଳ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୧୯୮ ରନ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଅଧିନାୟକ ବ୍ରାଇସ୍ ପାର୍ସନ୍ସ ୫୦ ବଲ୍‌ରୁ ୫୭ ରନ କରିଥିଲେ। ଆଣ୍ଡ୍ର୍ୟୁ ଲୋ ଧୈର୍ଯ୍ୟର ସହ ବ୍ୟାଟିଂ କରି ୮୫ବଲ୍‌ରୁ ୪୫ରନ କରିଥିବାବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଭାରତ ପକ୍ଷରୁ ସବୁଠାରୁ ସଫଳ ବୋଲର ଭାବେ ବାମହାତୀ ଫାଷ୍ଟ ବୋଲର ସୁଶାନ୍ତ ମିଶ୍ର ୪୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ରବି ବିଶ୍ନୋଇ ୨ଟି ଉଇକେଟ ନେଇଥିବାବେଳେ କାର୍ତ୍ତିକ ତ୍ୟାଗୀ, ଅଥର୍ବ ଆଙ୍କୋଲେକର ଏବଂ ତିଳକ ବର୍ମା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ। ଭାରତ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ଜିମ୍ବାୱେ ବିପକ୍ଷରେ ଖେଳିବ। ନ୍ୟୁଜିଲାଣ୍ଡ ୪ର୍ଥ ଦଳ ଭାବେ ଏହି ପ୍ରତିଯୋଗିତାରେ ଭାଗ ନେଇଛି।

ସଂକ୍ଷିପ୍ତ ସ୍କୋର: ୧୯ ବର୍ଷରୁ କମ୍ ଭାରତୀୟ ଦଳ: ୫୦ ଓଭରରେ ୨୬୪/୫ (ପ୍ରିୟମ ଗର୍ଗ-୧୧୦; ମଣ୍ଡଲି ଖୁମାଲୋ-୪/୫୩)। ୧୯ ବର୍ଷରୁ କମ୍ ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୧୯୮/୯ (ବ୍ରାଇସ୍ ପାର୍ସନ୍ସ-୫୭; ସୁଶାନ୍ତ ମିଶ୍ର-୪/୪୮)।

# ଅଷ୍ଟ୍ରେଲିଆ ୨୮୩/୩

ସିଡନୀ,୩।୧(ଏଏଫ୍‌ପି)




ଇନ୍‌ଫର୍ମ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନଙ୍କ ଅପରାଜିତ ଶତକ ଓ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଭଲ ଆରମ୍ଭ କରିଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୩ ଉଇକେଟ ହରାଇ ୨୮୩ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମାର୍ନସ ଲାବୁସେନ ୧୩୦ ଓ ମାଥ୍ୟୁ ୱେଡ ୨୨ ରନକରି ଅପରାଜିତ ରହିଛନ୍ତି।

ଦକ୍ଷିଣ ଆଫ୍ରିକା ଜନ୍ମିତ ଲାବୁସେନ ୨୧୦ଟି ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ସହ ଶତକୀୟ ପାଳି ଖେଳିଛନ୍ତି। ଏଥିସହିତ ଗତ ୭ଟି ଟେଷ୍ଟ ମ୍ୟାଚ୍‌ରେ ଲାବୁସେନ କ୍ୟାରିୟରର ଚତୁର୍ଥ ଶତକ ହାସଲ କରିଛନ୍ତି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ସେ ଏହି ସଫଳତା ହାସଲ କରିଛନ୍ତି। ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଲାବୁସେନ ଗତବର୍ଷ ବେଶ୍ ସଫଳ ରହିଥିଲେ। ସେ ୬୪.୯୪ ରନ ହାରରେ ୧୧୦୪ ରନ ସଂଗ୍ରହ କରିଛନ୍ତି। ନୂଆବର୍ଷରେ ମଧ୍ୟ ପ୍ରଥମ ଟେଷ୍ଟ ଖେଳି ସେ ଏହି ସଫଳତା ଦୋହରାଇଛନ୍ତି ଓ ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିଭ୍ ସ୍ମିଥ୍ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି କଲିନ ଡି ଗ୍ରାଣ୍ଡହୋମଙ୍କ ବଲରେ ପ୍ରଥମ ସ୍ଲିପ୍‌ରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୮୨ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ସହ ସେ କ୍ୟାରିୟରର ୨୮ତମ ଟେଷ୍ଟ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ତୃତୀୟ ଉଇକେଟ ଯୋଡିରେ ସ୍ମିଥ୍ ଓ ଲାବୁସେନ ୧୫୬ ରନ ସଂଗ୍ରହ କରିଥିଲେ। ଓପନର ଜୋ ବର୍ନ୍ସ ୧୮ ରନ କରିଥିବା ବେଳେ ଗ୍ରାଣ୍ଡହୋମଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଭିଜ୍ଞ ଓପନର ଡେଭିଡ ୱାର୍ନର ପୁଣି ଥରେ ଲେଗ୍ ସାଇଡ୍‌ରେ ଧରା ପଡିଥିଲେ। ଲଞ୍ଚ୍ ପରେ ତୃତୀୟ ବଲରେ ହିଁ ସେ ଆଉଟ ହୋଇଥିଲେ। ୪୫ ରନ କରି ଜମି ଆସୁଥିବା ବେଳେ ନିଲ ୱାଗନରଙ୍କ ବଲ୍‌ରେ ଲେଗ୍ ଗଲିରେ ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଚତୁର୍ଥ ଥର ପାଇଁ ଏହି ସିରିଜରେ ୱାର୍ନରଙ୍କୁ ଆଉଟ କରିଛନ୍ତି ୱାଗନର। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଗ୍ରାଣ୍ଡହୋମ ୨ ଓ ୱାଗନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଏହା ପୂର୍ବରୁ ମେଲବୋର୍ନରେ ଅନୁଷ୍ଠିତ ବକ୍ସିଂ ଡେ ଟେଷ୍ଟରେ ନ୍ୟୁଜିଲାଣ୍ଡ ୨୪୭ ରନରେ ପରାସ୍ତ ହୋଇଥିଲା। ନ୍ୟୁଜିଲାଣ୍ଡ ଦଳରେ ୫ଟି ପରିବର୍ତ୍ତନ କରିଥିଲା। ପ୍ରଥମ ଟେଷ୍ଟରେ ମଧ୍ୟ ନ୍ୟୁଜିଲାଣ୍ଡ ୨୯୬ ରନରେ ପରାସ୍ତ ହୋଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ତୃତୀୟ ମ୍ୟାଚ୍‌ରେ ବିଜୟୀ ହେଲେ ଅଷ୍ଟ୍ରେଲିଆ କ୍ଲିନ୍ ସୁଇପ୍ କରିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୯୦ ଓଭରରେ ୨୮୩/୩ (ଲାବୁସେନ– ୧୩୦*, ସ୍ମିଥ୍– ୬୩, ୱାର୍ନର– ୪୫, ଗ୍ରାଣ୍ଡହୋମ– ୨/୬୩, ୱାଗନର– ୧/୪୮)।

# ବର୍ଷା ଧୋଇଦେଲା ପ୍ରଥମ ଦିନର ଖେଳ

**ରଣଜୀ ମୁକାବିଲା**

କଟକ ଅଫିସ,୩।୧

ତ୍ରିପୁରାର ଅଗରତାଲାସ୍ଥିତ ମହାରାଜା ବୀର ବିକ୍ରମ କଲେଜ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା–ତ୍ରିପୁରା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ପ୍ରଥମ ଦିବସ ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଦିନ ତମାମ୍ ବର୍ଷା ଲାଗି ରହିବା ଫଳରେ ଟସ୍ ମଧ୍ୟ ପଡ଼ି ପାରି ନ ଥିଲା। ଶନିବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ। ବର୍ଷା ବନ୍ଦ ହେଲେ ମ୍ୟାଚ୍ ଆରମ୍ଭ ହେବା ଆଶା କରାଯାଉଛି। ସୂଚନା ଥାଉକି, ଘରୋଇ ତ୍ରିପୁରା ବିପକ୍ଷରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ଜିତି ଓଡ଼ିଶା ଦଳ ଏହି ସିଜନରେ ବିଜୟ ଅଭିଯାନ ଅବ୍ୟାହତ ରଖିବା ଲକ୍ଷ୍ୟରେ ରହିଛି। ଏବେ ସୁଦ୍ଧା ୩ଟି ଯାକ ମ୍ୟାଚ ବିଜୟୀ ହୋଇ ଓଡ଼ିଶା ଏଲିଟ ଗ୍ରୁପ–ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ବିପକ୍ଷ ତ୍ରିପୁରା ଚଳିତ ସିଜନରେ ଏବେ ସୁଦ୍ଧା ଗୋଟିଏ ବି ମ୍ୟାଚ୍ ଜିତି ନ ପାରି ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି।

# ଜୟଦେବ ମହାପାତ୍ର ସ୍ମାରକୀ କ୍ରିକେଟ ଘୁଞ୍ଚିଲା



ପଡ଼ିଆରେ ଉପସ୍ଥିତ ଖେଳାଳିମାନେ।

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)

ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଜୟଦେବ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ବର୍ଷା ଯୋଗୁ ଘୁଞ୍ଚାଇ ଦିଆ ଯାଇଛି। ପ୍ରଥମ ମ୍ୟାଚ ଗ୍ରୀନ୍ସ ଏକାଡେମୀ ଓ ଏବି ରେଡ୍‌ଷ୍ଟାର ଏକାଦଶ ମଧ୍ୟରେ ହେବାର ଥିଲା। ଦୁଇ ଦଳର ଖେଳାଳି, ଅମ୍ପାୟର ଓ କର୍ମକର୍ତ୍ତା ପଡ଼ିଆରେ ଏକାଠି ହୋଇଥିଲେ ହେଁ ବର୍ଷା ଯୋଗୁ ମ୍ୟାଚ ଆରମ୍ଭ ହୋଇପାରି ନ ଥିଲା। ବର୍ଷା ଛାଡ଼ିବାପରେ ପଡ଼ିଆର ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତିଯୋଗିତାର ତାରିଖ ପରେ ଘୋଷଣା କରାଯିବ ବୋଲି ଟାଉନ୍ କ୍ଲବର ପ୍ରଶିକ୍ଷକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି।

# ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବୁ: ଗୋପୀଚାନ୍ଦ

ନୂଆଦିଲ୍ଲୀ, ୩।୧(ପି.ଟି.)

ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଏଥର ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ଭାରତର ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ କହିଛନ୍ତି। ସାଇନା ନେହ୍ୱାଲ ଓ ପି.ଭି. ସିନ୍ଧୁଙ୍କ ଭଳି ଅଲିମ୍ପିକ ମେଡାଲିଷ୍ଟ ସୃଷ୍ଟି କରିଥିବା ଗୋପୀଚାନ୍ଦ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏଥର ଭଲ ପ୍ରସ୍ତୁତି କରି ଉନ୍ନତ ପ୍ରଦର୍ଶନ ସହିତ ସଫଳ ହେବୁ ବୋଲି ସେ କହିଛନ୍ତି। ଗତ କେତୋଟି ଅଲିମ୍ପିକ୍ସରେ ଆମର ପ୍ରଦର୍ଶନ ବେଶ୍ ଭଲ ରହିଛି। ଅଲିମ୍ପିକ୍ସରେ ଆମେ ଜଣେ ବିଶ୍ୱ ଚାମ୍ପିୟନଙ୍କ ସହ ପଡିଆକୁ ଓହ୍ଲାଇବୁ।

ଖେଲୋ ଇଣ୍ଡିଆ ପ୍ରୋଗ୍ରାମକୁ ସେ ପ୍ରଶଂସା କରିଛନ୍ତି। ଦେଶର ଯୁବ ଆଥଲେଟମାନେ ଏହି କାର୍ଯ୍ୟକ୍ରମ ଦ୍ୱାରା ସୁଯୋଗ ହାସଲ କରିବେ ଓ ନିଜର ପ୍ରତିଭା ପ୍ରମାଣ କରିବାର ସୁବିଧା ପାଇବେ। ଏହା ଭାରତୀୟ କ୍ରୀଡ଼ାର



ସକାରାତ୍ମକ ଦିଗକୁ ସୂଚାଉଛି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ସ୍ୱତନ୍ତ୍ର। ଏହି ପ୍ରୋଗ୍ରାମର ତୃତୀୟ ସଂସ୍କରଣ ଗୁଆହାଟୀରେ ଆସନ୍ତା ୧୦ରୁ ଆରମ୍ଭ ହୋଇ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ଖେଲୋ ଇଣ୍ଡିଆ ଦିଲ୍ଲୀ ଓ ପୁଣେରେ ଆୟୋଜିତ ହୋଇଥିଲା ଓ ଏହାକୁ ଅତି ନିକଟରୁ ନିରୀକ୍ଷଣ କରିଥିଲି। ଭାରତ ସରକାର ଖେଲୋ ଇଣ୍ଡିଆ ମାଧ୍ୟମରେ କ୍ରୀଡ଼ା ଉନ୍ନତି ପାଇଁ କରୁଥିବା ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ପରିବେଶରେ ଯୁବ ଆଥଲେଟଙ୍କ ପାଇଁ ଏହା ଭଲ ସୁଯୋଗ ସୃଷ୍ଟି କରିଛି। ଏଥିରୁ ଅଭିଜ୍ଞତା ହାସଲ କରି ଖେଳାଳିମାନେ ଆଗକୁ ବଢ଼ିପାରିବେ। ମୋଟାମୋଟି ଉପରେ ଖେଲୋ ଇଣ୍ଡିଆ ଭାରତୀୟ କ୍ରୀଡ଼ାକୁ ନୂଆ ଦିଶା ଦେବ। ବ୍ୟାଡମିଣ୍ଟନ ଏକ ଶାରୀରିକ ଖେଳ ହୋଇଥିଲେ ମଧ୍ୟ ଏଥିରେ କୌଶଳର ଆବଶ୍ୟକତା ରହିଛି। ମାନସିକ ଓ ଶାରୀରିକ ଭାବେ ଏହି ଖେଳରେ ସନ୍ତୁଳନ ରହିବା ନିହାତି ଜରୁରୀ। ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବାକୁ ହେଲେ ସବୁ ଦୃଷ୍ଟିକୋଣରୁ ସୁସ୍ଥ ହେବା ନିହାତି ଜରୁରୀ ବୋଲି ଗୋପୀଚାନ୍ଦ କହିଛନ୍ତି।

# ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ ୫ରୁ

ନିମାପଡ଼ା, ୩।୧ (ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ୧୧ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆସନ୍ତା ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହେବ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାଛଡ଼ା ମ୍ୟାନ ଅଫ୍ ଦି ମ୍ୟାଚ, ମ୍ୟାନ ଅଫ୍ ଦି ସିରିଜ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ଶ୍ରେଷ୍ଠ ବୋଲରଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଶୁକ୍ରବାର ଆୟୋଜକ ନିମାପଡ଼ା କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ଆସୋସିଏଶନର ସାଂଗଠନିକ ସମ୍ପାଦକ ଅକ୍ଷୟ କୁମାର ବେହେରା, ଉପଦେଷ୍ଟା ସତ୍ୟେନ୍ଦ୍ର ମୋହନ ମହାନ୍ତି, ଅୟସକାନ୍ତ ମିଶ୍ର ଏବଂ ମାନସରଞ୍ଜନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

**ଖେଳସୂଚୀ**

୫।୧।୨୦୨୦: କ୍ରାଉନ ସ୍ପୋର୍ଟିଂ (ଭୁବନେଶ୍ୱର) ବନାମ ଜୁଭେନାଇଲ କ୍ଲବ (କଟକ)
୬।୧: ଜାଗୃତିସ୍ପୋର୍ଟିଂ(ଭୁବନେଶ୍ୱର) ବନାମ ପ୍ରଗତି ସ୍ପୋର୍ଟିଂ(ଭୁବନେଶ୍ୱର)
୭।୧: (ପ୍ରଥମ ସେମିଫାଇନାଲ) ୫ତାରିଖ ବିଜେତା ବନାମ ୬ ତାରିଖ ବିଜେତା
୮।୧: ଏମ୍.ସି.ସି.(ଭୁବନେଶ୍ୱର) ବନାମ ଏସ୍.ପି. ଫାଉଣ୍ଡେଶନ (ନିମାପଡ଼ା)
୯।୧: ରାମେଶ୍ୱର ସ୍ପୋର୍ଟିଂ(ଭୁବନେଶ୍ୱର) ବନାମ ପାରାମାଉଣ୍ଟ ସ୍ପୋର୍ଟିଂ (ଭୁବନେଶ୍ୱର)
୧୦।୧: (ଦ୍ୱିତୀୟ ସେମିଫାଇନାଲ) ୮ ତାରିଖ ବିଜେତା ବନାମ ୯ ତାରିଖ ବିଜେତା
୧୧।୧: ପ୍ରଦର୍ଶନୀ ମ୍ୟାଚ୍
୧୨।୧: (ଫାଇନାଲ) ୭ ତାରିଖ ବିଜେତା ବନାମ ୧୦ ତାରିଖ ବିଜେତା।

କ୍ୟାପଶନ: ଖବରଦାତା ସମ୍ମିଳନୀରେ ନିମାପଡ଼ା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାମାନେ।

# ଶୁବମନ–ଅମ୍ପାୟର ଯୁକ୍ତିତର୍କ

**ରଣଜୀ ମ୍ୟାଚ୍ ୧୦ମିନିଟ ଅଟକିଲା**

ମୋହାଲି, ୩।୧ (ପି.ଟି.)

ଭାରତୀୟ କ୍ରିକେଟର ଉଦୀୟମାନ ଷ୍ଟାର ଶୁବମନ ଗିଲ୍ ଏକ ବିବାଦରେ ଛନ୍ଦି ହୋଇଯାଇଛନ୍ତି। ଶୁକ୍ରବାର ଦିଲ୍ଲୀ ବିପକ୍ଷରେ ପଞ୍ଜାବର ଏକ ରଣ୍‌ଜୀ ମ୍ୟାଚ ବେଳେ ଫିଲ୍ଡ ଅମ୍ପାୟରଙ୍କ ସହିତ ଯୁକ୍ତି ପରେ ତାଙ୍କ ଆଉଟ୍‌କୁ ନାକଚ କରାଯାଇଥିଲା। ଏହି ଯୁକ୍ତିତର୍କ ଘଟଣା ପାଇଁ ମ୍ୟାଚ ୧୦ ମିନିଟ୍ ପାଇଁ ଅଟକିଥିଲା। ଖବର ଅନୁସାରେ ସ୍ଲୋ ମିଡିୟମ ପେସ୍ ବୋଲର ସୁବୋଧ ଭଟ୍ଟିଙ୍କ ବଲ୍‌ରେ ଇଣ୍ଡିଆ–ଏ' ହ୍ୱାଇଟ୍ ବଲ୍ ଅଧିନାୟକଙ୍କୁ କଟ୍ ବିହାଇଣ୍ଡ ଦିଆଯାଇଥିଲା। କିନ୍ତୁ ସେ ଫିଲ୍ଡ ଛାଡ଼ି ନ ଥିଲେ। ଅମ୍ପାୟରଙ୍କ ସହିତ ଯାଇ ଯୁକ୍ତି କରିଥିଲେ। ଅନ୍ ଫିଲ୍ଡ ଅଫିସିଆଲଙ୍କ ସହିତ ଆଲୋଚନା ପରେ ଆଉଟ୍‌କୁ ନାକଚ କରାଯାଇଥିଲା। ଗିଲ୍ ସେତେବେଳକୁ ୧୦ ରନ କରି ଖେଳୁଥିଲେ। କିନ୍ତୁ ସେ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ସେ ୪୧ ବଲ୍‌ରେ ୨୩ ରନ କରି ଆଉଟ ହୋଇଥିଲେ। ସେତେବେଳକୁ ତାଙ୍କ ପଞ୍ଜାବ ଦଳର ସ୍କୋର ୬୦ ରନ ଥିଲା। ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାଦ୍ୱାରା ସେ ଆଚରଣବିଧି ଉଲ୍ଲଂଘନ କରିଛନ୍ତି। ଏଥିପାଇଁ ମ୍ୟାଚ ରେଫରି ପି. ରଙ୍ଗନାଥନ ତାଙ୍କୁ ହୁଏତ ଚେତାବନୀ ଦେଇ ଛାଡ଼ିଦେଇପାରନ୍ତି, ନତୁବା ଆଚରଣବିଧି ଉଲ୍ଲଂଘନ ଧାରା–୧ ଅନୁସାରେ ଦଣ୍ଡିତ କରିପାରନ୍ତି। ଖବର ଅନୁସାରେ ଷ୍ଟ୍ରେଟ୍ ଅମ୍ପାୟର (ମହମ୍ମଦ ରଫି) ଶୁବମନଙ୍କୁ କଟ୍ ବିହାଇଣ୍ଡ ଦେଇଥିଲେ। ବ୍ୟାଟ୍ସମ୍ୟାନ ଜଣକ ଏହି ନିଷ୍ପତ୍ତିକୁ ସ୍ୱୀକାର କରିବାକୁ କିନ୍ତୁ ରାଜି ନ ଥିଲେ। ସେ ସିଧାସଳଖ ଅମ୍ପାୟରଙ୍କ ନିକଟକୁ ଯାଇ ଯୁକ୍ତି କରିଥିଲେ ଏବଂ ନିଷ୍ପତ୍ତି ବଦଳାଇବାକୁ ଅଡି ବସିଥିଲେ। ଷ୍ଟ୍ରେଟ୍ ଅମ୍ପାୟର ସ୍କୋୟାର ଲେଗ୍ ଅମ୍ପାୟର ବିବେକ ଖୁରାନାଙ୍କ ସହିତ ଆଲୋଚନା ପରେ ତାଙ୍କ ନିଷ୍ପତ୍ତି ବଦଳାଇଥିବା ଦିଲ୍ଲୀ ଟିମ୍ ମ୍ୟାନେଜର ବିବେକ ଖୁରାନା ପ୍ରକାଶ କରିଛନ୍ତି। ପ୍ରତିବାଦ ସ୍ୱରୂପ ଭ୍ରମଣକାରୀ ଦଳର ପଡ଼ିଆ ଛାଡ଼ି ଚାଲିଯିବାର କୌଣସି ଯୋଜନା ଥିଲା କି ପଚରାଯିବାରେ ଖୁରାନା ତାହାର ଖଣ୍ଡନ କରିଥିଲେ। ନିଷ୍ପତ୍ତିକୁ କାହିଁକି ବଦଳାଇଲେ ବୋଲି ଆମ ଦଳର ଉପଅଧିନାୟକ ନୀତୀଶ ରାଣା କେବଳ ଅମ୍ପାୟରଙ୍କୁ ପ୍ରଶ୍ନ କରିଥିଲେ। ପରେ ମ୍ୟାଚ ରେଫରି ରଙ୍ଗନାଥନଙ୍କ ହସ୍ତକ୍ଷେପ ପରେ ମ୍ୟାଚ ସ୍ୱାଭାବିକ ଭାବେ ଆରମ୍ଭ ହୋଇଥିଲା ବୋଲି ସେ କହିଥିଲେ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ(ଡିଡିସିଏ) ସାଧାରଣ ସମ୍ପାଦକ ବିନୋଦ ତିହାରା କହିଛନ୍ତି, ମ୍ୟାଚ କେବଳ ୭ରୁ ୮ ମିନିଟ ଅଟକି ଥିଲା। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହୋଇ ନ ଥିଲା। ଗିଲ୍ ଆଉଟ୍ ହୋଇଥିବା ଆମ ପିଲାଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା। ତେଣୁ ଅମ୍ପାୟର ତାଙ୍କ ନିଷ୍ପତ୍ତି କାହିଁ ବଦଳାଇଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହି ପ୍ରସଙ୍ଗ ନେଇ ଆମେ ବିଧିବଦ୍ଧ କୌଣସି ଅଭିଯୋଗ କରିନାହୁଁ। ପଞ୍ଜାବ କ୍ରିକେଟ ଆସୋସିଏଶନର ଜଣେ ବରିଷ୍ଠ ଅଧିକାରୀ ଜିଏସ୍ ୱାଲିଆ କହିଛନ୍ତି, ଯୁକ୍ତିତର୍କ ବେଳେ ଗିଲ୍ କୌଣସି ଖରାପ ଭାଷା ପ୍ରୟୋଗ କରି ନାହାନ୍ତି। ଶୁବମନ ଜଣେ ଭଦ୍ର ଏବଂ ଶାନ୍ତ ସ୍ୱଭାବର ପିଲା। ବଲ୍ ତାଙ୍କୁ ଟଚ୍ କରି ନ ଥିବା ବିଷୟ ଶୁବମନ କେବଳ ଅମ୍ପାୟରଙ୍କୁ କହିଥିଲେ, ଅନ୍ୟ କିଛି ନୁହେଁ। ମ୍ୟାଚ ରେଫରି ଗିଲ୍‌ଙ୍କୁ ଦଣ୍ଡିତ କରିବେ କି ନା ତାହା ଚତୁର୍ଥ ଦିବସ ଖେଳ ଶେଷ ପରେ ଜଣାପଡ଼ିବ।

# ଓଡ଼ିଶା ଲନ୍ ବଲ୍ ଦଳ ଘୋଷିତ

- ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ପାଇଁ ପ୍ରସ୍ତୁତି
- ଜାତୀୟ ସ୍ତରରେ ପଦକ ବିଜୟୀ ଆରିଫା, କୈଳାସ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)

ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ତୃତୀୟ ସଂସ୍କରଣ ଆସାମର ଗୁଆହାଟୀରେ ଚଳିତମାସ ୧୦ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ବୋଲିଂ ଫେଡେରେଶନ (ବିଏଫଆଇ) ଦ୍ୱାରା ପରିଚାଳିତ 'ଲନ୍ ବଲ୍' କ୍ରୀଡ଼ା ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଯୁଥ୍‌ଗେମ୍ସରେ ସାମିଲ ହୋଇଛି। ଓଡ଼ିଶା ଲନ୍ ବଲ ଦଳ ପ୍ରଥମଥରପାଇଁ ଏହି ବାର୍ଷିକ ତୃଣମୂଳସ୍ତରୀୟ ପ୍ରତିଯୋଗିତାରେ ପଦାର୍ପଣ କରିବାକୁ ଯାଉଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୧୦ ଜଣିଆ ଓଡ଼ିଶା (ମହିଳା/ପୁରୁଷ) ଦଳ ତାଲିକା ପ୍ରକାଶ କରାଯାଇଛି। ବିଗତ ୨ ବର୍ଷ ହେବ ରାଜ୍ୟରେ ଏହି ଖେଳ ନିଜର ସ୍ଥିତି ଜାହିର କରିବାକୁ ଉଦ୍ୟମ କରିଆସିଛି। ଖେଲୋ ଇଣ୍ଡିଆରେ ଓଡ଼ିଶାର ଖେଳାଳିମାନେ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିବାନେଇ ଆମେ ଆଶା ରଖିଛୁ ବୋଲି ଉକ୍ତ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓଡ଼ିଶା ରାଜ୍ୟ ବୋଲିଂ ଆସୋସିଏଶନ୍ (ଓଏସ୍‌ବିଏ)ର ସଭାପତି ତଥା ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂହଦେଓ। ରାଜ୍ୟ ସରକାର ଏହି ଖେଳକୁ ସ୍ୱୀକୃତି ପ୍ରଦାନ ସହ ଭିତ୍ତିଭୂମି ଯୋଗାଇଦେଲେ ରାଜ୍ୟ ପାଇଁ ଅନେକ ଗୌରବ ଆସିପାରିବ ବୋଲି ଏହି ଅବସରରେ ସିଂହଦେଓ ପ୍ରକାଶ କରିଥିଲେ। ଖେଲୋ ଇଣ୍ଡିଆରେ ଲନ୍ ବଲ୍ ଖେଳକୁ ସାମିଲ କରାଯିବା ପରେ ଆମେ ଉତ୍ସାହିତ ହୋଇଛୁ। ଗତବର୍ଷ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିଥିବା ଆରିଫା ବେଗମ୍ ଓଡ଼ିଶା ଦଳରେ ସାମିଲ ହୋଇ ଗୁଆହାଟୀ ଯାଉଥିବାରୁ ଓଡ଼ିଶା ପାଇଁ ସୁଯୋଗ ରହିଛି ବୋଲି ପ୍ରକାଶ କରିଛନ୍ତି ଓଏସବିଏର ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ। ଭବିଷ୍ୟତରେ ଏହି ଖେଳକୁ ଓଡ଼ିଶାର ବିଭିନ୍ନ ଜିଲାକୁ ପ୍ରାସାରିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୁରୋହିତ କହିଥିଲେ। ଏହି ଅବସରରେ ଗତ ଜାତୀୟ ପ୍ରତିଯୋଗିତା ପଦକ ବିଜୟୀ ଆରିଫା ଓ କୈଳାସ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଂଘର ଦୁଇ କାର୍ଯ୍ୟନିର୍ବାହୀ ସଦସ୍ୟ ଦେବୀ ପ୍ରସନ୍ନ ମହାନ୍ତି ଓ ସୁରେଶ ସ୍ୱାଇଁ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ:** ପୁରୁଷ– ଆକାଶ ମାଝୀ, ଜଗା ମହାକୁଡ଼, ଚିନ୍ମୟ ତ୍ରିପାଠୀ, ବିଶ୍ୱରାଜ ସାହୁ, ସୌମ୍ୟ ମହାପାତ୍ର। ମହିଳା– ସଞ୍ଜନା ମେହେର, ପ୍ରିୟଙ୍କା କୁମ୍ଭାର, ଆରିଫା ବେଗମ୍, ଶ୍ୱେତଲାନା ବକ୍ସି, ସାଇନା ନାଏକ। ପ୍ରଶିକ୍ଷକ: ସୁକାନ୍ତ ସେଠ୍, ରଶ୍ମିତା ପୁରୋହିତ, ସୁମିତ ରଞ୍ଜନ ପୁରୋହିତ।




ଆରିଫା ବେଗମ ଓ କୈଳାସ ମାଝୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କର୍ମକର୍ତ୍ତାମାନେ।

❝ ପଲ୍‌ପୋଗ୍‌ବା ଆଉଥରେ ଗୋଇଠିରେ ଅସ୍ତ୍ରୋପଚାର କରିବାକୁ ଯାଉଛନ୍ତି, ଏନେଇ କ୍ଲବ ପୂର୍ଣ୍ଣ ସହଯୋଗ କରିବ ।

—ଓଲେ ଗନାର ସଲ୍‌ସ୍କଜେର୍, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର



❝ ଶୁଟିଂ କ୍ୟାରିୟରରେ ମୋତେ ସହାୟତା କରିବା ଲାଗି ମୋ ବାପା ରାଲି ଡ୍ରାଇଭିଂରୁ ଅବସର ନେଇଥିଲେ ।

—ଇଶା ସିଂ, ଜୁନିୟର ବିଶ୍ୱକପ୍ ରୌପ୍ୟ ବିଜୟିନୀ



## ସଂକ୍ଷେପରେ

### ଦ୍ୱିତୀୟ ଟେଷ୍ଟ: ଇଂଲଣ୍ଡ ୨୬୨/୯

କେପ୍‌ଟାଉନ, ୩।୧: ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଦକ୍ଷିଣ ଆଫ୍ରିକା ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ୮୯ ଓଭରରେ ୯ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଓଲି ପୋପ୍ ସର୍ବାଧିକ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବାବେଳେ ୩ ରନ କରି ଜେମ୍ସ ଆଣ୍ଡରସନ ଅପରାଜିତ ରହିଛନ୍ତି। ଇଂଲଣ୍ଡ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ବେନ୍ ଷ୍ଟୋକ୍ସ ୪୭, ଜୋ ଡେନଲି ୩୮, ଅଧିନାୟକ ଜୋ ରୁଟ୍ ୩୫, ଡୋମ ସିବ୍‌ଲି ୩୪, ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟ୍‌ଲର ୨୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଘରୋଇ ଦଳ ତରଫରୁ ଭେର୍ନନ ଫିଲାଣ୍ଡର, କାଗିସୋ ରାବାଡ଼ା, ଅନରିଚ ନୋର୍ଜେ, ଡ୍ୱେନ ପ୍ରିଟୋରିୟସ ୨ଟି ଲେଖାଏ, କେଶବ ମହାରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। **ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସରେ ୮୯ ଓଭରରେ ୨୬୨/୯ (ପୋପ୍- ୫୬*, ଷ୍ଟୋକ୍ସ- ୪୭, ଡେନଲି- ୩୮, ରୁଟ- ୩୫, ଫିଲାଣ୍ଡର- ୨/୪୬, ରାବାଡ଼ା- ୨/୬୩, ନୋର୍ଜେ- ୨/୫୪, ପ୍ରିଟୋରିୟର- ୨/୨୬)।

### ଦୀପକ, ରବିଙ୍କୁ ଏସିଆନ୍ ରେସଲିଂ ଯୋଗ୍ୟତା

ନୂଆଦିଲ୍ଲୀ,୩।୧- ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତାପ୍ରାପ୍ତ କୁସ୍ତିଯୋଦ୍ଧା ଦୀପକ ପୁନିଆ ଓ ରବି କୁମାର ଡାହିୟା ଫେବୃୟାରୀ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସିନିୟର ଏସିଆନ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କେ. ଡି. ଯାଦବ ରେସଲିଂ ଇନ୍‌ଡୋର ଷ୍ଟାଡିୟମରେ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ୟୁଡବ୍ଲ୍ୟୁଡବ୍ଲ୍ୟୁ ଜୁନିୟର ଆଥ୍‌ଲେଟ ଅଫ୍ ଦ ଇୟର ୮୬ କେଜି ଫ୍ରିଷ୍ଟାଇଲ ବର୍ଗର ଟ୍ରାଏଲରେ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକଧାରୀ ପୱନ କୁମାରଙ୍କୁ ହରାଇ ଦେଇଛନ୍ତି। ୫୭ କେଜି ଓଜନ ବର୍ଗରେ ରବି ଏୟାର ଫୋର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପଙ୍କଜ ୧୦-୦ ବ୍ୟବଧାନରେ ପରାସ୍ତ କରିଛନ୍ତି।





ମହିଳା ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଇଣ୍ଡିଆ-'ଏ' ଓ ଇଣ୍ଡିଆ-'ବି' ଖେଳାଳିଙ୍କ ୱାର୍ମଅପ୍।

# ଖରାପ ପାଗ ଯୋଗୁ ଆଶଙ୍କାରେ ପ୍ରଥମ ମ୍ୟାଚ



ବର୍ଷା ଯୋଗୁ ପିଚ୍‌କୁ ଘୋଡ଼ାଇ ରଖାଯାଇଛି।

**ମହିଳା ଚ୍ୟାଲେଞ୍ଜର ଟ୍ରଫି**

କଟକ ଅଫିସ,୩।୧

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଶନିବାରଠାରୁ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ ଦିବସରେ ଇଣ୍ଡିଆ-ଏ ଓ ଇଣ୍ଡିଆ-ବି ମଧ୍ୟରେ ମ୍ୟାଚ୍ ପାଇଁ କାର୍ଯ୍ୟସୂଚୀ ରହିଛି। ତେବେ ଅଦିନିଆ ବର୍ଷା ସହିତ ଖରାପ ଆଲୋକ ଯୋଗୁ ଏହି ମ୍ୟାଚ୍ ଖେଳାଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଉଟଫିଲ୍ଡରେ ପାଣି ଜମି ରହିଥିବା ବେଳେ ପିଚ୍‌କୁ ଘୋଡାଇ ରଖାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଉଭୟ ଦଳ ବାରବାଟୀ ଷ୍ଟାଡିୟମକୁ ଅଭ୍ୟାସ ନିମନ୍ତେ ଆସିଥିଲେ। ହେଲେ ପାଗ ଖରାପ ରହିବା ଫଳରେ ଉଭୟ ଦଳର ଖେଳାଳି ଅଭ୍ୟାସ ଠିକ ଭାବେ କରି ପାରି ନାହାନ୍ତି। ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ଏ ଦଳ ଓ ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ବି ଦଳ ଦିନ ୧୧ଟାରେ ପହଞ୍ଚିଥିଲେ। ହରମନପ୍ରୀତଙ୍କ ଦଳ ପ୍ରଥମେ ଅଭ୍ୟାସ ପାଇଁ ପଡ଼ିଆକୁ ଓହ୍ଲାଇଥିଲେ। ପରେ ସ୍ମୃତି ମାନ୍ଧାନାଙ୍କ ଦଳ ଅଭ୍ୟାସ କରିଥିଲା। ସ୍ମୃତିଙ୍କ ଦଳରେ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ରହିଛନ୍ତି। ଅଭ୍ୟାସ କରି ନ ପାରି ୨ଟି ଯାକ ଦଳ କେବଳ ୱାର୍ମଅପ୍ କରି ଦିନ ପ୍ରାୟ ୨ଟା ବେଳେ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍‌ରେ ୪୪ ଦଳ

କଟକ ଅଫିସ,୩।୧

ଆସନ୍ତା ୫ରୁ ୯ ପର୍ଯ୍ୟନ୍ତ ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ୩୧ତମ ଜାତୀୟ ସବ୍‌ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଲିଗ୍ ଓ ନକ୍‌ଆଉଟ ପର୍ଯ୍ୟାୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୪ଟି ବାଳକ ଓ ୨୦ଟି ବାଳିକା ରାଜ୍ୟ ଦଳ ଅଂଶ ଗ୍ରହଣ କରିବେ। ଏ ନେଇ ଶୁକ୍ରବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଛି।

ପ୍ରତିଯୋଗିତାରେ ୪୦୦ ବାଳିକା ଓ ୫୦୦ ବାଳକ ଖେଳାଳିଙ୍କ ସମେତ ୧୦୦ଜଣ ମ୍ୟାଚ୍ ଅଫିସିଆଲଙ୍କୁ ମିଶାଇ ମୋଟ୍ ୧୦୦୦ଜଣ ଭାଗ ନେବେ। ବାରବାଟୀ ଷ୍ଟାଡିୟମରେ ସମସ୍ତଙ୍କ ନିମନ୍ତେ ରହଣି ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଟୁର୍ନାମେଣ୍ଟ ଆୟୋଜନ ନିମନ୍ତେ ମୋଟ ୨୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପ୍ରତିଯୋଗିତା ପରିଚାଳନା ପାଇଁ ବିଭିନ୍ନ କମିଟି ଓ ସବ୍‌କମିଟି ମଧ୍ୟ ଗଠନ କରାଯାଇଛି। ସମ୍ମିଳନୀରେ ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ପ୍ରତିଯୋଗିତା ପରିଚାଳନା କମିଟିର ମହେନ୍ଦ୍ର ନାୟକ, ଶକ୍ତିରଞ୍ଜନ ମହାନ୍ତି, ଟେକ୍ନିକାଲ କମିଟିର ବିଭୁଦତ୍ତ ରଥ, ସଞ୍ଜୀବ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ଦଳ ମଧ୍ୟ ଘୋଷଣା କରାଯାଇଥିଲା। ତପୁ ସିଂ ଓ ଲକ୍ଷ୍ମୀ ସୋରେନ ଯଥାକ୍ରମେ ବାଳକ ଓ ବାଳିକା ଦଳର ଅଧିନାୟକ ରହିଛନ୍ତି।

**ବାଳିକା ଦଳ:** ଲକ୍ଷ୍ମୀ ସୋରେନ (ଅଧିନାୟିକା), ଡାଙ୍ଗୀ ମୁର୍ମୁ, ପୂର୍ଣ୍ଣିମା ସୋରେନ, ତୃପ୍ତିମୟୀ ସୋରେନ, କଣ୍ଢେଇ ସାହୁ, ସ୍ୱାତୀ କ୍ରିତାନିଆ, ଚାନ୍ଦିନୀ ମୁଣ୍ଡା, ଲକ୍ଷ୍ମୀ ବୋଇପାଇ, ଅଭିଲିପ୍ସା ରାଉତ, ସୁଲୋଚନା ମଲିକ, ମମତା ସିଂ, ସୁଭଦ୍ରା ଓରାମ, ଲକ୍ଷ୍ମୀ ମୁର୍ମୁ, ରଶ୍ମିତା ବାରିକ, କରିନା ମାନସିଂ, ଶିବାନୀ ସିଂ, ପୂଜାରାଣୀ ଭୋଇ, ଲକ୍ଷ୍ମୀ ନାୟକ, ସୁଚିସ୍ମିତା ପ୍ରଧାନ, ମାମାଲି ବେହେରା। ବିନୁ ସାହୁ- କୋଚ୍, ଚିନ୍ମୟ ପଟ୍ଟନାୟକ-କୋଚ୍, ବିଭୁଦତ୍ତ ରଥ- ମ୍ୟାନେଜର।

**ବାଳକ ଦଳ:** ତପୁ ସିଂ (ଅଧିନାୟକ), କାର୍ତ୍ତିକ ସିଂ, ସୋମେନ ଗିରି, ପ୍ରିୟାଂଶୁ ଶେଖର ବିଶ୍ୱାଳ, ଅମିତ ଓରାମ, ଗଡୁ ବଡନାୟକ, ମହାବୀର ମହାରଣା, ସଞ୍ଜୟ କୁମାର ଦାସ, ସନ୍ଦୀପ କୁମାର କାରକାରିଆ, ସୁରଦା ଲକ୍ଷ୍ମଣ, ରଞ୍ଜିତ ସିଂ, ଖଗେଶ୍ୱର ମଲିକ, ଶୁଭମ ବିଶ୍ୱରଞ୍ଜନ ବଳ, ଏ. ଦୁର୍ଗାପ୍ରସାଦ, ରାହୁଲ ଏକ୍କା, ବି. ଉଦୟ କୁମାର, ବାଦଲ କୁମାର ଶର୍ମା, ଆଦିତ୍ୟ ନାଥ, ସୁରେନ୍ଦ୍ର ପାଙ୍ଗୀ, ଜ୍ଞାନରଞ୍ଜନ ପ୍ରଧାନ। ପ୍ରଭାତ ସାହୁ- କୋଚ୍, ସନ୍ଦୀପ ରଏ-କୋଚ୍, ମନୋରଞ୍ଜନ ସାହୁ- ମ୍ୟାନେଜର।

## ସର୍ବଭାରତୀୟ ଆନ୍ତଃ ଜୋନ ବିଶ୍ୱବିଦ୍ୟାଳୟ ଭଲିବଲ

# ବିଜୟ ସହ ଉତ୍କଳର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଆନ୍ତଃ ଜୋନ ବିଶ୍ୱବିଦ୍ୟାଳୟ(ପୁରୁଷ) ଭଲିବଲ ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ନର୍ଥ ଜୋନ୍ ଦଳରେ କୁରୁକ୍ଷେତ୍ର, ଫଗୱାରାର ଲଭ୍‌ଲି ପ୍ରଫେଶନାଲ, ପଟିଆଲାର ପଞ୍ଜାବୀ ଏବଂ ଅମୃତସରର ଜିଏନଡିୟୁ ବିଶ୍ୱବିଦ୍ୟାଳୟ ରହିଥିବାବେଳେ ଇଷ୍ଟ ଜୋନ୍ ଦଳରେ ଭୁବନେଶ୍ୱରର ଉତ୍କଳ, ବାରଣାସୀର ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ, କୋଲକାତାର ଆଡାମାସ ଏବଂ ପଶ୍ଚିମବଙ୍ଗର ବୁରଦ୍ୱାନ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ସେହିପରି ୱେଷ୍ଟଜୋନ୍ ଦଳରେ ଆରଟିଏମ ନାଗପୁର, ଔରଙ୍ଗାବାଦର ଡକ୍ଟର ବି.ଆର. ଆମ୍ବେଡକର ମାର୍ଥୱାଡା, ଗ୍ୱାଲିୟରର ଏଲଏନଆଇପିଇ, ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ ଏବଂ ସାଉଥ୍ ଜୋନ୍ ଦଳରେ ମାଙ୍ଗାଲୋର, ଚେନ୍ନାଇର ଏସଆରଏମ, ୟୁନିଭର୍ସିଟି ଅଫ୍ କାଲିକଟ ଏବଂ କୋଟ୍ଟାୟମର ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ଜିଏନ୍‌ଡିୟୁ ଅମୃତସରକୁ ହରାଇ ଅଭିଯାନ ଆରମ୍ଭ କରିଛି। ଅନ୍ୟ ମ୍ୟାଚଗୁଡ଼ିକରେ କୁରୁକ୍ଷେତ୍ର ୩-୨ରେ ଆଡାମାସ, ଲଭ୍‌ଲି ପ୍ରଫେଶନାଲ ୩-୦ରେ ବୁରଦ୍ୱାନ, ମହାତ୍ମାଗାନ୍ଧୀ କାଶି ବିଦ୍ୟାପୀଠ ୩-୧ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ, ମାଙ୍ଗାଲୋର ୩-୧ରେ ଏଲଏନଆଇପିଇ ଏବଂ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ କୋଟ୍ଟାୟାମ ୩-୦ରେ ଗୁଜରାଟ ବିଶ୍ୱବିଦ୍ୟାୟକୁ ପରାସ୍ତ କରିଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ମହାସଚିବ ରାମଅବତାର ସିଂ ଜାଖର, ଉପସଭାପତି ତଥା ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏ. ରମଣାରାଓ, ଏଆଇୟୁ ପର୍ଯ୍ୟବେକ୍ଷକ ଅର୍ଜୁନ ପୁରସ୍କାରପ୍ରାପ୍ତ ଡ. ଡି. ଏସ. ଚୌହାନ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ତଥା ଆୟୋଜକ କମିଟି ସମ୍ପାଦକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।





ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଭଲିବଲ ଉଦ୍‌ଘାଟନୀ ଅବସରରେ ଅତିଥି ଓ ଖେଳାଳିମାନେ।

## ହାର୍ଦ୍ଦିକଙ୍କ ପ୍ରତି କମେଣ୍ଟକୁ ବିରୋଧ କଲେ ପ୍ରଶଂସକ

ନୂଆଦିଲ୍ଲୀ,୩।୧- ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ତାଙ୍କ ବାନ୍ଧବୀ ସର୍ବୀୟ ଅଭିନେତ୍ରୀ ନତାଶା ଷ୍ଟାନ୍‌କୋଭିକଙ୍କ ସହ ନିର୍ବନ୍ଧ ହୋଇଛି। ସୋସିଆଲ ମିଡିଆରେ କିଛି ଫଟୋ ଶେୟାରକରି ହାର୍ଦ୍ଦିକ ଏ ନେଇ ଘୋଷଣା କରିଥିଲେ। ଟୁଇଟର, ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ୍‌ରେ ଶେୟାର କରାଯାଇଥିବା ଫଟୋରେ କେତେଜଣ ପ୍ରଶଂସକ ବର୍ଣ୍ଣବୈଷମ୍ୟ ଭେଦଭାବ କରିଥିଲେ। ଜଣେ ୟୁଜର ଲେଖିଥିଲେ, ବ୍ରାଇଟନେସ୍ ବଢ଼ାଇଲେ ଭାଉଜ ଦେଖାଯିବେ ନାହିଁ, ଆଉ କମାଇଲେ ପାଣ୍ଡ୍ୟା ଗାଏବ। ଆଉ ଜଣେ ଲେଖିଛନ୍ତି, ମାଙ୍କଡ଼ ହାତରେ ଶାଳଗ୍ରାମ। ଏପରି କି ପାଣ୍ଡ୍ୟା ଓ ଷ୍ଟାନ୍‌କୋଭିକ୍‌ଙ୍କୁ ରସଗୋଲା ଓ ଗୋଲାପଜାମୁ ସହ ତୁଳନା କରିଛନ୍ତି। ଏଭଳି ଆହୁରି କିଛି କମେଣ୍ଟ ରହିଛି, ଯାହାକି ଅତ୍ୟନ୍ତ ସମ୍ବେଦନଶୀଳ। ବର୍ଣ୍ଣବୈଷମ୍ୟ ଭେଦଭାବକୁ ବିରୋଧକରି ପାଣ୍ଡ୍ୟାଙ୍କୁ ସମର୍ଥନ କରିଛନ୍ତି ଅନ୍ୟ ଫ୍ୟାନ୍‌ମାନେ। ଜଣେ ଟୁଇଟ୍ କରି ଲେଖିଛନ୍ତି, ଲୋକେ ପାଣ୍ଡ୍ୟାଙ୍କୁ ନିର୍ବନ୍ଧ ଲାଗି ସମାଲୋଚନା କରୁଛନ୍ତି। କିନ୍ତୁ ସେ ଯେଉଁଠାରୁ ଏପର୍ଯ୍ୟନ୍ତ ଆସିଛନ୍ତି, ତାକୁ ଉତ୍ସାହିତ କରୁନାହାନ୍ତି। ନିଜ ପ୍ରତିଭା ଓ କଠିନ ପରିଶ୍ରମ ବଳରେ ସେ ସବୁ କିଛି ହାସଲ କରିଛନ୍ତି।

**୨୧ ବର୍ଷରୁ କମ୍ ଟେବୁଲ ଟେନିସ**

# ନମ୍ବର ୱାନ ସ୍ଥାନରେ ମାନବ

ନୂଆଦିଲ୍ଲୀ, ୩।୧(ପି.ଟି.)

ସଦ୍ୟ ପ୍ରକାଶିତ ୨୧ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ବର୍ଗ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ର୍ୟାଙ୍କିଂରେ ଭାରତୀୟ ଯୁବ ଖେଳାଳି ମାନବ ଠାକ୍କର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ୯ଟି ସ୍ଥାନ ଉପରକୁ ଉଠି ସେ ର୍ୟାଙ୍କିଂର ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ଗତ ଡିସେମ୍ବରରେ କାନାଡ଼ାର ମାରଖାମରେ ଅନୁଷ୍ଠିତ ଆଇଟିଟିଏଫ୍ ଚ୍ୟାଲେଞ୍ଜ ପ୍ଲସ୍ ବେନେମାକ୍ସ- ଭିରଗୋ ନର୍ଥ ଆମେରିକା ଓପନରେ ୨୧ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରି ୧୯ ବର୍ଷୀୟ ମାନବ ର୍ୟାଙ୍କିଂରେ ଉନ୍ନତି କରିଛନ୍ତି। ଏହି ଟୁର୍ନାମେଣ୍ଟ ଫାଇନାଲରେ ସେ ଆର୍ଜେଣ୍ଟିନାର ମାର୍ଟିନ ବେଣ୍ଟାନକୋରଙ୍କୁ ୧୧-୩, ୧୧-୫, ୧୧-୬ ରେ ହରାଇ ଚାମ୍ପିୟନ ହୋଇଥିଲେ। ଚତୁର୍ଥ ଭାରତୀୟ ଭାବେ ମାନବ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ତାଙ୍କ ପୂର୍ବରୁ ହରମିତ ଦେଶାଇ, ଜି. ସାଥିୟାଁ ଓ ସୌମ୍ୟଜିତ୍ ଘୋଷ ପୂର୍ବରୁ ଏହି ସଫଳତା ହାସଲ କରିଥିଲେ। ପୂର୍ବରୁ ମାନବ ୧୮ ବର୍ଷରୁ କମ୍ ବର୍ଗରେ ୨୦୧୮ ଫେବୃୟାରୀରେ ମଧ୍ୟ ବିଶ୍ୱର ୧ ନମ୍ବର ସ୍ଥାନ ହାସଲ କରିଥିଲେ। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଟେବୁଲଟେନିସ ଦଳ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା ଓ ମାନବ ଏହି ଦଳର ସଦସ୍ୟ ଥିଲେ।

ଅନ୍ୟ ଭାରତୀୟଙ୍କ ମଧ୍ୟରେ ସାଥିୟାଁ ସିନିୟର ବର୍ଗରେ ୩୦ତମ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଅଚନ୍ତା ଶରଥ କମଲ ଗୋଟିଏ ସ୍ଥାନ ଉପରକୁ ଉଠି ୩୩ତମ ସ୍ଥାନରେ ରହିଛନ୍ତି। ସେହିପରି ଦେଶର ଶ୍ରେଷ୍ଠ ମହିଳା ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା ପୂର୍ବପରି ୬୧ତମ ସ୍ଥାନ ବଜାୟ ରଖିଛନ୍ତି।

## ଜେଭରେଭ, ତିସିତ୍‌ସିପାସ୍ ପରାସ୍ତ

ସିଡ୍‌ନୀ, ୩।୧ (ଏଏଫ୍‌ପି)

ଉଦ୍‌ଘାଟନୀ ଏଟିପି କପ୍‌ରେ ଆଲେକ୍‌ଜାଣ୍ଡର ଜେଭରେଭ ଏବଂ ଷ୍ଟିଫାନସ ତିସିତ୍‌ସିପାସଙ୍କ ବିପର୍ଯ୍ୟୟ ଘଟିଛି। ପ୍ରତିଯୋଗିତାରେ ଉଭୟେ ସେମାନଙ୍କ ପ୍ରଥମ ମ୍ୟାଚରେ ପରାଜିତ ହୋଇଛନ୍ତି। ବିଶ୍ୱର ୭ ନମ୍ବର ତଥା ଜର୍ମାନୀର ଜେଭରେଭ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାରଙ୍କଠାରୁ ୪-୬, ୭-୬ (୭/୩) ୬-୨ ସେଟ୍‌ରେ ପରାସ୍ତ ହୋଇଛନ୍ତି। ବିଶ୍ୱର ୬ ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ତଥା ଲଣ୍ଡନରେ ୨୦୧୯ ସିଜନ ଶେଷ ଏଟିପି ଫାଇନାଲ ବିଜେତା ଗ୍ରୀକ୍ ଷ୍ଟାର ତିସିତ୍‌ସିପାସ କାନାଡାର ଡେନିସ ଶାପୋଭାଲୋଭଙ୍କଠାରୁ ୭-୬ (୮-୬) ୭-୬ (୭/୪)ରେ ପରାଜିତ ହୋଇଯାଇଛନ୍ତି। ଇଭେଣ୍ଟରେ ୨୪ଟି ଦେଶ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଏକ ସଙ୍ଗରେ ସିଡ୍‌ନୀ, ବ୍ରିସ୍‌ବେନ ଏବଂ ପର୍ଥରେ ଖେଳାଯାଉଛି। ଏହା ରାଉଣ୍ଡ ରବିନ୍ ଭିତ୍ତିରେ ଖେଳାଯାଉଛି। ଶ୍ରେଷ୍ଠ ୮ଟି ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ।

# ଏସିଆନ ଟିମ୍ କପ୍ ଟେନିସ: ଭାରତକୁ ବ୍ରୋଞ୍ଜ



ଅତିଥିଙ୍କ ସହ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି)

ଏସିଆନ ଟେନିସ ଫେଡେରେଶନ ସହଯୋଗରେ କାତାର ଟେନିସ ଫେଡେରେଶନ ଆନୁକୂଲ୍ୟରେ ଆୟୋଜିତ ଏସିଆନ ଟିମ୍ କପ୍ ଟେନିସ(୧୪ ବର୍ଷରୁ କମ୍) ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ଡିସେମ୍ବର ୩୦ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ଓଡ଼ିଶାର ବିଶିଷ୍ଟ କୋଚ୍ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏଲିମିନେଶନ ଷ୍ଟେଜ୍‌ରେ ଶ୍ରୀଲଙ୍କାକୁ ୨-୦ରେ ହରାଇ ବ୍ରୋଞ୍ଜ ପଦକ କବ୍‌ଜା କରିଥିଲା।

ଭାରତୀୟ ଦଳ: ରୁଶିଲ ଖୋସଲା, ମାନସ ଧମ୍‌ନେ, ଅରୁଣ ମଜୁମଦାର, ଅଗ୍ରିୟ ଯାଦବ, ଶୁଭ୍ରାଂଶୁ ଷଡ଼ଙ୍ଗୀ(ଅଧିନାୟକ)।

## ବେଙ୍ଗାଲୁରୁ ଏଫ୍‌ସି ବିଜୟୀ

ବେଙ୍ଗାଲୁରୁ, ୩।୧ (ପି.ଟି.)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ବେଙ୍ଗାଲୁରୁ ଏଫ୍‌ସି ଏହାର ପ୍ରାଧାନ୍ୟ ଜାରି ରଖିଛି। ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଦଳ ୨-୧ ଗୋଲ୍‌ରେ ଏଫ୍‌ସି ଗୋଆକୁ ହରାଇ ଦେଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ସୁନୀଲ ଛେତ୍ରୀ(୫୯ତମ ମିନିଟ) ଙ୍କ ଗୋଲ ବଳରେ ବେଙ୍ଗାଲୁରୁ ଅଗ୍ରଣୀ ଲାଭ କରିଥିଲା। ଗୋଆ ହ୍ୟୁଗୋ ବୋମସ (୬୧ତମ)ଙ୍କ ଗୋଲ ଜରିଆରେ ମ୍ୟାଚକୁ ବରାବର ସ୍ଥିତିକୁ ନେଇଆସିଥିଲା। ଛେତ୍ରୀ ପୁନଶ୍ଚ ୮୩ତମ ମିନିଟରେ ଗୋଲ ଦେଇ ତାଙ୍କ ଦଳକୁ ବିଜୟୀ କରାଇଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ବେଙ୍ଗାଲୁରୁ ୧୧ଟି ଗେମ୍‌ରୁ ୧୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପରାଜୟ ସତ୍ତ୍ୱେ ଗୋଆ ଦଳ ୨ ପଏଣ୍ଟ ଆଗରେ ପୂର୍ବଭଳି ପ୍ରଥମ ସ୍ଥାନରେ ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୪/୨୦୨୦ Bhubaneswar, Saturday, January 4/2020

### ଜେଲ୍‌ରେ ଥାଇ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଘଟଣା

# ଗ୍ୟାଙ୍ଗଷ୍ଟର ସକିଲଙ୍କ ଆଉ ଜଣେ ବାନ୍ଧବୀ ଗିରଫ

**କଟକ ଅଫିସ, ୩।୧**

ଜେଲ୍ ଭିତରେ ଥାଇ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଘଟଣାରେ ଦରଘାବଜାର ପୋଲିସ ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲଙ୍କ ଆଉଜଣେ ବାନ୍ଧବୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁରର ନସିମ ଓରଫ ନିଖାତ୍ ନସିମ(୨୫)। ସକିଲ ଗିରଫ ହୋଇ ଜେଲ୍ ଗଲା ପରେ କିଛିଦିନ ପାଇଁ ଗ୍ୟାଙ୍ଗର ଆପରାଧିକ କାର୍ଯ୍ୟକଳାପ ବନ୍ଦ ରହିଥିଲା। ତେବେ କିଛିଦିନର ବ୍ୟବଧାନ ପରେ ସକିଲ ଜେଲ୍‌ରେ ଥାଇ ଫୋନ୍ ମାଧ୍ୟମରେ ପୁଣି ନିଜ ଗ୍ୟାଙ୍ଗର ନେଟ୍‌ୱର୍କ ବଢାଇଥିଲେ। ଜେଲ୍‌ରେ ଥାଇ ସମସ୍ତ ପ୍ଲାନ ତିଆରି କରୁଥିଲେ ସକିଲ। କିଏ ଦାଦାବଟି ଦେବ, କାହାକୁ ଦେବ, କେମିତି ଦେବ ତାହାର ବ୍ଲୁପ୍ରିଣ୍ଟ ଜେଲ୍ ଭିତରୁ ପ୍ରସ୍ତୁତ ହେଉଥିଲା। ଏ ସମସ୍ତ ପ୍ଲାନର ମାଷ୍ଟରମାଇଣ୍ଡ ଥିଲେ ସକିଲ। ଜେଲ୍ ବାହାରେ ରହି ଏହାକୁ

**ଜେଲ୍‌ରେ ଦେଖା କରି ବାହାର ଦୁନିଆର ଖବର ଦେଉଥିଲେ**

ରୂପ ଦେଉଥିଲେ ତାଙ୍କର ୨ ବାନ୍ଧବୀ। ପରେ ଗ୍ୟାଙ୍ଗଷ୍ଟରଙ୍କ ସହଯୋଗୀ ସେମାନଙ୍କଠାରୁ ବଟି ଆଦାୟ କରୁଥିଲେ। ସକିଲଙ୍କୁ ଦେଖା କରିବା ପାଇଁ ଜେଲ୍‌କୁ କେହି ପୁରୁଷ ସହଯୋଗୀ ଗଲେ କାଳେ ପୋଲିସର ସନ୍ଦେହ ଘେରକୁ ଆସିବେ, ତେଣୁ ଏହି ୨ ବାନ୍ଧବୀ ତାଙ୍କୁ ଦେଖା କରିବାକୁ ଜେଲ୍ ଯାଉଥିଲେ। ସେମାନେ ସକିଲଙ୍କୁ ଏକ ଫୋନ୍ ଦେବା ସହ ଜେଲ୍ ବାହାରର ସମସ୍ତ ସୂଚନା ଦେଉଥିଲେ। ଝିଅ ହୋଇଥିବାରୁ ଏତେ ସହଜରେ ପୋଲିସର ସନ୍ଦେହ ଘେରକୁ ଆସି ନ ଥିଲେ। ତେବେ ବ୍ୟବସାୟୀଙ୍କୁ ଦାଦାବଟି ପାଇଁ ଧମକ ଦେବା ଘଟଣାରେ ସକିଲଙ୍କ ଜଣେ ସହଯୋଗୀ ଗିରଫ ହେବା ପରେ ସମସ୍ତ ଗୁମର ଫିଟିଥିଲା।

କଟକ ବକ୍ସିବଜାରସ୍ଥିତ ଆନନ୍ଦ ଷ୍ଟୋର୍ସର ମାଲିକ ତଥା ବ୍ୟବସାୟୀ ଯୋଗେଶ ଅଗ୍ରୱାଲଙ୍କୁ ଗତ ଡିସେମ୍ବର ୧୨ ତାରିଖରେ ଚୌଦ୍ୱାର ଜେଲ୍‌ରେ ଥିବା ସକିଲ ଫୋନ୍ କରି ୧୦ଲକ୍ଷ ଟଙ୍କା ମାଗିଥିଲେ। ପରେ ସକିଲ୍‌ଙ୍କ ସହଯୋଗୀ ଜନ, ମୁକେଶ ଓ ଟାଇଗର ସେଠାରେ ପହଞ୍ଚି ଯୋଗେଶଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଯୋଗେଶ ଉକ୍ତ ଟଙ୍କା ଦେବାରେ ବିଫଳ ହେବାରୁ ଗତ ୧୯ ତାରିଖରେ ସକିଲ ଯୋଗେଶଙ୍କ ସାନଭାଇ ସୁରଜଙ୍କୁ କଲ କରି ୫ଲକ୍ଷ ଟଙ୍କା ମାଗିଥିଲେ। ଏ ନେଇ ଯୋଗେଶ ଓ ସୁରଜଙ୍କ ପକ୍ଷରୁ ଦରଘାବଜାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଥିଲା। ପରେ ପୋଲିସ ଉଭୟ ଘଟଣାରେ ସମ୍ପୃକ୍ତ ଥିବା ନସିମଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଏହି ଘଟଣାରେ ପୂର୍ବରୁ ପୋଲିସ ସକିଲଙ୍କ ବାପା, ଭାଇ ଓ ଜଣେ ବାନ୍ଧବୀଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା।

# ଲକ୍ଷ୍ମୀ ମନ୍ଦିର ହୁଣ୍ଡିରୁ ଚୋରି

**କୋଣାର୍କ,୩।୧(ଡି.ଏନ୍.ଏ.)**

କୋଣାର୍କ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀ ମନ୍ଦିରର ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୧୦ହଜାର ଟଙ୍କା ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପରିଚାଳକ ନିରଞ୍ଜନ ବାରିକଙ୍କ ଅଭିଯୋଗକୁ ଭିତ୍ତିକରି କୋଣାର୍କ ପୋଲିସ ତଦନ୍ତ ଚଳାଇଛି। ଦିନ ଦ୍ୱିପ୍ରହରରେ ମା'ଙ୍କ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି ନେଇ ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।




# ଓଡ଼ିଆ ବୋହୂ ଅମିତା ମିସେସ୍ ୟୁନିଭର୍ସ

**ଭୁବନେଶ୍ୱର, ୩।୧(ବ୍ୟୁରୋ)**

ମିସେସ୍ ୟୁନିଭର୍ସ ହୋଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଅମିତା ପଣ୍ଡା। ନିକଟରେ ଚାଇନାରେ ଅନୁଷ୍ଠିତ ୪୨ତମ ମିସେସ୍ ୟୁନିଭର୍ସ-୩ ପ୍ରତିଯୋଗିତାରେ ଅମିତା ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ଅମିତା ମିସେସ ଇଣ୍ଡିଆ ଗାଲେକ୍ସି, ମିସେସ୍ ସୋସିଆଲ ଆଇକନ୍ ମୁକୁଟ ବିଜୟୀ ହୋଇଥିଲେ। ସେ ଜଣେ ସଫ୍ଟୱେର ଇଞ୍ଜିନିୟର ଓ ତାଙ୍କର ଗୋଟିଏ କନ୍ୟାସନ୍ତାନ ଅଛି। ତାଙ୍କ ସ୍ୱାମୀ ଜଣେ ଜଣାଶୁଣା ହୃଦ୍‌ରୋଗ ବିଶେଷଜ୍ଞ।






**ଘରୋଇ କ୍ଲିନିକ୍‌ରେ ଗୁଳିମାଡ଼ ଘଟଣା**

# ସନ୍ଦିଗ୍ଧ ଆତତାୟୀଙ୍କ ସ୍କେଚ୍ ଜାରି କଲା ପୋଲିସ

**ଖୋର୍ଦ୍ଧା ଅଫିସ, ୩।୧**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଏକ ଘରୋଇ କ୍ଲିନିକ୍‌ରେ ଶିଶୁରୋଗ ବିଶେଷଜ୍ଞ ଓ ଔଷଧ ଦୋକାନୀଙ୍କୁ ଗୁଳିମାଡ ଘଟଣାକୁ ୧୮ ଦିନ ପରେ ପୋଲିସ ହାତ ଖାଲି ରହିଛି। ତେବେ ଶୁକ୍ରବାର ଖୋର୍ଦ୍ଧା ପୋଲିସ ପକ୍ଷରୁ ସନ୍ଦିଗ୍ଧ ଆତତାୟୀଙ୍କ ସ୍କେଚ୍ ଜାରି କରାଯାଇଥିବା ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରସାଦ ସ୍ୱାଇଁ କହିଛନ୍ତି। ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଇଁଙ୍କ ସୂଚନା ଅନୁସାରେ, ସିସିଟିଭି ଫୁଟେଜକୁ ଆଧାର କରି ସନ୍ଦିଗ୍ଧ ଆତତାୟୀଙ୍କ ଫଟୋ ଜାରି ହୋଇଛି। ଯେକୌଣସି ବ୍ୟକ୍ତି ଆତତାୟୀ ସମ୍ପର୍କରେ ସୂଚନା ଦେଲେ

**୧୮ ଦିନ ପରେ ହାତ ଖାଲି**



ସୂଚନାଦାତାଙ୍କ ନାମଗୋପନ ରଖାଯିବ। ଜିଲା ପୋଲିସ ପକ୍ଷରୁ ସମ୍ପୃକ୍ତ ସୂଚନାଦାତାଙ୍କୁ ପୁରସ୍କୃତ କରାଯିବ। ଅନ୍ୟପକ୍ଷେ ଏସ୍‌ପି କହିଥିଲେ, ଶିଶୁ ବିଶେଷଜ୍ଞ ମାନସ ଦାସଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟୁଛି। ସେ ପୋଲିସ ତଦନ୍ତରେ ସାହାଯ୍ୟ କରୁଛନ୍ତି। ଡାକ୍ତର ଦାସଙ୍କ ସ୍ମରଣଶକ୍ତି ଭଲ ଆସିଲେ ସେ ଅଧିକ ତଥ୍ୟ ଦେବେ ବୋଲି ଆଶା ରଖିଛୁ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି କେହି ସୁପାରି ଦେଇ ଗୁଳିମାଡ ଘଟଣାରେ ଆତତାୟୀଙ୍କୁ ନିୟୋଜିତ କରିଛନ୍ତି। ପୋଲିସର ୪ଟି ଟିମ୍ ଗୁଳିମାଡ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ପୋଲିସ ସନ୍ଦିଗ୍ଧ ଆତତାୟୀଙ୍କୁ ଧରିବ ବୋଲି ଏସ୍‌ପି କହିଛନ୍ତି।

ପ୍ରକାଶଥାଉ କି, ଡିସେମ୍ବର ୧୫ ସନ୍ଧ୍ୟାରେ ଘରୋଇ କ୍ଲିନିକ୍‌ରେ ଶିଶୁରୋଗ ବିଶେଷଜ୍ଞ ମାନସ ଦାସ ଓ ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ ସନ୍ତୋଷଙ୍କୁ ଗୁଳି କରାଯାଇଥିଲା। ଏଥିରେ କୃଷ୍ଣଚନ୍ଦ୍ରଙ୍କୁ ମୃତ୍ୟୁ ହୋଇଯାଇଥିବା ବେଳେ ଡାକ୍ତର ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିଲେ। ସେ ଏବେ ଘରକୁ ଫେରିଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସୁରକ୍ଷିତ ମାତୃତ୍ୱ ସମ୍ପର୍କରେ କର୍ମଶାଳା**

ବାଙ୍କୀ,୩୧(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ସୁରକ୍ଷିତ ମାତୃତ୍ୱ ସମ୍ପର୍କରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଧୂଳେଶ୍ୱର ପ୍ରଧାନ ଯୋଗଦେଇ ସ୍ୱାସ୍ଥ୍ୟକର୍ମୀଙ୍କୁ ସୁରକ୍ଷିତ ମାତୃତ୍ୱ ସମ୍ପର୍କରେ ବିଭିନ୍ନ ପ୍ରଣାଳୀ ଓ ତାଲିମ୍ ପ୍ରଦାନ କରିଥିଲେ। ଏହି କର୍ମଶାଳା ୨୧ଦିନ ଧରି ଚାଲିବ।



## ସଂକ୍ଷେପରେ

### ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା



**ସାଲେପୁର,୩୧(ଡି.ଏନ.ଏ.):** ଝିପିଝିପି ବର୍ଷା ଏବଂ ପବନ ସାଲେପୁର ଅଞ୍ଚଳର ଧାନ ଚାଷୀଙ୍କ ଚିନ୍ତା ବଢ଼ାଇଛି। ସାଲେପୁର କୃଷିଜିଲା ଅଧୀନରେ ପ୍ରାୟ ୧୩ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଥିବା ବେଳେ ଏବେ ଧାନ ଅମଳର ସମୟ ହୋଇଛି। ହେଲେ ଧାନ ଅମଳରେ ବର୍ଷା ବାଧକ ସାଜିଛି। ବହୁ ଧାନ ଅଦ୍ୟାବଧି କଟାଯାଇ ନ ଥିବା ବେଳେ କେତେକ ସ୍ଥାନରେ ଧାନକଟା ସରିଥିଲେ ମଧ ଚାଷୀ ତାହାକୁ ଖଳାକୁ ଆଣିପାରି ନ ଥିବା ଦେଖିବାକୁ ମିଳିଛି। କେତେକ ଚାଷୀ ବର୍ଷା ଦାଉରୁ ରକ୍ଷାପାଇବା ପାଇଁ ବିଲମଝିରେ ଧାନ କାଟିଠୁଳ କରି ଜରିପାଲ ଘୋଡ଼ାଇଛନ୍ତି। ଅନ୍ୟ କେତେକ ଚାଷୀ ଖଳାକୁ ଧାନ ଆଣିଥିଲେ ମଧ ତାହା ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଅପରପକ୍ଷେ ଯଦି ବର୍ଷା ଲାଗି ରହେ ତେବେ ବହୁ ଧାନଚାଷୀଙ୍କ ବ୍ୟାପକ କ୍ଷତି ଘଟିବା ଆଶଙ୍କା ରହିଛି।

### ନୂତନ ଗୃହ ପ୍ରବେଶ ଉତ୍ସବ

**ସାଲେପୁର,୩୧(ଡି.ଏନ.ଏ.):** ସାଲେପୁର ବ୍ଲକ ପୁରୁଣାହାଟ ପଞ୍ଚାୟତ ପକ୍ଷରୁ ଶୁକ୍ରବାର ନୂତନ ଗୃହପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଆର୍ଥିକ ବର୍ଷ ୨୦୧୯-୨୦ରେ ଯେଉଁ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ ହୋଇ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ ଶେଷ କରିଥିଲେ ସେହିମାନଙ୍କ ଉଦ୍ଦେଶ୍ୟରେ ଏହି ଉତ୍ସବ କରାଯାଇଥିଲା। ପଞ୍ଚାୟତ ଗ୍ରାମରୋଜଗାର ସେବକ କୃଷ୍ଣଚନ୍ଦ୍ର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ଯଶୋଦା ମଲ୍ଲିକ, ସମିତିସଭ୍ୟ ବିନୋଦ କୁମାର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ମହାନ୍ତି, ଅଜୟ କୁମାର ଚଇନୀ ପ୍ରମୁଖ ଯୋଗଦେଇ ପଞ୍ଚାୟତର ବଟକୃଷ୍ଣ ବଢ଼େଇ, ପ୍ରମୋଦ କୁମାର ଦାସ, ଚନ୍ଦ୍ରଶେଖର ରାଉତ, ଶ୍ରୀନିବାସ ମିଶ୍ର ଓ ରାଜକିଶୋର ଭୂୟାଁ ପ୍ରମୁଖ ହିତାଧିକାରୀଙ୍କ ଗୃହକୁ ଉଦ୍‌ଘାଟନ କରିଥିଲେ।

### ବରିଷ୍ଠ ଖବରଦାତାଙ୍କ ପରଲୋକ

**ତିଗିରିଆ,୩୧(ଡି.ଏନ.ଏ.):** ତିଗିରିଆ ବ୍ଲକ ଅଧୀନ କୁମ୍ଭୀପୁଟ ଗ୍ରାମର ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଦାସ(୭୮)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସକାଳେ ତାଙ୍କ ଶ୍ୱାସକ୍ରିୟାରେ କଷ୍ଟ ହେବାରୁ ପରିବାର ଲୋକେ ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦାସ ତିଗିରିଆ ଅଞ୍ଚଳରେ ଜଣେ ବରିଷ୍ଠ ଖବରଦାତା ଓ ରାଜନୈତିକ ବ୍ୟକ୍ତି ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ଆଇନଜୀବୀ ରଘୁନାଥ ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ଭାଗିରଥୀ ନନ୍ଦ, ଆମ୍ବା ଅଧକ୍ଷ ହରେନ୍ଦ୍ର ଦଳେଇ, ବ୍ଲକ ବିଜେଡି ସଭାପତି ଅଜିତ ଧୀର, ପାଞ୍ଚଗାଁ ପୂର୍ବତନ ସରପଞ୍ଚ ସନ୍ତୋଷ ସିଂସାମନ୍ତ, ସରୋଜ ଦାଶ, ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ାଙ୍କ ସହିତ ବିଭିନ୍ନ ପଞ୍ଚାୟତର ତୃଣମୂଳସ୍ତରର ବହୁ ଜନପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ବାଙ୍କୀକୁ ପୋଲିଓ ମୁକ୍ତ କରିବା ଲକ୍ଷ୍ୟ

**ବାଙ୍କୀ,୩୧(ସ୍ୱ.ପ୍ର.):** ଆସନ୍ତା ୧୯, ୨୦, ୨୧ରେ ହେବାକୁ ଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା. ବିଶ୍ୱଜିତ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଈ ଓ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅପର୍ଣ୍ଣା ମହାପାତ୍ର ଯୋଗଦେଇ ଉପସ୍ଥିତ ୧୦ଜଣ ସ୍ୱାସ୍ଥ୍ୟ ସୁପରଭାଇଜର, ୨୮ଜଣ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ୍ ଦେବାସହ କିପରି ଭାବେ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ କରାଯାଇ ପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଏହିଅବସରରେ ବାଙ୍କୀକୁ ପୋଲିଓ ମୁକ୍ତ କରିବା ଆମର ଲକ୍ଷ୍ୟବୋଲି ଡା. ପଣ୍ଡା ପ୍ରକାଶ କରିଥିଲେ। ଅଧିକ ପିଲା କିପରି ଭାବେ ପୋଲିଓ ବୁନ୍ଦା ନେଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା।

## ବଜାରରେ ମିଳୁଛି ଅପମିଶ୍ରିତ ଖାଦ୍ୟ

# ଯାଞ୍ଚ କରିବାକୁ କେହି ନାହାନ୍ତି

**ବାଙ୍କୀ,୩୧(ସ୍ୱ.ପ୍ର.)**



ଠେଲାଗାଡିରେ ବିକ୍ରି ହେଉଥିବା ଖାଦ୍ୟ।

**ବାଙ୍କୀ ଏନଏସି**
- ରାସ୍ତା କଡ଼, ଡ୍ରେନ୍ ଉପରେ ବିକ୍ରି ହେଉଛି ଖାଦ୍ୟ
- ଫାଷ୍ଟଫୁଡ୍ ଦୋକାନ ଓ ଠେଲାଗାଡି ବିକ୍ରେତାଙ୍କ ସଂଖ୍ୟା ବଢୁଛି
- କାମରେ ଲାଗୁନି ଖାଦ୍ୟ ସୁରକ୍ଷା ଓ ମାନ ନିର୍ଦ୍ଧାରଣ ଆଇନ

ଦିନକୁଦିନ ଯେପରି ଲୋକସଂଖ୍ୟା ବୃଦ୍ଧି ଘଟୁଛି ସେହିପରି ଦୋକାନ ବଜାର ମଧ ବଢିବାରେ ଲାଗିଛି। ଫୁଟ୍‌ପାଥରେ ଅନେକ ଖାଦ୍ୟ ଷ୍ଟଲ ଖୋଲୁଛି। ଫଳରେ ପ୍ରତ୍ୟେକ ଦିନ ଶହଶହ ଲୋକ ଫୁଟ୍‌ପାଥରୁ ଖାଦ୍ୟ ଖାଉଛନ୍ତି। ବାଙ୍କୀ ଏନଏସିର ଜାତମୁଣ୍ଡିଆ, ବୈଦେଶ୍ୱର, ତାଳବସ୍ତ, ବ୍ରହ୍ମପୁରା, ତୁଳସୀପୁର, ଢଁସର, କଳାପଥର, ଡମପଡ଼ା, ଅଂଶୁପା ସମେତ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଥିବା ୧ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଫୁଟ୍‌ପାଥରୁ ଖାଦ୍ୟ ଖାଉଥିଲେ ମଧ ଏସବୁ ଖାଦ୍ୟର ମାନ ଯାଞ୍ଚ କରାଯାଉ ନାହିଁ। ଅନେକ ଦୋକାନୀ ଅସ୍ୱାସ୍ଥ୍ୟକର ପରିବେଶରେ ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତ କରୁଥିବା ଅଭିଯୋଗ ହୋଇଛି। ବାଙ୍କୀ ଏନଏସିରେ ଦୀର୍ଘ ବର୍ଷ ହେବ ଖାଦ୍ୟ ନିରୀକ୍ଷକ ନାହାନ୍ତି। ଏଥିପାଇଁ ଉଠା ଦୋକାନୀ ଓ ଅନ୍ୟମାନଙ୍କୁ ବେଶ ସୁହାଉଛି। ଖାଦ୍ୟ ପାନୀୟର ଗୁଣାତ୍ମକମାନ ପରୀକ୍ଷା କରିବା ଲାଗି ସରକାର ଖାଦ୍ୟ ସୁରକ୍ଷା ଓ ମାନ ନିର୍ଦ୍ଧାରଣ ଆଇନ ପ୍ରଣୟନ କରିଛନ୍ତି। ଖରାପ ଓ ଅପମିଶ୍ରଣ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଧରାପଡିଲେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମନା ଓ ୪ବର୍ଷ ଜେଲଦଣ୍ଡପାଇଁ ଆଇନର ବ୍ୟବସ୍ଥା ରହିଛି। ମାତ୍ର ଏହି ଆଇନ୍ କେବଳ କାଗଜପତ୍ରରେ ସୀମିତ ରହିଛି। କୌଣସି ଦିନ ଏନଏସି ପକ୍ଷରୁ ଖାଦ୍ୟପଦାର୍ଥର ଯାଞ୍ଚ ହେବା ଦେଖା ଯାଇନାହିଁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।

ଟାଉନରେ ଫାଷ୍ଟଫୁଡ୍ ଦୋକାନ ଓ ଠେଲାଗାଡି ବିକ୍ରେତାଙ୍କ ସଂଖ୍ୟା ବୃଦ୍ଧିପାଉଛି। ଗତ କିଛି ବର୍ଷ ମଧରେ ବହୁ ସଂଖ୍ୟକ ହୋଟେଲ, ଜଳଖିଆ ଦୋକାନ, ଠେଲାଗାଡି, ଫାଷ୍ଟଫୁଡ୍ ଖୋଲାଯାଇଥିବା ବେଳେ ଏଗୁଡିକ ଯାଞ୍ଚ କରାଯାଉନାହିଁ। ପ୍ରତିଦିନ ବିଭିନ୍ନ ଖାଦ୍ୟରେ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଏହି ଅପମିଶ୍ରିତ ଖାଦ୍ୟ ଖାଉଥିବା ଲୋକଙ୍କ ଜୀବନ ଏକ ପ୍ରକାର ସଙ୍କଟରେ। ଯଦି କୌଣସି ଭେଜାଲ କିମ୍ବା ବିଷାକ୍ତ ଖାଦ୍ୟ ଖାଇ କାହାର ଜୀବନ ହାନୀ ହୁଏ ତେବେ ସେଥିପାଇଁ ଦାୟୀ କିଏ ରହିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ବାଙ୍କୀ ଟାଉନକୁ ପ୍ରତିଦିନ ଆସୁଥିବା ଲୋକ ଓ କଲେଜ ଏବଂ ସ୍କୁଲର ଛାତ୍ରୀଛାତ୍ର ଫାଷ୍ଟଫୁଡ୍, ଆଳୁଦମ୍, ଦହିବରା, ଗୁପ୍‌ଚୁପ୍, ଚାଟ୍ ଆଦି ଖାଦ୍ୟ ପସରା ନିକଟରେ ଭିଡ ଜମାଉଛନ୍ତି। ଟାଉନର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ଛତୁ ଫୁଟିଲା ଭଳି ଖାଦ୍ୟ ଷ୍ଟଲ ଖୋଲାଯାଉଛି। କେତେକ ବ୍ୟବସାୟୀ ବାସି ଖାଦ୍ୟ ରଖିବା ସହିତ ସ୍ୱଚ୍ଛ ପାନୀୟ ଜଳ ପ୍ରତି ଧ୍ୟାନ ଦେଉ ନ ଥିବା ଜଣାଯାଇଛି। ଲୋକମାନେ ଖାଦ୍ୟ ଖାଇବା ଦ୍ୱାରା ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏତଦ୍ ବ୍ୟତିତ ଡ୍ରେନ୍, ନାଳନର୍ଦ୍ଦମା ଉପରେ ବିଭିନ୍ନ ଜଳଖିଆ, ହୋଟେଲ, ଫାଷ୍ଟ ଫୁଡ୍ ଦୋକାନ କରି ବ୍ୟବସାୟ କରୁଥିବା ଦୋକାନୀଙ୍କ ଖାଦ୍ୟରେ ମଶାମାଛି ବସି ବିଭିନ୍ନ ସଂକ୍ରାମକ ରୋଗ ସୃଷ୍ଟି କରୁଥିବା ଜଣାଯାଇଛି। ଅଧିକାଂଶ ଦୋକାନୀଙ୍କ ବ୍ୟବସାୟ ପାଇଁ ଲାଇସେନ୍ସ କରି ନ ଥିବା ସୂଚନା ମିଳିଛି। ଫଳରେ ବିନା ଅନୁମତିରେ ଟାଉନ୍, ଗଳିକନ୍ଦି ସମେତ ମୁଖ୍ୟ ରାସ୍ତାରେ ଚାଲିଛି ବେଆଇନ୍ ଜଳଖିଆ ଦୋକାନ। ଏହି ବ୍ୟବସାୟମାନଙ୍କ ଉପରେ ବାଙ୍କୀ ଏନଏସି କିମ୍ବା ଉପଖଣ୍ଡ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ତେଣୁ ବାଙ୍କୀ ପ୍ରଶାସନ ଓ ପୌରପରିଷଦ ଏଥି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ୱାସ୍ଥ୍ୟ ପରିଦର୍ଶକ କିମ୍ବା ପରିମଳ ବ୍ୟବସ୍ଥାର ତଦାରଖ କରିବା ପାଇଁ କୌଣସି କର୍ମଚାରୀ ନ ଥିବାରୁ ଏ ସବୁକାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ତଥାପି ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ମଣ୍ଡି ଆଗରେ ଗଦା ହୋଇଛି ଧାନ

# ବିକ୍ରି ହୋଇ ନ ଥିବାରୁ ଚିନ୍ତାରେ ଚାଷୀ



ମଣ୍ଡି ଆଗରେ ଗଦା ହୋଇଥିବା ଧାନ।

**ନରସିଂହପୁର,୩୧(ଡି.ଏନ.ଏ.)**

ନରସିଂହପୁର ବ୍ଲକରେ ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡକ ପକାଇଛି। ବହୁ ଚାଷୀ ଧାନ ଅମଳ କରିପାରି ନ ଥିବାରୁ ଖଳାରେ ଗଦାକରି ରଖିଛନ୍ତି। ସେହିପରି ଅନେକ ଚାଷୀ ମଣ୍ଡିକୁ ଧାନ ନେଇଥିଲେ ମଧ ବିକ୍ରି ହୋଇ ପାରି ନ ଥିବାରୁ ବର୍ଷାରେ ଧାନ ଭିଜୁଛି। କୋହଲା ପାଗ ସାଙ୍ଗକୁ ବର୍ଷା ହେବାରୁ ଲୋକେ ଶୀତରେ ଥରହର ହେଉଛନ୍ତି। ବହୁ ଜମି ଓଦା ଥିବାରୁ ମୁଗ, ବରଗଡା, କୋଳଥ ଭଳି ରବି ଫସଲ ବୁଣାଯାଇ ପାରି ନ ଥିଲା। ପୁଣି ବର୍ଷା ଯୋଗୁ ଚଳିତ ବର୍ଷ ରବି ଫସଲ କରିବା ସମ୍ଭବ ହୋଇପାରିନାହିଁ। ନରସିଂହପୁର ବ୍ଲକର ଏକାଧିକ ମଣ୍ଡିରେ ଦୁଇ ପାଳିଧରି ମିଲର ଆସି ନ ଥିବାରୁ ବାସେଳିହତା, ସାଗରା, କମଳାଡିହ ଅଞ୍ଚଳର ବହୁ ମଣ୍ଡିରେ ଧାନ ପଡି ରହିଥିବା ନରସିଂହପୁର ଯୋଗାଣ ଅଧିକାରୀ ରବୀନ୍ଦ୍ର ନାଥ ସେଠୀ ସୂଚନା ଦେଇଛନ୍ତି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଫସଲ କରିଥିବା ଚାଷୀ ଏବେ ଅମଳ କରି ପାରୁ ନ ଥିବାରୁ ମର୍ମାହତ ହୋଇ ପଡ଼ିଛନ୍ତି। ଏପରି ସ୍ଥଳେ ସରକାର ମଣ୍ଡିରେ ଠିକ୍ ଭାବେ ଧାନ ବିକ୍ରି କରିବା ଲାଗି ବ୍ୟବସ୍ଥା କରିବାକୁ ଚାଷୀ ଅନାଦି ସାହୁ ଦାବି କରିଛନ୍ତି। ବର୍ଷା ପରିମାଣ ବଢିଲେ ଧାନ ଓ ରବି ଫସଲ ବ୍ୟାପକ କ୍ଷତି ଘଟିବା ଆଶଙ୍କା ସୃଷ୍ଟି ହୋଇଛି।

# ନରସିଂହପୁରରେ ପକ୍ଷୀ ଗଣନା



ଏକ ପ୍ରକଳ୍ପ ନିକଟରେ ଉଡୁଥିବା ପକ୍ଷୀ।

**ନରସିଂହପୁର,୩୧(ଡି.ଏନ.ଏ.)**

ନରସିଂହପୁର ବନାଞ୍ଚଳରେ ଥିବା ଜଳ ଅମଳ ପ୍ରକଳ୍ପ ଗୁଡ଼ିକରେ ଜଙ୍ଗଲ ବିଭାଗ ପକ୍ଷରୁ ଶୁକ୍ରବାର ପକ୍ଷୀ ଗଣନା କରାଯାଇଛି। ପୂର୍ବ ଓ ପଶ୍ଚିମ ରେଞ୍ଜର ବିଭୂରଞ୍ଜନ ରାୟ ଓ ଅଶୋକ କୁମାର ବେହେରାଙ୍କ ଦ୍ୱାରା କରାଯାଇଥିବା ଗଣନାରେ ୪୫୨୦ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଥିବା ଜଣାପଡିଛି। ପଶ୍ଚିମାଞ୍ଚଳ ରେଞ୍ଜର ବେହେରାଙ୍କ ସହିତ ବନପାଳ ମାନସ ରଞ୍ଜନ ନାୟକ, ମନୋଜ ଦାସ, ବନରକ୍ଷୀ ପ୍ରମୁଖ ସକାଳ ୫ଟାରୁ ଅପରାହ୍ନ ପର୍ଯ୍ୟନ୍ତ ମହାନଦୀର ନୂଆପାଟଣା, ମାଳିସାହି ପୋଖରୀ, ଚିହ୍ନାମାଳୀ କଟା, ଖଡଙ୍ଗା ବନ୍ଧ, ବୁଢି ଦେଇ ଜଳ ଅମଳ ପ୍ରକଳ୍ପ, ଶରଧାପୁର ପୁରୁଣାପାଣି, ଶିଶୁପଥର ଡ୍ୟାମ, ଜଗନ୍ନାଥ ପ୍ରସାଦ ପୋଖରୀ, ଚକ୍ରଗଡ ମହାନଦୀ ଘାଟରେ ଏହି ଗଣନା କରିଥିଲେ। ଏଥିରେ ୨୦୨୦ ପାଣିକୁଆ, ଚକୁଆ, ଚକୋଇ, ଗେଣ୍ଡାଳିଆ, ହଂସାରାଳୀ ସହିତ ବହୁ ବଗ ପକ୍ଷୀ ଥିବା ଜଣାପଡ଼ିଛି। ପୂର୍ବ ରେଞ୍ଜର ରାୟଙ୍କ ତତ୍ତ୍ୱାବଧାନରେ ବନପାଳ ସରୋଜ ପଣ୍ଡାଙ୍କ ସହିତ ୪୦ଜଣ ବନକର୍ମଚାରୀ ଭୋର ୫ଟାଠାରୁ ବନ୍ଧହୁଡା ବନ୍ଧ, ସାଗର ଗ୍ରାମ ବନ୍ଧ, ଖଳିନାଳ ଘୋରାଡିଆ, ମହାନଦୀ ଘାଟ, ସିଆରିଆ କଟା, ବାଲିଝରୀ ପୋଡାନାଳରେ ପକ୍ଷୀଗଣନା କରିଥିଲେ। ବିଭିନ୍ନ ପ୍ରଜାତିର ୨୫ଶହ ପକ୍ଷୀ ଗଣନା ସମୟରେ କ୍ୟାମେରାରେ କଏଦ ହୋଇଥିଲେ।

### ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଆଠଗଡ଼,୩୧(ସ୍ୱ.ପ୍ର.)**

ଆଠଗଡ଼ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଅମୀୟ ସାହୁ ଅଧକ୍ଷତା କରି ଉତ୍ସବକୁ ସରସ ସୁନ୍ଦର ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଠଗଡର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ କ୍ଲବ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ସକାଳ ୭ଟା୩୦ରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ୭ଟା୩୦ରେ ବିଶ୍ୱନାଥ ବିଦ୍ୟାପୀଠ ନିକଟରୁ ପ୍ରଭାତ ଫେରିରେ ବିଭିନ୍ନ ସ୍କୁଲ ଓ କଲେଜର ପରେଡ ଦଳ ବାହାରି ୮ଟା ସୁଦ୍ଧା ଆଠଗଡ ଷ୍ଟାଡିୟମଠାରେ ପହଞ୍ଚିବେ। ସେଠାରେ ଜାତୀୟ ଦିବସ ପାଳନ କମିଟି ଅଧକ୍ଷ ତଥା ଉପଜିଲାପାଳ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮ଟା୪୫ରେ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ, ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ ମିଶ୍ର, ଆଇଆଇସି ଜ୍ଞାନରଞ୍ଜନ ମିଶ୍ର, ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ

**ବଡ଼ମ୍ବା,୩୧(ଡି.ଏନ.ଏ.)**

ବିଶିଷ୍ଟ ଶ୍ରମିକ ନେତା, ପୂର୍ବତନ ବିଧାୟକ ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ୧୦୧ତମ ଜୟନ୍ତୀ ବଡ଼ମ୍ବା ହାଟସ୍ଥିତ ଆଡିଆ ମହାଦେବୀ ପୀଠରେ ପାଳିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ହିନ୍ଦ ମଜଦୁର ସଭା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସଭାପତି ଅଭିମନ୍ୟୁ ସାହୁ ପୌରୋହିତ୍ୟ କରିଥିଲେ। ସମ୍ପାଦକ ରମେଶଚନ୍ଦ୍ର ଦାସ ବିଶ୍ୱନାଥ ପଣ୍ଡିତଙ୍କ ଜୀବନୀ ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହିତ ଗରିବ ଜନସାଧାରଣଙ୍କ ସେବାପାଇଁ ବିଶ୍ୱନାଥ ପଣ୍ଡିତ ଉତ୍ସର୍ଗୀକୃତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ପଞ୍ଚାନନ ମଲ୍ଲିକ, ନାରାୟଣ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇ ପଣ୍ଡିତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କଟକ ଜିଲା ସଂଯୋଜକ ଦିଲୀପ କୁମାର ସାହୁ ପଣ୍ଡିତ ବିଶ୍ୱନାଥଙ୍କ କର୍ମମୟ ଜୀବନଠାରୁ ଆରମ୍ଭ କରି ତାଙ୍କ ଜନସେବା କାର୍ଯ୍ୟଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ।



ବିଶ୍ୱନାଥ ପଣ୍ଡିତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଜନସାଧାରଣ।

### ରାଜ୍ୟପାଳଙ୍କୁ ଅଭିନନ୍ଦନ ଜଣାଇଲେ ସାଲେପୁର ବିଧାୟକ



**ସାଲେପୁର,୩୧(ଡି.ଏନ.ଏ.)**

ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଶୁକ୍ରବାର ରାଜ୍ୟପାଳ ପ୍ରଫେଶର ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ୍ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ବେହେରା ରାଜ୍ୟପାଳଙ୍କ ସହ କିଛି ସମୟ ଆଲୋଚନା କରିଛନ୍ତି।

# ମହିଳା, ଶିଶୁ କଲ୍ୟାଣ ଅଧିକାରୀଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

**ବାଙ୍କୀ,୩୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ତାଳବସ୍ତ ସେକ୍ଟରର ଅଙ୍ଗନୱାଡି କେନ୍ଦ୍ରକୁ ମହିଳା, ଶିଶୁ କଲ୍ୟାଣ ଅଧିକାରୀ ନିର୍ମଳା ପଣ୍ଡା ଶୁକ୍ରବାର ଅଚାନକ ପରିଦର୍ଶନ କରିଥିଲେ। ତାଙ୍କ ସହିତ ମହିଳା ପରିଦର୍ଶିକା ଛିତା ହେମ୍ବ୍ରମ୍, ବ୍ଲକ ପ୍ରକଳ୍ପ ଅଧିକାରିଣୀ ତଥା ମିଶନ ଶକ୍ତିର ହରପ୍ରିୟା ସାହୁ, ନର୍ମଦା ନାୟକ ପ୍ରମୁଖ ସାମିଲ ହୋଇ ତାଳବସ୍ତ ଅଙ୍ଗନୱାଡି କେନ୍ଦ୍ରର ବିଭିନ୍ନ ଜନହିତକର କାର୍ଯ୍ୟ ତଦାରଖ କରିବା ସହ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ମହିଳା,ଶିଶୁ କଲ୍ୟାଣ ଅଧିକାରୀ ପଣ୍ଡା ୩୩ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ସେମାନଙ୍କ କେନ୍ଦ୍ରରେ ବଣ୍ଟାଯାଉଥିବା ଛତୁଆ ଓ ମମତା ଯୋଜନା କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରିବ ସେ ବିଷୟରେ ବୁଝାଇଥିଲେ। କାହାକୁ ଯେପରି ଖରାପ ବ୍ୟବହାର କରା ନ ଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଅସ୍ଥାୟୀ ଭାବରେ ଖୋଲାଯାଇଥିବା ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ସ୍ଥାୟୀ ରୂପେ କାର୍ଯ୍ୟକାରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ମିଶନ ଶକ୍ତିମାଧମରେ ସମସ୍ତ ଗ୍ରୁପମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ମାସରେ ସମସ୍ତ ସେକ୍ଟରମାନଙ୍କରେ ଅଙ୍ଗନୱାଡି ଓ ଗ୍ରୁପଲୋକଙ୍କ ଅଭିଯୋଗ ଶୁଣିବା ସହ ତାହାର ସମାଧାନ କିପରି ଭାବରେ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବେ ବୋଲି ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ନଳନୀ ବେଉରା, ନିର୍ମଳା ପାଣିଗ୍ରାହୀ, ପ୍ରିୟଙ୍କା ବେହେରା, ଆଶାମଣି ନାୟକ, ସଂଯୁକ୍ତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଶିଶୁ କଲ୍ୟାଣ ଅଧିକାରୀଙ୍କ ସହ ଅଙ୍ଗନୱାଡି କର୍ମୀ।

# ଘରେ ଲାଗୁଛି ଆପେ ନିଆଁ, ପଡୁଛି ଟେକାପଥର

**ମାହାଙ୍ଗା,୩୧(ସ୍ୱ.ପ୍ର.)**

**ମାହାଙ୍ଗାରେ ଭୌତିକ କାଣ୍ଡ**
- ୩ ଦିନ ହେବ ଭୟରେ ପରିବାର
- ଭୋକ ଉପାସରେ କାଟୁଛନ୍ତି ଦିନ

ଆଧୁନିକ ଯୁଗରେ ସାଧାରଣତଃ ଗୁଣି ଗାରେଡି ମନ୍ତ୍ର ତନ୍ତ୍ରକୁ ବିଶ୍ୱାସ କରାଯାଏ ନାହିଁ। କିନ୍ତୁ ଏହି ଅବିଶ୍ୱାସ ଭିତରେ ଏକ ବିଶ୍ୱାସ କଲାଭଳି ଘଟଣା ଦେଖିବାକୁ ମିଳିଛି। ଯେଉଁଥି ପାଇଁ ଆଜିର ମଣିଷ ମନ୍ତ୍ର ତନ୍ତ୍ରକୁ ବିଶ୍ୱାସ କରିବା ପାଇଁ ବାଧ ହେଉଛି। କାରଣ ଗୋଟିଏ ପରିବାରରେ ଆଜକୁ ତିନି ଦିନ ହେବ ହଠାତ୍ ଘର ଭିତରେ ବିଭିନ୍ନ ସ୍ଥାନରେ ଆପେ ନିଆଁ ଲାଗି ଯାଉଛି। ଏହାକୁ ଲିଭାଇବା ପରେ କେଉଁଠି ଟେକାପଥର ପଡୁଛି ତ ପୁଣି ଘର ଭିତରେ ଥିବା ଚେୟାର ଟେବୁଲ ଆପଣାଛାଏ ବୁଲିବାକୁ ଲାଗୁଛି। ଏହି ଘଟଣା ପରେ ଉକ୍ତ ପରିବାର ଭୟ ଓ ଭୋକଉପାସରେ ଦିନ କାଟୁଛନ୍ତି। ମାହାଙ୍ଗା ବ୍ଲକ ଆନନ୍ଦପୁର ପଞ୍ଚାୟତ ଖଣ୍ଡହତା ଗ୍ରାମର ସତ୍ୟବ୍ରତ ରଥଙ୍କ ଘରେ ଏହି ଘଟଣା ଘଟିଛି। ଏହାକୁ ଭୌତିକ କାଣ୍ଡ ବୋଲି କୁହାଯାଉଛି।

ଡିସେମ୍ବର ୧୨ଠାରୁ ରଥଙ୍କ ଘରେ କିଛି ଅଦୃଶ୍ୟ ଘଟଣା ଦେଖିବାକୁ ମିଳିଥିଲା। କିନ୍ତୁ ପରିବାର ଲୋକେ ଏଥିରେ ଭୟଭୀତ ହୋଇ ନ ଥିଲେ। ମାତ୍ର ବୁଧବାର ରାତିରୁ ଭୌତିକ କାଣ୍ଡ ଅଧିକ ହେବା ସହ ଶୁକ୍ରବାର ନିଆଁ ଲାଗିବା ଘଟଣା ଦେଖିବାକୁ ମିଳିଥିଲା। ଏକଥା ଜାଣିବା ପରେ ସ୍ଥାନୀୟ ଲୋକେ ସେଠାରେ ଭିଡ଼ ଜମାଇଥିଲେ। ଲୋକେ ଘରେ କେଉଁଠୁ ଓ କିପରି ନିଆଁ ଏବଂ ଟେକାପଥର ପଡୁଛି ଦେଖିବା ପାଇଁ ଜଗି ରହିଥିଲେ। ରଥଙ୍କ ବେଡ, ଧାନ ବସ୍ତା, ଚୁଡା ବସ୍ତା ଏବଂ ଘରର ବିଭିନ୍ନ ସ୍ଥାନରେ ଥିବା ଆସବାବପତ୍ର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରରେ ନିଆଁ ଲାଗୁଥିବା ଦେଖିବାକୁ ମିଳିଛି। ଘର ବାହାରେ ଥିବା ଗୁହାଳ ଘରେ ମଧ ନିଆଁ ଲାଗି ଯାଉଥିବାରୁ ପରିବାର ଲୋକେ ସର୍ବଦା ସତର୍କତା ସହ ଜଗି ରହିଛନ୍ତି। ଏସମ୍ପର୍କରେ ରଥଙ୍କୁ ପଚାରିବାରୁ କିଛି ଦିନ ହେବ ଘରେ ଅଦୃଶ୍ୟ ଶକ୍ତି କାର୍ଯ୍ୟ କଲାଭଳି ଜଣା ପଡୁଥିଲା। କିନ୍ତୁ ବୁଧବାର ହଠାତ୍ ଘରେ ଥିବା ଚେୟାର ଟେବୁଲ ଓ ଚୁନା ଚଲା ହଲିବାକୁ ଲାଗିବା ସହ ଆପଣାଛାଏ ଘୁରି ବୁଲିଥିଲା। ଶୁକ୍ରବାର ଘରର ବିଭିନ୍ନ ସ୍ଥାନରେ ନିଆଁ ଲାଗି ଯାଉଥିବାବେଳେ ଟେକାପଥର ପଡୁଥିବା ପ୍ରକାଶ କରିଛନ୍ତି। ଏହିଭଳି ଘଟଣା ପଡୋଶୀ ମଉଦା ଗ୍ରାମରେ କିଛି ବର୍ଷ ତଳେ ମଧ ଘଟିଥିବା ନଜିର ରହିଛି।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
**e-mail : substore.bargarh@gmail.com**
**Tel / Fax - 06646-232804**

No.E-634 :- **CORRIGENDUM NOTICE**
**No.47** **Date:02.01.2020**

In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.

**Sd./-**
**Chief District Medical &**
**Public Health Officer, Bargarh**

**10124/11/0002/1920**

**Government of Odisha**
**"e" Procurement Notice**
No.: O-750
**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**

25096/11/0008/1920

## ପଞ୍ଚାୟତକୁ ମଦମୁକ୍ତ ପାଇଁ ଶପଥ ନେଲେ ମହିଳା

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ଥାନା ବାଣୀପଦା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ବାଣୀପଦା ଗ୍ରାମର ମହିଳାଙ୍କ ଏକ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଅଞ୍ଚଳରେ ଚୋରାରେ ମଦ ବିକ୍ରି କରୁଥିବା ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୨ରେ ଏକ ମଦବିରୋଧୀ ସଚେତନତା ରାଲିର ଆୟୋଜନ ପାଇଁ ସ୍ଥିର ହୋଇଥିଲା।

## ସଂକ୍ଷେପରେ

### ପାନୀୟ ଜଳ ପ୍ରକଳ୍ପ ଉପରେ ୮୪ଲକ୍ଷ ବକେୟା

**କଟକ ସଦର,୩।୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଞ୍ଚଳର ୪୨ଟି ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଉପରେ ୮୪ଲକ୍ଷ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଛି। ଆସନ୍ତା ୧୫ତାରିଖ ମଧ୍ୟରେ ବିଲ୍ ପୈଠ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ସେସୁ ପକ୍ଷରୁ ପଞ୍ଚାୟତଙ୍କୁ ନୋଟିସ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୧୫ ଅକ୍ଟୋବରରୁ ଏହି ସବୁ ପ୍ରକଳ୍ପର ବିଦ୍ୟୁତ୍ ବିଲ୍ ପୈଠ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନରୁ ନିୟମିତ ଭାବେ ପୈଠ କରାଯାଉଛି। ପୂର୍ବରୁ ଏହି ବିଲ ପୈଠ ବ୍ଲକ ପ୍ରଶାସନ କରୁଥିଲା। ପଞ୍ଚାୟତକୁ ବିଲ ପୈଠ ହସ୍ତାନ୍ତର କରିବା ପୂର୍ବରୁ ବକେୟା ପରିଶୋଧ କରାଯାଇ ନ ଥିଲା। ଫଳରେ ବିଲ ବଢି ଚାଲିଥିଲା। କଟକ ଜିଲାର ଅନ୍ୟ କୌଣସି ବ୍ଲକରେ ବିଦ୍ୟୁତ୍ ବିଲ ବକେୟା ନ ଥିବା ବେଳେ କଟକ ସଦର ବ୍ଲକ ଅଞ୍ଚଳରେ କିପରି ବାକି ରହିଲା ତାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା କୁହନ୍ତି, ଏ ସମ୍ପର୍କରେ ଅନୁଧ୍ୟାନ କଲେ କିଛି କହିପାରିବେ ବୋଲି କହିଥିଲେ।

### ବିଜୁ ଛାତ୍ର ଜନତା ଦଳର ବନ୍ଧୁମିଳନ

**କଟକ ଅଫିସ,୩।୧:** ଅନ୍ଦରପୁରଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହାସଚିବ ହରିଶଙ୍କର ରାଉତଙ୍କ ନେତୃତ୍ୱରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର ନେତା ଏଥିରେ ଯୋଗ ଦେଇଥିଲେ। ସଙ୍ଗଠନକୁ ସୁଦୃଢ କରିବା ପାଇଁ ଛାତ୍ରମାନଙ୍କୁ ଏକଜୁଟ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ରମାନେ ଯୋଗଦେଇଥିଲେ। ଆଶୁତୋଷ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି, ଅଭିଜିତ୍ ମହାପାତ୍ର, ବିଭୁପ୍ରସାଦ ରାଉତ, ସର୍ବେଶ୍ୱର ମହାନ୍ତି, କ୍ଷୀତିଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସାଇ ଭଜନ ସନ୍ଧ୍ୟା

**କଟକ ଅଫିସ, ୩।୧:** ସ୍ଥାନୀୟ ହାରାମଣି ମଣ୍ଡପଠାରେ ସାଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବାଇ କଣ୍ଠଶିଳ୍ପୀ ଅନିଲ ବାୱାରା, ଛତିଶଗଡ କଣ୍ଠଶିଳ୍ପୀ ସ୍ୱର୍ଣ୍ଣରେଖା, ଓଡ଼ିଆ କଣ୍ଠଶିଳ୍ପୀ ପ୍ରଭୁ ପ୍ରସାଦ ନନ୍ଦ, ଇପ୍ସିତା ପଣ୍ଡା ଓ ଅଭିରାମଙ୍କ ଭଜନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏଥିରେ ଶ୍ରଦ୍ଧା ସବୁରି ସେବକ ସଂଘ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିସହ ବିଶିଷ୍ଟ ତବଲାବାଦକ ରାଧାକାନ୍ତ ନନ୍ଦ ଏବଂ ଅକ୍ଟୋପ୍ୟାଡ ବାଦକ ଶ୍ରୀନିବାସ ଆଚାର୍ଯ୍ୟଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ଡ. ମନୋଜ ଦାଶ, ଶୁକଦେବ ମହାନ୍ତି, ଲିଙ୍ଗରାଜ ଲେଙ୍କା, ସୌମେନ୍ଦ୍ର ନାୟକ, ଉଲ୍ଲାସ ବେଉରା ପ୍ରମୁଖ ଯୋଗଦେଇଥିଲେ ।

### ପ୍ରେମ ଜାଲରେ ଫସାଇ ନାବାଳିକାଙ୍କୁ ଅପହରଣ

### କଟକରୁ ଅପହୃତା ଉଦ୍ଧାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩।୧(ବ୍ୟୁରୋ):** ପ୍ରେମ ଜାଲରେ ଫସାଇ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ କଟକରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅଧୀନ କୋଚସାହିର ଚିନୁ ମହାରଣା। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତକୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚିନୁ ୱେଲଡିଂ ମିସ୍ତ୍ରୀ ଭାବେ କଟକରେ କାମ କରନ୍ତି। ମଝିରେ ମଝିରେ ଭୁବନେଶ୍ୱର କାମ କରିବାକୁ ଆସିଥାନ୍ତି। ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ନାବାଳିକାଙ୍କ ସହ ତାଙ୍କର ଦେଖା ହେବା ପରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୧୭ ତାରିଖରେ ଚିନୁ ତାଙ୍କୁ ବୁଲାଇବାକୁ ନେଇ ସାଙ୍ଗରେ ଧରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଡିସେମ୍ବର ୧୪ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

# ମୁଗ୍ଧ କଲା କଥକ ନୃତ୍ୟ

## କଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**କଟକ ଅଫିସ, ୩।୧**



ମହୋତ୍ସବରେ ପରିବେଷିତ କଥକ ନୃତ୍ୟ।

କଟକ ସାରଳା ଭବନଠାରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଚାଲିଥିବା ୧୧ତମ କଟକ ମହୋତ୍ସବ ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏଥିରେ ଗାଜିଆବାଦର ନୃତ୍ୟଶିଳ୍ପୀ ତପନ ରଏ ଓ ସୁମେଧା ଦ୍ୱାରା ଯୁଗଳ କଥକ ନୃତ୍ୟ ପରିବେଷଣ କରିଥିଲେ । ଏହି ନୃତ୍ୟ ମାଧ୍ୟମରେ ରାମ, ସୀତା, ଅହଲ୍ୟା ଓ ଗୌତମଙ୍କର ବିଭିନ୍ନ କାହାଣୀକୁ ମଞ୍ଚରେ ପ୍ରଦର୍ଶନ କରାଯାଇଥିଲା । ଏହି ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ସେହିପରି ଛତିଶଗଡର ରାଧିକା ଶର୍ମା, ପଶ୍ଚିମବଙ୍ଗର ନେହା ପୋଦ୍ଦାର କଥକ ନୃତ୍ୟ କରିଥିବାବେଳେ କ୍ରିଷ୍ଣେନ୍ଦୁ କରମକର ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ଲରେନସ୍ ସ୍ୟାକ୍ରିସଙ୍କ ଓଡ଼ିଶୀ ନୃତ୍ୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏଥିସହ ପଶ୍ଚିମବଙ୍ଗର କଳାକାରମାନେ ବିଭିନ୍ନ ଲୋକନୃତ୍ୟ ଓ ଉତ୍କଳିକା ପାହାଡସିଂ ଡ୍ୟାନ୍ସ ଗ୍ରୁପ୍ର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଦାଧର ଉପାଧ୍ୟାୟ ଯୋଗଦେଇ କହିଥିଲେ, ସଂସ୍କୃତିର ସହର କଟକ ସବୁବେଳେ ଓଡ଼ିଶାର ପରମ୍ପରାକୁ ବଞ୍ଚାଇ ରଖିପାରିଛି। ଅନୁରୂପା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶାଶ୍ୱତ ପଟ୍ଟନାୟକ, ଏସ୍‌କେ କଲିମୁଲା, ବିଶ୍ୱମ୍ଭର ସାହୁ, ବିଧାନଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବହୁତ ଥର ଏହି ମହୋତ୍ସବକୁ ଆସିଛି। ଏଥର ଛାତ୍ରୀମାନଙ୍କୁ ସାଙ୍ଗରେ ଆଣିଛି। ଏହି ସହରର ସଂସ୍କୃତି ଓ ଐତିହ୍ୟ ମୋତେ ଏଠାକୁ ଟାଣିଆଣିଥାଏ। ଏଠାକାର ଲୋକ, ଭାଷା,



ଖାଦ୍ୟ ଓ ଚାଲିଚଳଣ ବହୁ ସୁନ୍ଦର। ଆଗାମୀ ଦିନରେ ଓଡ଼ିଶା ଆସିବାକୁ ସୁଯୋଗ ମିଳିଲେ କଟକ ନିଶ୍ଚିତ ଆସିବି।

**–ତପନ ରଏ, କଥକ ନୃତ୍ୟ ଶିଳ୍ପୀ, ଗାଜିଆବାଦ**

ଦ୍ୱିତୀୟ ଥର ପାଇଁ ଏଠାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଛି। ୧୬ ବର୍ଷ ବୟସରୁ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା।



ସେବେଠାରୁ କେବେ ପଛକୁ ଚାହିଁନି। ଦେଶ,ବିଦେଶର ବହୁ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଛି। ମାଲେସିଆରେ ନିଜର ଶିକ୍ଷାନୁଷ୍ଠାନ ଥିବାବେଳେ ଅନେକ ଛାତ୍ରୀଛାତ୍ର ନୃତ୍ୟ ଶିଖୁଛନ୍ତି। କଟକ ବାଲିଯାତ୍ରାରେ ନୃତ୍ୟ କରିବା ପାଇଁ ଅନେକ ଇଚ୍ଛା ରହିଛି।

**–ଲରେନ୍ସ ସାକ୍ରିସ୍, ଓଡ଼ିଶୀ ନୃତ୍ୟଶିଳ୍ପୀ, ମାଲେସିଆ**

# ସିଏଏ ବିରୋଧରେ ବିକ୍ଷୋଭ

**ନିଆଳି,୩।୧(ଡି.ଏନ୍.ଏ.)**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନିଆଳି ଦଳିତ ସଂଖ୍ୟାଲଘୁ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଜଗତ୍‌ସିଂପୁର ନିର୍ବାଚନ ମଣ୍ଡଳୀ ଯୁବକଂଗ୍ରେସ ସଭାପତି ଶଶିକାନ୍ତ ଲେଙ୍କାଙ୍କ ନେତୃତ୍ୱରେ ମଝିଖଣ୍ଡ ଛକ ଠାରୁ ଦଳିତ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ବହୁ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ନିଆଳି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭଜମନ ବେହେରା, ସସ୍ମିତା ବେହେରା, ନଟବର ଷଡ଼ଙ୍ଗୀ, ମଜବୁର୍ ରହେମାନ୍, ବସ୍ତି ମୁରବୀ ସେକ୍ ମହିଉଦ୍ଦିନ୍, ସେକ୍ ହୁମାୟନ୍ନ, ଅବ୍ଦୁଲ ବାରି, ସେକ୍ ୟାକୁବ୍, ସେକ୍ ରୟାନ୍, କେଦାରନାଥ ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ରଞ୍ଜନ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା।

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ

**କଟକ ଅଫିସ,୩।୧**

ଜାନକୀ ବଲ୍ଲଭ ପଟ୍ଟନାୟକ ଜୟନ୍ତୀ କମିଟି ପକ୍ଷରୁ ଜାନକୀ ବଲ୍ଲଭଙ୍କ ଜୟନ୍ତୀ ସମାରୋହ ଟାଉନ ହଲ୍‌ଠାରେ ଶୁକ୍ରବାର ପାଳିତ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି ସରୋଜ ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଜାନକୀ ବଲ୍ଲଭ କେବଳ ରାଜନେତା ନ ଥିଲେ, ସାହିତ୍ୟିକଭାବେ ସୁପରିଚିତ ଥିଲେ। ଭାଗବତ, ରାମାୟଣ, ମହାଭାରତ ପୁସ୍ତକ ରଚନା କରି ସୁନାମ ଅର୍ଜନ କରିଥିଲେ। ତାଙ୍କ ସମୟରେ କଟକର ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସମ୍ମାନିତ ଅତିଥି ସମୀର ଦେ, ଡ. ଅଶୋକ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସମାଜ ପାଇଁ ଅବଦାନ ରହିଥିବା ବ୍ୟକ୍ତିତ୍ୱମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଦିଲୀପ ରାୟ, ଦୀପକ ରଞ୍ଜନ ପାତ୍ର, ଉମାଶଙ୍କର ଛୋଟରାୟ, ପ୍ରତାପ କେଶରୀ ଦେଓ, ଦେବୀପ୍ରସାଦ ସାହୁ, ସୁମିତ ରାୟ, ଜିତେନ୍ଦ୍ର ପାଣି ଓ ମୁରଲୀଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କୁଞ୍ଜ ସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ।

# ସିପିଆଇ(ଏମ୍)ର ବ୍ଲକ ଅଫିସ୍ ଆଗରେ ବିକ୍ଷୋଭ

**ଟାଙ୍ଗୀ(କଟକ),୩।୧(ଡି.ଏନ୍.ଏ.)**

ବିଦ୍ୟୁତ୍ ଘରୋଇକରଣ ଚୁକ୍ତି ବାତିଲ ଦାବିରେ ସିପିଆଇ(ଏମ୍), ଟାଙ୍ଗୀ–ଚୌଦ୍ୱାର ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ବିଦ୍ୟୁତ୍ ଉତ୍ପାଦନ ଓ ଆବଣ୍ଟନ କ୍ଷେତ୍ରରେ ସଂସ୍କାର ନିମିତ୍ତ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ୧୯୯୯ ମହାବାତ୍ୟା ପରେ କେତେକ ଘରୋଇ କମ୍ପାନୀ ଆବଣ୍ଟନ ଦାୟିତ୍ୱ ନେଇଥିଲେ ହେଁ ସରକାର କ୍ରମାଗତ କ୍ଷତି ସହୁଛନ୍ତି । ଏବେ ପୁନଃ ସଂସ୍କାର ନାମରେ ଘରୋଇକରଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ସେବାକୁ ଘରୋଇ କମ୍ପାନୀକୁ ଦେଇଛନ୍ତି। ଫଳରେ ସାଧାରଣ ଉପଭୋକ୍ତା ଭବିଷ୍ୟତରେ ଶୋଷଣର ଶିକାର ହେବେ। ଆୟୋଜିତ ବିକ୍ଷୋଭରେ କମ୍ରେଡ ରମେଶ ଚନ୍ଦ୍ର ବେହେରା, ଡମ୍ବରୁଧର ସାହୁ, ଚନ୍ଦ୍ରମୋହନ ମାଝି, ପର୍ଶୁରାମ ମହାରଣା, ମଳୟ ପୃଷ୍ଟି, ରଶ୍ମି ରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ଜେନା, ସନାତନ ପଣ୍ଡା, ଗଙ୍ଗା ତିରିଆ ଓ ମଥୁରା ହେମ୍ବ୍ରମ୍ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ବିନୋଦ କୁମାର ସେନାପତିଙ୍କୁ ପ୍ରଦାନ କରାଯାଇଥିଲା।

# ବାର୍ଷିକ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତା ଉଦ୍‌ଘାଟିତ

**କଟକ ଅଫିସ,୩।୧**

ଦେଉଳସାହି ସ୍ଥିତ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ୟଙ୍ଗକବି ବିଭୁ ପ୍ରସାଦ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବ୍ୟଙ୍ଗ ମାଧ୍ୟମରେ ସମୟାନୁବର୍ତ୍ତିତା ସହ ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଚନ୍ଦ୍ରମୋହନ ସ୍ୱାଇଁ ଯୋଗଦେଇଥିଲେ। ୩ ଦିନ ଧରି ୧୪ଟି ବିଭାଗରେ ପ୍ରତିଯୋଗିତା ହେବ। ଉଦ୍‌ଘାଟନୀ ଉତ୍ସବକୁ ଅଧ୍ୟାପିକା ଚନ୍ଦନା ମହାନ୍ତି ସଂଯୋଜନା କରିଥିଲେ। ରୋଜାଲିନ ସାମଲ, ସ୍ମୃତି ରଞ୍ଜନ ସ୍ୱାଇଁ, କ୍ରିଷ୍ଣା ମହାନ୍ତି, କଲ୍ୟାଣୀ ବାରିକ ଏବଂ ଶୁଭଶ୍ରୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳୀ ସାହୁ ଧନ୍ୟବାଦ ଦେଇଥିଲେ।

# ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୩।୧**


ବିଶ୍ୱନାଥ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

କଟକ ଚାନ୍ଦିନୀଚୌକସ୍ଥିତ ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ କାର୍ଯ୍ୟାଳୟଠାରେ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଡା. ରବିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏସ୍‌ସିବି ମେଡ଼ିକାଲ କଲେଜ ପରିସର, ମେହେନ୍ତର ସଂଘ ପରିସର, ଖାନ୍‌ନଗର ପାର୍କ ଓ ବିଶ୍ୱନାଥ ପଣ୍ଡିତ ପାଠାଗାରରେ ଥିବା ବିଶ୍ୱନାଥଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ରାଜ୍ୟସଭା ସଦସ୍ୟ ନରେନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହ, ପୂର୍ବତନ ମେୟର ଅନୀତା ବେହେରା, ପୂର୍ବତନ ଡେ଼ପୁଟି ମେୟର ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମିହିର ପ୍ରତାପ ଦାସଙ୍କ ରଚିତ 'ବିପ୍ଳବୀ ବିଶ୍ୱନାଥ ପଣ୍ଡିତ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କଟକ ମହାନଗର ଶାନ୍ତି କମିଟିର ସମ୍ପାଦକ ଭିକାରୀ ଦାସ ଧନ୍ୟବାଦ ଦେଇଥିଲେ।

# ୧୦ରେ ମ୍ୟୁଜିକାଲ ଚ୍ୟାରିଟି ଶୋ 'କାରଭାନ–୨'

**କଟକ ଅଫିସ, ୩।୧**

କଟକ ଅରୁଣୋଦୟ ମାର୍କେଟସ୍ଥିତ ଓଡ଼ିଶା କମ୍ପ୍ୟୁଟର ଏକାଡେମୀର ସମ୍ମେଳନ କକ୍ଷରେ ଶୁକ୍ରବାର ଏସ୍‌ଏସ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୦ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଶହୀଦ ଭବନଠାରେ ଏକ ମ୍ୟୁଜିକାଲ ଚ୍ୟାରିଟି ଶୋ 'କାରଭାନ–୨' ଅନୁଷ୍ଠିତ ହେବ। ଏଥିରେ କଣ୍ଠଶିଳ୍ପୀ ସଂଗ୍ରାମ ମହାନ୍ତି, ସସ୍ମିତା ବିଶ୍ୱାଳ, ଗୁଲସନ ନଦିମ, ଏନଜୋଲା ମିଶ୍ର, ମଲାନି ମହାନ୍ତି, ରବିଶଙ୍କରଙ୍କ ସମେତ ବହୁ କଳାକାର ଯୋଗଦେବେ। ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ସଞ୍ଜୟ ସାହୁ ଓ ଅକ୍ଟୋପ୍ୟାଡ ବାଦକ ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ଅର୍ଥରାଶି ପ୍ରଦାନ ସହ କଣ୍ଠଶିଳ୍ପୀ ମହମ୍ମଦ ନରସିରଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସୂର୍ଯ୍ୟ ନାରାୟଣ ରାଉତ, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ରକ୍ତଦାନ ଶିବିରକୁ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରୁଛନ୍ତି।

# 'ରକ୍ତଦାନ ପାଇଁ ଯୁବପିଢ଼ିଙ୍କ ଆଗ୍ରହ ଶୁଭଙ୍କର'

**କଣ୍ଟାପଡ଼ା,୩।୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକସ୍ଥିତ ଅଲାରପୁର ପୁଷ୍ପାରାଇସ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଉଦ୍‌ଘାଟନ କରିବା ସହ ରକ୍ତଦାନ ଭଳି ମହତକାର୍ଯ୍ୟ ସହ ସାଧାରଣଲୋକ ଜଡିତ ହେବାକୁ ଆହ୍ୱାନ ଦେଇଥିଲେ। ଏହା ସହ ରକ୍ତଦାନ ପାଇଁ ଯୁବପିଢିଙ୍କ ଆଗ୍ରହ ଶୁଭଙ୍କର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ, କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ୍ ୧୦୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆନ ବ୍ୟାଙ୍କ ଜୋନାଲ ମ୍ୟାନେଜର ଶଶିଭୂଷଣ ଦାଶ ପୁଷ୍ପାରାଇସର ନୂତନ ପ୍ଲାଣ୍ଟର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ଲକ୍ଷ୍ମୀଧର ନାୟକ ପୁଷ୍ପାରାଇସ ଏମ୍‌ଡି ନରୋତ୍ତମ ପାତ୍ର, ପରିଚାଳକ ମନୋଜ ଦାସ ଓ କାର୍ଯ୍ୟନିର୍ବାହୀ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଚୀପ୍ରଜ୍ଞାର ସଦସ୍ୟମାନେ ଶିବିରକୁ ପରିଚାଳନା କରିଥିଲେ।

# ଛତିଶାପାଟ, ମହାନଦୀରେ ପକ୍ଷୀ ଗଣନା

**ଚୌଦ୍ୱାର,୩।୧(ଡି.ଏନ୍.ଏ)**

କଟକ ବନଖଣ୍ଡ ପକ୍ଷରୁ ଶୁକ୍ରବାର ଛତିଶାପାଟ ଓ ମହାନଦୀରେ ପକ୍ଷୀ ଗଣନା ହୋଇଛି। ଛତିଶାପାଟରେ ଡଙ୍ଗା ସାହାଯ୍ୟରେ ଗଣତି କରାଯାଇ ପ୍ରାୟ ୨୧ହଜାର ମଧ୍ୟରେ ବିଭିନ୍ନ ପକ୍ଷୀ ଥିବା ଗଣନା କରାଯାଇଛି। ମହାନଦୀରେ ପ୍ରାୟ ୭ହଜାର ବିଦେଶାଗତ ପକ୍ଷୀ ଥିବା ଚୌଦ୍ୱାର ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। କଟକ ବନଖଣ୍ଡ ସହକାରୀ ବନ ସଂରକ୍ଷକ ସୌଭାଗ୍ୟ ସାହୁ, ରେଞ୍ଜ ଅଫିସର ଅଭିରାମ ଜେନା, ଫରେଷ୍ଟଗାର୍ଡ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୁବ୍ରତ ରାଉତଙ୍କ ସମେତ ୧୦ଜଣ କର୍ମଚାରୀ ଗଣନାରେ ସାମିଲ ହୋଇଥିଲେ। ବୋଟ୍ ମାଧ୍ୟମରେ ମହାନଦୀରେ ପକ୍ଷୀ ଗଣନା କରାଯାଇ ରେଡ୍ ପୋଚାର୍ଡ, କମନ ପୋଚାର୍ଡ, ଡାବଚିକ୍, ବ୍ଲାକ ସାଲୋ, ଗେଣ୍ଡାଳିଆ, ରିଭର ଟର୍ଣ୍ଣ, ଧଳା ବଗ, କାଣ୍ଟି ବଗ, ବ୍ରହ୍ମିନ୍ ଡକ୍, ପିନଟେଲ ଆଦି ପକ୍ଷୀ ଥିବାବେଳେ ଛତିଶା ପାଟରେ ଗେଣ୍ଡାଳିଆ, କାଣ୍ଟି ବଗ, ମାଛରଙ୍କା, ପାଣି କୁଆ ଆଦି ପକ୍ଷୀ ଥିବା ଦେଖିବାକୁ ମିଳିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀ ସଜାଗ ଥିବା ଓ ଶୀତ ବଢିଲେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବା ଆଶା ରହିଛି ବୋଲି ବନ ସଂରକ୍ଷକ ସାହୁ କହିଛନ୍ତି।

# ଯୁବ ଆଇନଜୀବୀଙ୍କ ପ୍ରଶିକ୍ଷଣ ନିରବଚ୍ଛିନ୍ନ ଭାବେ କରାଯିବା ଉଚିତ

**କଟକ ଅଫିସ, ୩।୧**


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

**ଲୟର୍ସ ଏକାଡେମୀରେ ଆଲୋଚନାଚକ୍ର**

ଦି ଲୟର୍ସ ଏକାଡେମୀ ଓଡ଼ିଶା ପକ୍ଷରୁ ହାଇକୋର୍ଟ ପରିସରସ୍ଥ ଏକାଡେମୀ କାର୍ଯ୍ୟାଳୟରେ ବାର୍‌ର ବିକାଶରେ ଲୟର୍ସ ଏକାଡେମୀର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟର ଯୁବ ଆଇନଜୀବୀମାନଙ୍କ ପ୍ରଶିକ୍ଷଣ ପାଇଁ ଏକାଡେମୀ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବା ଉଚିତ୍। ଏଥିରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି ଓ ସମ୍ପାଦକ ସଞ୍ଜୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକାଡେମୀର କାର୍ଯ୍ୟକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକାଡେମୀର ଏକ ସ୍ୱତନ୍ତ୍ର ବୁଲେଟିନ ଉନ୍ମୋଚିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଏକାଡେମୀର ନିର୍ଦ୍ଦେଶକ ଗୋକୁଳାନନ୍ଦ ପଟ୍ଟନାୟକ, ଶୁଭାବିକାଶ ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ଡ. କହ୍ନେୟାଲାଲ ଶର୍ମା, ଗୌରାଙ୍ଗ ଚରଣ ମହାପାତ୍ର, ନିବେଦିତା ମହାନ୍ତି, ନିଗମାନନ୍ଦ ଦାସ, ନଟବର ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ଆଇନଜୀବୀ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ତାରାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


**CHIEF DISTRICT MEDICAL & PUBLIC HEALTH OFFICER, BARGARH**

**e-mail : substore.bargarh@gmail.com**

**Tel / Fax - 06646-232804**

No.E-634 :- **CORRIGENDUM NOTICE**

**No.47** **Date:02.01.2020**

In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.

**Sd./-**
**Chief District Medical & Public Health Officer, Bargarh**

**10124/11/0002/1920**

**Government of Odisha**

**"e" Procurement Notice**

No.: O-750

**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**

**25096/11/0008/1920**



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ



## ସଂକ୍ଷେପରେ

### କୂଅରେ ପଡ଼ି ଶିଶୁ ମୃତ

ବାଲୁଗାଁ, ୩।୧(ଡି.ଏନ୍.ଏ.): ବାଲୁଗାଁସ୍ଥିତ ସାମନ୍ତରାପୁର ବେହେରାସାହିରେ ଶୁକ୍ରବାର ସକାଳେ କୂଅରେ ପଡି ଜଣେ ୬ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଆଲୋକ ବେହେରା। ଗଞ୍ଜାମ ଜିଲା ପାଲୁର ଅଞ୍ଚଳର ମଳୟ ବେହେରାଙ୍କ ଶ୍ୱଶୁର ଘର ସ୍ଥାନୀୟ ବେହେରାସାହିରେ। କିଛି ଦିନ ହେଲା ତାଙ୍କ ସ୍ତ୍ରୀ, ଦୁଇପୁଅ ଏବଂ ଗୋଟିଏ ଝିଅ ଏଠାରେ ରହି ଆସୁଥିଲେ। ଶୁକ୍ରବାର ସକାଳେ ବଡପୁଅ ଆଲୋକ ଘର ବାରି ପାର୍ଶ୍ୱରେ ଖେଳୁଥିଲେ। ତେବେ ଦୀର୍ଘ ସମୟ ଧରି ପରିବାର ଲୋକେ ପୁଅର ସନ୍ଧାନ ପାଇ ନ ଥିଲେ। ସନ୍ଦେହରେ କୂଅରେ ଖୋଜିବାରେ ମୁମୂର୍ଷୁ ଅବସ୍ଥାରେ ଆଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଦୋକାନରୁ ତାଲା ଭାଙ୍ଗି ଚୋରି

ପାତ୍ରପଡା, ୩।୧(ଡି.ଏନ୍.ଏ.) : ତମାଣ୍ଡୋ ଥାନା ଅଧୀନ ତମାଣ୍ଡୋ ବଜାରର ଏକ ଭେରାଇଟ ଷ୍ଟୋରରୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଦୋକାନ ମଧ୍ୟରୁ ସାମଗ୍ରୀ ସମେତ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ଶରତ ଚନ୍ଦ୍ର ପରିଡା ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି। ହେଲେ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଟେର ପାଇ ପାରିନାହିଁ। ପୋଲିସ ସୂଚନା ଅନୁଯାୟୀ, ଶରତଙ୍କର ସ୍ଥାନୀୟ ବଜାରରେ କ୍ରୀଷ୍ଣା ସ୍ନାକ୍ସ ଓ ଭେରାଇଟ ଷ୍ଟୋର ଦୋକାନ ରହିଛି। ରାତି ୧୦ଟାରେ ଶରତ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଶୁକ୍ରବାର ସକାଳୁ ଦୋକାନ କବାଟ ତାଲା ଭଙ୍ଗାଯାଇ ଖୋଲା ଥିବା ଖବର ପାଇଥିଲେ। ପରେ ସେ ସେଠାରେ ପହଞ୍ଚି ଦୋକାନରୁ ଚୋରି ହୋଇଥିବା ଘଟଣା ସମ୍ପର୍କରେ ଜାଣି ଥିଲେ। ଦୋକାନରୁ ଦୁର୍ବୃତ୍ତମାନେ ଟଙ୍କା ସହ ସାମଗ୍ରୀ ଚୋରି କରି ନେଇଥିବା ଶରତ ଅଭିଯୋଗ କରିଛନ୍ତି।

### ୭ ଦିନ ପରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଖୋର୍ଦ୍ଧା ଅଫିସ, ୩।୧: ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କ ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ ପ୍ରତିବାଦରେ ଚୁକ୍ତି ଭିତ୍ତିକ ଠିକା ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ୭ମ ଦିବସ ଶୁକ୍ରବାର ପ୍ରତ୍ୟାହୃତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟପକ୍ଷଙ୍କୁ ମିଳାମିଶା କରାଯାଇ ବିବାଦର ସମାଧାନ କରାଯାଇଥିଲା।

### ପଡୋଶୀଙ୍କ ଘରେ ନିଆଁ ଲଗାଇ ଯୁବକ ଗିରଫ

ପାତ୍ରପଡା, ୩।୧(ଡି.ଏନ୍.ଏ.) : ଖଣ୍ଡଗିରି ଥାନା ଅଧୀନ ବାହାଦଲପୁର ଅଞ୍ଚଳରେ ଜଣେ ଯୁବକ ପଡୋଶୀଙ୍କ ଘରେ ନିଆଁ ଲଗାଇଥିବା ଅଭିଯୋଗରେ ପୋଲିସ ତାଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାହାଦଲପୁର ଅଞ୍ଚଳର ପ୍ରଦ୍ୟୁମ୍ନ ପ୍ରଧାନ(୪୨)। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ପ୍ରଦ୍ୟୁମ୍ନ ଗାଁ ଦାଣ୍ଡରେ ଗାଳିଗୁଲଜ କରୁଥିଲେ। ପଡୋଶୀ ରଘୁନାଥ ସାହୁ ଏହାକୁ ବିରୋଧ କରିବାରୁ ପ୍ରଦ୍ୟୁମ୍ନ ରଘୁନାଥଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଘରେ ନିଆଁ ଲାଗିଥିବା ଜାଣି ରଘୁନାଥ ଓ ପାଖ ପଡୋଶୀଙ୍କ ସହାୟତାରେ ଲିଭାଇଥିଲେ। ଏ ନେଇ ରଘୁନାଥ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୫/୨୦ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶରଧାପୁର ଫୁଟବଲ: କେରଙ୍ଗ ବିଜୟୀ

ଖୋର୍ଦ୍ଧା ଅଫିସ, ୩।୧: ଖୋର୍ଦ୍ଧା ଉପକଣ୍ଠରେ ଚାଲିଥିବା ଶରଧାପୁର ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅହମ୍ମଦୀୟା କ୍ଲବ କେରଙ୍ଗ ୧-୦ ଗୋଲରେ ମା' କାଳିଜାଇ ସ୍ପୋର୍ଟସ କ୍ଲବ ନଇରୀକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ କେହି କାହାକୁ ଗୋଲ ଦେଇ ପାରି ନ ଥିବାବେଳେ ଦ୍ୱିତୀୟାର୍ଦ୍ଧ ଖେଳରେ କେରଙ୍ଗର ୧୦ ନମ୍ବର ଖେଳାଳି ଗୁନା ଖାନ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ବେହେରା, ଅଶୋକ ନାୟକ, ବିଦେଶୀ ନାୟକ ସହଯୋଗ କରିଥିଲେ।

## ■ ପ୍ରଶାସନର ଅଙ୍କୁଶ ନାହିଁ

# ବିଦେଶକୁ ଶ୍ରମିକ ଚାଲାଣ ର୍ୟାକେଟ ସକ୍ରିୟ

ବାଲୁଗାଁ, ୩।୧(ଡ.ଏନ.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ, ବାଣପୁର ଅଞ୍ଚଳରେ ବେକାର ଯୁବକମାନେ ଅଧିକ ଅର୍ଥ ଉପାର୍ଜନ ଆଶାରେ ଦଲାଲଙ୍କ ମାଧ୍ୟମରେ ବିଦେଶ ଯାଇ ନାହିଁ ନ ଥିବା ନିର୍ଯାତିତ ହେଉଛନ୍ତି। ଏଥିପ୍ରତି ପ୍ରଶାସନର ଅଙ୍କୁଶ ରହୁନାହିଁ। ବହୁ ଶ୍ରମିକ ଏବଂ ତାଙ୍କର ଅଭିଭାବକ ବାଲୁଗାଁ ସହକାରୀ ଶ୍ରମ ଅଧିକାରଙ୍କଠାରେ ଅଭିଯୋଗ କରୁଛନ୍ତି। ଦଲାଲମାନେ ବେକାର ଯୁବକମାନଙ୍କୁ ଭଲ ଚାକିରି, ଅଧିକ ଦରମା ଦେବା ଆଦି ଲୋଭ ଦେଖାଉଛନ୍ତି। ଜଣକ ପିଛା ୫୦ରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରାଯାଉଥିବା ଜଣେ ଯୁବକ ନାମ ଗୋପନ ରଖି କହିଛନ୍ତି। ଶ୍ରମିକମାନଙ୍କୁ ଦଲାଲ ଏଠାରୁ ନେଇ କମ୍ପାନୀ ହାତକୁ ଟେକି ଦେଇଥାଆନ୍ତି। ଏହି କମ୍ପାନୀଗୁଡିକ ବେକାର ଯୁବକମାନଙ୍କୁ ପାସ୍‌ପୋର୍ଟ କରିବା ଲାଗି ପ୍ରବର୍ତ୍ତାଇ ଥାଆନ୍ତି ଏବଂ ପରେ ସେମାନଙ୍କଠାରୁ ପାସ୍‌ପୋର୍ଟ ରଖି ପ୍ରାୟ ଟୁରିଷ୍ଟ ଭିଜାରେ ପଠାଇ ଥାଆନ୍ତି। ଯୁବକମାନେ ସେଠାରେ ପହଞ୍ଚିବା ପରେ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ଚୁକ୍ତି ମୁତାବକ କାର୍ଯ୍ୟ କରିବା ବଦଳରେ ଛେଳି, ଓଟ, ଘୁଷୁରି ଚରାଇବା କିମ୍ବା କୌଣସି ଗ୍ୟାସ୍ ଫ୍ୟାକ୍ଟ୍ରିରେ କଠିନ କାମରେ ନିୟୋଜିତ କରିଥାନ୍ତି। ପ୍ରତିବାଦ କଲେ ସେମାନଙ୍କୁ ଅକଥନୀୟ ନିର୍ଯାତନାର ଶିକାର ହେବା ସହ ଜେଲ୍ ଯିବାକୁ ମଧ୍ୟ ପଡିଥାଏ। ଏହି ନିର୍ଯାତନାକୁ ସହ୍ୟ ନ କରିପାରି ଶ୍ରମିକମାନେ ମାନସିକ ଯନ୍ତ୍ରଣାରେ ଛଟପଟ ହେବା ସହ ରୋଗଗ୍ରସ୍ତ ହୋଇଥାଆନ୍ତି। କାନ୍ଦି କାନ୍ଦି ତାଙ୍କ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଜଣାଇବା ସହ ଶୀଘ୍ର ଏଠାରୁ ନେଇଯିବା ପାଇଁ ନିବେଦନ କରିଥାନ୍ତି। ପରିବାର ଲୋକେ ସ୍ଥାନୀୟ ସହକାରୀ ଶ୍ରମ ଅଧିକାରୀ, ପୋଲିସ୍ ଏବଂ ପ୍ରଶାସନ ନିକଟରେ ଗୁହାରି କରୁଥିବା ଦେଖାଯାଉଛି। ଏପରିକି, ୨୦୧୮-୧୯ରେ ନିର୍ଯାତନା ଓ ବକେୟା ଦରମା ଓ ମୃତ୍ୟୁବରଣ କରିଥିବା ୧୫ ଟି ଅଭିଯୋଗ ଶ୍ରମ ବିଭାଗକୁ ଆସିଥିବା ବେଳେ ୪ଜଣ ବିଦେଶରେ ମୃତ୍ୟୁବରଣ କରିଥିବା ଜଣାଯାଇଛି।

ବିଦେଶକୁ ଚାଲାଣ କରୁଥିବା କମ୍ପାନୀ, ଠିକାଦାର କିମ୍ବା ଦଲାଲ୍ ସାଧାରଣତଃ ମାଲେସିଆ, କୁଏତ୍, ଆବୁଧାବି, ସୌଦି ଆରବ, ଇରାକ୍, ଇରାନ୍ ବିଭିନ୍ନ ଦେଶକୁ ପଠାଇଥାଆନ୍ତି। ଓଡ଼ିଶାରେ ଥିବା ଏହି ଶ୍ରମିକ ଚାଲାଣକାରୀ କମ୍ପାନୀ ଭୁବନେଶ୍ୱର, ବ୍ରହ୍ମପୁରରେ ଅବସ୍ଥାପିତ ବୋଲି ସ୍ଥାନୀୟ ଏଜେଣ୍ଟଙ୍କଠାରୁ ଶୁଣିବାକୁ ମିଳେ। ଓଡ଼ିଶାରେ ଥିବା ଏହି କମ୍ପାନୀଗୁଡ଼ିକ ଶ୍ରମିକ ଚାଲାଣ ନିମନ୍ତେ ଲାଇସେନ୍ସ କିମ୍ବା ଆନୁଷଙ୍ଗିକ କାଗଜପତ୍ର ମଧ୍ୟ କରି ନ ଥାନ୍ତି। ପ୍ରାୟ ଟୁରିଷ୍ଟ ଭିଜାରେ ଶ୍ରମିକମାନଙ୍କୁ ନେଇ ବିଦେଶରେ ନିୟୋଜିତ କରାଯାଇଥାଏ। ଟୁରିଷ୍ଟ ଭିଜାରେ ମାତ୍ର ୩ ମାସର ସମୟସୀମା ଧାର୍ଯ୍ୟ ରହିଥିବା ବେଳେ ଅବଧି ଶେଷ ପରେ ପୁଣି ଭିଜା ନ ମିଳିବା ଫଳରେ ସେଠାରେ ଧରାପଡି ଜେଲ ଯାଇ ଦଣ୍ଡ ଭୋଗୀ ଆସିବାର ବହୁ ଅଭିଯୋଗ ହେଉଛି। ଏହି କମ୍ପାନୀଗୁଡିକ ବାଲୁଗାଁ ଅଞ୍ଚଳରେ ମୋଟା ଅର୍ଥ ଦେଇ କେତେକ ନିର୍ଦ୍ଦିଷ୍ଟ ହୋଟେଲରେ ଫିଟ୍‌ନେସ୍ ପରୀକ୍ଷା କରାଇଥାନ୍ତି। ତାହା ମଧ୍ୟ ଶ୍ରମିକମାନଙ୍କୁ ୫ ହଜାର ଟଙ୍କା ଲେଖାଏ ଦେବାକୁ ପଡ଼ିଥାଏ। ଏହି କମ୍ପାନୀଗୁଡିକ ବାଲୁଗାଁରେ ଥିବା ପୋଲିସ କିମ୍ବା ସହକାରୀ ଶ୍ରମ ଅଧିକାରୀ ପାଖରେ ସୂଚନା ମଧ୍ୟ ଦେଇ ନ ଥାଆନ୍ତି।

ସରକାରଙ୍କ ପକ୍ଷରୁ ବିଦେଶକୁ ଶ୍ରମିକ ଚାଲାଣ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ କଟକଣା ନ ଥିବାରୁ ବାଲୁଗାଁ, ବାଣପୁର ଅଞ୍ଚଳର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିନା ଲାଇସେନ୍ସରେ ଏଜେଣ୍ଟ ସକ୍ରିୟ ହୋଇ ଉଠିଛନ୍ତି। ଏହି ଏଜେଣ୍ଟମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇ ବେକାର ଯୁବକମାନେ ବିଦେଶକୁ କାମ କରିବାକୁ ଯାଇ ହଇରାଣ ହୋଇ ଫେରି ଆସିବା ପରେ ସେମାନଙ୍କ ନାମରେ ଅଭିଯୋଗ କରିଥାନ୍ତି। ପ୍ରଶାସନ ପକ୍ଷରୁ ଶ୍ରମିକ ଚାଲାଣ ନିମନ୍ତେ କୌଣସି ଅଙ୍କୁଶ ନ ଥିବା ଯୋଗୁ ଏହି ର୍ୟାକେଟ ସକ୍ରିୟ ହୋଇ ବିନା ଦ୍ୱିଧାରେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ପ୍ରଶାସନ ଏ କ୍ଷେତ୍ରରେ ଦୃଷ୍ଟି ଦେଇ ଶ୍ରମିକମାନେ ଯେପରି ଠକାମିର ଶିକାର ନ ହୁଅନ୍ତି ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ ଦାବି ହେଉଛି। ଏଥିସହ ବିଭିନ୍ନ ଠକ କମ୍ପାନୀ ଏବଂ ବିନା ଲାଇସେନ୍ସରେ ପଠାଉଥିବା ଏଜେଣ୍ଟ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଆଇନଗତ ଦଣ୍ଡବିଧାନ ପାଇଁ ପ୍ରଶାସନ କଡା ପଦକ୍ଷେପ ନେବା ନିମନ୍ତେ ଦାବି ହେଉଛି।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

## ୨୭ରୁ ପଲ୍ଲିଶ୍ରୀ ମେଳା

ଖୋର୍ଦ୍ଧା ଅଫିସ, ୩।୧

ଖୋର୍ଦ୍ଧା ଜିଲା ସଦର ମହକୁମାରେ ପଲ୍ଲିଶ୍ରୀମେଳା ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମେଳାରେ ୨ଶହ ଷ୍ଟଲ ପଡିବାର ବ୍ୟବସ୍ଥା ରହିଛି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହାବେଳି ପଡିଆରେ ପଲ୍ଲିଶ୍ରୀ ମେଳା ହେବ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲା ଓ ଅନ୍ୟ ରାଜ୍ୟର ପ୍ରଦର୍ଶନୀ ଷ୍ଟଲ ରହିବ। ମେଳାକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟ କରାଯିବ। ଅନ୍ୟପକ୍ଷେ ପଲ୍ଲିଶ୍ରୀ ମେଳାରେ ପୁସ୍ତକ ମେଳା କରାଯିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ପିଡିଡିଆର ଡିଏ ଦିଗନ୍ତ ରାଉତରାୟ, ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ତହସିଲଦାର ଶୁଭେନ୍ଦୁ ସାମଲ, ଡିଏସ୍‌ଏମ୍‌ଏସ୍ ଗୁଣ୍ଡିଚା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନରୁ ବନ୍ଧୁକଧାରୀ ଯୁବକ ଧରାପଡ଼ିଲେ ପୋଲିସର ତନାଘନା ଜାରି

ଜଟଣୀ, ୩।୧(ଡି.ଏନ୍.ଏ.) :

ଟ୍ରେନରେ ବନ୍ଧୁକ ନେଇ ଯାତ୍ରା କରୁଥିବା ଜଣେ ଯୁବକଙ୍କୁ ଖୋର୍ଦ୍ଧାରୋଡ ରେଲୱେ ଥାନା ପୋଲିସ (ଜିଆରପି) ଅଟକ ରଖି ପଚରାଉଚରା କରୁଛି। ପୁରୀରୁ ସମ୍ବଲପୁର ଯାଉଥିବା ଏକ ଟ୍ରେନ୍‌ର ସାଧାରଣ ବଗିରୁ ଶୁକ୍ରବାର ସନ୍ଧ୍ୟାରେ ବନ୍ଧୁକଧାରୀ ଯୁବକଙ୍କୁ ପୋଲିସ ଧରିଛି। ଯୁବକଙ୍କୁ ଅଟକ ରଖି ପୋଲିସ ତନାଘନା ଜାରି ରଖିଛି। ଅଟକ ଯୁବକଙ୍କଠାରୁ ପୋଲିସ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ପୁରୀରୁ ଟ୍ରେନ ଛାଡିବା ପରେ ବଗିରେ ଥିବା ଅନ୍ୟ ଯାତ୍ରୀଙ୍କ ସହ ବନ୍ଧୁକଧାରୀ ଯୁବକଙ୍କ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଫଳରେ ଯୁବକ ଜଣକ ପାଖରେ ରଖିଥିବା ବନ୍ଧୁକ ବାହାର କରି ଅନ୍ୟ ଯାତ୍ରୀଙ୍କୁ ଭୟଭୀତ କରାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିବା ଜଣାପଡିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ପୋଲିସ କୌଣସି ସୂଚନା ଦେଇନାହିଁ। ତେବେ ଜବତ ବନ୍ଧୁକ ଲାଇସେନ୍ସ ପ୍ରାପ୍ତ କି ନୁହେଁ, ଅଟକ ଯୁବକଙ୍କ ନାମରେ ପୂର୍ବରୁ ଅପରାଧିକ ମାମଲା ରହିଛି କି ନାହିଁ, କେଉଁ ଉଦ୍ଦେଶ୍ୟରେ ସାଙ୍ଗରେ ବନ୍ଧୁକ ନେଇ ସେ ଟ୍ରେନରେ ଯାତ୍ରା କରୁଥିଲେ ଏପରି ବିଭିନ୍ନ ଦିଗକୁ ଆଧାର କରି ପୋଲିସ ତଦନ୍ତ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ନେଇ ଖୋର୍ଦ୍ଧାରୋଡ ଜିଆରପି ଥାନା ଅଧିକାରୀ ସନ୍ତୋଷ ବାହିନୀପତିଙ୍କୁ ପଚାରିବାରୁ କୌଣସି ସୂଚନା ଦେଇ ନ ଥିଲେ ହେଁ କେବଳ ତଦନ୍ତ ଚାଲିଥିବା କହିଥିଲେ। ଜିଆରପି ସହିତ ଆରପିଏଫ ଓ ଜଟଣୀ ପୋଲିସ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମିଳିତ ତଦନ୍ତ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି।





ଡିଆଇଜି ଆଶିଷ ସିଂ ଏଟିଏମ୍‌କୁ ଉଦ୍‌ଘାଟନ କରୁଥିବା ବେଳେ ପାଖରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଡିଆଇଜିଙ୍କ ଦ୍ୱାରା ଏଟିଏମ, ଜିମ୍ନାସିୟମ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ, ୩।୧

ଖୋର୍ଦ୍ଧା ପୋଲିସ ଜିଲାର ତରତୁଆସ୍ଥିତ ରିଜର୍ଭ ପୋଲିସ କ୍ୟାମ୍ପସରେ ଶୁକ୍ରବାର ଏଟିଏମ୍ ଓ ଜିମ୍ନାସିୟମକୁ କେନ୍ଦ୍ରୀୟ ଡିଆଇଜି ଆଶିଷ୍ ସିଂ ଉଦ୍‌ଘାଟନ କରିଛନ୍ତି। ଏଥିରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁଙ୍କ ସମେତ ଆଡିଶନାଲ ଏସ୍‌ପି, ଡିଏସ୍‌ପି ଉପସ୍ଥିତ ଥିଲେ।

## ଭାରତ ସ୍କାଉଟ୍ସ, ଗାଇଡ୍ସର ଜାତୀୟ ସଂହତି ଶିବିର, ଜିଲା ରାଲି ଉଦ୍‌ଘାଟିତ

ଜଟଣୀ,୩।୧(ଡି.ଏନ.ଏ.):

ଜଟଣୀ ନିକଟବର୍ତ୍ତୀ ଜାମୁକୋଲିସ୍ଥିତ ଲବଣଗିରି ସରକାରୀ ଉଚ୍ଚବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଓ ୨୫ତମ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଲି ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାର ଲୋଗୋକୁ ମଧ୍ୟ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ସରପଞ୍ଚ ଜ୍ୟୋତିର୍ମୟୀ ଛୋଟରାୟ, ସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଇକରାୟ, ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜିଲା ସମ୍ପାଦକ ପଠାଣି ଆଗ୍ରାସିଂହ, ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଖଟେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲାର ୭୪ ସ୍କୁଲରୁ ୬୦୦ରୁ ଅଧିକ ସ୍କାଉଟ୍ସ ଓ ଗାଇଡ୍ସ, କବ୍, ବୁଲବୁଲ, ରେଞ୍ଜର, ରୋଭର ଅଂଶଗ୍ରହଣ କରିଛନ୍ତି। ଶିବିର ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିବିରର ବିଭିନ୍ନ ଦିବସରେ ଲୋକନୃତ୍ୟ, ଦୁଃସାହସିକ କଳାକୌଶଳ, ଖାଦ୍ୟ ପ୍ରସ୍ତୁତି, ଗ୍ରାମ୍ୟ ମେଳା, ଯୋଗ, ସର୍ବଧର୍ମ ପ୍ରାର୍ଥନା, ସଂହତି ଯାତ୍ରା ଆଦି ଉପରେ ପ୍ରଶିକ୍ଷଣ ଓ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଉଦ୍‌ଘାଟନୀ ଉତ୍ସବ ପରିଚାଳନାରେ ଜିଲା କ୍ରୀଡା ସଂଘର ଉପସଭାପତି ଗୌରହରି ମିଶ୍ର, ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁ, ମହାସଚିବ ଜିତ୍ ରଞ୍ଜନ ମହାପାତ୍ର, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସଙ୍ଗଠନ ସମ୍ପାଦକ ପ୍ରମୋଦ ଭଞ୍ଜ, ଲବଣଗିରି ସ୍କୁଲର ଶଙ୍କର ମହାପାତ୍ର ଓ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

## ପୁରୁଣା ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ବାଲୁଗାଁ, ୩।୧(ଡି.ଏନ.ଏ.):

ଗମନାଗମନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରୁଥିବା ବେଳେ ବାଲୁଗାଁ ସହର ଦେଇ ଯାଇଥିବା ପୁରୁଣା ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ନଜର ଦେଉ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି।

ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁଠାରୁ ସରଳସିଂ ଗେଟ୍ ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥର ଅଧିକାଂଶ ସ୍ଥାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତା ଫାଟି ଆଁ କରିବା ସହ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଦୁଇଚକିଆ ଯାନଠାରୁ ଆରମ୍ଭ କରି ସାଇକେଲ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଦୁର୍ଘଟଣା ଯୋଗୁ ବହୁ ମୃତ ଆହତ ହୋଇଥିବା ମଧ୍ୟ ନଜିର ରହିଛି। ଭୁବନେଶ୍ୱରଠାରୁ ବ୍ରହ୍ମପୁର ପୁରୁଣା ଜାତୀୟ ରାଜପଥ ଦେଇ ପୂର୍ବରୁ ଯାନବାହନ ଯାତାୟାତ କରୁଥିଲା। ଉକ୍ତ ସମୟରେ ରାସ୍ତାଟି ଠିକ୍ ଥିଲା। ତେବେ ୫ ବର୍ଷ ହେବ ବାଲୁଗାଁ ବାଇପାସ୍ ୧୬ ନଂ. ଜାତୀୟ ରାଜପଥ ହେବା ପରେ ପୁରୁଣା ୫ ନଂ. ଜାତୀୟ ରାଜପଥ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତିଳେ ହେଲେ ଦୃଷ୍ଟି ଦେଲେନାହିଁ। ଫଳରେ କ୍ରମଶଃ ରାସ୍ତାଟି ଖାଲଖମାରେ ପରିଣତ ହେବା ସହ ଅଧିକାଂଶ ସ୍ଥାନରେ ରାସ୍ତା ଫାଟିବାକୁ ବସିଲାଣି। ଏବେ ମଧ୍ୟ ରାସ୍ତା ଦେଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦୈନନ୍ଦିନ ଯାତାୟାତ କରିବା ସହ ଦୂରଦୂରାନ୍ତର ଲୋକ ବାଲୁଗାଁ ସହରକୁ ଆସିଥାଆନ୍ତି। ଏଥିସହ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ବହୁ ପର୍ଯ୍ୟଟକଙ୍କ ଯାନବାହନ ଏହି ରାସ୍ତା ଦେଇ ଚିଲିକା ପରିଭ୍ରମଣ ନିମନ୍ତେ ଆସୁଛନ୍ତି। କେତେବେଳେ କେମିତି ତାଳିପକା କାମ ହେଉଥିଲେ ମଧ୍ୟ ଏହା ଅଳ୍ପଦିନ ପରେ ଯଥା ପୂର୍ବଂ ତଥା ପର ସଦୃଶ ହୋଇପଡ଼ିଛି। ଉକ୍ତ ରାସ୍ତା ଦେଇ ରାଜନେତାଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଫିସର ବାଲୁଗାଁ ସହରକୁ ଆସୁଥିଲେ ମଧ୍ୟ କାହାର ନଜର ନ ପଡ଼ିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ରାସ୍ତାକୁ ବିଭାଗୀୟ କର୍ତ୍ତୃପକ୍ଷ ନଜର ଦେଇ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ପୁରୁଣା ଜାତୀୟ ରାଜପଥରେ ଫାଟ ସୃଷ୍ଟି ହେବା ଯୋଗୁ ଦୁର୍ଘଟଣା ବଢୁଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭଙ୍କ ଜନ୍ମ ବାର୍ଷିକ ଉତ୍ସବ



ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ବାର୍ଷିକ ଅବସରରେ ଉପସ୍ଥିତ ଅତିଥିମାନେ ।

ଖୋର୍ଦ୍ଧା ଅଫିସ, ୩।୧:

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଜନ୍ମବାର୍ଷିକ ଉତ୍ସବ ସ୍ଥାନୀୟ ଜାନକୀ ବଲ୍ଲଭ ଉଦ୍ୟାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ ଖୋର୍ଦ୍ଧା ବିଧାୟକ ଦିଲୀପ ଶ୍ରୀଚନ୍ଦନ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ପ୍ରକାଶ ରାଉତରା, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
**e-mail : substore.bargarh@gmail.com**
**Tel / Fax - 06646-232804**

No.E-634 :- **CORRIGENDUM NOTICE**
**No.47** **Date:02.01.2020**

In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.

Sd./-
**Chief District Medical & Public Health Officer, Bargarh**
**10124/11/0002/1920**

## ■ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

# ମିଳୁନି ଜରୁରୀ ଚିକିତ୍ସା ସୁବିଧା

ବେଗୁନିଆ,୩।୧(ଡି.ଏନ.ଏ)

ବେଗୁନିଆ ବ୍ଲକ ଅଞ୍ଚଳରେ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବା ଯୋଗୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନି। ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଏ ନେଇ ବିକ୍ଷୋଭ ଏବଂ ଦାବିପତ୍ର ପ୍ରଦାନ ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

ବେଗୁନିଆ ବ୍ଲକରେ ଥିବା ଏକମାତ୍ର ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ୧୦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୧ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୬୨ ଗାଁ କଲ୍ୟାଣ ସମିତି ରହିଛି। ଅଧିକାଂଶ ଅଞ୍ଚଳବାସୀ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନ୍ୟୁ)ରେ ଉପରେ ନିର୍ଭର କରୁଛନ୍ତି। ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଡାକ୍ତରମାନେ ପାଳି କରି ଆସୁଛନ୍ତି। ସନ୍ଧ୍ୟା ହେଲେ ଚିକିତ୍ସାଳୟରେ ତାଲା ଝୁଲୁଛି। ୨ଟି ୱାର୍ଡ ଆଟେଣ୍ଡାଣ୍ଟ ଏବଂ ୨ ମହିଳା ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଛି। ଏଥିସହ ଚିକିତ୍ସାଳୟରେ ଅନେକ ଦଶନ୍ଧି ପୂର୍ବରୁ ନିର୍ମିତ ୧୦ ଶଯ୍ୟା ବିଶିଷ୍ଟ କୋଠରି ନଷ୍ଟ ହୋଇଗଲାଣି। ଗତବର୍ଷ ଏଠାରେ ମାସକୁ ୩୦ରୁ ୩୫ ଗର୍ଭବତୀଙ୍କ ପ୍ରସବ କରାଯାଉଥିଲା। ଏଠାରେ ଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ପଦବୀ ଖାଲି ପଡିଥିବାରୁ ମାସକୁ ୩ରୁ ୪ ଜଣ ପ୍ରସବ ଲାଗି ଆସୁଛନ୍ତି। ଗ୍ରାମାଞ୍ଚଳର ମହିଳାମାନେ ବାହାରକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ।

କେବଳ ଏହି ଗୋଟିଏ ନୁହଁ, ବ୍ଲକର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଛି। କଣ୍ଟାବାଡ଼, ସିକୋ, ଗୁଡୁମ ଆଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଡାକ୍ତର ଆସୁ ନ ଥିବା ଅଭିଯୋଗ ହେଉଛି । ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ଖାଲିପଡିଛି। ସ୍ତ୍ରୀ ଏବଂ ପ୍ରସୂତି ବିଶେଷଜ୍ଞ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ରହିଛନ୍ତି। ଗୋଟିଏ ପଟେ ଚିକିତ୍ସା, ଅନ୍ୟପକ୍ଷେ ସରକାରୀ କାର୍ଯ୍ୟ, ଏଣୁ ଡାକ୍ତର ଜଣକ ରୋଗୀ ସେବା ଠିକ୍ ଭାବେ କରିପାରୁନାହାନ୍ତି । ଅନ୍ୟପକ୍ଷେ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ରହିଥିଲେ ମଧ୍ୟ ସେମାନେ ବାହାରେ ରହୁଛନ୍ତି। ଜରୁରିକାଳୀନ ରୋଗୀ ସେବା ହୋଇପାରୁନାହିଁ। ୨୫ରୁ ୩୦ କିମି ଦୂର ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ଯିବାକୁ ପଡୁଛି। ବାରମ୍ବାର ଏଭଳି ସମସ୍ୟା ବିରୋଧରେ ଆନ୍ଦୋଳନ ସତ୍ତ୍ୱେ ସ୍ଥାୟୀ ସମାଧାନ ହୋଇପାରି ନାହିଁ । ଏନେଇ ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ଅନିତା ଲେଙ୍କା କୁହନ୍ତି, ଏକୁଟିଆ ସବୁ ଦାୟିତ୍ୱ ତୁଲାଇବା କଷ୍ଟ କର ହୋଇପଡୁଛି । ତଥାପି ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ସମସ୍ତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।





ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

**Government of Odisha**
**"e" Procurement Notice**
No.: O-750
**Bid Identification No.: Online-AGL-13 of 2019-2020**

| | | |
|---|---|---|
| 1. | Name of the Work | Road Works |
| 2. | Estimated Cost | Rs.5.30 to 45.08 Lakhs |
| 3. | Period of Completion | 01 (One) Calendar Months |
| 4. | Date & time of availability of bid document in the portal | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | 24.01.2020 upto 5.00 P.M. |
| 6. | Name & address of the OIT | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in.**

**Sd./- Executive Engineer**
**R.W. Division, Angul**
25096/11/0008/1920



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
: ଗୁରୁ ନାନକ



## ସଂକ୍ଷେପରେ

### ୫୩ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କଲେ ୨ ଛାତ୍ର

ଗୋପ,୩।୧(ଡି.ଏନ୍.ଏ.): ଗଡ଼ରୂପାସ ଗ୍ରାମର ଦୁଇ ଛାତ୍ର ଅର୍ଥ ସଞ୍ଚୟ କରି ୫୩ଜଣ ଦିବ୍ୟାଙ୍ଗଙ୍କୁ ଶୁକ୍ରବାର ସହାୟତା ପ୍ରଦାନ କରିଛନ୍ତି। ଏଭଳି କାର୍ଯ୍ୟ ପାଇଁ ଏହି ଦୁଇ ଛାତ୍ରଙ୍କୁ ପ୍ରଶଂସା କରାଯାଇଥିବାବେଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସୂଚନା ଅନୁଯାୟୀ, ଗୋପ ବ୍ଲକ ଅନ୍ତର୍ଗତ ଗଡ଼ରୂପାସ ଗ୍ରାମର ଶିବପ୍ରସାଦ ପାତ୍ର ଓ ମଙ୍ଗୁ ମଲ୍ଲିକ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ପରିବାର ପକ୍ଷରୁ ଦିଆଯାଉଥିବା ଅର୍ଥକୁ ସଞ୍ଚୟ କରି ଗଣେଶ୍ୱରପୁରଠାରେ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ ବିକାଶର ଦିବ୍ୟାଙ୍ଗମାନଙ୍କ ସହ ଖୁସି ମନାଇବା ସହିତ ୧୩ ଜଣଙ୍କୁ ନୂତନ ପୋଷାକ, ୪୦ ଜଣଙ୍କୁ କମ୍ବଳ ବଣ୍ଟନ କରିଥିଲେ। କାକଟପୁର ରଘୁନାଥପୁର ଶାସନର ନୀଳମାଧବ ଯୁବକ ସଂଘ ଏବଂ ବିକାଶ ସଙ୍ଗଠନ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଟ୍ରକ ପଛରେ ପିଟିଲା ଟ୍ରକ୍ କ୍ୟାବିନରେ ଚାପି ହୋଇ ଡ୍ରାଇଭର ମୃତ

ସମ୍ବଲପୁର, ୩।୧ (ବ୍ୟୁରୋ)- ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଭାଲୁପାଲି ନିକଟରେ ଟ୍ରକ ପଛରେ ଅନ୍ୟ ଏକ ଟ୍ରକ ପିଟି ହେବା ଫଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲାର ରୋହିତ ବେହେରା । ଟ୍ରକ କ୍ୟାବିନରେ ରୋହିତ ପ୍ରାୟ ୨ଘଣ୍ଟା ଧରି ଚାପି ହୋଇ ରହିଥିଲେ। ଜିଲା ସଦର ଡାକ୍ତରଖାନାରେ ରୋହିତଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ହେଲପର୍ ପ୍ରକାଶ ପ୍ରଧାନ ଗୁରୁତର ହୋଇଛନ୍ତି । ସେ ଜିଲା ସଦରଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ରହିଛନ୍ତି । ଅଇଁଠାପାଲି ଥାନା ପୋଲିସ କେସ୍ ନଂ. ୪/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଝାରସୁଗୁଡାରୁ ଏକ ଟ୍ରକ (ନଂ. ଓଡି ୨୯ ଏଫ-୧୧୨୫) ସମ୍ବଲପୁର ପଟକୁ ଆସୁଥିଲା। ଭାରସାମ୍ୟ ହୋଇ ରାସ୍ତା ଡିଭାଇଡର୍‌ରେ ଚଢ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହିପରି ପଛପଟୁ ଆସୁଥିବା ଅନ୍ୟ ଟ୍ରକ (ନଂ.ଓଡି ୨୯ ଏଫ-୯୭୨୫) ଆସି ପଛପଟୁ ଧକ୍କା ଦେଇଥିଲା । ଫଳରେ ପଛ ଟ୍ରକର କ୍ୟାବିନଟି ସଂପୂର୍ଣ୍ଣ ଭିତରକୁ ପଶି ଯିବାବେଳେ ପଛରେ ଲୋଡ ହୋଇଥିବା ଆଲୁମିନିୟମ ପିଣ୍ଡଗୁଡିକ ଚାପି ହୋଇଯାଇଥିଲା । ରୋହିତ ଛଟପଟ ହୋଇ ଚିତ୍କାର କରୁଥିଲେ । ପ୍ରାୟ ୨ଘଣ୍ଟା ଜୀବନ ସହ ସଂଘର୍ଷ କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ପାରି ନ ଥିଲା ।

### ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ନିମାପଡ଼ା,୩।୧(ଡି.ଏନ୍.ଏ.): ନିମାପଡ଼ାରେ ନୂତନ ତହସିଲଦାର ଭାବେ ଗୁରୁବାର ଚନ୍ଦ୍ରକାନ୍ତ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶୁକ୍ରବାର ଅତିରିକ୍ତ ତହସିଲଦାରଭାବେ ସୁଶ୍ରୀ ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେହିପରି ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଭାବେ ମୋହନ ଚରଣ ଜେନା, ପୂର୍ତ୍ତ ବିଭାଗର ନୂତନ ସହକାରୀ ନିର୍ବାହୀ ଯନ୍ତ୍ରୀଭାବେ ଶାରଦା ପ୍ରସନ୍ନ ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

### ପିପିଲି ଟାଏକୋଣ୍ଡୋ ଏକାଡେମୀର ସଫଳତା

ପିପିଲି, ୩।୧(ଡି.ଏନ୍.ଏ.): ରାଉରକେଲାର ଗୁରୁନାନକ ପବ୍ଲିକ ସ୍କୁଲ ପରିସରରେ ଡିସେମ୍ବର ୩୦, ୩୧ ତାରିଖରେ ୨ୟ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ଟାଏକୋଣ୍ଡୋ ଏକାଡେମୀ ପୁଣି ସଫଳତା ହାସଲ କରିଛି। ଏହାର ପ୍ରତିଯୋଗୀମାନେ ୧ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଥିବା ଏକାଡେମୀର ପ୍ରଶିକ୍ଷକ ନୃସିଂହ ସିଂ ସୂଚନା ଦେଇଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ୟୁନିୟନ ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ପିପିଲି ଟାଏକୋଣ୍ଡୋ ଏକାଡେମୀର ୮ଜଣ ବାଳିକା ଭାଗ ନେଇଥିଲେ। ଚୌଧୁରୀ ଜ୍ୟୋତିର୍ମୟୀ ସାହୁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସାଇ ଆଶିଷ ନାୟକ, ଅମ୍ରିତା ସିଂ, ଜାରା ରହମନ, ବିଶ୍ୱଜିତ୍ ଦାସ ପ୍ରମୁଖ ରୌପ୍ୟ ହାସଲ କରିଥିଲେ। ସୁମନ ମିଶ୍ର ଓ ଶମ୍ଭୁନାଥ ସାହୁ ବ୍ରୋଞ୍ଜ ପଦକ ଜିତି କରି ପିପିଲି ପାଇଁ ଗୌରବ ଆଣିଛନ୍ତି।

# ୬ରୁ ଗ୍ଲୋରିଫେଷ୍ଟ ରୌପ୍ୟ ଜୟନ୍ତୀ ଉତ୍ସବ

ପୁରୀ ଅଫିସ, ୩।୧:

ଶ୍ରୀକ୍ଷେତ୍ରର ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ଆସନ୍ତା ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଗ୍ଲୋରିଫେଷ୍ଟର ରୌପ୍ୟ ଜୟନ୍ତୀ ଉତ୍ସବ। ଏଥିରେ ବିଭିନ୍ନ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୦୦୦ ଛାତ୍ରୀଛାତ୍ର ଭାଗନେବେ। ମୋଟ ୨୫ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ହେଉଛି ବକ୍ତୃତା (ଓଡ଼ିଆ, ହିନ୍ଦୀ ଓ ଇଂଲିଶ), କୁଇଜ୍, କଣ୍ଠସଙ୍ଗୀତ (ଶାସ୍ତ୍ରୀୟ, ଲଘୁ ଓ ଲୋକସଙ୍ଗୀତ), ଯନ୍ତ୍ର ସଙ୍ଗୀତ, ଅନ୍ତାକ୍ଷରୀ, ନୃତ୍ୟ (ଶାସ୍ତ୍ରୀୟ, ଆଧୁନିକ, ଲୋକ, ଯୁଗଳ, ଦଳ), ମୂକ ଅଭିନୟ, ଉପସ୍ଥିତ ବକ୍ତବ୍ୟ, ହାସ୍ୟ ଅଭିନୟ, ଚିତ୍ରକଳା, ପଥ ଚିତ୍ରକଳା ଏବଂ ଗ୍ଲୋରି କୁଇନ୍। ଉଦ୍‌ଘାଟନୀ ଉତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ଏବଂ ଉଦ୍‌ଯାପନୀ ସମାରୋହ ତିନିଦିନ ବ୍ୟାପୀ ବେଳାଭୂମିରେ ହେବ ବୋଲି ଶୁକ୍ରବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ରାଜେଶ ମହାନ୍ତି କହିଛନ୍ତି, ପ୍ରଥମଦିନ ଅପରାହ୍ନ ୪ଟାରେ ଗ୍ଲୋରିଫେଷ୍ଟରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଶ୍ରୀମନ୍ଦିରଠାରୁ ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଶୋଭାଯାତ୍ରା ହେବ। ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଦିବାସୀ ଓ ସଂଖ୍ୟାଲଘୁ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ୍ ପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ସନ୍ଧ୍ୟାର ଆକର୍ଷଣ ସାଜିବେ ଇଣ୍ଡିଆନ ଆଇଡଲ ବିଜେତା ଅନନ୍ୟା ଶ୍ରୀତମ ନନ୍ଦ, ଅମ୍ରିତା ଭାରତୀ ପଣ୍ଡା ଓ ତାରିକ୍ ଅଜିଜ୍ । ୭ରୁ ପୌର ସଦନରେ ସମସ୍ତ ପ୍ରତିଯୋଗିତା କରାଯିବ। ୧୦ତାରିଖ ସନ୍ଧ୍ୟାରେ ମହୋଦଧି ନିବାସ ସମ୍ମୁଖ ବେଳାଭୂମିରେ ଗ୍ଲୋରିଫେଷ୍ଟର ସମ୍ବର୍ଦ୍ଧନା ଉତ୍ସବ ହେବ। ଏହାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବେ। କୋଲକାତାର ମ୍ୟୁଜିକାଲ ବ୍ୟାଣ୍ଡ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୧୧ରେ ଗ୍ଲୋରିଫେଷ୍ଟର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେବେ। ଏହି ସନ୍ଧ୍ୟାରେ ସାରେଗାମାପା ବିଜେତା ପ୍ରଚ୍ଛଦପଟ ଗାୟକ ଦେବୋଜିତ୍ ଶାହା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଉଦ୍‌ଯାପନୀ ଉତ୍ସବ ୧୨ ତାରିଖ ଜାତୀୟ ଯୁବ ଦିବସ ଅବସରରେ ବେଳାଭୂମି ସଫେଇ କରାଯିବ। ଏହାକୁ ପୁରୀ ଜିଲାପାଳ ବଲୱନ୍ତ ସିଂ ଉଦ୍‌ଘାଟନ କରିବେ। ଶେଷ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ, ନାଲ୍‌କୋ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଯୋଗଦେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁମ୍ବାଇର ପ୍ରଚ୍ଛଦପଟ ଗାୟକ ଇଣ୍ଡିଆନ ଆଇଡଲ ଫେମ୍ ସଲ୍‌ମାନ ଅଲୀ ଓ ଗାୟିକା ରିୟା ଭଟ୍ଟାଚାର୍ଯ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରିଥିଲେ ଗ୍ଲୋରିଫେଷ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ଡ. ଭଗବାନ ଜୟସିଂହ, ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର ପରିଡ଼ା, ଉପଦେଷ୍ଟା ଡ. ରବୀନ୍ଦ୍ର ପ୍ରଧାନ, ସଙ୍ଗଠନ ସମ୍ପାଦକ ନବକିଶୋର ପ୍ରଧାନ, ଯୁଗ୍ମ କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସାମଲ, ଉପାଧ୍ୟକ୍ଷ ସଞ୍ଜୀବ କୁମାର ରଥଶର୍ମା ଓ ପ୍ରଦ୍ୟୁମ୍ନ ସାଥୁଆ ପ୍ରମୁଖ ପ୍ରସ୍ତୁତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।




ଖବରଦାତା ସମ୍ମିଳନୀରେ ଗ୍ଲୋରିଫେଷ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସୂଚନା ଦେଉଛନ୍ତି ।

- ୨୫ ପ୍ରତିଯୋଗିତାରେ ଭାଗନେବେ ୧୦୦୦ ପ୍ରତିଯୋଗୀ
- ଆକର୍ଷଣ ସାଜିବ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

■ ୨୫ରେ ଜାତୀୟ ମତଦାତା ଦିବସ

# ଯୁବ ଭୋଟରଙ୍କୁ ମିଳିବ ଫଟୋ ପରିଚୟପତ୍ର

ପୁରୀ ଅଫିସ,୩।୧:

ସରକାର ଗଠନ ଦିଗରେ ପ୍ରତ୍ୟେକ ନାଗରିକଙ୍କ ମତଦାନ ଅତ୍ୟନ୍ତ ମୂଲ୍ୟବାନ। ଯୁବ ଭୋଟରଙ୍କୁ ଉତ୍ସାହିତ କରିବା ନିମନ୍ତେ ପ୍ରତ୍ୟେକ ବର୍ଷ ଜାନୁୟାରୀ ୨୫ରେ ଜାତୀୟ ଭୋଟର ଦିବସ ପାଳନ କରାଯାଉଛି। ଏହିଦିନ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ କରାଯିବ। ଏ ନେଇ ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ । ଏହିଦିନ ଯୁବ ଭୋଟରମାନଙ୍କୁ ନୂତନ ଫଟୋ ପରିଚୟପତ୍ର ବଣ୍ଟନ କରାଯିବ। ଏଥିସହ ନୂଆ ଭୋଟରଙ୍କ ନାଁ ତାଲିକାଭୁକ୍ତ କରିବା, ନାମ ବାଦ୍, ସଂଶୋଧନ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ଅତିରିକ୍ତ ଜିଲାପାଳ । ବର୍ତ୍ତମାନ ଜିଲାର ଭୋଟର ସଂଖ୍ୟା ୧୩ ଲକ୍ଷ ୪୨ହଜାର ଥିବା ସେ ସୂଚନା ଦେଇଥିଲେ। କେତେଜଣ ପ୍ରତିନିଧି ଜାଲ୍ ଭୋଟର ପ୍ରସଙ୍ଗ ଉଠାଇଥିଲେ। ଜିଲାର ଅନେକ ଜାଲ୍ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଆହୁରି କିଛି ବି ଅଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ନିର୍ବାଚନ ଡେପୁଟି କଲେକ୍ଟର ସୁମନ୍ତ କର କହିଥିଲେ। ଜିଲାର ୬୩ କିନ୍ନରଙ୍କୁ ଚିହ୍ନଟ କରାଯାଇଥିବାବେଳେ ଗତଥର ୧୮ ଜଣଙ୍କୁ ଭୋଟର ପରିଚୟପତ୍ର ଦିଆ ଯାଇଥିଲା। ଏହିଦିନ ଜିଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ମତଦାତା ଭାବେ ସଂକଳ୍ପ ନେବେ। ସକାଳେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସିଂହଦ୍ୱାରରୁ ବାହାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚିବେ। ଏହାପରେ ସଭା ହେବ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଦଳଗୁଡ଼ିକୁ ପୁରସ୍କୃତ କରାଯିବ।



ପୁରୀ ବେଳାଭୂମିରେ ଶୁକ୍ରବାର ବିଦେଶାଗତ ପକ୍ଷୀଙ୍କ ସମାଗମ ।

# ସିପିଆଇ(ଏମ୍) ପକ୍ଷରୁ ଧାରଣା



ସେସୁ ଅଫିସ ଆଗରେ ସିପିଆଇ(ଏମ୍) କର୍ମୀମାନେ ଧାରଣାରେ ବସିଛନ୍ତି ।

ପୁରୀ ଅଫିସ,୩।୧ :

**ଚୁକ୍ତିନାମା ରଦ୍ଦ ନ ହେଲେ ରାସ୍ତାକୁ ଓହ୍ଲାଇବୁ**

ସେସରୁ ପରିଚାଳନା ଦାୟିତ୍ୱ ଏକ ଘରୋଇ କମ୍ପାନୀକୁ ଦେବା ଘଟଣାକୁ ତୀବ୍ର ବିରୋଧ କରିଛି ସିପିଆଇ(ଏମ)। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଶୁକ୍ରବାର ସେସୁ ଅଫିସ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେସୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସରକାର ୧୯୯୯ ମସିହାରୁ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଘରୋଇକରଣ କରିଥିବାରୁ କୋଟି କୋଟି ଟଙ୍କା ହଡ଼ପ କରି ଚାଲିଯାଇଥିଲେ। ଫଳରେ ୨୦୦୬ରେ ସେସୁକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ୨୦୧୩ରେ ସେସୁ ପୁରୀରେ ଫେଡକୋକୁ ଫ୍ରାଞ୍ଚାଇଜ ଦେଇଛି। ବିଦ୍ୟୁତ ପରିଚାଳନା କ୍ଷେତ୍ରରେ କମ୍ପାନୀମାନେ ଲୁଟି ଚାଲିଥିବା ସତ୍ତ୍ୱେ ସରକାର କମ୍ପାନୀମାନଙ୍କୁ ପ୍ରାଧାନ୍ୟ ଦେବା ଯୋଗୁ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରରେ କ୍ଷତି ପରିମାଣ ବୃଦ୍ଧି ପାଇଛି। ଏବେ ପୁଣି କୋଟି କୋଟି ଟଙ୍କାର ବିଦ୍ୟୁତ୍ ସମ୍ପତ୍ତିକୁ ମାତ୍ର ୧୭୫କୋଟିରେ ଘରୋଇ କମ୍ପାନୀକୁ ଦେଇଦେବା ସମ୍ପୂର୍ଣ୍ଣ ଜନ ବିରୋଧ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଏଥିପ୍ରତି ସରକାର ପୁଣି ବିଚାର କରିବା ସହ ହୋଇଥିବା ଚୁକ୍ତିପତ୍ରକୁ ରଦ୍ଦ ଲାଗି ସିପିଆଇ(ଏମ୍) ଦାବି କରିଛି। ନଚେତ ଏହା ବିରୋଧରେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ସିପିଆଇ(ଏମ) ନେତା ଶରତ ଚନ୍ଦ୍ର ରାୟଗୁରୁ, ଶ୍ରମିକ ନେତା ଜଗନ୍ନାଥ ଦେଓ, ରେବତୀ ବଲ୍ଲଭ ମହାପାତ୍ର, ରବି ନାରାୟଣ ପ୍ରଧାନ, ମନୋରଞ୍ଜନ ମହାରଣା, ଟୁନା ନାୟକ, ହାରାମଣି ମହାପାତ୍ର, ବିଜୟ ନାୟକ, ବିଭୂତି ରାଉତରାୟ, ବାଳକୃଷ୍ଣ ବେହେରା ପ୍ରମୁଖ ସାମିଲ ଥିଲେ।

### ୬ରୁ ଗୋଧାମରେ ୧୦ଦିନ ବ୍ୟାପୀ ପାରାୟଣ

# ଯୋଗଦେବେ ସାଧୁ ସନ୍ଥ, ଗୋପ୍ରେମୀ

ପୁରୀ ଅଫିସ, ୩।୧ :

ପୁରୀ ସଦର ଗୋରୁଆଳ ଆଳିପଡ଼ାସ୍ଥିତ ଗୋବିନ୍ଦ ଗୋଧାମରେ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହର୍ଷି ମହେଶ ଯୋଗୀଙ୍କ ୧୦୧ତମ ଜନ୍ମୋତ୍ସବ ପାଳନ ଅବସରରେ ଜାନୁୟାରୀ ୬ରୁ ୧୫ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ଚରିତ ମାନସ ପାରାୟଣ ହେବ। ୧୦ଦିନ ବ୍ୟାପୀ ଗୋମାତାଙ୍କ ସମ୍ମୁଖରେ ୩୦ ବୈଦିକ ବ୍ରାହ୍ମଣ ଏହି ପାଠ କରିବେ। ଏଥିଲାଗି ଘୃତଯଜ୍ଞ, ଗୋ ପୂଜନ, ଗୁରୁ ପୂଜନ, ଗୋ ଓ ରାମଚରିତ ପ୍ରବଚନ, ସେବା କାର୍ଯ୍ୟ, ଅନ୍ନଯଜ୍ଞ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ। ଏହି ଉତ୍ସବରେ ବିଭିନ୍ନ ରାଜ୍ୟାରୁ ସାଧୁସନ୍ଥ ଓ ଗୋପ୍ରେମୀ ଯୋଗଦାନ କରିବେ ବୋଲି ଗୋଧାମର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ପ୍ରଜ୍ଞାନାନନ୍ଦ ଗିରିଜୀ ମହାରାଜ, ମହାନ୍ତ ଉମାଶଙ୍କର ଦାସ ଜୀ, ମହନ୍ତ ସୁବଳ ଚରଣ ଦାସ, ମହନ୍ତ ରାମକୃଷ୍ଣ ଦାସ, ରବିନାରାୟଣ ଗୁରୁ, ବଦ୍ରୀନାଥର ବାଳକ ଯୋଗେଶ୍ୱର ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖପତ୍ର ବିଷ୍ଣୁଦତ୍ତ ଦାସ ସୂଚନା ଦେଇଛନ୍ତି।

# ୪ ବର୍ଷ ଶିଶୁର ନାହିଁ ମଳଦ୍ୱାର

ପୁରୀ ଅଫିସ,୩।୧:

- ଚିକିତ୍ସାରେ ଅର୍ଥ ବାଧକ
- ସହଯୋଗ କରୁଛନ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ

ଜନ୍ମରୁ ନାହିଁ ମଳଦ୍ୱାର। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ସତ। ୪ବର୍ଷର ଶିଶୁଟିଏ। ସେ ହେଉଛନ୍ତି ପୁରୀ ମାର୍କଣ୍ଡେଶ୍ୱର ସାହିର ଅନିଲ ଜେନାଙ୍କ ପୁଅ ବିକାଶ। ମଳଦ୍ୱାର ନ ଥିବାରୁ ସେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିକାଶଙ୍କ ଚିକିତ୍ସା ପାଇଁ ବାପା ଅନିଲ ନିଜ ଜମିବାଡ଼ି ବିକ୍ରି କରିସାରିଲେଣି। ତଥାପି ବିକାଶ ଭଲ ହୋଇପାରୁନାହାନ୍ତି। ଉନ୍ନତ ଚିକିତ୍ସା ପାଇଁ ଆହୁରି ଅର୍ଥ ଆବଶ୍ୟକ। କିନ୍ତୁ ଏଥିପାଇଁ ତାଙ୍କ ପାଖରେ ଅର୍ଥ ନ ଥିବାରୁ ସହାୟତା ପାଇଁ ନିବେଦନ କରିଛନ୍ତି ଅନିଲ। ସେ ପେସାରେ ଜଣେ ଅଟୋଚାଳକ। ପରିବାର କହିଲେ ସ୍ତ୍ରୀ ରାଜଲକ୍ଷ୍ମୀ ଓ ବିକାଶ। ବିକାଶ ଜନ୍ମ ହେବା ପରେ ଦମ୍ପତିଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଥିଲା। ବିକାଶକୁ ପାଠ ପଢ଼ାଇ ବଡ଼ ମଣିଷଟିଏ କରି ଗଢ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ। ତେବେ ବିକାଶର ଜନ୍ମରୁ ମଳଦ୍ୱାର ବନ୍ଦ ରହିଥିବାରୁ ଧୈର୍ଯ୍ୟହରା ହୋଇପଡିଛନ୍ତି ଉଭୟ। ସାହି ପଡିଶାଠାରୁ ଧାରକରଜ କରି ବହୁ କଷ୍ଟରେ ଅର୍ଥ ଯୋଗାଡ କରି ପୁଅର ଦୁଇଥର ଚିକିତ୍ସା କରିଛନ୍ତି। ଆଗକୁ ଆହୁରି ଦୁଇଟି ବଡ ଅପରେଶନ ହେବ ବୋଲି ଡାକ୍ତର କହିଛନ୍ତି। ଅନ୍ୟପଟେ ପୁଅର ଚିକିତ୍ସା ଲାଗି ଅର୍ଥ ବାଧକ ସାଜିଛି। ଅପରେଶନ ଲାଗି ଅତ୍ୟଧିକ ଟଙ୍କା ଖର୍ଚ୍ଚ ହେବ। ପାଖରେ ଆଉ ସମ୍ବଳ ନାହିଁ। କରଜ ଟଙ୍କା ସୁଝି ନ ଥିବାବେଳେ ପୁଅର ଚିକିତ୍ସା ଲାଗି ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି ଦମ୍ପତି। କୌଣସି ସୂତ୍ରରୁ ଖବରପାଇ ସାମାଜିକ ଅନୁଷ୍ଠାନ ସାହିଭାଇ, ପିପୁଲ ଫର୍ ସେବା, ପୁରୀ ଶାଖାର କର୍ମକର୍ତ୍ତା ସହଯୋଗର ହାତ ବଢାଇଛନ୍ତି। ତାଙ୍କୁ ଚିକିତ୍ସାରେ ଆର୍ଥିକ ସହଯୋଗ କରୁଛନ୍ତି। କୌଣସି ସହୃଦୟ ବ୍ୟକ୍ତି ରାଜଲକ୍ଷ୍ମୀ ଜେନାଙ୍କ ଏସବିଆଇ ଆକାଉଣ୍ଟ ନମ୍ବର ୩୫୭୬୧୦୯୨୧୨୪/ଆଇଏଫସି କୋଡ ନମ୍ବର ଏସବିଆଇଏନ ୦୦୦୬୯୪୪ ସହଯୋଗ କରିବା ଲାଗି ଅନୁରୋଧ କରିଛନ୍ତି। ଏଥିସହିତ ଅନିଲଙ୍କୁ ଚିକିତ୍ସାରେ ସହଯୋଗ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ନମ୍ବର୯୦୯୦୦୭୫୮୬୭/୯୩୩୭ ୬୦୮୬୦୫/୯୪୩୭୯୨୭୨୯୨ ଯୋଗାଯୋଗ କରି ସହଯୋଗର ହାତ ବଢାଇପାରିବେ ବୋଲି ସାମାଜିକ କର୍ମୀ ଅଜୟ ପ୍ରଧାନ କହିଛନ୍ତି।

# ୫ରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

ପୁରୀ ଅଫିସ, ୩।୧:

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିରେ ଆସନ୍ତା ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ୨୬ତମ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏଥିରେ ଚଳିତ ବର୍ଷ ୧୫୦ରୁ ଊର୍ଦ୍ଧ୍ୱ ପୁସ୍ତକ ଷ୍ଟଲ ଖୋଲାଯିବ। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ବାଲେଶ୍ୱର, କୋଲକାତା, ଦିଲ୍ଲୀ ପ୍ରଭୃତି ଅଞ୍ଚଳର ୮୦ଟି ପୁସ୍ତକ ପ୍ରକାଶନ ସଂସ୍ଥା ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ସାରସ୍ୱତ ସଭା, ଆଲୋଚନା ଚକ୍ର, କବିତା ପାଠୋତ୍ସବ, ବିଭିନ୍ନ ଲେଖକ, ସାହିତ୍ୟିକ ଏବଂ କବିଙ୍କ ପୁସ୍ତକ ଉନ୍ମୋଚନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ପୁସ୍ତକ ମେଳାର ମୁଖପତ୍ର ବହି ବିଚିତ୍ରା ଲୋକାର୍ପଣ କରାଯିବ। ସୁବିଦ୍ୟା ଦେବୀ, ଡ. ସୁନୀଲ ରଥ ଏବଂ ରାଜକିଶୋର ମିଶ୍ରଙ୍କୁ ଆଜୀବନ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶୁକ୍ରବାର ଉତ୍କଳ ସଙ୍ଗୀତ ପରିଷଦରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ପୁସ୍ତକମେଳା କମିଟିର କର୍ମକର୍ତ୍ତାମାନେ ।

- ଏକାଠି ହେବେ ପାଠକ, ପ୍ରକାଶକ, ସାହିତ୍ୟିକ
- ଛାତ୍ରୀଛାତ୍ରଙ୍କ ଲାଗି ବିଭିନ୍ନ ପ୍ରତିଯୋଗିତା
- ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ

କମିଟି ସମ୍ପାଦକ ମହାପାତ୍ର କହିଛନ୍ତି ଯେ, ପ୍ରତ୍ୟେକ ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଟିଂକିତାରା ପକ୍ଷରୁ ପିଲାଙ୍କ ମଧ୍ୟରେ ପଠନ ରୁଚି ଏବଂ ମହାପୁରୁଷମାନଙ୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଲାଗି ପ୍ରଥମ ଥର ପାଇଁ 'ଜୀବନୀ ପଢନ୍ତୁ, ଜୀବନ ଗଢନ୍ତୁ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅପରାହ୍ନ ୪ଟାରେ କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟ ମିଶ୍ରଙ୍କ ଦ୍ୱାରା ପିଲାଙ୍କ ମଧ୍ୟରେ କଳା, ସାହିତ୍ୟ, ସଂସ୍କୃତିରେ କୁଇଜ୍ ପ୍ରତିଯୋଗିତା, ଓଡ଼ିଶା ଚାରୁ କାରୁ କଳା ମହାବିଦ୍ୟାଳୟ ପକ୍ଷରୁ ଚିତ୍ର ପ୍ରଦର୍ଶନୀ କରାଯିବ। ୧୨ତାରିଖରେ ମିଶନ ଓଡ଼ିଶା ପକ୍ଷରୁ ଜାତୀୟ ଯୁବ ସମ୍ମିଳନୀ, ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ପୁସ୍ତକ ମେଳା ମଞ୍ଚ ଆଦି ଆୟୋଜନ ହେବ। ଉଦ୍‌ଯାପନୀ ଉତ୍ସବରେ ମ୍ୟାଜିସିଆନ ମାଷ୍ଟର ରାଜୁଙ୍କ ମ୍ୟାଜିକ ସୋ' ହେବ। ଏହି ଖବରଦାତା ସମ୍ମିଳନୀରେ ପୁସ୍ତକ ମେଳା କମିଟି ସଭାପତି କୈଳାସ ଚନ୍ଦ୍ର ଟିକାୟତରାୟ, କାର୍ଯ୍ୟକାରୀ ସଭାପତି ରାଜକିଶୋର ମିଶ୍ର, ପୂର୍ବତନ ସଂସ୍କୃତି ବିଭାଗ ସହନିର୍ଦ୍ଦେଶକ ପ୍ରଫୁଲ୍ଲ ସାମନ୍ତରାୟ, ଆଇନଜୀବୀ ପ୍ରସନ୍ନ ମିଶ୍ର, ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର, ଗବେଷକ ନାରାୟଣ ନନ୍ଦ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ସାହିତ୍ୟିକ ପ୍ରତିମା ମିଶ୍ର, ଡ. ସୁନୀଲ ରଥ, ଟିଂକିତାରା ସମ୍ପାଦକ ବିପିନ ବିହାରୀ ଦଳାଇ ଏବଂ ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
e-mail : substore.bargarh@gmail.com
Tel / Fax - 06646-232804
No.E-634 :- **CORRIGENDUM NOTICE**
No.47 Date:02.01.2020
In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.
Sd./-
Chief District Medical & Public Health Officer, Bargarh
10124/11/0002/1920

**Government of Odisha**
**"e" Procurement Notice**
No.: O-750
Bid Identification No.: Online-AGL-13 of 2019-2020

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in.
Sd./- Executive Engineer
R.W. Division, Angul
25096/11/0008/1920